# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଜୁଲାଇ ୧୬/୨୦୨୫ (୧୬ ପୃଷ୍ଠା) Bhubaneswar, Wednesday, July 16/2025 Page 16 ₹ 7.00

୫୧ଶ ଭାଗ ୨୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 231 ମୂଲ୍ୟ ₹୭/-


## ମହାକାଶରେ ୧୮ ଦିନ

# ଫେରିଲେ ଶୁଭାଂଶୁ



**ୱାଶିଂଟନ୍/ନୂଆଦିଲ୍ଲୀ, ୧୫।୭**

ଆମେରିକୀୟ ମହାକାଶ ସଂସ୍ଥା ନାସା ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ମିଳିତ ଆକ୍ସିଓମ୍-୪ ମିଶନ ଅନ୍ତର୍ଗତ ୪ ମହାକାଶଚାରୀଙ୍କୁ ଧରି ସ୍ପେସ୍ଏକ୍ସ'ର ଡ୍ରାଗନ ମହାକାଶଯାନ ମଙ୍ଗଳବାର ଭାରତୀୟ ସମୟ ଅପରାହ୍ନ ୩.୦୧ରେ ଦକ୍ଷିଣ କାଲିଫର୍ନିଆର ସାନ୍ ଡିଏଗୋ ଉପକୂଳରେ ସଫଳ ଜଳାବତରଣ କରିଛନ୍ତି। ପ୍ରାୟ ସାଢ଼େ ୨୨ ଘଣ୍ଟାର ଯାତ୍ରା ପରେ ଏହି ମିଶନରେ ମିଶନ ପାଇଲଟ ତଥା ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା, ଆମେରିକୀୟ ମହାକାଶଚାରୀ ତଥା ମିଶନ କମାଣ୍ଡର ପେଗୀ ହ୍ୱିଟ୍ସନ୍ ଏବଂ ଉଭୟ ମିଶନ ସ୍ପେଶାଲିଷ୍ଟ ପୋଲାଣ୍ଡର ମହାକାଶଚାରୀ ସ୍ଲାଓଜ୍ ଉଜ୍ନାନ୍ସ୍କୀ ଏବଂ ହଙ୍ଗେରୀର ମହାକାଶଚାରୀ ଟିବୋର କାପୁ ପୃଥିବୀରେ ସୁରକ୍ଷିତ

☞ପୃଷ୍ଠା-୪

# ତେଜିଲା ବିରୋଧୀ ସ୍ୱର, ୧୭ରେ 'ଓଡ଼ିଶା ବନ୍ଦ'

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ବିରୋଧୀ ଦଳଗୁଡ଼ିକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଘେରିବାରେ ଲାଗିଛନ୍ତି। ସୋମବାର ବିଳମ୍ବିତ ରାତିରେ ପୀଡ଼ିତା ଛାତ୍ରୀ ଆଖି ବୁଜି ଦେଇଥିବା ଘୋଷଣା କରାଯିବା ପରଠୁ ଏହି ପ୍ରସଙ୍ଗରେ ରାଜନୀତି ଜୋର ଧରିଛି। ସରକାରୀ ଉଦାସୀନତାର ପ୍ରତିବାଦରେ ଜୁଲାଇ ୧୭ରେ ୧୨ ଘଣ୍ଟିଆ 'ଓଡ଼ିଶା ବନ୍ଦ' ପାଇଁ କଂଗ୍ରେସ ଡାକରା ଦେଇଛି। ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଦର୍ଶାଇ କଂଗ୍ରେସ ନେତୃତ୍ୱରେ ବାମପନ୍ଥୀଙ୍କ ସମେତ ୮ ବିରୋଧୀ ଦଳ ବନ୍ଦରେ ସାମିଲ ହେବେ ବୋଲି ଘୋଷଣା କରିଛନ୍ତି। ବିଜେଡି ପକ୍ଷରୁ ବୁଧବାର ଲୋକସେବା ଭବନ ଘେରାଯିବା ସହ ବାଲେଶ୍ୱରରେ ୮ ଘଣ୍ଟିଆ ବନ୍ଦ ପାଳନ କରାଯିବ। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୀଡ଼ିତାଙ୍କ ମୃତ୍ୟୁକୁ ଭାଜପାର ସିଷ୍ଟମ୍ ଦ୍ୱାରା କରାଯାଇଥିବା ଏକ ସଙ୍ଗଠିତ ହତ୍ୟା ରୂପେ ଅଭିହିତ କରି ପ୍ରଧାନମନ୍ତ୍ରୀଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ଏକ ବିଫଳ ବ୍ୟବସ୍ଥା ଯୋଗୁ ଛାତ୍ରୀଙ୍କ ଜୀବନ ଚାଲିଗଲା। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୀଡ଼ିତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

### ■ ଆଜି ବାଲେଶ୍ୱର ବନ୍ଦ, ଲୋକସେବା ଭବନ ଘେରାଉ

**ଭୁବନେଶ୍ୱର, ୧୫।୭**
(ରବିନାରାୟଣ ଜେନା/ସୁନିତ୍ ମିଶ୍ର)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ବିରୋଧୀ ଦଳଗୁଡ଼ିକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଘେରିବାରେ ଲାଗିଛନ୍ତି। କଲେଜର ଶିକ୍ଷା ବିଭାଗ ମୁଖ୍ୟ ତଥା ଅଧ୍ୟାପକ ସମୀର କୁମାର ସାହୁଙ୍କ ବିରୋଧରେ ପୀଡ଼ିତା ଯୌନ ନିର୍ଯାତନା ଅଭିଯୋଗ ଆଣିଥିବାବେଳେ ଏହା ଉପରେ କାର୍ଯ୍ୟାନୁଷ୍ଠାନ

☞ପୃଷ୍ଠା-୪

## ଜବାବ ମାଗୁଛି ଦେଶ: ରାହୁଲ

ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ 'X'ରେ କହିଛନ୍ତି, ଓଡ଼ିଶାରେ ନ୍ୟାୟ ପାଇଁ ଲଢୁଥିବା ଜଣେ ଛାତ୍ରୀଙ୍କ ମୃତ୍ୟୁ ଭାଜପାର ସିଷ୍ଟମ୍ ଦ୍ୱାରା କରାଯାଇଥିବା ଏକ ସଙ୍ଗଠିତ ହତ୍ୟା। ସାହସୀ ଛାତ୍ରୀ ଜଣକ ଯୌନ ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। କିନ୍ତୁ ନ୍ୟାୟ ପ୍ରଦାନ ପରିବର୍ତ୍ତେ ତାଙ୍କୁ ଧମକ ଓ ନିର୍ଯାତନା ଦିଆଯାଇଥିଲା। ବାରମ୍ବାର ଅପମାନିତ କରାଯାଇଥିଲା। ଯେଉଁମାନେ ଛାତ୍ରୀଙ୍କୁ ସୁରକ୍ଷା ଦେବା ଆବଶ୍ୟକ ଥିଲା, ସେମାନେ ତାଙ୍କୁ ଭାଙ୍ଗିଚାଲିଥିଲେ। ପ୍ରତିଥର ଭଳି ଏଥର ମଧ ଭାଜପାର ସିଷ୍ଟମ୍ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେଇ ଚାଲିଥିଲା। ଏଥିଯୋଗୁ ଜଣେ ନିରୀହ ନିଜ ଶରୀରରେ ନିଆଁ ଲଗାଇବାକୁ ବାଧ ହେଲେ। ଏହା ଆତ୍ମହତ୍ୟା ନୁହେଁ, ବ୍ୟବସ୍ଥା ଦ୍ୱାରା କରାଯାଇଥିବା ସଙ୍ଗଠିତ ହତ୍ୟା ବୋଲି ରାହୁଲ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ରାହୁଲ କହିଛନ୍ତି, ଓଡ଼ିଶା ମଣିପୁର ପାଲଟିଗଲା। ଦେଶର ଝିଅମାନେ ଜଳି ଭାଙ୍ଗିପଡୁଛନ୍ତି, ଆଖି ବୁଜୁଛନ୍ତି। ଆପଣ ନୀରବ ବସିଛନ୍ତି? ଦେଶକୁ ଆପଣଙ୍କ ନୀରବତା ନୁହେଁ, ଜବାବ ଲୋଡ଼ା। ଦେଶର ଝିଅମାନଙ୍କୁ ସୁରକ୍ଷା ଓ ନ୍ୟାୟ ଲୋଡ଼ା ବୋଲି କଂଗ୍ରେସ ନେତା ରାହୁଲ କହିଛନ୍ତି।

**ଆଜିର ସମ୍ପାଦକୀୟ** ପୋଲ ନ ଭାଙ୍ଗୁ





DSPL - 174



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

### ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC)**, **ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS)**, ବ୍ୟାଙ୍କ ଶାଖା କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

**ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ**

ପଞ୍ଜିକରଣର ଶେଷ ତାରିଖ
**୩୧ ଜୁଲାଇ ୨୦୨୫**

ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39001/13/0028/2526

# ପଞ୍ଚଭୂତରେ ବିଲୀନ ହେଲେ ସୌମ୍ୟାଶ୍ରୀ

ଭୋଗରାଇ, ୧୫ା୭ (ପ୍ରଦୀପ ଦାସ)

ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଆତ୍ମାହୁତି ଉଦ୍ୟମ କରିଥିବା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶି ସୋମବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଆଖି ବୁଜିଛନ୍ତି। ତାଙ୍କ ମୃତଦେହ ମଙ୍ଗଳବାର ନିଜ ଗ୍ରାମ ଭୋଗରାଇ ପଳାସିଆ ଗ୍ରାମରେ ପହଞ୍ଚିବା ପରେ କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା ଗାଁଦାଣ୍ଡ। ଗାଁ ଶ୍ମଶାନରେ ଶୋକାକୁଳ ପରିବେଶ ମଧ୍ୟରେ ପଞ୍ଚଭୂତରେ ଲୀନ ହୋଇଛି ସୌମ୍ୟାଶ୍ରୀଙ୍କ ମରଶରୀର। ଗେହ୍ଲା ଝିଅକୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ପରିବାର, ଆତ୍ମୀୟ ସ୍ୱଜନ। ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତ ଛାତ୍ରୀଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।




ଭୋଗରାଇ ପଳାସିଆ ଗ୍ରାମର ସୌମ୍ୟାଶ୍ରୀଙ୍କ ମରଶରୀରକୁ ଅନ୍ତିମ ସଂସ୍କାର ପାଇଁ ନିଆଯାଉଛି।

ସୋମବାର ବିଳମ୍ବିତ ରାତିରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ୨ୟ ବର୍ଷର ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଏମ୍ସ କର୍ତ୍ତୃପକ୍ଷ ମୃତ ଘୋଷଣା କରିଥିଲେ। ଛାତ୍ରୀଙ୍କ ମୃତଦେହକୁ ପୋଲିସ, ପ୍ରଶାସନ କଡ଼ା ସୁରକ୍ଷା ମଧ୍ୟରେ ଭୁବନେଶ୍ୱରରୁ ଭୋଗରାଇ ଜନ୍ମମାଟିକୁ ଆଣିଥିଲା। ମଙ୍ଗଳବାର ସକାଳ ସାଢ଼େ ୮ଟାରେ ମରଶରୀର ଭୋଗରାଇ ଥାନା ଛକଠାରେ ପହଞ୍ଚିଥିଲା। ସେଠାରେ ବହୁ ଲୋକ, ରାଜନେତା, ଛାତ୍ରୀଛାତ୍ର, ମହିଳା ସଙ୍ଗଠନ ମୃତ ଛାତ୍ରୀଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେବା ନିମନ୍ତେ ରୁଣ୍ଡ ହୋଇଥିଲେ। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ମୃତଦେହ ଆମ୍ବୁଲାନ୍ସରେ ଭୋଗରାଇ ଥାନା ଛକରେ ପହଞ୍ଚିବା ପରେ ଆମ୍ବୁଲାନ୍ସ ନ ଅଟକିବାରୁ ବିଧାୟକ ଗୌତମବୁଦ୍ଧ ଦାସ ଏବଂ ବିଜେଡିର ଅନ୍ୟ ନେତାମାନେ ଅଟକାଇବାକୁ ଚେଷ୍ଟା କରିଥିଲେ। ପୋଲିସ ବାଧା ଦେବାରୁ ଏହି ସମୟରେ ଗାଡ଼ି ସମ୍ମୁଖ ଭାଗକୁ ବିଜେଡି ସମର୍ଥକମାନେ ଅଟକାଇବା ସହିତ ବସିପଡ଼ି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଏହି ସମୟରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଓ ପ୍ରଶାସନ ତରବରିଆଭାବେ ସେଠାରୁ କୌଶଳକ୍ରମେ ଆମ୍ବୁଲାନ୍ସ ନେଇ ମୃତା ଛାତ୍ରୀଙ୍କ ଘର ପଳାସିଆ ଗ୍ରାମରେ ପହଞ୍ଚିଥିଲେ। ପରିବାର ଆତ୍ମୀୟସ୍ୱଜନଙ୍କ କାନ୍ଦବୋବାଳି ସମଗ୍ର ପରିବେଶକୁ ଶୋକାଭିଭୂତ କରିଥିଲା। ଭୋଗରାଇ ବିଧାୟକ ଓ ବିଜେଡି ନେତାମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ୩ ବିଧାୟକ ଓ ଭାଜପା ନେତାମାନେ ମୃତ ଛାତ୍ରୀଙ୍କୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଖୁବ କମ୍ ସମୟ ମଧ୍ୟରେ ଛାତ୍ରୀଙ୍କ ମରଶରୀରକୁ ଗାଁ ଶ୍ମଶାନକୁ ନିଆଯାଇଥିଲା। ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ଭାବବିହ୍ୱଳ ହୋଇ ସୌମ୍ୟାଶ୍ରୀ ଅମର ରହେ ବୋଲି ସ୍ଲୋଗାନ ଦେଇଥିଲେ। ଶ୍ମଶାନରେ ଶବକୁ କଡ଼ା ସୁରକ୍ଷା ମଧ୍ୟରେ କର୍ତ୍ତନ କରି ଜୁଇକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଛାତ୍ରୀଙ୍କ ସାନଭାଇ ମୁଖାଗ୍ନି ଦେଇଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ସହକାରୀ ଜିଲା ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାସ, ଉପଜିଲାପାଳ ସୁଧାକର ନାୟକ, ହେମନ୍ତ ସିଂ, ଡ. ମଧୁସ୍ମିତା ସାମନ୍ତରାୟ, ଭୋଗରାଇ ବିଡିଓ, ତହସିଲଦାର, ଥାନାଧିକାରୀଙ୍କ ସହ ସଦର ବିଧାୟକ ମାନସ ଦତ୍ତ, ରେମୁଣା ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ଗୋବିନ୍ଦ ଦାସ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଭାଜପା ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି, କଂଗ୍ରେସ ନେତ୍ରୀ ମୀନାରାଣୀ ସୁର, ନେତା ସନ୍ତୋଷ କୁମାର ଜେନାଙ୍କ ସହ ମହିଳା ସାଂସ୍କୃତିକ ସଙ୍ଗଠନର ନାରୀନେତ୍ରୀ, ଡିଏସ୍‌ଓ ଛାତ୍ର ସଙ୍ଗଠନର ଛାତ୍ରୀଛାତ୍ର ନେତା, ଶିକ୍ଷକ, ଅଧ୍ୟାପକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ମୃତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫ା୭ (ସୁନିତ୍ ମିଶ୍ର)



ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀଙ୍କ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଉକ୍ତ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଛନ୍ତି। ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତକରି ସମସ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନକରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ଦିବଂଗତ ଛାତ୍ରୀଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି।

## ବିଫଳ ବ୍ୟବସ୍ଥା ନେଲା ଛାତ୍ରୀଙ୍କ ଜୀବନ: ନବୀନ

ଭୁବନେଶ୍ୱର, ୧୫ା୭ (ସୁନିତ୍ ମିଶ୍ର)



ଏମ୍ସରେ ଚିକିତ୍ସିତ ହେଉଥିବା ବାଲେଶ୍ୱର ଏଫ୍‌ଏମ୍ କଲେଜର ପୀଡ଼ିତା ଛାତ୍ରୀଙ୍କ ମୃତ୍ୟୁକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିବା ସହ ଏହି ସମୟରେ ତାଙ୍କ ପରିବାରକୁ ମହାପ୍ରଭୁ ଧୈର୍ଯ୍ୟ ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ନବୀନ ସରକାରଙ୍କୁ ଟାର୍ଗେଟକରି କହିଛନ୍ତି, ଏକ ବିଫଳ ବ୍ୟବସ୍ଥା କିପରି ଜଣଙ୍କ ଜୀବନ ନେଇପାରେ ସେକଥା ଅଧିକ ବିଚଳିତ କରିଛି। ସବୁଠାରୁ କଷ୍ଟଦାୟକ ହେଉଛି, ଏହା କୌଣସି ଦୁର୍ଘଟଣା ନୁହେଁ ବରଂ ଏହା ଏପରି ଏକ ବ୍ୟବସ୍ଥାର ଫଳ, ଯାହା ସାହାଯ୍ୟ କରିବା ବଦଳରେ ଚୁପ୍ ରହିଲା। ନ୍ୟାୟ ପାଇବାକୁ ଆଶାକରି ଶେଷରେ ଛାତ୍ରୀ ଜଣକ ଆଖି ବୁଜିଲେ ବୋଲି ନବୀନ କହିଛନ୍ତି।

# ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନକଲା ୟୁଜିସି

ଭୁବନେଶ୍ୱର, ୧୫ା୭ (ସୁଚିସ୍ମିତା ସାହୁ)

ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାକୁ ଗୁରୁତ୍ୱର ସହ ନେଇଛି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)। ତଦନ୍ତ ପାଇଁ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରାଯାଇଛି। ଏନେଇ ମଙ୍ଗଳବାର ୟୁଜିସି ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ପ୍ରଫେସର ରାଜ ମିତ୍ତଲଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଅନ୍ୟ ୩ ଜଣଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ ୟୁଜିସିର ପୂର୍ବତନ ସଦସ୍ୟ ପ୍ରଫେସର ସୁଷମା ଯାଦବ, ଅହମ୍ମଦାବାଦସ୍ଥିତ ଗୁଜରାଟ ବିଶ୍ୱବିଦ୍ୟାଳୟ କୁଳପତି ଡ. ନୀର୍ଜା ଗୁପ୍ତା ଏବଂ ୟୁଜିସିର ଯୁଗ୍ମ ସଚିବ ଡ. ଅସୀମା ମଙ୍ଗଳା ସଂଯୋଜକ ଅଧିକାରୀ ଭାବେ ରହିଛନ୍ତି। କମିଟି ସଦସ୍ୟମାନେ ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରି ୭ଦିନ ଭିତରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ୟୁଜିସି ସଚିବ ସୁଦୀପ ସିଂହ ଜୈନ ଜାରି କରିଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ଯେ, ଛାତ୍ରୀମୃତ୍ୟୁ ଘଟଣାର ସ୍ଥିତି ଅନୁଧ୍ୟାନ, ଘଟଣା ପରିପ୍ରେକ୍ଷୀରେ ଅନୁଷ୍ଠାନର ନୀତି, ଅଭିଯୋଗ ନିରାକରଣ ପ୍ରଣାଳୀ, ଅଭିଯୋଗ ପରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଏବଂ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ରହିଥିବା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିବେ। ୟୁଜିସି ନିୟମାବଳୀ (ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ଯୌନ ଶୋଷଣ ନିବାରଣ, ନିଷେଧ ଏବଂ ନିରାକରଣ) ଏବଂ ୟୁଜିସି ଦ୍ୱାରା ଜାରି ଅନ୍ୟାନ୍ୟ ମାର୍ଗଦର୍ଶିକା ଅନୁପାଳନ ସ୍ଥିତିକୁ ମଧ୍ୟ କମିଟି ଯାଞ୍ଚ କରିବ। ନିୟମାବଳୀର ଧାରା ୩ ଅନୁଯାୟୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଦାୟିତ୍ୱ ପାଳନ ସମ୍ପର୍କରେ ଅନୁସନ୍ଧାନ କରାଯିବ। ଅନୁଷ୍ଠାନ ଦ୍ୱାରା ମହିଳା ଛାତ୍ରୀଙ୍କ ସୁରକ୍ଷା ଓ କଲ୍ୟାଣ ନୀତି ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକର ପ୍ରକୃତ କାର୍ଯ୍ୟକାରିତା ଯାଞ୍ଚ କରାଯିବ।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ମଙ୍ଗଳବାର ମୃତଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ବିଭିନ୍ନ ସଂଗଠନ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।

# ବିଦ୍ୟାର୍ଥୀଙ୍କ ଅଭିଯୋଗକୁ ଅଗ୍ରପ୍ରାଧାନ୍ୟ ଦିଆଯାଉ

**ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବି.ଏଡ୍‌ର ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା ରାଜ୍ୟ ତଥା ଦେଶରେ ଚହଳ ପକାଇଛି। ଅଧ୍ୟାପକଙ୍କ ବିରୋଧରେ ଆଣିଥିବା ଅଭିଯୋଗ କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଣଦେଖା ହେବା ପରେ ସେ ନ୍ୟାୟ ପାଇବା ପାଇଁ ପୋଲିସଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକଙ୍କୁ ସୋସିଆଲ ମିଡିଆରେ ଜଣାଇଥିଲେ। ସବୁଥିରୁ ବଞ୍ଚିତ ହେବା ପରେ ସେ ଆତ୍ମାହୁତି ଦେଇଥିଲେ ଓ ୧୪ ଜୁଲାଇରେ ତାଙ୍କର ଭୁବନେଶ୍ୱର ଏମ୍ସରେ ମୃତ୍ୟୁ ଘଟିଯାଇଛି। ଏହି ସାମଗ୍ରିକ ଘଟଣା ପରେ ରାଜ୍ୟର ବିଭିନ୍ନ କଲେଜ, ବିଶ୍ୱବିଦ୍ୟାଳୟ ଓ ଛାତ୍ର ନେତାମାନଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ସେମାନେ କହନ୍ତି...**

### ମୃତ୍ୟୁ ଖବର ମର୍ମାହତ କରିଛି, ପୁନରାବୃତ୍ତି ନ ହେଉ



“ଏଫ୍‌ଏମ୍ କଲେଜର ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଖବର ଆମ ସମସ୍ତଙ୍କୁ ବହୁତ ମର୍ମାହତ କରିଛି। ଏଥିପାଇଁ ଦାୟୀ କଲେଜ ଅଧ୍ୟକ୍ଷ, ବିଭାଗୀୟ ଏଚ୍‌ଓଡି, ଆଇସିସି କମିଟି ସଦସ୍ୟଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସୌମ୍ୟାଶ୍ରୀଙ୍କୁ ଯେପରି ନ୍ୟାୟ ମିଳିବ ସେଥିପାଇଁ ରାଜ୍ୟ ସରକାର ଧ୍ୟାନ ଦିଅନ୍ତୁ। ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହେବ, ସେଥିପାଇଁ କଠୋର ପଦକ୍ଷେପ ନିଆଯିବା ଦରକାର।

-ବିଶ୍ୱଜିତ ସାହୁ, ଛାତ୍ର, ବିଜେବି କଲେଜ, ଭୁବନେଶ୍ୱର

### ଉଚ୍ଚସ୍ତରୀୟ ତଦନ୍ତ କରାଯାଉ



“ବାଲେଶ୍ୱର ଏଫ୍‌ଏମ୍ କଲେଜ ପୀଡ଼ିତାଙ୍କ ମୃତ୍ୟୁ ଘଟଣା ଅତ୍ୟନ୍ତ ଦୁଃଖଦ। ତାଙ୍କ ଭଳି ପ୍ରତିଟି କଲେଜ ଓ ବିଶ୍ୱବିଦ୍ୟାଳୟରେ କେତେକ ଛାତ୍ରୀଛାତ୍ର ନିର୍ଯାତିତ ହେଉଛନ୍ତି। ସରକାର ଏଭଳି ଅଧ୍ୟାପକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସେମାନେ ବିଦ୍ୟାର୍ଥୀଙ୍କ ଜୀବନ ସହ ଖେଳିବାକୁ ସାହସ କରୁଛନ୍ତି। ତେଣୁ ବାଲେଶ୍ୱର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ଘଟଣାରେ ସାମିଲ ଥିବା ସମସ୍ତଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଅଭିଯୁକ୍ତଙ୍କୁ ଚାକିରିରୁ ବହିଷ୍କାର କରାଯାଉ।

-ଅରୂପ କୁମାର ରାୟ, ଛାତ୍ର, ବିଜେବି କଲେଜ, ଭୁବନେଶ୍ୱର

### ପ୍ରତି ମାସରେ ଇଣ୍ଟରନାଲ କମିଟି ବୈଠକ ବସୁ



“ବିଭିନ୍ନ କାରଣରୁ ବିଦ୍ୟାର୍ଥୀମାନେ ଶିକ୍ଷାନୁଷ୍ଠାନଗୁଡିକରେ ଶାରୀରିକ ଓ ମାନସିକ ନିର୍ଯାତନାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ସୁରକ୍ଷା ଓ ଅଭିଯୋଗ ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉ। ଯେମିତି ଜଣେ ଛାତ୍ରୀ ହେଉ କି ଛାତ୍ର ନିର୍ଭୟରେ ଘଟଣା ସମ୍ପର୍କରେ ଅଧିକାରୀଙ୍କ ସହିତ ଆଲୋଚନା କରିପାରିବେ। ବାଲେଶ୍ୱର ଘଟଣାରେ ସମସ୍ତ ଅପରାଧୀଙ୍କୁ ଦଣ୍ଡ ପ୍ରଦାନ କରାଯାଉ। ଶିକ୍ଷାନୁଷ୍ଠାନରେ ପ୍ରତିମାସରେ ଇଣ୍ଟର୍ନାଲ କମିଟି ବୈଠକ ବସି ବିଦ୍ୟାର୍ଥୀଙ୍କ ସମସ୍ୟାକୁ ସମାଧାନ କରାଯାଉ।

-ବର୍ଷାରାଣୀ ସାହୁ, ଛାତ୍ରୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

### ଦୋଷୀ ଦଣ୍ଡ ନ ପାଇଲେ ଏଭଳି ଘଟଣା ବଢ଼ିବ



“ଏଫ୍‌ଏମ୍ କଲେଜର ନିର୍ଯାତିତା ଛାତ୍ରୀଙ୍କ ଗୁହାରି କେହି ଶୁଣି ନ ଥିଲେ। ପ୍ରିନ୍ସିପାଲ, କଲେଜ କମିଟି ସଦସ୍ୟଙ୍କଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ବିଭାଗ, ନେତା, ମନ୍ତ୍ରୀ ଓ ପୋଲିସ ପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ଦେଇପାରିଲେ ନାହିଁ। ସରକାର ପ୍ରକୃତ ଦୋଷୀକୁ ଉଚିତ ଦଣ୍ଡ ନ ଦେଲେ ଏମିତି ଘଟଣା ଆଗକୁ ବଢ଼ିଚାଲିବ। କଲେଜରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଉ। ଅଧ୍ୟାପକ, ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଉ।

-ପୂର୍ଣ୍ଣିମା ସାହୁ , ଛାତ୍ରୀ, ଏକାମ୍ର କଲେଜ, ଭୁବନେଶ୍ୱର

### ଦୋଷୀଙ୍କୁ କଠୋର ଦଣ୍ଡ ମିଳିବା ଦରକାର



“ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ଅତ୍ୟନ୍ତ ହୃଦୟ ବିଦାରକ। ଏଭଳି ଘଟଣା ଆଉ କେଉଁଠି ନ ଘଟୁ। ଛାତ୍ରୀ କିମ୍ବା ଛାତ୍ରଙ୍କଠାରୁ ଆସୁଥିବା ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ନେଇ ଶିକ୍ଷାନୁଷ୍ଠାନ ପକ୍ଷରୁ ଏହାର ତ୍ୱରିତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ଏଥିସହ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଦୋଷୀଙ୍କୁ କୋଠର ଦଣ୍ଡ ପ୍ରଦାନ କରାଯାଉ।

-ରିତିକା ବେହେରା, ଯୁକ୍ତ ୩ ଛାତ୍ରୀ ଅନୁଗୋଳ କଲେଜ

### ବିଦ୍ୟାର୍ଥୀଙ୍କ ଅଭିଯୋଗକୁ ଅଣଦେଖା କରା ନ ଯାଉ



“ଯୁବପିଢ଼ିଙ୍କୁ ଦୃଢ଼ ମାନସିକତାର ଆବଶ୍ୟକ ରହିଛି। କାହା କଥାରେ ପ୍ରେରିତ ହୋଇ ଭୁଲ୍ ନିଷ୍ପତ୍ତି ନେବା ପୂର୍ବରୁ ନିଜ ପରିବାର ଏବଂ ସ୍ୱପ୍ନ କଥା ଭାବିବା ଦରକାର। ସେହିପରି ବିଦ୍ୟାର୍ଥୀମାନେ କରୁଥିବା ଅଭିଯୋଗକୁ ଅଣଦେଖା ନ କରି ତୁରନ୍ତ ସମାଧାନ କରିବାକୁ କଲେଜ ଓ ବିଶ୍ୱବିଦ୍ୟାଳୟର ଇଣ୍ଟରନାଲ କମିଟି ସଦସ୍ୟମାନେ ତତ୍ପରତା ଦେଖାଇବା ଉଚିତ। ଛାତ୍ରୀଙ୍କ ସହ ଅମାନୁଷିକ ଘଟଣା ଘଟାଉଥିବା ଗୁରୁଙ୍କ ଉପରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

-ଶାଶ୍ୱତୀ ପ୍ରିୟଦର୍ଶିନୀ, ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

### ଅଧ୍ୟକ୍ଷ, ଏଚ୍‌ଓଡିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ



“ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ମୃତ୍ୟୁ ବଡ଼ ଦୁଃଖଦ ଘଟଣା। ସମସ୍ତଙ୍କ ନିକଟରେ ଅଭିଯୋଗ କରି ସେ ନିଜର ସାହସ ଦେଖାଇଥିଲେ। ଏତେ ସାହସ ଦେଖାଇବା ପରେ ପଦକ୍ଷେପ ନିଆ ନ ଯିବାରୁ ସେ ନିଜକୁ ଜାଳିଦେଲେ। ନିଜ ଭବିଷ୍ୟତକୁ ନେଇ ଛାତ୍ରୀ ଜଣକ ଦେଖିଥିବା ସ୍ୱପ୍ନ ଅଧ୍ୟାପକଙ୍କ ନିର୍ଯାତନା ନିଆଁରେ ଜଳିପୋଡ଼ି ପାଉଁଶ ହୋଇଗଲା।

-ଲଭ୍‌ଲି ମହାପାତ୍ର,
ସାଇକୋଲୋଜି ବିଭାଗର ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀ, ଭଦ୍ରକ କଲେଜ

### ଅଭିଯୋଗକୁ ଗୁରୁତ୍ୱ ଦେଇଥିଲେ ମୂଲ୍ୟବାନ ଜୀବନ ବଞ୍ଚିଯାଇଥାନ୍ତା



“ଛାତ୍ରୀଙ୍କ ଆତ୍ମାହୁତି ପରେ ଯେଉଁମାନେ ସମବେଦନା ଜଣାଉଛନ୍ତି, ସେତେବେଳେ ଅଭିଯୋଗକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେଇଥିଲେ ଆଜି ଗୋଟିଏ ମୂଲ୍ୟବାନ ଜୀବନ ବଞ୍ଚି ଯାଇଥାନ୍ତା। ତେବେ କଲେଜ ଭିତରକୁ ପେଟ୍ରୋଲ ଓ ଦିଆସିଲି କେମିତି ଗଲା, ତାହାର ତଦନ୍ତ ଆବଶ୍ୟକ। ସମ୍ପୂର୍ଣ୍ଣ ଘଟଣାରେ ସମସ୍ତ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ।

-ଚିନ୍ମୟ କୁମାର ଦାସ, ଛାତ୍ର ବିଜେଡିର ରାଜ୍ୟ ବରିଷ୍ଠ ଉପସଭାପତି, ଭଦ୍ରକ

### ସହାୟତା ଆଳରେ ଘଟଣାକୁ ଦବାଇବାକୁ ଉଦ୍ୟମ କରାଯାଉଛି



“ଏଫ୍‌ଏମ୍ କଲେଜର ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। କଲେଜ କର୍ତ୍ତୃପକ୍ଷ, ଲୋକ ପ୍ରତିନିଧି, ମନ୍ତ୍ରୀ, ପୋଲିସ ଓ ଜିଲା ପ୍ରଶାସନ କେହି ନ ଶୁଣିବାରୁ ଛାତ୍ରୀ ଜଣଙ୍କ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ ହେଲେ। କେହି ଶୁଣିଥିଲେ ଏଭଳି ଅଘଟଣ ଘଟି ନ ଥାନ୍ତା। ଏବେ ସରକାର ସହାୟତା ଆଳରେ ସମବେଦନା ଦେଖାଇ ଘଟଣାକୁ ଦବାଇବାକୁ ଉଦ୍ୟମ କରୁଛନ୍ତି।

ଅଚ୍ୟୁତାନନ୍ଦ ବେହେରା, ଛାତ୍ର କଂଗ୍ରେସ ନେତା, କେନ୍ଦୁଝର

### ସରକାର ଛାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ



“ଆତ୍ମହତ୍ୟା ପୂର୍ବରୁ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯାଉ। ଦୋଷୀଙ୍କୁ ନିଲମ୍ବନ ନୁହେଁ, ବହିଷ୍କାର କରିବା ଉଚିତ। ଭାଜପା ସରକାର ଛାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ। ପରେ ବେଟି ପଢ଼ାଓ-ବେଟି ବଞ୍ଚାଅ ସ୍ଲୋଗାନ ଦିଅନ୍ତୁ।

- ଯତୀନ ବାନରା, ଛାତ୍ର ନେତା, ଏଆଇଡିଏସ୍‌ଓ, ବାରିପଦା, ମୟୂରଭଞ୍ଜ

### ସରକାର ଓ ବିରୋଧୀଙ୍କ ଭୂମିକା ଶୂନ



“ପ୍ରତି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଏଭଳି ସମସ୍ୟା ରହିଛି। ହେଲେ କିଛି ଘଟଣା ସାମ୍ନାକୁ ଆସୁଛି ତ କିଛି ଚାପି ଦିଆଯାଉଛି। ଫଳରେ ଛାତ୍ରୀଛାତ୍ରମାନେ ମରଣ ମୁହଁକୁ ଯାଉଛନ୍ତି। ସରକାର ଓ ବିରୋଧୀ ଦଳ ଏ ଦିଗରେ କେବେ ଗୁରୁତ୍ୱ ଦେଇ ନାହାନ୍ତି। ଉଭୟଙ୍କ ଭୂମିକା ଶୂନ ରହିଛି। ଏଭଳି ଘଟଣା ବଖାଣୁଛି ଯେ ପ୍ରତିଟି ମହାବିଦ୍ୟାଳୟରେ ଛାତ୍ର ସଂଘ ରହିବ, ଯଦ୍ୱାରା ସମସ୍ତଙ୍କ ମନରେ ଭୟ ରହିବ।

ଡା. ଚିନ୍ମୟ ପ୍ରଧାନ, ସଭାପତି, ଜୁନିୟର ଡାକ୍ତର ସଂଘ, ଏସ୍‌ସିବି

### ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ

“ଏଭଳି ଘଟଣା ରାଜ୍ୟରେ ପ୍ରଥମ ନୁହେଁ। ସୌମ୍ୟାଶ୍ରୀ ଘଟଣା ଅଧିକ ଚର୍ଚ୍ଚାକୁ ଆସିଛି, ହେଲେ ବହୁ କିଛି ସମସ୍ୟା ପ୍ରତିଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ରହିଛି। ଜଣେ ଛାତ୍ରୀ ନିଜ ସମସ୍ୟା ସମାଧାନ ପାଇଁ ସହାୟତା ମାଗିଥିଲେ, ହେଲେ ଏହାକୁ କେହି ବି ଗୁରୁତ୍ୱର ସହ ଗ୍ରହଣ କରି ନ ଥିଲେ, ବରଂ ସେ ଆତ୍ମାହୁତି ଦେବା ପରେ ସରକାର ନିଜକୁ କ୍ଲିନ୍ ଚିଟ୍ ଦେବା ପାଇଁ ଲୋକଦେଖାଣିଆ ଭାବେ ଘଟଣାକୁ ଗୁରୁତ୍ୱ ଦେଉଛନ୍ତି; ଯାହାକି ସମ୍ପୂର୍ଣ୍ଣ ନିନ୍ଦନୀୟ। ସରକାର ଏଭଳି ପଦକ୍ଷେପ ନିଅନ୍ତୁ, ଯେପରି ଦ୍ୱିତୀୟ ସୌମ୍ୟାଶ୍ରୀ ଏଭଳି ସ୍ଥିତିର ଶୀକାର ନ ହେବେ।



- ଶ୍ରେୟା ଦାସ, ଯୁକ୍ତ ୩ କଳା, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

### ନିରପେକ୍ଷ ତଦନ୍ତ କରି ଦୋଷୀଙ୍କୁ ଚିହ୍ନଟ କରନ୍ତୁ



“ସାମାନ୍ୟତମ ଅବହେଳାରୁ ଚାଲିଗଲା ଛାତ୍ରୀ ସୌମ୍ୟାଶ୍ରୀଙ୍କ ଜୀବନ। ତାଙ୍କ ଅଭିଯୋଗକୁ ଯଦି ଗୁରୁତ୍ୱର ସହିତ ଗ୍ରହଣ କରାଯାଇଥାନ୍ତା. ତାହାହେଲେ ଆଜି ସେ ଆମ ଗହଣରେ ଥା’ନ୍ତେ। ବେଳେ ବେଳେ ଏଭଳି କିଛି ଘଟଣା ହାଲୁକା ଭାବେ ଗ୍ରହଣ କରିବା ଫଳରେ ବଡ଼ବଡ଼ ଘଟଣା ଘଟିଯାଉଛି। ଏହି ଅଘଟଣକୁ ନେଇ ସରକାର ଶାସନ କଡ଼ାକଡ଼ି କରିବା ସହିତ ଆଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତି ନ ଘଟିବା ପାଇଁ ସଚେତନ ରହିବାର ଆବଶ୍ୟକତା ରହିଛି। ଏଥିସହିତ କଲେଜଗୁଡ଼ିକରେ ଥିବା ତଦନ୍ତ କମିଟି ସବୁକ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ ନ କରି ନିରପେକ୍ଷ ତଦନ୍ତ କରି ଉପଯୁକ୍ତ ଦୋଷୀଙ୍କୁ ଚିହ୍ନଟ କରନ୍ତୁ।

-ଭରତ ଚନ୍ଦ୍ର ସାହୁ, ବିଜୁ ଛାତ୍ର ଜନତା ଦଳ ସଭାପତି, ଚୌଦ୍ୱାର-କଟକ

### ‘ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପଦକ୍ଷେପ ନିଆଯାଉ’



“ପୀଡ଼ିତା ଜଣେ ସେଲ୍ଫ ଡିଫେନ୍ସ ପ୍ରଶିକ୍ଷକ ଥିଲେ। ସେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଉଥିଲେ। ସେ ଏଭଳି ଚରମ ନିଷ୍ପତ୍ତି ନେବା ଏତେ ସହଜ କଥା ନୁହେଁ। ସେ ପ୍ରଥମେ କଲେଜ କର୍ତ୍ତୃପକ୍ଷ ଓ ପରେ ପୋଲିସରେ ଅଭିଯୋଗ କରିଥିଲେ। ମାତ୍ର କେହି ତାଙ୍କ ଅଭିଯୋଗ ଶୁଣି ନ ଥିଲେ କି ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିଲା। ଫଳରେ ସେ ନିରାଶ ହୋଇ ଏକ ବଡ଼ ଭୁଲ୍ ନିଷ୍ପତ୍ତି ନେଲେ। ଭବିଷ୍ୟତରେ ଯେପରି ଏଭଳି ଘଟଣା ଆଉ ନ ଘଟିବ, ସେଥିପାଇଁ ପ୍ରତ୍ୟେକ କଲେଜରେ ଇଣ୍ଟରନାଲ କମିଟି ଗଠନ ସହ ସରକାର କଠୋର ପଦକ୍ଷେପ ଗ୍ରହଣ କରନ୍ତୁ।

-ଶିବାନୀ ଚୌଧୁରୀ, ପୁରୀ ଜିଲା ସହସଂଯୋଜିକା, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ

### ‘ସରକାରଙ୍କ ଅପାରଗତା ପ୍ରମାଣିତ ହେଉଛି’



“ଜଣେ ଛାତ୍ରୀ ନ୍ୟାୟ ନ ପାଇ ଶେଷରେ ଆତ୍ମହତ୍ୟା କରିବାକୁ ବାଧ ହେଲେ। ପୀଡ଼ିତାଙ୍କ ମୃତ୍ୟୁ ପାଇଁ ମୁଖ୍ୟତଃ କଲେଜ କର୍ତ୍ତୃପକ୍ଷ, ଉଚ୍ଚଶିକ୍ଷା ବିଭାଗ ଏବଂ ସରକାରଙ୍କ ନିଷ୍କ୍ରିୟତା ଦାୟୀ। ବେଶୀ ଦୁଃଖର କଥା ହେଉଛି, ଘଟଣା ପରେ ପୀଡ଼ିତାଙ୍କର ମୃତ୍ୟୁ ହୋଇସାରିଥିବା ବେଳେ ତାଙ୍କୁ ସରକାର ଜୀବିତ ଥିବା କହିବା ଏକ ରାଜନୈତିକ ଚାଲ୍ ପରି ପ୍ରତୀୟମାନ ହେଉଛି। ଏହି ଘଟଣାରୁ ସରକାରଙ୍କ ଅପାରଗତା ପ୍ରମାଣିତ ହେଉଛି। ସରକାର ତୁରନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

- ଶ୍ରୀନିବାସ ମିଶ୍ର, ଉପସଭାପତି, ପୁରୀ ଜିଲା ବିଜୁ ଛାତ୍ର ଜନତା ଦଳ

# ଭାରତୀୟ ମୂଲ୍ୟବୋଧକୁ ଦୀକ୍ଷା ଭାବେ ଗ୍ରହଣ କର: ରାଷ୍ଟ୍ରପତି

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ତ୍ରୟୋଦଶ ସମାବର୍ତ୍ତନ ସମାରୋହ

**କଟକ,୧୫।୭(କାର୍ତ୍ତିକ ସାହୁ)**

ସମାବର୍ତ୍ତନ ଉତ୍ସବ ଏକ ପ୍ରାଚୀନ ପରମ୍ପରା। ଶିକ୍ଷା, ଦୀକ୍ଷା ଶେଷରେ ଗୁରୁମାନେ ବିଦ୍ୟାର୍ଥୀମାନଙ୍କ ଉପଦେଶ ଦେଇ କହୁଥିଲେ, ସତ୍ୟ ପ୍ରତି ନିଷ୍ଠା ରଖ। କର୍ତ୍ତବ୍ୟ ପାଳନ କର। ସେମାନଙ୍କ ଉପଦେଶର ମର୍ମ ଥିଲା, ବିଦ୍ୟାର୍ଥୀମାନେ ନିଜେ ବଢ଼ନ୍ତୁ, ତା ସହ ସମାଜକୁ ଗଢ଼ନ୍ତୁ, ଦେଶର ସେବା କରନ୍ତୁ। ତୁମେ ଏହି ଭାରତୀୟ ମୂଲ୍ୟବୋଧକୁ ଜୀବନର ଦୀକ୍ଷା ଭାବେ ଗ୍ରହଣ କର ବୋଲି ବିଦ୍ୟାର୍ଥୀମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ମଙ୍ଗଳବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ସମାବର୍ତ୍ତନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁର୍ମୁ କହିଲେ, ଆସ୍ଥା, ବିଶ୍ୱାସ, ସ୍ନେହ ଓ ସଂପ୍ରୀତି ବଳରେ ଶିଳା ଶାଳଗ୍ରାମ ପାଲଟିଯାଏ। ଆଜି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶାଳଗ୍ରାମ ପାଲଟି ଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଟା, ପଥରରେ ଗଢ଼ା ଏକ ନିର୍ଜୀବ ଇମାରତ ନୁହେଁ, ଏହା ଓଡ଼ିଶାର ଜୀବନ୍ତ ଇତିହାସ। ଏହାର ପ୍ରାଣସ୍ପନ୍ଦନ ଅଛି। ଏହା କେବଳ ଇତିହାସର ମୂକସାକ୍ଷୀ ନୁହେଁ, ଓଡ଼ିଶା ଓ ଭାରତ ଇତିହାସର ସକ୍ରିୟ ଅଂଶୀଦାର ମଧ୍ୟ। ଏହି ମହାନ୍ ଶିକ୍ଷାନୁଷ୍ଠାନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଆନ୍ଦୋଳନ ଓ ସ୍ୱାଧୀନତା ସହ ଓତପ୍ରୋତ ଭାବେ ଜଡ଼ିତ। ଶିକ୍ଷା ବିକାଶ ଓ ନାରୀ ଜାଗୃତିର ପ୍ରମୁଖ କେନ୍ଦ୍ର ହୋଇ ରହିଆସିଛି।



ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୈଜ୍ଞାନିକ ଡ. ଅଜିତ କୁମାର ମହାନ୍ତିଙ୍କୁ ଡି.ଲିଟ୍. ଉପାଧି ପ୍ରଦାନ କରୁଛନ୍ତି। ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ଅଛନ୍ତି।

ଅନେକ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ, ଦାର୍ଶନିକ, ନେତା, ସମାଜ ସଂସ୍କାରକ, ପ୍ରଶାସକ, ବୈଜ୍ଞାନିକ, କଳାକାର ଏଠାରେ ଅଧ୍ୟୟନ କରି ଦେଶବିଦେଶରେ ଖ୍ୟାତି ଅର୍ଜନ କରିଛନ୍ତି ଏବଂ ଦେଶର ଟେକ ରଖିଛନ୍ତି। ଏ ମାଟିର ପୁଅ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ରେଭେନ୍‌ଶା କଲେଜରୁ ଆସି ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ସ୍ୱାଧୀନତା ସଂଗ୍ରାମ ସହ ଯୋଡ଼ିଥିଲେ। ଭାରତ ଛାଡ଼ ଆନ୍ଦୋଳନରେ ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ବ୍ରିଟିଶ ସରକାରଙ୍କ ୟୁନିୟନ ଜ୍ୟାକ ଅବନତ କରିଥିଲେ। ଏଣୁ ଏହି ଐତିହାସିକ ଅନୁଷ୍ଠାନର ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ପୁରାତନ ଅଧ୍ୟାପିକା, ଅଧ୍ୟାପକବୃନ୍ଦ ନିଶ୍ଚିତ ଭାବରେ ସୌଭାଗ୍ୟଶାଳୀ। ଛାତ୍ରୀଛାତ୍ରଗଣ ଆଜିଠାରୁ ତୁମ ଜୀବନର ମୋଡ଼ ବଦଳିବାକୁ ଯାଉଛି। ତୁମେ ଏ ବିଶ୍ୱବିଦ୍ୟାଳୟରୁ ବାହାରି ଜୀବନ ଓ ସମାଜ ନାମକ ଆହୁରି ବିଶାଳ ବିଶ୍ୱବିଦ୍ୟାଳୟରେ ପାଦ ଦେବ। ତୁମର ପରିଶ୍ରମ, ଅଧ୍ୟାପିକା, ଅଧ୍ୟାପକମାନଙ୍କ ମାର୍ଗଦର୍ଶନ ଏବଂ ମାତାପିତାଙ୍କ ଆଶୀର୍ବାଦ ବଳରେ ତୁମେ ଡିଗ୍ରୀଲାଭ କରିଛ। ତୁମେ ଜୀବନରେ ଯାହା ବି ହୁଅ, ଚାକିରି କରିବା ଅପେକ୍ଷା ଚାକିରି ଦେବା ଆହୁରି ବଡ଼ କଥା। ତୁମେ ଚାହିଁଲେ ଶିଳ୍ପୋଦ୍ୟୋଗୀ ହୋଇପାରିବ। ମଧୁବାବୁ ୧୨୦ ବର୍ଷ ତଳେ ଉତ୍କଳ ଟନେରୀ ପ୍ରତିଷ୍ଠା କରିଥିଲେ। ଶିଳ୍ପ ଜଗତରେ ପ୍ରବେଶ କରିବା ଉଦ୍ୟମ କର। ଉଦ୍‌ଯୋଗୀ ଲୋକ ପାଖକୁ ସଫଳତା ଆପେ ଆପେ ଆସେ।

ସେହିପରି ରାଷ୍ଟ୍ରପତି ବିଶ୍ୱବିଦ୍ୟାଳୟ ଉଦ୍ଦେଶ୍ୟରେ କହିଲେ, ରେଭେନ୍‌ଶା ଏକ ପୁରୁଣା ଶିକ୍ଷାନୁଷ୍ଠାନ, ମାତ୍ର ପୁରୁଣାକାଳିଆ ନୁହେଁ। ଏହା ନିତ୍ୟ ନୂତନ ଶିକ୍ଷାନୁଷ୍ଠାନ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମୟ ସହ ତାଳଦେଇ ଚାଲୁଛି ଜାଣି ଖୁସି ହେଲି। ଆଜିର ସମୟ ପ୍ରଯୁକ୍ତିବିଦ୍ୟାର ସମୟ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଥ୍ରୀଡି ପ୍ରିଣ୍ଟିଂ, କ୍ଲାଉଡ୍ କମ୍ପ୍ୟୁଟିଂ ଆଦି ମଣିଷର ଚିନ୍ତାଚେତନାକୁ ବଦଳାଇ ଦେଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏସବୁର ବ୍ୟାପକ ଉପଯୋଗ କରୁଛି। ଆହୁରି ବ୍ୟାପକ କରିବ ବୋଲି ଆଶା ପୋଷଣ କରୁଛି। ତେବେ ଏସବୁ ଅତ୍ୟାଧୁନିକ ଜ୍ଞାନ କୌଶଳର ଦୁରୁପଯୋଗ ପ୍ରତି ସତର୍କ ରହିବା ଉଚିତ। ଭାରତକୁ ସୁପର ପାୱାରରେ ପରିଣତ କରିବା ଆମର ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଉଚ୍ଚଶିକ୍ଷା ସଂସ୍ଥାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତ ବିଶ୍ୱର ଜ୍ଞାନକେନ୍ଦ୍ର ଥିଲା। ଭାରତର ଆଚାର୍ଯ୍ୟମାନେ ଦେଶବିଦେଶରେ ଆଦର ଲାଭ କରୁଥିଲେ। ଗଣିତ, ଜ୍ୟୋତିର୍ବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଆୟୁର୍ବେଦ ଓ ଭେଷଜ ବିଜ୍ଞାନ ଆଦି ଅନେକ କ୍ଷେତ୍ରରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ଥିଲା। ଆମର ସେହି ସମୃଦ୍ଧ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତା ପ୍ରତିପାଦନ କରିବା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ୍।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ବିଦ୍ୟାର୍ଥୀମାନେ ଚାକିରି ଦେବାର ସୃଜନ କରିବା ଦରକାର। ରେଭେନ୍‌ଶା ଯାହା ଆଜି ଭାବେ ଓଡ଼ିଶା ୧୫ ଦିନ ପରେ ଭାବେ ତାହା ସତ ପ୍ରମାଣିତ କରିବାକୁ ପଡ଼ିବ। ୨୧ତମ ନିଉ ଗ୍ଲୋବାଲ ଆହ୍ୱାନକୁ ଆମ ଅଞ୍ଚଳରେ ବାନ୍ଧି ରଖିବାର ପ୍ରୟୋଗଶାଳା ରେଭେନ୍‌ଶା ହେଉ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ, ମଣିଷଗଢ଼ା ମହତ କାର୍ଯ୍ୟ ପାଇଁ ରେଭେନନ୍‌ଶା ବିଶ୍ୱବିଦ୍ୟାଳୟ ଖ୍ୟାତି ଅର୍ଜନ କରିଛି। ଭାରତର ପ୍ରାଚୀନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ସମସାମୟିକହେଉଛିରେଭେନ୍‌ଶା। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ସବୁବେଳେ ଓଡ଼ିଆମାନଙ୍କ ପାଇଁ ରେଭେନ୍‌ଶାର ଅବଦାନ ଅତୁଳନୀୟ।

ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ, ଡ. ହରେକୃଷ୍ଣ ମହତାବ, ଉତ୍କଳମଣି ଗୋପବନ୍ଧୁଙ୍କ ଭଳି ଓଡ଼ିଶାର ତମାମ ବରପୁତ୍ର ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ପାଠ ପଢ଼ିଛନ୍ତି। ଭିତ୍ତିଭୂମିର ଉନ୍ନତି କରି ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ରାଜ୍ୟ ସରକାର ସର୍ବଦା ପ୍ରସ୍ତୁତ ଅଛନ୍ତି। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଅଧ୍ୟକ୍ଷତା କରିଥିଲେ। କୁଳପତି ଡ. ସଞ୍ଜୟ କୁମାର ନାୟକ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଏବଂ କୁଳସଚିବ କାହ୍ନୁଚରଣ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଆଣବିକ ବୈଜ୍ଞାନିକ ଡ. ଅଜିତ କୁମାର ମହାନ୍ତି, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ପ୍ରସିଦ୍ଧ ପରିବେଶ ସଂରକ୍ଷକ ପଦ୍ମଶ୍ରୀ ସାବରମତୀ ଏବଂ ଓଡ଼ିଶାର ପ୍ରଥମ ବ୍ରେଲ ପ୍ରେସ୍ ପ୍ରତିଷ୍ଠାତା ତଥା ଦୃଷ୍ଟିହୀନ ସାମାଜିକ କର୍ମୀ ବିଜୟ କୁମାର ରଥଙ୍କୁ ସମ୍ମାନଜନକ ଡି.ଲିଟ୍. ଉପାଧି ପ୍ରଦାନ କରାଯାଇଥିଲା। ଏଥିସହ ୨୦୨୩, ୨୦୨୪ ଓ ୨୦୨୫ ବର୍ଷପାଇଁ ବିଶ୍ୱବିଦ୍ୟାଳୟର ମୋଟ ୩୨୯ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ, ସ୍ୱର୍ଣ୍ଣପଦକ ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ୨ ପାରା ଶିକ୍ଷକଙ୍କ ଗଳାକାଟି ହତ୍ୟାକଲେ ମାଓବାଦୀ

## ପୋଲିସ ଇନ୍‌ଫର୍ମର ସନ୍ଦେହ

**ମାଲକାନଗିରି,୧୫।୭ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ପୁଣି ମାଓବାଦୀଙ୍କ ବର୍ବରକାଣ୍ଡ ଦେଖିବାକୁ ମିଳିଛି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ୨ ପାରା ଶିକ୍ଷକଙ୍କ ଗଳାକାଟି ହତ୍ୟା କରିଛନ୍ତି ମାଓବାଦୀ। ବିଜାପୁର ଜିଲା ପିଲୁରୁ ଗ୍ରାମ ନିକଟରେ ମାଓବାଦୀମାନେ ଜଣେ ଶିକ୍ଷକଙ୍କୁ ହତ୍ୟା କରିଥିବାବେଳେ ଟେକାମେଟା ଗ୍ରାମ ନିକଟରେ ଅନ୍ୟ ଜଣେ ଶିକ୍ଷକଙ୍କ ଗଳାକାଟି ହତ୍ୟା କରିଛନ୍ତି। ମୃତ ଏହି ୨ ଶିକ୍ଷକଙ୍କ ମଧ୍ୟରୁ ଜଣଙ୍କ ନାମ ବିନୋଦ ମାଡେ ବୋଲି ଜଣାପଡ଼ିଛି। ମାଓବାଦୀମାନେ ୨ ଶିକ୍ଷକଙ୍କୁ ସୋମବାର ମଧ୍ୟରାତ୍ରରେ ଘରୁ ଉଠାଇ ନେଇଥିଲେ। ଏହି ୨ଜଣ ପୋଲିସକୁ ସୂଚନା ଦେଉଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ମାଓବାଦୀମାନେ ଏକ ପୋଷ୍ଟରରେ ଲେଖି ମୃତଦେହ ନିକଟରେ ଛାଡ଼ିଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଥିବାବେଳେ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି।




# ଲୋକସେବା ଭବନରୁ ହଟିବ 'ଆଇଡିଲ୍ ଆସେଟ୍'

## ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ୩ ଜଣିଆ କମିଟି

**ଭୁବନେଶ୍ୱର,୧୫।୭ (ରବିନାରାୟଣ ଜେନା)**

ଲୋକସେବା ଭବନର ପ୍ରତ୍ୟେକ ବିଭାଗ ଏବେ ଅଦରକାରୀ ଆସବାବପତ୍ର(ଆଇଡିଲ୍ ଆସେଟ୍)ରେ ଭରି ଗଲାଣି। ପରିସ୍ଥିତି ଏପରି ହେଲାଣି ଯେ, କର୍ମଚାରୀ କଡ଼ ଲେଉଟାଇବା ତଥା କରିଡରରେ ଚାଲିଯିବା ଅଣନିଃଶ୍ୱାସୀ ହୋଇ ପଡୁଛି। ଏହାକୁ ଦୃଷ୍ଟିରେ ରଖି ସବୁ ବିଭାଗରୁ ଅଦରକାରୀ ସମ୍ପତ୍ତିକୁ ତୁରନ୍ତ ହଟାଇବା ଲାଗି ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସଚିବସ୍ତରୀୟ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶକୁ ଆଧାର କରି ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଚଳିତ ମାସ ୪ରେ ସମସ୍ତ ବିଭାଗକୁ ଅବଗତ କରାଯାଇଛି। ବିଭାଗୀୟ ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ଡି. କେ. ଜେନା ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ତିନି ଜଣିଆ କମିଟି ଗଠନ ପାଇଁ ମୁଖ୍ୟସଚିବ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟିରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ସଭ୍ୟ ରହିଛନ୍ତି। ବୈଠକର ନିଷ୍ପତ୍ତି ଅନୁଯାୟୀ, ଅଦରକାରୀ ସମ୍ପତ୍ତିର ଠିକ୍ ଆକଳନ କରିବା ସହିତ ତା'ର ସୁପରିଚାଳନା ଲାଗି ଏକ ସାଧାରଣ ଘରୋଇ ସହଭାଗିତା(ପିପିପି) ସେଲ୍ ଗଠନ ହେବ। ଉକ୍ତ ସେଲ୍‌ର ନାମ ଆସେଟ ମନିଟାଇଜେଶନ ଆଣ୍ଡ ଇନୋଭେଟିଭ ଫାଇନାନ୍ସିଂ ସେଲ୍ ରଖାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହାସହିତ ପ୍ରଶାସନିକ ସଂସ୍କାର କିଭଳି ଆସିବ ତାକୁ ଦୃଷ୍ଟିରେ ରଖି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଭାଜପା ସରକାର କ୍ଷମତାକୁ ଆସିବା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଏବେ ନବୀକରଣ କାର୍ଯ୍ୟ ଜୋରଦାର ଚାଲିଛି। କେଉଁଠି ସଚିବଙ୍କ ପ୍ରକୋଷ୍ଠର ନବୀକରଣ ହେଉଛି ତ ଆଉ କେଉଁଠି ବିଭାଗୀୟ ଅଧିକାରୀ ଓ ବିଭିନ୍ନ ସେକ୍ସନ କାର୍ଯ୍ୟ ନବୀକରଣ ହେଉଛି। ଏଥିପାଇଁ ବିଭାଗରେ ଥିବା ବିଭିନ୍ନ ଚେୟାର, ଟେବୁଲ, ଗଡରେଜ୍ ଭଳି ଆସବାବପତ୍ରଗୁଡ଼ିକ ଲୋକସେବା ଭବନର ଚଲାପଥଗୁଡ଼ିକରେ ଠୁଳ କରାଯାଉଛି। ପ୍ରତ୍ୟେକ ବିଭାଗରେ ଏହିଭଳି କାର୍ଯ୍ୟ ହେବା ଯୋଗୁ ରାସ୍ତାରେ ଚଳପ୍ରଚଳ କରିବା ଏକପ୍ରକାର ସମସ୍ୟା ସୃଷ୍ଟି କରୁଛି। ଲୋକସେବା ଭବନର ସୌନ୍ଦର୍ଯ୍ୟକରଣ ଲାଗି ଯେତିକି ଅର୍ଥ ବିନିଯୋଗ ହେଉଛି ତାହା ଯେପରି ଅକୃତକାର୍ଯ୍ୟ ନ ହେବ ସେଥିପାଇଁ ସରକାର ଏହି ସେଲ୍ ଜରିଆରେ ତାହାର ସୁପରିଚାଳନା କରିବେ ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।




# ମାଓବାଦୀଙ୍କ ସୂଚନା ଦେବାକୁ ଜାରି ହେବ ଟୋଲ୍ ଫ୍ରି ନମ୍ବର

## ଆଣ୍ଟି ନକ୍ସଲ ଅପରେଶନ ଏଡିଜି ଦାୟିତ୍ୱ ନେଲେ ସଞ୍ଜୀବ ପଣ୍ଡା

**ଭୁବନେଶ୍ୱର,୧୫।୭(ସତ୍ୟଜିତ୍ ରାଉତ)**

ରାଜ୍ୟର ଆଣ୍ଟି ନକ୍ସଲ ଅପରେଶନ ଏଡିଜି ଭାବେ ୧୯୯୪ ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡା ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ ମାଓବାଦୀ ଅପରେଶନ୍ ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସଞ୍ଜୀବ କହିଛନ୍ତି, ରାଜ୍ୟରେ ମାଓବାଦୀ ବିରୋଧୀ ଅପରେଶନ ଜୋରଦାର କରାଯିବ। ଆଗକୁ ନୂଆ ରଣନୀତି ସହ ଗୋଇନ୍ଦା ସକ୍ରିୟ ଉପରେ ଧ୍ୟାନ ଦିଆଯିବ। ମାଓବାଦୀ ଉପସ୍ଥିତି ନେଇ ସୂଚନା ଦେବା ଲାଗି ଜନସାଧାରଣଙ୍କ ପାଇଁ ଏକ ଟୋଲଫ୍ରି ନମ୍ବର ଜାରି କରାଯିବ। ସୂଚନାଦାତାଙ୍କ ସମ୍ପୂର୍ଣ୍ଣ ତଥ୍ୟ ଗୋପନୀୟ ରହିବ। ଏଥିପାଇଁ ସୂଚନାଦାତାଙ୍କୁ ପୁରସ୍କାର ମଧ୍ୟ ଦିଆଯିବ। ଏବେ କନ୍ଧମାଳ, ରାୟଗଡା ଓ କଳାହାଣ୍ଡିରେ ମାଓବାଦୀମାନେ ଅଧିକ ସକ୍ରିୟ ରହିଛନ୍ତି। ତେବେ ହିଂସାର ବାଟ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସଞ୍ଜୀବ ମାଓବାଦୀଙ୍କୁ ଆହ୍ୱାନ ଦେଇଛନ୍ତି।

# ଖୋଲିଲା ରେଙ୍ଗାଳି ଡ୍ୟାମ୍ ତୃତୀୟ ଗେଟ୍



**ପବିତ୍ରନଗର,୧୫।୭ (ନିରୋଜ ପ୍ରଧାନ)**

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଜଳଭଣ୍ଡାରସ୍ଥିତ ବ୍ରାହ୍ମଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳ ଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ହୋଇଥିବାବେଳେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ସୁଦ୍ଧା ଏଠାରେ ଜଳସ୍ତର ୧୨୦.୯୮ ମିଟର ଛୁଇଁଛି। ଫଳରେ ଡ୍ୟାମ୍ କର୍ତ୍ତୃପକ୍ଷ ପୂର୍ବରୁ ୨ଟି ଗେଟ୍ ଖୋଲିଥିବାବେଳେ ମଙ୍ଗଳବାର ତୃତୀୟ ଗେଟ୍ ଖୋଲି ବନ୍ୟା ଜଳ ନିଷ୍କାସନ କରିଛନ୍ତି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୫୬୪୧.୭୫ ଘନମିଟର ଜଳ ପ୍ରବେଶ କରୁଥିବା ବେଳେ ପାୱାର ହାଉସ ଓ ଖୋଲାଯାଇଥିବା ଗେଟ୍ ମାଧ୍ୟମରେ ମୋଟ ୪୨୦୦.୦୦ ଘନମିଟର ଜଳ ନିଷ୍କାସିତ ହେଉଛି ବୋଲି ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜଳ ଭଣ୍ଡାର ତଳମୁଣ୍ଡରେ ଥିବା ଗାଁଗୁଡ଼ିକର ଲୋକଙ୍କୁ ସତର୍କ ସୂଚନା ଦିଆଯାଇଛି।



**ଛାତ୍ର କଂଗ୍ରେସ ପକ୍ଷରୁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଘେରାଉ**

ଭୁବନେଶ୍ୱର,୧୫।୭(ରବିନାରାୟଣ ଜେନା): ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟାକୁ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବାସଭବନ ଘେରାଉ କରାଯାଇଛି। ଛାତ୍ର କଂଗ୍ରେସ ଉପସଭାପତି ସୌମ୍ୟ ରଞ୍ଜନ ଜେନାଙ୍କ ନେତୃତ୍ୱରେ କର୍ମୀମାନଙ୍କ ପକ୍ଷରୁ ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବା ସହିତ ଅଣ୍ଡା ମାଡ଼ କରାଯାଇଥିଲା। ପୋଲିସ ଆଇନଶୃଙ୍ଖଳା ରକ୍ଷା କରିବାକୁ ଯାଇ ସୌମ୍ୟ ରଞ୍ଜନ ଜେନା ଏବଂ ଆଦିତ୍ୟ ପ୍ରୀତମ ଦାସ ପ୍ରମୁଖଙ୍କୁ ଗିରଫ କରି ନେଇଥିଲା। ସେହିପରି ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗୁରୁ ଦେବପ୍ରସାଦ ଦାସଙ୍କ ୩୯ତମ ପୂଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସକାଳ ୯ଟା।
- ଓଡ଼ିଶା ବନ୍ଦକୁ ସମର୍ଥନ କରି ସିପିଆଇର ଶୋଭାଯାତ୍ରା, ସ୍ଥାନ: ସିଟି ବସ୍‌ଷ୍ଟାଣ୍ଡରୁ ରାଜମହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ନବମ ପରିପୂର୍ଣ୍ଣା ନାୟିକା ନୃତ୍ୟ ସମାରୋହ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଭଗବାନ ମହାପାତ୍ରଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ମହାପାତ୍ର ହାଇସ୍କୁଲ, ରୂପ୍‌ସା, ବାଲେଶ୍ୱର, ସମୟ:ଅପରାହ୍ନ ୪ଟା।
- ସିଭିଲ୍ ସୋସାଇଟି ପକ୍ଷରୁ ପରିବର୍ଦ୍ଧିତ ବୈଠକ, ସ୍ଥାନ:ଷ୍ଟେସନ କ୍ଲବ, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା।

## ଭଦ୍ରକ
- ବିଜେଡି ପକ୍ଷରୁ ଚାରାରୋପଣ, ସ୍ଥାନ: ଦୋବଲ ବେଲମଳା ସ୍କୁଲ ପରିସର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ନାଟକ 'ହେ ମଣିମା ଶୁଣିବା ହେଉ' ମଞ୍ଚସ୍ଥ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ରାଜ୍ୟସ୍ତରୀୟ ସାହାଣୀ କପ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଉଦୟପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ମହାକାଳପଡ଼ା ପଞ୍ଚାୟତ ସମିତି ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ସିଦ୍ଧେଶ୍ୱର ମହାଦେବଙ୍କ ପାର୍ଶ୍ୱ ପରିବର୍ତ୍ତନ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।

## ରାୟଗଡ଼ା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, କାଶୀପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ରୋଟାରି କ୍ଲବ୍ ଅଫ ଜୟପୁର ପ୍ରାଇଡର ସମାବେଶ, ସ୍ଥାନ: ବିଜ୍ଞାନ ଇଣ୍ଟର ନ୍ୟାଶନାଲ ପ୍ରାଇମେରି ସ୍କୁଲ, ତାରଣି ଛକ, ଜୟପୁର, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୭ଟା।
- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ନିର୍ଗୁଣ ପଡା ବିଦ୍ୟାଳୟ ରାସ୍ତା, ସମୟ : ସକାଳ ୮ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।
- ସାଓଲିନ କୁଙ୍ଗ୍‌ଫୁ ଉସୁ ଆସୋସିଏଶନ ଆୟୋଜିତ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଲୋଇସିଂହା ନୂଆପଡ଼ା ବସ୍ତି ରାସ୍ତା ରେଳ ଫାଟକ ବନ୍ଦ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଲୋଇସିଂହା ଚାରିଛକ, ସମୟ: ସକାଳ ୯ଟା।

## ରାଉରକେଲା
- ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ବୃକ୍ଷରୋପଣ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା କଲେଜରେ ସାହିତ୍ୟ ଆଲୋଚନା, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା।
- ଶିବ ପୁରାଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ,ସମୟ: ସକାଳ ୯ଟା।

## କଳାହାଣ୍ଡି
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଶ୍ରୀ ଗୁରୁ ପୂଜନ ଉତ୍ସବ, ସ୍ଥାନ: କେଳାକଟା ଖେଳ ପଡିଆ, ହରଭଙ୍ଗା, ସମୟ: ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ରିଂ ରୋଡର ଉଭୟ ପାର୍ଶ୍ୱ, ସମୟ: ସକାଳ ୯ଟା।
- କଂଗ୍ରେସ ଦଳ ତରଫରୁ ପ୍ରସ୍ତାବିତ ଓଡ଼ିଶା ବନ୍ଦ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବୀରମହାରାଜପୁର ଅସ୍ଥାୟୀ କଂଗ୍ରେସ କାର୍ଯ୍ୟାଳୟ ଚମ୍ପାପୁର, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଅବସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ଓ ନୂତନ ରାଶନ କାର୍ଡ ପ୍ରଦାନ ସମାରୋହ, ସ୍ଥାନ: ଖରିଆର ରୋଡ୍ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।


ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ବିଜେଡି ପକ୍ଷରୁ କ୍ୟାଣ୍ଡେଲ ମାନବଶୃଙ୍ଖଳ।

# ସରକାରଙ୍କ ପଙ୍ଗୁ ବ୍ୟବସ୍ଥା ଦାୟୀ: ଭକ୍ତ

ଭୁବନେଶ୍ୱର,୧୫।୭(ରବିନାରାୟଣ ଜେନା)
ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମହତ୍ୟା ପ୍ରସଙ୍ଗରେ କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସ ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜ୍ୟ ସରକାରରେ କେହି ଜଣେହେଲେ ସୌମ୍ୟାଶ୍ରୀଙ୍କ ଗୁହାରି ଶୁଣିଥିଲେ ଆଜି ଏଭଳି ଦିନ ଦେଖିବାକୁ ମିଳି ନଥାନ୍ତା। ଏଥିପାଇଁ ରାଜ୍ୟ ସରକାରଙ୍କ ପଙ୍ଗୁ ବ୍ୟବସ୍ଥା ଦାୟୀ। ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରାଯାଉ। ପୀଡ଼ିତାଙ୍କ ସ୍ମୃତିରେ ୧୭ ଜୁଲାଇରେ ଓଡ଼ିଶା ବନ୍ଦ କରାଯିବ। ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ସହିତ ସ୍କୁଲ, କଲେଜ, ବ୍ୟାଙ୍କ ଭଳି ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବାକୁ ରାଜ୍ୟବାସୀଙ୍କୁ ଅନୁରୋଧ। ତିନି ଦିନ ଧରି ରାଜ୍ୟରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଅୟୋଜନ କରାଯିବ ବୋଲି ଭକ୍ତ କହିଛନ୍ତି। ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ (ଏମ୍ ଏଲ୍)- ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସ୍‌ପି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ।

# ଆଜି ଲୋକସେବା ଭବନ ଘେରିବ, ବାଲେଶ୍ୱର ବନ୍ଦ କରିବ ବିଜେଡି

**■ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ ସରକାର**


ଖବରଦାତା ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ସଞ୍ଜୟ ଦାସବର୍ମା, ଦେବୀପ୍ରସାଦ ମିଶ୍ର ଓ ପ୍ରତାପ ଜେନା।

ଭୁବନେଶ୍ୱର,୧୫।୭(ସୁନିତ୍ ମିଶ୍ର)
ଏଫ୍‌ଏମ୍ ସ୍ୱୟଂଶାସିତ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ପୀଡ଼ିତାଙ୍କ ମୃତ୍ୟୁ ପରେ ବିଜେଡି ରାଜ୍ୟ ସରକାରଙ୍କୁ ଦାୟୀକରି ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକରିବା ସହ ଉକ୍ତ ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି କରିଛି। ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ମୃତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବି କରି ମଙ୍ଗଳବାର ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ କରାଯାଇଛି। ବୁଧବାର ଲୋକସେବା ଭବନ ଘେରାଉ କରାଯିବ ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଛାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ଏବଂ ତାଙ୍କୁ ନ୍ୟାୟଦେବା ଦାବିରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍‌ଠାରୁ ରାମମନ୍ଦିର ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି।

ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି, ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ପୀଡ଼ିତା ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଜଣାଇ ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ ମଧ୍ୟ ରାଜ୍ୟ ସରକାର ଅଣଦେଖା କରିବାରୁ ଏପରି ଅଭାବନୀୟ କାଣ୍ଡ ଘଟିଲା। ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଆନ୍ଦୋଳିତ କରିଛି। ପୀଡ଼ିତା ଛାତ୍ରୀ ଦୀର୍ଘ ୬ ମାସ ଧରି ନ୍ୟାୟ ପାଇଁ ସଂଗ୍ରାମକରି ବିଫଳହେବା ପରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଙ୍କୁ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟକରି ନ୍ୟାୟ ଭିକ୍ଷା କରିଥିଲେ। ସମସ୍ତ କ୍ଷେତ୍ରରୁ ନ୍ୟାୟ ପାଇବାରେ ବିଫଳହେବା ପରେ ଛାତ୍ରୀ ଜଣକ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଏହା ବିରୋଧରେ ବୁଧବାର ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ପାଳନ କରାଯିବ। ଦାବି ପୂରଣ ହେବା ଯାଏଁ କଲେଜ ଷ୍ଟ୍ରାଇକ୍ ଜାରି ରହିବ ବୋଲି ସେ କହିଛନ୍ତି। ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା କହିଛନ୍ତି, ଏହି ଘଟଣାରେ ଅଭିଯୁକ୍ତ ଅଧ୍ୟାପକ, କଲେଜ ଅଧ୍ୟକ୍ଷଙ୍କ ବ୍ୟତୀତ ମୃତ ଛାତ୍ରୀ ଯେଉଁମାନଙ୍କ ନିକଟରେ ଅଭିଯୋଗ କରିଥିଲେ ସେହି ବ୍ୟକ୍ତିମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ଦରକାର। ଏହାଛଡ଼ା ଏହି ଘଟଣା ଘଟିବା ବେଳକୁ ଯେଉଁମାନେ ଭିଡିଓ କରୁଥିଲେ, ଯେଉଁମାନେ ତାକୁ ଉସ୍‌କାଉଥିଲେ ଓ ଯେଉଁମାନେ କଲେଜ ଦ୍ୱାରା ଗଠିତ ତଦନ୍ତ କମିଟିରେ ରହି ତଦନ୍ତକୁ ବାଟବଣା କରିଥିଲେ, ସେମାନେ ମଧ୍ୟ ଏହି ଘଟଣାରେ ଦାୟୀ। ତେଣୁ ସେମାନେ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବା ଦରକାର। ଏହି ଘଟଣାର ତଦନ୍ତ ଏକ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାରବିଭାଗୀୟ ତଦନ୍ତ କରିବାକୁ ବିଜେଡି ଦାବି କରୁଥିବା ସେ କହିଛନ୍ତି।

## ଲୋକସେବା ଭବନରେ ସୁରକ୍ଷା କଡ଼ାକଡ଼ି ଲାଗି ନିର୍ଦ୍ଦେଶ

**ସକାଳ ୯ଟା ସୁଦ୍ଧା କର୍ମଚାରୀଙ୍କୁ ପହଞ୍ଚିବାକୁ ତାଗିଦ୍**

ଭୁବନେଶ୍ୱର,୧୫।୭(ରବିନାରାୟଣ ଜେନା)
ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣାକୁ ନେଇ ବିଜେଡି ପକ୍ଷରୁ ବୁଧବାର ଲୋକସେବା ଭବନ ଘେରାଉ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ଗୃହ ବିଭାଗ ମଙ୍ଗଳବାର ୨ଟି ନିର୍ଦ୍ଦେଶନାମା ଜାରି କରିଛି। ସ୍ୱତନ୍ତ୍ର ସଚିବ ଆର. କେ. ଶର୍ମା ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଛାତ୍ରୀଙ୍କୁ ନ୍ୟାୟ ଦାବିରେ ବିଜେଡି ପକ୍ଷରୁ ବୁଧବାର ପୂର୍ବାହ୍ନ ୧୦ଟାରେ ଲୋକସେବା ଭବନ ଘେରାଉ କରିବାକୁ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଲୋକସେବା ଭବନ, ଖାରବେଳ ଭବନ ଏବଂ ରାଜୀବ ଭବନର ସମସ୍ତ ଅଧିକାରୀ ଓ କର୍ମଚାରୀ ବୁଧବାର ସକାଳ ସାଢ଼େ ୯ଟା ସୁଦ୍ଧା ପହଞ୍ଚିବାକୁ ହେବ। ଲୋକସେବା ଭବନର ୧ ନମ୍ବର ଗେଟ୍ ୯ଟା ୩୦ରେ ବନ୍ଦ ହେବ ବୋଲି ଦର୍ଶାଇଥିଲେ। ଏହି ପରିପ୍ରେକ୍ଷୀରେ ଗୃହ ବିଭାଗ ପକ୍ଷରୁ ଆଉ ଏକ ସଂଶୋଧିତ ନିର୍ଦ୍ଦେଶନାମା ଜାରି ହୋଇଛି। ସେଥିରେ ଅତିରିକ୍ତ ସଚିବ ସୌମେନ୍ଦ୍ର ପାତ୍ର କହିଥିଲେ ସକାଳ ୯ଟା ସୁଦ୍ଧା ସମସ୍ତ କର୍ମଚାରୀ କାର୍ଯ୍ୟାଳୟରେ ପହଞ୍ଚିବାକୁ କୁହାଯାଇଛି। ୫ନମ୍ବର ଗେଟ୍ ଦେଇ କର୍ମଚାରୀମାନେ ଯାତାୟାତ କରିବାକୁ ପତ୍ରରେ କୁହାଯାଇଛି। ପ୍ରତ୍ୟେକ ଗେଟ୍‌ରେ କର୍ମଚାରୀଙ୍କ ପରିଚୟପତ୍ର ଯାଞ୍ଚ କରାଯିବା ଆବଶ୍ୟକ। ବିନା ପ୍ରମାଣପତ୍ରରେ କୌଣସି ଗାଡ଼ିକୁ ଲୋକସେବା ଭବନ ଭିତରକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ।

# ବିରୋଧୀଙ୍କୁ କାଉଣ୍ଟର କରିବାକୁ ଭାଜପାର ରଣନୀତି

ଭୁବନେଶ୍ୱର,୧୫।୭(ସୁନିତ୍ ମିଶ୍ର)
ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣାରେ ବିରୋଧୀ ସରକାରଙ୍କୁ ଘେରିବାକୁ ଏକାଧିକ କାର୍ଯ୍ୟକ୍ରମ ନେଇ ଘୋଷଣା କରିଛନ୍ତି। ବିଜେଡି ଏବଂ କଂଗ୍ରେସର ମୁକାବିଲା ଲାଗି ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ବୈଠକ ଚାଲିଥିବା ସୂଚନା ମିଳିଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ମନ୍ତ୍ରୀ ବିଭୂତି ଜେନା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। କିଭଳି ବିରୋଧୀଙ୍କ ସବୁ ବିରୋଧ କାର୍ଯ୍ୟକ୍ରମର ସାମ୍ନା କରାଯିବ ସେନେଇ ରଣନୀତି ଚାଲିଥିବା ଚର୍ଚ୍ଚା ହେଉଛି। ଭାଜପାର ଜଣେ ବରିଷ୍ଠ ନେତା କହିଛନ୍ତି, ସରକାର କିଛି ବଡ଼ ପଦକ୍ଷେପ ନେଇପାରନ୍ତି। ଯେପରି ବିରୋଧୀ ସେମାନଙ୍କ ବିରୋଧ କାର୍ଯ୍ୟକ୍ରମ ଏକପ୍ରକାର ବନ୍ଦ ରଖିବା ଲାଗି ବାଧ ହେବେ ସେଭଳି କିଛି ନିଷ୍ପତ୍ତି ହୋଇପାରେ।



ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ ସମୂହ ଦୀପଦାନ ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ାଙ୍କ ସମେତ ଦଳୀୟ ବିଧାୟକ ଓ ନେତୃବୃନ୍ଦ।

## ରାଜନୀତି କରନାହିଁ: ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର,୧୫।୭(ସୁନିତ୍ ମିଶ୍ର)
ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣାରେ ମନ୍ତ୍ରୀ ସୁରେଶ ପୂଜାରୀ ଲୋକସେବା କହିଛନ୍ତି, ଛାତ୍ରୀଙ୍କ ମା' ଝିଅକୁ ନେଇ ରାଜନୀତି ନ କରିବାକୁ ଅନୁରୋଧ କହିଛନ୍ତି। ଝିଅ ପ୍ରତି କିପରି ନ୍ୟାୟ ହେବ ଏବଂ ଆଉ କାହା ଝିଅ ଏଭଳି ପରିସ୍ଥିତିରେ ଶିକାର ନ ହେବେ ସେନେଇ ବାର୍ତ୍ତା ଦେଇଛନ୍ତି। ଏହାକୁ ନେଇ ରାଜନୀତି ନ କରିବାର ସମୟ ଆସିଛି। ଏହି ଘଟଣାକୁ ନେଇ ଯେଉଁସବୁ ପଦକ୍ଷେପ ନିଆଯାଇଛି ତା'ର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ଆଗକୁ ଆହୁରି କ'ଣ ପଦକ୍ଷେପ ନେଇହେବ ତା' ଉପରେ ଆଲୋଚନା ହୋଇଛି। ନ୍ୟାୟ ଦେବା ଲାଗି ଯାହା ପଦକ୍ଷେପ ନେବାକୁ ପଡ଼ିବ ସରକାର ନେବେ। ମୁଖ୍ୟମନ୍ତ୍ରୀଙ୍କ ସହ ଚୂଡ଼ାନ୍ତ ବୈଠକ ପରେ ନିଷ୍ପତ୍ତି ନିଆଯିବ।

## ଫେରିଲେ ଶୁଭାଂଶୁ...

ପ୍ରଥମ ପୃଷ୍ଠାରୁ...

ଅବତରଣ କରିଛନ୍ତି। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ୧୮ ଦିନର ରହଣି ଏବଂ ସମୁଦାୟ ୨୦ ଦିନର ଯାତ୍ରାପରେ ମିଶନର ୪ କ୍ରିଉ ସଦସ୍ୟ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ସୋମବାର ଭାରତୀୟ ସମୟ ଅପରାହ୍ନ ୪.୩୦ରେ ଡ୍ରାଗନ୍ ମହାକାଶଯାନ ଆଇଏସ୍‌ଏସ୍‌ରୁ ଅଲଗା ହୋଇଥିଲା। ମଙ୍ଗଳବାର ବାୟୁମଣ୍ଡଳରେ ପ୍ରବେଶ ସମୟରେ ଏହାର ବେଗ ଘଣ୍ଟା ପ୍ରତି ୨୭ ହଜାର କି.ମି. ରହିଥିଲା। ବାୟୁମଣ୍ଡଳରେ ପ୍ରବେଶ ପରେ ସୁରକ୍ଷିତ ଜଳାବତରଣ ପାଇଁ ଡ୍ରାଗନ୍ ସ୍ପେସକ୍ରାଫ୍ଟ ନିଜ ଗତିକୁ ଧିମା କରିବା ଉଦ୍ଦେଶ୍ୟରେ ୪ଟି ପାରାଚ୍ୟୁଟ ନିୟୋଜିତ କରିଥିଲା ଏବଂ କାଲିଫର୍ନିଆ ଉପକୂଳରେ ସୁରକ୍ଷିତ ଜଳାବତରଣ କରିଥିଲା। ଏହାପରେ ସ୍ପେସ୍‌ଏକ୍ସ'ର ବୈଷୟିକ ଟିମ୍ ପକ୍ଷରୁ ଡ୍ରାଗନ୍ ସ୍ପେସକ୍ରାଫ୍ଟର ଯାଞ୍ଚ କରାଯାଇଥିଲା। ସ୍ପେସ୍‌ଏକ୍ସର ଗ୍ରାଉଣ୍ଡ ଷ୍ଟାଫ୍‌ମାନେ ଡ୍ରାଗନ୍ ମହାକାଶ ଯାନକୁ ରିକୋଭରି ଜାହାଜ ସାନୋନ୍ ଉପରକୁ ଆଣିଥିଲେ। ପରେ ସେମାନେ ସ୍ପେସକ୍ରାଫ୍ଟର ହ୍ୟାଚ୍‌କୁ ଖୋଲିଥିଲେ ଏବଂ ଆକ୍ସିଓମ୍-୪ ମିଶନର ୪ ମହାକାଶଚାରୀ ଜଣେ ପରେ ଜଣେ କରି ମହାକାଶଯାନରୁ ବାହାରିଥିଲେ। ଏହାପରେ ରିକୋଭରି ଜାହାଜ ସାନୋନ୍‌କୁ ସ୍ଥଳଭାଗକୁ ଅଣାଯାଇଥିଲା।

ଆଇଏସ୍‌ଏସ୍‌ରେ ୧୮ ଦିନର ରହଣି ମଧ୍ୟରେ ମିଶନର ୪ କ୍ରିଉ ସଦସ୍ୟ ମ୍ୟାଟେରିଆଲ୍ସ ସାଇନ୍ସ, ବାୟୋଲୋଜି ଏବଂ ଆର୍ଥ ଅବଜର୍‌ଭେସନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ସମୁଦାୟ ୬୦ଟି ପରୀକ୍ଷଣ କରିଛନ୍ତି। ସେଥିମଧ୍ୟରୁ ଶୁଭାଂଶୁ ଇସ୍ରୋ ପାଇଁ ୭ଟି ପରୀକ୍ଷଣ କରିଛନ୍ତି। ପୂର୍ବ ଯୋଜନା ମୁତାବକ ଶୁଭାଂଶୁ ଆଇଏସ୍‌ଏସ୍‌ରେ ମେଥି ଏବଂ ମୁଗ ବିହନର ଅଙ୍କୁରୀକରଣ, ସାଇନୋ ବ୍ୟାକ୍ଟେରିଆ, ଭୋଏଜର ପ୍ରଦର୍ଶନ, ଟାର୍ଡିଗ୍ରେଡ୍‌ସ, ମାୟୋଜେନେସିସ୍, ଅଣୁ ଶୈବାଳ ଏବଂ ଫସଲ ବିହନ ଆଦି ଉପରେ ସଫଳତାର ସହ ପରୀକ୍ଷଣ ଶେଷ କରିଥିବା ଇସ୍ରୋ କହିଛି। ଆକ୍ସିଓମ୍-୪ ମିଶନ ଯୋଗେ ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଆଇଏସ୍‌ଏସ୍‌ରେ ପହଞ୍ଚିଥିଲେ। ସେହିପରି ରାକେଶ ଶର୍ମାଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ଭାବେ ମହାକାଶ ଯାତ୍ରା କରିଥିଲେ। ଏହି ମିଶନ ପାଇଁ ଭାରତ ୭୦ ମିଲିୟନ ୟୁଏସ୍ ଡଲାର (ପ୍ରାୟ ୬୦୦ କୋଟି ଟଙ୍କା) ଖର୍ଚ୍ଚ କରିଛି। ନାସା ଏବଂ ଆକ୍ସିଓମ୍ ସ୍ପେସ୍ ଦ୍ୱାରା ମିଳିଥିବା ତାଲିମ, ଲଞ୍ଚ୍ ଲଜିଷ୍ଟିକ୍ସ, ଆଇଏସ୍‌ଏସ୍‌ରେ ରହଣି ଏବଂ ବିଭିନ୍ନ ଗବେଷଣା ଏବଂ ବୈଜ୍ଞାନିକ ପରୀକ୍ଷଣ ପାଇଁ ଇସ୍ରୋ ଏହି ଖର୍ଚ୍ଚ କରିଥିବା ନେଇ ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଇଛି।

## ତେଜିଲା ବିରୋଧୀ...

ନିଆ ନ ଯିବା ପ୍ରତିବାଦରେ ଜୁଲାଇ ୧୭ ଗୁରୁବାର 'ଓଡ଼ିଶା ବନ୍ଦ' କରିବା ପାଇଁ ବିରୋଧୀ ଡାକରା ଦେଇଛନ୍ତି। କଂଗ୍ରେସ ନେତୃତ୍ୱରେ ବାମପନ୍ଥୀଙ୍କ ସମେତ ୮ ବିରୋଧୀ ଦଳ ଏହି ବନ୍ଦ ପାଳନରେ ସାମିଲ ହେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ଛାତ୍ରୀ ପେଟ୍ରୋଲ ଆଣି ନିଜ ଉପରେ ଢାଳିବା ସହ ଦେହରେ ନିଆଁ ଲଗାଇଦେଲେ ଏବଂ ସମସ୍ତେ ନୀରବଦ୍ରଷ୍ଟା ସାଜିଥିଲେ। କେହି କିଛି କଲେନାହିଁ। ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି ବୋଲି ଭକ୍ତ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲାଉରେ ଲାଉ**
**ଲାଉ ମାଛ କରି ତିଅଣ କରିଛ**
**ମୋ ବନ୍ଧୁ ଗାଧୋଇ ଯାଉ।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଲାଉ ମାଛ ବେସର ଦିଆ ତରକାରି ପାଟିକୁ ଭାରି ସୁଆଦିଆ ଲାଗୁଥିବା ବେଳେ ବନ୍ଧୁର ମନ ଜାଣି ଭୋଜନ ପ୍ରସ୍ତୁତ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଲାଭ ଖାଇବାକୁ ମାଧ ମହାନ୍ତି**
**ବୋଝ ବୋହିବାକୁ ଗୋଦରା ତନ୍ତୀ।**

ଜଣେ କଷ୍ଟ କରି କାମ କରେ ଆଉଜଣେ ସେ ଶ୍ରମର ଫଳ ଅନାୟାସରେ ଭୋଗ କରେ। ସମାଜରେ ଏଭଳି ଅନ୍ୟାୟର ଚିତ୍ର ଆଜି ଅନେକ ପରିଣାମରେ ଜୀବନକୁ ଗ୍ରାସ କରି ଚାଲିଛି। ଶାରୀରିକ ସ୍ତରରେ ଅକ୍ଷମ, ଦୁର୍ବଳ ତଥା ଦରିଦ୍ର ଲୋକଙ୍କୁ ପ୍ରୟୋଗ କରି ସବଳ ଲୋକେ ଫାଇଦା ଉଠାଇ ଚାଲୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଯେଉଁ ବନ୍ଧୁ ପାଖ ମାଡୁ ନ ଥିଲେ ଆଜି ନିଜ ତରଫରୁ ମିଶିବାକୁ ଆଗେଇ ଆସିବେ। ଶୁକ୍ର ନକ୍ଷତ୍ରସ୍ଥ ମଙ୍ଗଳଙ୍କ ଯୋଗୁ ସ୍ୱାସ୍ଥ୍ୟରେ ଉନ୍ନତି ସହ ଦୁର୍ବଳତା ଦୂର ହେବ। ପୁରୁଣା କଥାକୁ ନେଇ ସହକର୍ମୀଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ପାରିବାରିକ ସ୍ଥିତି, ବାଣିଜ୍ୟ ବ୍ୟବସାୟ, ଯାତ୍ରା ଏବଂ ସାଂଗଠନିକ ଆଲୋଚନା ମନ୍ଦ ହେବନି।

**ବୃଷ** ମାନସିକ ସ୍ୱାସ୍ଥ୍ୟ ଭଲ ରହିବା ସହ ଦିନଟି ଆନନ୍ଦରେ କଟିବ। ସମ୍ପର୍କୀୟମାନେ ଦୂରେଇ ଯାଉଥିବାରୁ ପର ଲୋକକୁ ଆପଣା କରିବାକୁ ବାଧ ହେବେ। ପାରିବାରିକ କ୍ଷେତ୍ର, ବନ୍ଧୁସମ୍ପର୍କ, ନୂତନ କର୍ମାରମ୍ଭ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କ ନିକଟରୁ ଯଥାସମ୍ଭବ ଦୂରେଇ ରହିବା ଭଲ ହେବ।

**ମିଥୁନ** ରବିଙ୍କ ପ୍ରଭାବରୁ ଅନ୍ତରଙ୍ଗ ବନ୍ଧୁଙ୍କ ସାହାଯ୍ୟ ଲାଭ କରି କାମ ହାସଲ କରିବାରେ ସମର୍ଥ ହେବେ। ଅତୀତରେ ଯାହାର ଉପକାର କରିଥିଲେ ସେ ହିଁ ସମସ୍ୟାର କାରଣ ହେବ। ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ଆଜି ସନ୍ଧ୍ୟାରେ ପାଇବେ। ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ମନ୍ଦ ନୁହେଁ।

**କର୍କଟ** ଦୃଢ଼ ମାନସିକତା ସଙ୍ଗକୁ ଆନୁଷଙ୍ଗିକ ସହଯୋଗ କାର୍ଯ୍ୟକ୍ଷେତ୍ରରେ ସାହାଯ୍ୟ କରିବ। ପରିସ୍ଥିତି ସହ ଟକ୍କର ଦେଇ ଆଗକୁ ବଢ଼ିବାର ଚେଷ୍ଟା ଅବ୍ୟାହତ ରଖିଲେ ସଫଳତା ପାଇବେ। ଆଲୋଚନା ମଝିରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବ। ସଙ୍ଗଠନ, ଗବେଷଣା, ଅଦାଲତ ଏବଂ ନିର୍ମାଣ କ୍ଷେତ୍ରରେ ସଫଳତା ମିଳିବ।

**ସିଂହ** ରାହୁଙ୍କ କୁପ୍ରଭାବରୁ ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହିଥିଲେ ମଧ୍ୟ କୌଶଳରେ କାମ ହାସଲ କରିପାରନ୍ତି। ପାରିବାରିକ ଜୀବନରେ ବୁଝାମଣା ନେଇ ଅଶାନ୍ତିକର ପରିସ୍ଥିତି ଦେଖାଦେଇପାରେ। ନୂତନ ଘର, ଗାଡ଼ି କିମ୍ବା କିଛି ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଆପଣଙ୍କ କାର୍ଯ୍ୟକଳାପକୁ ଅନ୍ୟମାନେ ନାପସନ୍ଦ କରିବେ।

**କନ୍ୟା** ଧନାଧିପତି ଶନି ଦୃଷ୍ଟିରେ ଥିବା ଯୋଗୁ ଅର୍ଥସମ୍ବନ୍ଧୀୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। କର୍ମକ୍ଷେତ୍ରରେ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ଜଗିରଖି ଆଗକୁ ପାଦ ବଢ଼ାନ୍ତୁ। ବାଣିଜ୍ୟ, ପରିବହନ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟା ରହିବ।

**ତୁଳା** ଶନିଚନ୍ଦ୍ର ସଂଯୋଗରୁ ଦୁଃଖ ଓ ଅଭିମାନକୁ ମନରେ ରଖି କାମ କରିବାକୁ ବାଧ ହେବେ। ଆର୍ଥିକ ସ୍ଥିତି ମଜଭୁତ ରହିବ ଏବଂ କୌଣସି ଯୁବ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଜିନିଷ ଅଦଳବଦଳ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବ।

**ବିଛା** ଗ୍ରହଙ୍କ ପ୍ରତିକୂଳ ସ୍ଥିତି ଶାରୀରିକ ଏବଂ ମାନସିକ କ୍ଷେତ୍ରକୁ ପ୍ରଭାବିତ କରିବ। ସାଧାରଣ କଥାକୁ କେନ୍ଦ୍ର କରି ବନ୍ଧୁଟି ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟ, ସାମ୍ବାଦିକତା ଓ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ପ୍ରତିଯୋଗିତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି।

**ଧନୁ** ଅଷ୍ଟମାଧିପତି ଚତୁର୍ଥସ୍ଥ ହେତୁ ପାରିବାରିକ ସ୍ଥିତି ଭଲ ରହିବ ନାହିଁ ଏବଂ ଲୋକପ୍ରିୟତା ହ୍ରାସ ପାଇବ। ନିଜ ପରିସରରେ ବନ୍ଧୁଙ୍କ ଦ୍ୱାରା ଆଦୃତ ହେବେ। ନୂଆ ଯୋଜନା, ଅବହେଳିତ କାମ, ଆଲୋଚନା, ଆନୁଷ୍ଠାନିକ କାମ ପ୍ରଭୃତିରେ ସଫଳତା ମିଳିବ। ନିଜ ଲୋକ ଦାଉ ସାଧୁଥିବାରୁ ସତର୍କ ରହିବା ଭଲ ହେବ।

**ମକର** ଆଜି ଧନସ୍ଥାନରେ ରାହୁଥିବାରୁ ଯାତ୍ରା ସମୟରେ ସତର୍କତା ରକ୍ଷା ନ କଲେ ଅର୍ଥ କିମ୍ବା ଦରକାରୀ କାଗଜପତ୍ର ହଜିଯାଇପାରେ। ବାଣିଜ୍ୟ, ସଭାସମିତି, ସାହିତ୍ୟାଦି କ୍ଷେତ୍ରରେ ସୁଫଳ ପାଇବେ। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହୋଇପାରିବ।

**କୁମ୍ଭ** ଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ମତାନ୍ତରଜନିତ ମନ ମାନ୍ଦା ରହିବ। ଆର୍ଥିକ ଦୁରବସ୍ଥା ଦୂରେଇ ଯିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ବାଣିଜ୍ୟ ଓ କଳା ସାହିତ୍ୟ, କ୍ରୀଡ଼ା,ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ସଭାସମିତି, ଚୁକ୍ତିପତ୍ର, ପରିବହନ ଓ ନିର୍ମାଣ କ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିପାରନ୍ତି।

**ମୀନ** ଆଜି ରାଶିରେ ଶନିଙ୍କ ସହ ଚନ୍ଦ୍ରଙ୍କ ଅବସ୍ଥିତି ହେତୁ ମାନସିକ ଶିଥିଳତା ଯୋଗୁ କାମ ଉତ୍ସାହପ୍ରଦ ନ ହୋଇପାରେ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ବିଶେଷ ଭାବରେ ପିଲାମାନଙ୍କ ଆଚରଣ ଓ କାର୍ଯ୍ୟକଳାପ ଦୁଶ୍ଚିନ୍ତାର କାରଣ ହେବ।

ଆଜି ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି। ନଦୀ ରଜସ୍ୱଳା, ବର୍ଷାଋତୁ ପ୍ରବେଶ, ଶ୍ରୀମନ୍ଦିରରେ ଦକ୍ଷିଣାୟନ ବନ୍ଦାପନା, ଜୁଲାଇ ୧୬ ତାରିଖ, ଶ୍ରାବଣ କୃଷ୍ଣ ଷଷ୍ଠୀ ବୁଧବାର। ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୦ମି. ଗତେ ଘ.୦୭.୦୫ମି. ମଧ୍ୟେ, ଘ.୧୦.୧୪ମି. ଗତେ ଘ.୧୧.୨୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୩୦ମି. ମଧ୍ୟେ ରାହୁ କାଳ।

# ୧୯ ଯାଏ ବର୍ଷା, ୬ ଜିଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର, ୧୫।୭(ଅନୁରାଧା ମହାରଣା)

ସାରା ରାଜ୍ୟରେ ମୌସୁମୀ ବର୍ଷା ଜାରି ରହିଛି। ମଙ୍ଗଳବାର ଜଗତ୍‌ସିଂହପୁରରେ ସର୍ବାଧିକ ୨୯.୨ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଝାରସୁଗୁଡ଼ାରେ ୧୬.୦ ମିମି, ବରଗଡ଼ରେ ୧୫.୬ ମିମି, ଭବାନୀପାଟଣାରେ ୧୧.୮ ମିମି, ସୋନପୁରରେ ୧୧.୬ ମିମି ଓ ନୟାଗଡ଼ରେ ୧୦.୦ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ୧୯ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଲାଗିରହିବ। ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ୬ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ନୂଆପଡ଼ା, ବଲାଙ୍ଗୀର, ସୋନପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ ଓ ଜଗତ୍‌ସିଂହପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି।

# ବେଦାନ୍ତ କମ୍ପାନୀ ନାଁରେ ସିଜିମାଳି ଖଣି ଲିଜ୍‌କୁ ବିରୋଧ



ବେଦାନ୍ତ ବିରୋଧରେ ମାଷ୍ଟରକ୍ୟାଣ୍ଟିନ୍‌ଠାରେ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭୁବନେଶ୍ୱର, ୧୫।୭(ଅନୁରାଧା ମହାରଣା)

## ବାତିଲ ଦାବିରେ ରାଜଧାନୀରେ ଗଣବିକ୍ଷୋଭ

ବେଦାନ୍ତ କମ୍ପାନୀ ସ୍ୱାର୍ଥରେ କୋରାପୁଟ ଏବଂ କଳାହାଣ୍ଡି ଜିଲାର ସିଜିମାଳି ଅଞ୍ଚଳରେ ସରକାରୀ ଦମନ ବନ୍ଦ କରିବା, ବିନା ଗ୍ରାମସଭାରେ ବେଦାନ୍ତକୁ ଦିଆଯାଇଥିବା ଖଣି ଲିଜ୍ ବାତିଲ କରିବା, ପ୍ରକୃତି ଓ ପରିବେଶ ସୁରକ୍ଷା ସହିତ ଆଦିବାସୀ, ଦଳିତ ଓ ଗରିବଙ୍କ ଜୀବନ ଜୀବିକା ବଞ୍ଚାଇବା ଆଦି ଦାବିରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ମଙ୍ଗଳବାର ବିଭିନ୍ନ ଗଣତାନ୍ତ୍ରିକ, ମାନବାଧିକାର ଓ ରାଜନୈତିକ ସଂଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରତିବାଦକାରୀମାନେ ନଦୀ, ଚାଷ ଜମି ଓ ଜଙ୍ଗଲ ଉପରେ ଆଦିବାସୀ ତଥା ସାଧାରଣ ଲୋକଙ୍କୁ ଅଧିକାର ଦେବାକୁ ଦାବି କରିଛନ୍ତି। ସେହିପରି ଗତ କିଛିଦିନ ଧରି ରାଜ୍ୟର ବିଭିନ୍ନ ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ଚାଲିଥିବା ସରକାରୀ ଦମନକୁ ବନ୍ଦ କରିବାକୁ ମଧ୍ୟ ଦାବି ହୋଇଛି। ଏଥିସହିତ ବିଭିନ୍ନ ଆନ୍ଦୋଳନକାରୀଙ୍କ ନାମରେ ହୋଇଥିବା ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବାକୁ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ନରେନ୍ଦ୍ର ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

ଏହି ଗଣ ପ୍ରତିବାଦରେ ବସ୍ତି ସୁରକ୍ଷା ମଞ୍ଚ, ଚାଷୀମୂଲିଆ ସମିତି, ଜନ ଅଧିକାର ମଞ୍ଚର ଓଡ଼ିଶା ଶାଖା, ଅଖିଳ ଭାରତ ଜନମଞ୍ଚ, ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ, ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନ, ଲୋକଶକ୍ତି ଅଭିଯାନ, ପୁରୀର ଜୀବନ-ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନ, ରାଷ୍ଟ୍ରୀୟ ଯୁବା ସଂଗଠନର ସଦସ୍ୟମାନଙ୍କ ସମେତ ସିପିଆଇଏମଏଲ- ଲିବରେଶନ, ଫରୱାର୍ଡ ବ୍ଲକ, ସିପିଆଇଏମ୍‌ଏଲ୍(ରେଡ ଷ୍ଟାର୍), ସିପିଆଇଏମ୍‌ଏଲ୍, ସିପିଆଇ ଭଳି ବାମପନ୍ଥୀ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇଥିଲେ। ସେହିପରି କୋରାପୁଟର କାଶୀପୁର ବ୍ଲକ ଏବଂ କଳାହାଣ୍ଡି ଜିଲାର ଥୁଆମୂଳ-ରାମପୁର ବ୍ଲକର 'ମା' ମାଟି ମାଳି ସୁରକ୍ଷା ମଞ୍ଚ'ର ସଦସ୍ୟମାନେ ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଗଙ୍ଗାବାଡ଼ ପଞ୍ଚାୟତରେ ସର୍ଭେ କଲା ଆନ୍ଧ୍ର

## ପୁଣି ତେଜିଲା ଆନ୍ଧ୍ର- ଓଡ଼ିଶା ବିବାଦ

### ସ୍ଥିତି ପରଖିଲେ ଉପଜିଲାପାଳ, ରାୟଗଡ଼ ତହସିଲଦାର

ପାରଳାଖେମୁଣ୍ଡି, ୧୫।୭ (ଗିରିଧାରୀ ପରିଛା)


ଗଜପତି ଜିଲା ପ୍ରଶାସନ ପକ୍ଷରୁ ଗଙ୍ଗାବାଡ ପଞ୍ଚାୟତରେ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

କିଛି ଦିନର ନୀରବତା ପରେ ଗଜପତି ଜିଲା ସୀମାନ୍ତରେ ଥିବା ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତ ଉପରେ ଆନ୍ଧ୍ରପ୍ରଦେଶର ନଜର ପଡ଼ିଛି। ଆନ୍ଧ୍ରର ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଏଠାରେ ସର୍ଭେ କରିବା ସହ ଏହି ପଞ୍ଚାୟତର ମାଣିକପାଟଣା, ଅମରିଙ୍ଗି, ବୁରୁସାହିରେ ରହିଥିବା ଲୋକଙ୍କ ବାସଗୃହ, ଓଡ଼ିଶା ସରକାରଙ୍କ ବନ ବିଭାଗ ବିଟ୍ ହାଉସ୍ ଏବଂ ସରକାରୀ ଅର୍ଥରେ ନିର୍ମିତ କୋଠଗୃହକୁ ଉଚ୍ଛେଦ କରିବା ପାଇଁ ସୋମବାର ଚେତାବନୀ ଦେଇଛନ୍ତି। ଏହି ସୂଚନା ପାଇବା ପରେ ମଙ୍ଗଳବାର ଗଜପତି ଜିଲା ପ୍ରଶାସନ ପକ୍ଷରୁ ୨ ଜଣ ଅଧିକାରୀ ଗଙ୍ଗାବାଡରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।

ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପକ୍କା ଘର, ଭତ୍ତା, ପିଲାଙ୍କ ଶିକ୍ଷା ପାଇଁ ଟଙ୍କା, ହଷ୍ଟେଲ ବ୍ୟବସ୍ଥା, ବସ୍ ସେବା ଭଳି ଅନେକ ପ୍ରଲୋଭନ ଦେଖାଇ ଆନ୍ଧ୍ର ଏହି ସବୁ ଗ୍ରାମକୁ ନିଜ ରାଜ୍ୟରେ ମିଶାଇବାକୁ ବହୁ ଦିନରୁ ଯୋଜନା ପ୍ରସ୍ତୁତ କରି ଉଦ୍ୟମ କରିଆସୁଛି। ତେବେ ସୀମାନ୍ତବର୍ତ୍ତୀ ଅଞ୍ଚଳ ପାଇଁ ଓଡ଼ିଶା ସରକାର ଯେତିକି ଗୁରୁତ୍ୱ ଦେବା କଥା ତାହା କରୁ ନ ଥିବାରୁ ଆନ୍ଧ୍ର ବିଭିନ୍ନ ସମୟରେ ଏଭଳି ପ୍ରୟାସ ଜାରି ରଖିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଆନ୍ଧ୍ରର ଅନୁପ୍ରବେଶ ଉଦ୍ୟମ ଖବର ପାଇବା ପରେ ଗଜପତି ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ଉପଜିଲାପାଳ ଅନୁପ ପଣ୍ଡା ଓ ରାୟଗଡ଼ ତହସିଲଦାର ସନ୍ତୋଷ ବାରିକ ସଂପୃକ୍ତ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ଉପଜିଲାପାଳ କହିଛନ୍ତି, ଗଙ୍ଗାବାଡ ହେଉଛି ଓଡ଼ିଶାର। ଏଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବହୁ ଉନ୍ନତିମୂଳକ କାର୍ଯ୍ୟ ପୂର୍ବରୁ କରାଯାଇଛି। ଏବେ ମଧ୍ୟ ଅନେକ କାର୍ଯ୍ୟ ଜାରି ରହିଛି। ପଡୋଶୀ ଆନ୍ଧ୍ରର ଅଧିକାରୀମାନଙ୍କ ଏପରି ବେଆଇନ କାର୍ଯ୍ୟ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯିବ। ଆନ୍ଧ୍ର ପୁଣି ଯଦି ଏଭଳି କାର୍ଯ୍ୟ ଜାରି ରଖେ, ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଣ୍ଡା ପ୍ରକାଶ କରିଛନ୍ତି। ଏଭଳି ସମସ୍ୟାର ସମାଧାନ କରିବାକୁ ହେଲେ ଉଭୟ ଶ୍ରୀକାକୁଲମ ଜିଲା ଓ ଗଜପତି ଜିଲାର ପ୍ରଶାସନିକ ସ୍ତରରେ ଆଲୋଚନା କରାଯାଇ ମିଳିତ ସର୍ଭେ ହେଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଉପଜିଲାପାଳ ପଣ୍ଡା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୩ ବର୍ଷ ତଳେ ମାଣିକପାଟଣା ଗାଁକୁ ଆନ୍ଧ୍ରର ଜଣେ ମନ୍ତ୍ରୀ ଆସି ଓଡ଼ିଶାର ଅଙ୍ଗନୱାଡ଼ି କେନ୍ଦ୍ରକୁ ଭାଙ୍ଗି ଦେଇଥିଲେ। ସେତେବେଳେ ପ୍ରଶାସନ ତରଫରୁ ମଧ୍ୟ ଏହାକୁ ବିରୋଧ କରାଯାଇଥିଲା।

# ତାମିଲନାଡୁରେ ଟ୍ରକ୍ ଧକ୍କାରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ଦାରିଙ୍ଗବାଡ଼ି, ୧୫।୭ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଗ୍ରୀନବାଡି ପଞ୍ଚାୟତର ଜଣେ ଯୁବକ ତାମିଲନାଡୁକୁ ରୋଜଗାର ପାଇଁ ଦାଦନ ଖଟିବାକୁ ଯାଇ ଟ୍ରକ ଧକ୍କାରେ ପ୍ରାଣ ହରାଇଛନ୍ତି। ସେ ହେଲେ ଗ୍ରୀନବାଡି ଗ୍ରାମର ରଘୁନାଥ ନାୟକ ଓରଫ ଦାସିଆ (୨୭)। ରଘୁନାଥ ପରିବାର ଚଳାଇବାକୁ ଗତବର୍ଷ ପରିବାର ଧରି ତାମିଲନାଡୁ ଚାଲିଯାଇଥିଲେ। ସେଠାରେ ସେ ତ୍ରିପୁର ଅଞ୍ଚଳରେ ରହି ଏକ କମ୍ପାନୀରେ କାମ କରୁଥିଲେ। ଗତ ସପ୍ତାହରେ ରଘୁନାଥ ବାଇକ୍‌ରେ ଯାଉଥିବା


ରଘୁନାଥ ନାୟକ ଓରଫ ଦାସିଆ (ଫାଇଲ ଫଟୋ)।

ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୁଣ୍ଡକୁ ଶକ୍ତ ଧକ୍କା ଲାଗିଥିବାରୁ ସେ କୋମାକୁ ଚାଲିଯାଇଥିଲେ। ପରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଦୁର୍ଘଟଣା ପରେ ସମ୍ପୃକ୍ତ ଟ୍ରକଟି ଫେରାର ହୋଇଯାଇଛି। ବର୍ତ୍ତମାନ ତାମିଲନାଡୁରୁ ନିଜ ଗ୍ରାମକୁ କିଭଳି ମୃତଦେହ ଅଣାଯିବ ସେନେଇ ପରିବାର ଲୋକେ ଚିନ୍ତାରେ ଅଛନ୍ତି। ରଘୁନାଥଙ୍କ ସ୍ତ୍ରୀ ଜନପ୍ରିୟା ଓ ଦୁଇ ବର୍ଷର ପୁତ୍ର ସନ୍ତାନ ଅଛନ୍ତି। ଗାଁରେ ବିଧବା ମା'ଜାନକୀ ପୁଅର ମୃତ୍ୟୁ ଖବର ଶୁଣି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ଗ୍ରାମର ଭୁ୍ୟତମ ଶୋଭାସୁନ୍ଦର କହିଛନ୍ତି।

# ଟାଟାର ବିଦ୍ୟୁତ୍ ସେବା:୧ କୋଟି ଉପଭୋକ୍ତା ଦେବେ ମତ

ଭୁବନେଶ୍ୱର,୧୫।୭(ରବିନାରାୟଣ ଜେନା)

- ଜନଶୁଣାଣି ବେଳେ ଓଇଆର୍‌ସି ଅଧ୍ୟକ୍ଷ କ୍ଷୁବ୍ଧ
- ଅଗଷ୍ଟ ୨୯ରେ ଟାଟା ନିଷ୍ପତ୍ତି

ରାଜ୍ୟରେ ଟାଟାର ବିଦ୍ୟୁତ୍ ସେବାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବାବେଳେ ମଙ୍ଗଳବାର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ( ଓଇଆର୍‌ସି)ରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ଏକ ମାମଲାର ଶୁଣାଣି ବେଳେ ଓଇଆର୍‌ସିର ପୂର୍ବତନ ସଭ୍ୟ ବିଜୟ ଚନ୍ଦ୍ର ଜେନା ଭାଗନେଇ ଟାଟାର ବିଦ୍ୟୁତସେବା ଉପରେ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ଅଧ୍ୟକ୍ଷ ପ୍ରଦୀପ ଜେନା ମଧ୍ୟ କ୍ଷୁବ୍ଧ ହୋଇଥିଲେ। ଏହାକୁ ନେଇ ଅଧ୍ୟକ୍ଷ ରାଜ୍ୟର ୧କୋଟି ଉପଭୋକ୍ତାଙ୍କ ମତାମତ ଜାଣିବାକୁ ଚାହିଁଥିଲେ। ଆସନ୍ତା ଏକମାସ ମଧ୍ୟରେ ଉପଭୋକ୍ତାଙ୍କ ମତାମତ ଆସିବା ପରେ ଟାଟାର ସେବା ଉପରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ମଙ୍ଗଳବାର ଓଇଆର୍‌ସି ଜନଶୁଣାଣିରୁ ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଟାଟା ଆବଣ୍ଟନ କମ୍ପାନୀଗୁଡ଼ିକର (ଟିପିସିଓଡିଏଲ, ଟିପିଡବ୍ଲ୍ୟୁଓଡିଏଲ, ଟିପିଏସ୍‌ଓଡିଏଲ ଓ ଟିପିଏନ୍‌ଓଡିଏଲ) ବିଦ୍ୟୁତସେବା ବିରୋଧରେ ଉପଭୋକ୍ତାଙ୍କ ଅସନ୍ତୋଷ ଓ ଅଭିଯୋଗ ପାଇବା ପରେ ଓଇଆରସିର ନିର୍ଦ୍ଦେଶକ (ନିୟାମକ ବ୍ୟାପାର) ଏକ କେସ୍ ୫୧/୨୦୨୫ ପଞ୍ଜୀକରଣ କରି ମାମଲା ଦାୟର କରିଥିଲେ। ଏହି କେସ୍‌ର ଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଓଇଆର୍‌ସିର ପୂର୍ବତନ ସଭ୍ୟ ବିଜୟ ଚନ୍ଦ୍ର ଜେନା ଶୁଣାଣିରେ ଭାଗନେଇ ଟାଟାର ବିଦ୍ୟୁତ ସେବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରମାଣ ସ୍ୱରୂପ ୧୦ଟି ଉଦାହରଣ ଆୟୋଗଙ୍କ ସମ୍ମୁଖରେ ଥିବା ଏଲ୍ଇଡି ସ୍କ୍ରିନରେ ଦର୍ଶାଇଥିଲେ। ବିଦ୍ୟୁତ ସବ୍‌ଷ୍ଟେଶନ, ଖୁଣ୍ଟ ଓ ତାର ଉପରେ ଗଛ ମାଡିଯିବାରୁ କିଭଳି ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇଛି ତା'ର ଅସଲ ଚିତ୍ର ଦେଖାଇଥିଲେ। ବିଦ୍ୟୁତସେବାର ଏସବୁ ଚିତ୍ର ଶକ୍ତିକ୍ଷେତ୍ରର ବିଧିବ୍ୟବସ୍ଥା ଓ ନୀତିନିୟମର ଘୋର ପରିପନ୍ଥୀ ବୋଲି ସେ କହିଥିଲେ।

ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ଏହି ଅଭିଯୋଗକୁ ଗ୍ରହଣ କରି ଏହା ଉପରେ ଅଧିକରୁ ଅଧିକ ଉପଭୋକ୍ତାଙ୍କ ମତାମତ ଆବଶ୍ୟକ ଥିବା ଅନୁଭବ କରିଥିଲେ ଓ ଏହାକୁ ଜନଶୁଣାଣି ମାଧ୍ୟମରେ ଫଇସଲା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏନେଇ ଏକ ସାଧାରଣ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ଆୟୋଗଙ୍କ ସଚିବ ପ୍ରିୟବ୍ରତ ପଟ୍ଟନାୟକଙ୍କୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ସାଧାରଣ ବିଜ୍ଞପ୍ତି ପ୍ରକାଶ ପାଇବାର ଏକମାସ ମଧ୍ୟରେ ଓଡ଼ିଶାର ଏକ କୋଟି ଉପଭୋକ୍ତା ଟାଟା ବିଦ୍ୟୁତସେବା ଉପରେ ନିଜ ନିଜର ମତାମତ ପ୍ରଦାନ କରିବା ପାଇଁ ସକ୍ଷମ ହେବେ। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୯ ତାରିଖକୁ ଧାର୍ଯ୍ୟ ହୋଇଛି। ଉକ୍ତ ଦିନ ଟାଟାର ଭାଗ୍ୟ ନିର୍ଦ୍ଧାରଣ ହେବ ବୋଲି ଶୁଣାଣିରୁ ଜଣାଯାଇଛି।

# କାନ୍ଥ ପଡ଼ି ବୃଦ୍ଧା ମୃତ

ଟେନ୍‌ସା, ୧୫।୭(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ କାଲଟା ଫାଣ୍ଡି ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ କାନ୍ଥ ପଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ବୃଦ୍ଧା ହେଲେ କାନ୍ଧେଇ ବାଗ(୭୦)। ଏନେଇ କୋଇଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ କୋଇଡ଼ା ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ପାଣି କାନ୍ଧେଇଙ୍କ ଘରେ ପଶି ଯାଇଥିଲା। କାନ୍ଧେଇ ଶୋଇଥିବାବେଳେ ମାଟି କାନ୍ଥ ପଡିଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ଖବର ପାଇ କାଲଟା ଫାଣ୍ଡି ଅଧିକାରୀ ସି.ଆର୍ ପାଣ୍ଡେ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋଇଡା ଡାକ୍ତରଖାନାକୁ ପଠାଇଥିଲେ।

## ଅପରାଧ

# ବଡ଼ଭାଇଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ଗୋଲାମୁଣ୍ଡା/କେଗାଁ, ୧୫।୭(ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି)

## ଜମି ବିବାଦକୁ କେନ୍ଦ୍ରକରି ହତ୍ୟାକାଣ୍ଡ

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ମଙ୍ଗଳବାର କଳାହାଣ୍ଡି ଜିଲା କେଗାଁ ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ସାନଭାଇଙ୍କ ଟାଙ୍ଗିଆ ଚୋଟରେ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋକୁଳ କେତକୀ (୪୫)। ସୂଚନା ଅନୁଯାୟୀ, କେଗାଁ ଥାନା ମହାଲିଙ୍ଗ ଗ୍ରାମର କୋଳିଆପଡାଠାରେ ଥିବା ବିଲରେ ମଙ୍ଗଳବାର ତିନି ଭାଇ ମିଶି ଚାଷ କାର୍ଯ୍ୟ କରୁଥିଲେ। ତିନି ଭାଇଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ପୂର୍ବରୁ ପାଟିତୁଣ୍ଡ ହୋଇଥିଲା। ଚାଷକାର୍ଯ୍ୟ ସମୟରେ ପୁରୁଣା ବିବାଦ ଉଗ୍ରରୂପ ନେଇଥିଲା। ପ୍ରତିଶୋଧ ପରାୟଣ ହୋଇ ସାନଭାଇ ଚିତ୍ରସେନ କେତକୀ ନିଜ ବଡ଼ ଭାଇ ଗୋକୁଳଙ୍କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଘଟଣା ପରେ ଅଭିଯୁକ୍ତ ଚିତ୍ରସେନ ଥାନାରେ ଆତ୍ମସମର୍ପଣ କରିଥିଲେ। ପରିବାରଠାରୁ ଅଭିଯୋଗ ପାଇ କେଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ତେବେ ମୃତକଙ୍କ ଆଉ ଜଣେ ଭାଇ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ କେଗାଁ ଥାନାଧିକାରୀ ମୁକୁନ୍ଦ ନାୟକଙ୍କୁ ପଚାରିବାରୁ ତଦନ୍ତ ପରେ ସବିଶେଷ ତଥ୍ୟ ଦେଇହେବ ବୋଲି ସୂଚନା ଦେଇଥିଲେ।

# କର୍ପୋରେଟରଙ୍କ ସମେତ ୫ଜଣଙ୍କୁ ଜାମିନ

ଭୁବନେଶ୍ୱର,୧୫।୭(ସତ୍ୟଜିତ୍ ରାଉତ)

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ଗିରଫ ହୋଇଥିବା ୨୯ ନଂ. ୱାର୍ଡର କର୍ପୋରେଟର ଅପରୂପ ନାରାୟଣ ରାଉତ ଓରଫ ଜୀବନ, ରଶ୍ମି ମହାପାତ୍ର, ଦେବାଶିଷ ପ୍ରଧାନ, ସଞ୍ଜୀବ ମିଶ୍ର ଓ ସଚ୍ଚିକାନ୍ତ ସ୍ୱାଇଁଙ୍କୁ କୋର୍ଟରୁ ଆଶ୍ୱସ୍ତି ମିଳିଛି। ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟ ୫ ଅଭିଯୁକ୍ତଙ୍କୁ ମଙ୍ଗଳବାର ଜାମିନ ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଅଭିଯୁକ୍ତ ୩୦ ହଜାର ଟଙ୍କା ସହ ଗୋଟିଏ ଜାମିନଦାର ମାଧ୍ୟମରେ ବେଲ୍‌ରେ ମୁକୁଳିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଭିଯୁକ୍ତମାନେ ମାମଲାର ଅଭିଯୋଗକାରୀ ଓ ସାକ୍ଷୀମାନଙ୍କୁ ଧମକାଇବେ ନାହିଁ ବୋଲି ବିଚାରପତି ସର୍ତ୍ତ ରଖିଛନ୍ତି। ଏହି ମାମଲାରେ ଗିରଫ ହୋଇଥିବା ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କୁ ଅଦାଲତ ଗତ ୯ ତାରିଖରେ ଜାମିନ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ରତ୍ନାକର ଜୁଲାଇ ୩୦ରେ ଅଭିଯୋଗ ଶୁଣାଣି କରୁଥିବାବେଳେ ଦିନ ପ୍ରାୟ ୧୧ଟା ୩୦ରେ ଜୀବନଙ୍କ ସହ ଅନ୍ୟ ୪/୫ଜଣ ବ୍ୟକ୍ତି ହଠାତ୍ ଅଭିଯୋଗ ପ୍ରକୋଷ୍ଠକୁ ପଶି ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କୁ କାହିଁକି ଦୁର୍ବ୍ୟବହାର କରିଥିଲ ବୋଲି ପ୍ରଶ୍ନ କରିଥିଲେ। ଏଥିସହ ସେମାନେ ରତ୍ନାକରଙ୍କ ଛାତିକୁ ଗୋଇଠା ମାରିବା ସହ କଲର ଧରି ଲବିରୁ ଗେଟ୍ ପର୍ଯ୍ୟନ୍ତ ଘୋଷାରି ନେଇ ଗାଡ଼ିରେ ବସାଇବାକୁ ଉଦ୍ୟମ କରିଥିଲେ। ଏନେଇ ରତ୍ନାକରଙ୍କ ଏତଲାକ୍ରମେ ପୋଲିସ ହତ୍ୟା ଉଦ୍ୟମ ସହ ଅନ୍ୟାନ୍ୟ ଦଫାରେ ଏକ ମାମଲା (ନଂ.୨୮୦/୨୦୨୫) ରୁଜୁ କରିଛି।

# ୩ ବାଘଛାଲ ଜବତ,୭ ଅଟକ

ବାରିପଦା,୧୫।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ଓ ଖୁଣ୍ଟା ଥାନା ଅଞ୍ଚଳରେ ସୋମବାର ବନ ବିଭାଗ ଚଢ଼ାଉକରି ୩ଟି କଲରାପତରିଆ ବାଘଛାଲ ଜବତ କରିବା ସହ ୭ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ତଦନ୍ତରେ ବାଧା ଉପୁଜିବା କାରଣରୁ ଅଭିଯୁକ୍ତମାନଙ୍କ ପରିଚୟ ଗୋପନ ରଖାଯାଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି। ସୂଚନାଯୋଗ୍ୟ, ବାଘଛାଲ କାରବାର ହେଉଥିବା ନେଇ ବନ ବିଭାଗର ସ୍ୱତନ୍ତ୍ର ଗୋଇନ୍ଦା ଟିମ୍ ଖବର ପାଇଥିଲା। ବିଭାଗୀୟ କର୍ମଚାରୀମାନେ ଗ୍ରାହକ ସାଜି ମୂଲଚାଲ କରିଥିଲେ। ଯୋଜନା ମୁତାବକ ସୋମବାର ବିଳମ୍ବିତ ରାତିରେ କର୍ମଚାରୀମାନେ ବଡ଼ସାହି ଥାନା ପାଉଁଶିଆ ଗ୍ରାମର ଗୁରୁପ୍ରସାଦ ପାତ୍ରଙ୍କ ଘରେ ଚଢ଼ାଉ କରିଥିଲେ। ତାଙ୍କ ଘରୁ ୨ଟି ବାଘଛାଲ ଜବତ କରିଥିଲେ। ସେହିପରି ଖୁଣ୍ଟା ଥାନା ଅଧୀନ ପଶୁଦା ଗ୍ରାମରେ ଚଢ଼ାଉକରି ଗୋଟିଏ ବାଘଛାଲ ଜବତ କରିଥିଲେ। ଏହି ଦୁଇଟି ଘଟଣାରେ ସମ୍ପୃକ୍ତ ଥିବା ୭ଜଣଙ୍କୁ ଅଟକ ରଖି ବନ ବିଭାଗ ଅଧିକ ତଦନ୍ତ ଜାରି ରଖିଛି।

# ମାସେ ପରେ ଜବତହେଲା ଗଳିତ ହାତୀର ଦାନ୍ତ

ନୀଳଗିରି, ୧୫।୭(ପ୍ରଶାନ୍ତ ବିଶ୍ୱାଳ)


ଜବତ ହାତୀ ଦାନ୍ତ।

ଦୀର୍ଘ ୧ ମାସର ବ୍ୟବଧାନ ପରେ ବନବିଭାଗକୁ ମିଳିଛି ସଫଳତା। ଜୁନ୍ ୧୫ ତାରିଖରେ କୁଲଡ଼ିହା ଅଭୟାରଣ୍ୟ ପୁଟିବନ୍ଧ ହୁଡ଼ିସାହି ନିକଟରେ ଏକ ଗଳିତ ଦନ୍ତାହାତୀର ମୃତଦେହ ପଡ଼ିଥିବା ଖବରପାଇ ବନବିଭାଗ ଶିକାରୀ ସନ୍ଧାନରେ ଜାଲ ବିଛାଇଥିଲା। ଏହି ଘଟଣାରେ ୫ଜଣ ଶିକାରୀଙ୍କୁ ବିଭାଗ ଗିରଫ କରିଥିଲା। ମୁଖ୍ୟ ଆସାମୀ ସହିତ ହାତୀଦାନ୍ତ ଠାବ କରିବାରେ ବିଫଳ ହୋଇଥିଲା। ସୋମବାର ବାଲେଶ୍ୱର ଏସିଏଫ୍‌ଓ ଦିଗନ୍ତ ଶୋଭନ ଚାନ୍ଦ ଏବଂ କୁଲଡ଼ିହା ରେଞ୍ଜ ଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ବରହମପୁର ପୋଲିସ ସହାୟତାରେ ମୁଖ୍ୟ ଅଭିଯୁକ୍ତ କେସିପୁର ପଞ୍ଚାୟତ ବେତକଟା ଗ୍ରାମର ସୁଶାନ୍ତ କୁମାର ନାୟକଙ୍କ ଘରେ ଚଢାଉ କରି ଉକ୍ତ ହାତୀର ଦୁଇଟି ଦାନ୍ତ ଜବତ କରିଛି। ତେବେ ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ସେହିପରି ଉକ୍ତ ଟିମ୍ ତେଲିପାଳ ପଞ୍ଚାୟତ ଭଗାବନ୍ଧ ଗ୍ରାମରେ ଚଢାଉ କରା ଦିନା ମୁର୍ମୁଙ୍କ ନିକଟରୁ ପୁରୁଣା ହାତୀଦାନ୍ତ ଜବତ କରି ଅଭିଯୁକ୍ତ ଦିନାଙ୍କୁ ନିଜ ହେପାଜତକୁ ନେଇ ଅଧିକ ତଦନ୍ତ ଚଳାଇଛି।

DSPL-171


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଡେଙ୍ଗୁ ନିରାକରଣ ସଚେତନତା ମାସ
ଜୁଲାଇ ୨୦୨୫

ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ଡ଼େଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଡେଙ୍ଗୁ ଏକ ଋତୁକାଳୀନ ଭୂତାଣୁ ଜନିତ ରୋଗ। ଏଡ଼ିସ୍ ମଶା କାମୁଡିବା ଦ୍ୱାରା ଏହି ରୋଗ ସଂକ୍ରମିତ ହୋଇଥାଏ।ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ଆଖପାଖରେ ଜମିରହୁଥିବା ସ୍ଥିର ଓ ପରିଷ୍କାର ପାଣିରେ ଏଡିସ୍ ମଶା ଡିମ୍ବ ଦେଇ ବଂଶ ବିସ୍ତାର କରିଥାଏ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଟ୍ରେର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଖଡ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଏଡିସ୍ ମଶା ସାଧାରଣତଃ ଘର ଭିତରେ ସୋଫା, ଖଟ, ଆଲମିରା ଓ ଥାକ ତଳେ ଅନ୍ଧାରୁଆ ସ୍ଥାନରେ ବିଶ୍ରାମ ନେଇଥାଏ
- ଏହି ମଶା ସାଧାରଣତଃ ସକାଳ ଏବଂ ଅପରାହ୍ନ (ଗୋଧୂଳି) ସମୟରେ କାମୁଡ଼ିଥାଏ। ମନୁଷ୍ୟ ଶରୀରର ବାହାର ଅଙ୍ଗ ଯଥା; ଗୋଡ, ହାତ, ମୁହଁ, ନାକ ଏବଂ କାନକୁ ଏହି ମଶା କାମୁଡିଥାଏ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର ସହିତ ଆଣ୍ଠୁ-ଗଣ୍ଠି ବିନ୍ଧା, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ, ଡେଙ୍ଗୁ ରୋଗରୁ ନିଜକୁ ସୁରକ୍ଷିତ ରଖନ୍ତୁ

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
http://www.health.odisha.gov.in/
@HFWOdisha

OIPR-10003/13/0234/2526

ମନୁଷ୍ୟମାନେ ଭଗବାନଙ୍କଠାରୁ ଦୂରେଇ ଯାଇପାରନ୍ତି ଏବଂ ସେମାନେ ପ୍ରାୟ ସବୁବେଳେ ହିଁ ଦୂରେଇ ଯାନ୍ତି। କିନ୍ତୁ ପରମକାରୁଣିକ ଭଗବାନଙ୍କ ପକ୍ଷରେ ମନୁଷ୍ୟଠାରୁ ଦୂରେଇ ଯିବା ଅସମ୍ଭବ ବ୍ୟାପାର। -ଶ୍ରୀମା

-ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି ଓ ହଳ ନିଷେଧ

# ପୋଲ ନ ଭାଙ୍ଗୁ

ଅବ୍ୟବସ୍ଥିତ ଜୀବନଶୈଳୀ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଜୀବନ ପାଇଁ ବିପଦ ପାଲଟିଲାଣି। ଏହାଯୋଗୁ ବିଭିନ୍ନ ପ୍ରକାର ଅଣ-ସଂକ୍ରାମକ ରୋଗ ଯଥା ମଧୁମେହ, ମେଦବହୁଳତା, ଉଚ୍ଚ ରକ୍ତଚାପ, ହୃଦ୍‌ଘାତ ଦ୍ରୁତ ଗତିରେ ବଢ଼ିଚାଲିଛି। ଯେତେ ରୋଗ ଭାରତୀୟମାନଙ୍କୁ ପ୍ରଭାବିତ କରୁଛି ତନ୍ମଧ୍ୟରୁ ୫୬% ଏହିଭଳି ଅସ୍ୱାସ୍ଥ୍ୟକର ଜୀବନଶୈଳୀ ସହ ସମ୍ପୃକ୍ତ ରୋଗ ବୋଲି ଇଣ୍ଡିଆନ କାଉନ୍‌ସିଲ ଫର୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ୨୦୨୪ ରିପୋର୍ଟରୁ ଜଣାପଡ଼ିଛି । ଏହାକୁ ଲକ୍ଷ୍ୟ କରି ନିକଟରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ସରକାରୀ କାର୍ଯ୍ୟାଳୟ, ସ୍କୁଲ ଓ ସାର୍ବଜନୀନ ସ୍ଥାନରେ ପ୍ରସ୍ତୁତ ଖାଦ୍ୟ ଯଥା ସିଙ୍ଗଡ଼ା, କଚୋଡ଼ି, ପିଜା, ବର୍ଗର, ଜିଲାପି ଏବଂ ଗୋଲାପଜାମୁ ଆଦିରେ କେତେ ସୁଗାର ଓ ଫ୍ୟାଟ ରହୁଛି ସେ ସମ୍ପର୍କିତ ବୋର୍ଡ କିମ୍ବା ଡିଜିଟାଲ ପୋଷ୍ଟର ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ପଦକ୍ଷେପର ଲକ୍ଷ୍ୟ ହେଉଛି ଲୋକେ କିଭଳି ସୁସ୍ଥ ଜୀବନଶୈଳୀ ଆପଣାଇବେ ଏବଂ ବିଭିନ୍ନ ପ୍ରକାର ରୋଗରୁ ମୁକ୍ତ ହେବେ। ଏହା ପୂର୍ବରୁ ମଧ୍ୟ ୨୧ ଜୁନ୍‌ରେ କାର୍ଯ୍ୟାଳୟଗୁଡ଼ିକରେ ବ୍ୟବହାର କରାଯାଉଥିବା ଲେଟରହେଡ୍, ଏନ୍‌ଭଲ୍‌ପ ଏବଂ ନୋଟ୍‌ପ୍ୟାଡ୍ ଆଦିରେ ମେଦବହୁଳତା ରୋକିବା ସମ୍ପର୍କିତ ବାର୍ତ୍ତା ଉଲ୍ଲେଖ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଥିଲା। ଏବେ ଆଇସିଏମ୍‌ଆର୍ ଓ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନ୍ୟୁଟ୍ରିଶନ (ଏନ୍‌ଆଇଏନ୍) ତରଫରୁ ପ୍ରସ୍ତୁତ କରାଯାଇଥିବା ମଡେଲ ବୋର୍ଡରେ ଦର୍ଶାଯାଇଛି ଯେ, ଦିନକୁ ଅତିବେଶିରେ ଜଣେ ବ୍ୟକ୍ତି ୨୫ ଗ୍ରାମ୍ ସୁଗାର ଓ ୩୦ଗ୍ରାମ୍ ଫ୍ୟାଟ୍ ଖାଇପାରିବେ। ଏହି ବୋର୍ଡ ସାର୍ବଜନୀନ ସ୍ଥାନରେ ଲଗାଗଲେ ଖାଇବା ପୂର୍ବରୁ ଲୋକେ ଚିନ୍ତା କରିବେ ବୋଲି କୁହାଯାଇଛି। ଆଇସିଏମ୍‌ଆର୍ ବୈଜ୍ଞାନିକଙ୍କ ମତରେ ବୋର୍ଡ ଦେଖିଲେ ତିନୋଟି ସିଙ୍ଗଡ଼ା ଖାଉଥିବା ଜଣେ ଲୋକ ଗୋଟିଏରେ ଅଟକି ଯିବ। କିନ୍ତୁ ଏହି ତାଲିକାରେ ଚିପ୍ସ, କୁର୍‌କୁରେ ଭଳି ପ୍ୟାକେଟରେ ମିଳୁଥିବା ଖାଦ୍ୟକୁ ବାରଣ କରିବା ପାଇଁ ଉପଦେଶ ଦିଆଯାଇ ନାହିଁ। ଅର୍ଥାତ ବଡ଼ କମ୍ପାନୀ ସୁରକ୍ଷିତ ରହି ବିଷାକ୍ତ ଖାଦ୍ୟ ବିକି ପାରିବେ। ଅନ୍ୟ ପଟେ ରାସ୍ତକଡ଼ର ସିଙ୍ଗଡ଼ା ଏବଂ ଜିଲାପି ବିକୁଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ଉପରେ ସରକାର କଳର ଚଢ଼ାଉ ଆରମ୍ଭ ହେବ।

ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯେ, ସିଙ୍ଗଡ଼ା ଖାଉଥିବା ଲୋକଙ୍କୁ ସଂଖ୍ୟା ପରିବର୍ତ୍ତେ ଆକାର ବେଶି ପ୍ରଭାବିତ କରିଥାଏ। ଭୋକ ହେଉଥିବାବେଳେ ୫ରୁ ୭ ସିଙ୍ଗଡ଼ା ଖାଇଦେବା କୌଣସି ଗୋଟେ ବଡ଼ କଥା ନୁହେଁ। ଯଦି ସିଙ୍ଗଡ଼ାରେ ଅଧିକ ଲଙ୍କା ପଡ଼ିଥିବ, ତେବେ ସେହି ରାଗ ସମ୍ଭାଳିବା ପାଇଁ ୪/୫ଟି ଜିଲାପି ଖାଇହୁଏ। ଏଠାରେ ମନେପଡ଼େ ବିହାରରୁ ଆସିଥିବା ଏକ ରାଜନୈତିକ ଧ୍ୱନି, ଯାହା ହେଲା ''ଯବ୍‌ତକ୍ ରହେଗା ସମୋସେ (ସିଙ୍ଗଡ଼ା)ମେ ଆଲୁ, ତବ୍‌ତକ୍ ରହେଗା ବିହାର ମେ ଲାଲୁ''। ଏଭଳି ପରିସ୍ଥିତିରେ ସମସ୍ତେ ଜାଣନ୍ତି ଯେ, ଆଳୁରେ ମଧ୍ୟ ସୁଗାର ବା ଚିନି ଅଂଶ ଥାଏ, ଯେଉଁଥିପାଇଁ ମଧୁମେହ ବା ଡାଇବେଟିସ ରୋଗୀଙ୍କୁ ଆଳୁ ଓ ଭାତ ଖାଇବାକୁ ମନା କରାଯାଏ। କେବଳ ସିଙ୍ଗଡ଼ା କିମ୍ବା ଜିଲାପି ଉପରେ ନୋଟିସ ଲଗାଇ ବିକ୍ରି କରିଦେଲେ ଦେଶ ସୁସ୍ଥ ହେବ ନାହିଁ। ଭାରତୀୟ ଯୁବତୀଯୁବକଙ୍କୁ ଦେଖିଲେ ସେମାନଙ୍କ ଶାରୀରିକ ପରିସ୍ଥିତି ଉପରେ ଦୟା ଆସେ। ଅଧିକାଂଶ ପ୍ରକାରର ଖାଦ୍ୟ ହଜମ କରିବାର ଶକ୍ତି ମଣିଷ ଦେହରେ ଅଛି। କିନ୍ତୁ ଶରୀର ପାଇଁ ଅତ୍ୟନ୍ତ ଆବଶ୍ୟକ ହେଉଛି କଠିନ ବ୍ୟାୟାମ। ଖାଦ୍ୟଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଧାରଣ କରୁଛି ଶାରୀରିକ ବ୍ୟାୟାମ। ଏଠାରେ ବ୍ୟାୟାମ କହିବାର ଅର୍ଥ ନୁହେଁ ଜଣେ ଜିମ୍‌କୁ ଯାଇ ଓଜନ ଉଠାଇବ। ନିଜର ସବୁ କାର୍ଯ୍ୟ କରିବା ସହିତ ଯଦି ଘର କାମ ଏବଂ ବାହାର କାମ କରିବା ପାଇଁ ସାଧାରଣରେ ଯୁବଶକ୍ତି ସକ୍ରିୟ ହୋଇପାରିବ, ତେବେ ପେଟ ବାହାରିବ ନାହିଁ କିମ୍ବା ଗେଣ୍ଡା ଭଳିଆ କେହି ଦେଖାଯିବେ ନାହିଁ। ସବୁ ପ୍ରକାର ଖାଦ୍ୟ ଉପରେ କଟକଣା ଲଗାଇ ସେଥିରେ ମିଶୁଥିବା ଅଖାଦ୍ୟ ସମ୍ପର୍କରେ ଲିଖିତ ଭାବେ ଦିଆଗଲେ ମଧ୍ୟ ଅଧିକାଂଶ ନାଗରିକ ସେଗୁଡ଼ିକ ବୁଝିପାରିବେ ନାହିଁ। ସୁପ୍ରିମକୋର୍ଟ ହେଉ କିମ୍ବା ପାର୍ଲାମେଣ୍ଟ ସିଗାରେଟ ଭଳି ଖାଦ୍ୟ ଉପରେ ଅରୁଚିକର ଚିତ୍ର ମାରିଲେ କେହି ଖାଦ୍ୟ ତ୍ୟାଗ କରିପାରିବେ ନାହିଁ। ଜୀବନଶୈଳୀ ଏବଂ ଖାଦ୍ୟ ପସନ୍ଦ କରିବା ହେଉଛି ବ୍ୟକ୍ତିଗତ ବିଷୟ। ଆଜିକାଲି ପିଲାମାନେ ମଧ୍ୟ ଅତ୍ୟଧିକ ମୋଟା ହେବା ପଛରେ ସ୍ୱିଗି ଏବଂ ଜୋମାଟୋ ଭଳି ଘରେ ଆଣି ତେଲିଆ ଖାଦ୍ୟ ଯୋଗାଉଥିବା ବ୍ୟବସ୍ଥା ଦାୟୀ। ସେଥିପାଇଁ ଲିଫ୍ଟ ପରିବର୍ତ୍ତେ ଶିଡ଼ି ଚଢ଼ିବା, ଶୋଷ ହେଲେ ନିଜେ ଉଠିକରି ପାଣି ଗ୍ଲାସ ପିଇବା ଭଳି ସହଜ ଏବଂ ସାଧାରଣ କାର୍ଯ୍ୟ କରିବା ସହିତ ନିଜର ସୁସ୍ଥତା ପାଇଁ ବ୍ୟାୟାମ କରିବା ଅତ୍ୟନ୍ତ ଆବଶ୍ୟକ। ସେଥିରେ ସରକାର କିମ୍ବା ଦେଶର ବ୍ୟବସ୍ଥା ମୁଣ୍ଡ ପୂରାଇବା ପରିବର୍ତ୍ତେ ଜନସାଧାରଣ ନିଜ ତରଫରୁ ସଜାଗ ହୋଇ ପରିଶ୍ରମ କରିବା ଦରକାର। ଏହାଛଡ଼ା ସରକାର ନିଜ କାମକୁ ଯଥା ବ୍ରିଜ ନିର୍ମାଣ, ରାସ୍ତା ତିଆରି ଭଳି କାର୍ଯ୍ୟକୁ ଗୁରୁତ୍ୱ ଦେବା ସହିତ ଦେଶ ଏବଂ ମହିଳାଙ୍କ ସୁରକ୍ଷାକୁ ଅଧିକ ଧ୍ୟାନ ଦେଇ ପାରିଲେ ତାହା ନାଗରିକଙ୍କ ପାଇଁ ମଙ୍ଗଳମୟ ହେବ। ନାଗରିକଙ୍କ ଦୈନନ୍ଦିନ ଜୀବନରୁ ସରକାର ଦୂରେଇ ଯିବା ଅତ୍ୟନ୍ତ ଆବଶ୍ୟକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | 9 | 7 | 8 | | |
| | | 7 | 3 | | | | | 4 |
| | | 2 | | | | | | |
| 4 | | 1 | | | | | | 7 |
| | 5 | | | | | | 3 | |
| | 8 | | | 4 | 5 | 2 | | |
| | | | | 1 | | | | |
| | 7 | | | | 6 | | 9 | |
| | | | 9 | | 8 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 1 | 7 | 2 | 9 | 4 | 8 | 5 |
| 8 | 2 | 9 | 6 | 5 | 4 | 7 | 1 | 3 |
| 4 | 7 | 5 | 8 | 3 | 1 | 2 | 6 | 9 |
| 1 | 4 | 7 | 9 | 6 | 3 | 5 | 2 | 8 |
| 5 | 6 | 2 | 1 | 7 | 8 | 9 | 3 | 4 |
| 3 | 9 | 8 | 5 | 4 | 2 | 6 | 7 | 1 |
| 9 | 1 | 4 | 2 | 8 | 6 | 3 | 5 | 7 |
| 7 | 8 | 6 | 3 | 9 | 5 | 1 | 4 | 2 |
| 2 | 5 | 3 | 4 | 1 | 7 | 8 | 9 | 6 |

ଗତକାଲିର ଉତ୍ତର

# ସମବାୟ ଓ ଅନ୍ତର୍ଭୁକ୍ତି ବିକାଶ



ପ୍ରତାପ ଚନ୍ଦ୍ର ସାମଲ

ଉନବିଂଶ ଶତାବ୍ଦୀରେ ବ୍ରିଟେନ୍‌ରେ ଦେଖାଦେଇଥିବା ଉଦ୍ୟୋଗିକ ବିପ୍ଳବର ସମାଲୋଚନା ପ୍ରକାଶ ପାଇଥିଲା 'ଅନ୍.ଟୁ.ଦି.ଲାଷ୍ଟ' ପୁସ୍ତକରେ। ଗାନ୍ଧିଜୀ ଏହି ପୁସ୍ତକଟି ପଢ଼ିବାରୁ ତାଙ୍କ ମନରେ ଏହା ଗଭୀରଭାବେ ପ୍ରଭାବ ପକାଇଥିଲା। ଗାନ୍ଧିଜୀ ଉକ୍ତ ପୁସ୍ତକଟି ଅନୁବାଦକରି ନାମ ଦେଇଥିଲେ 'ସର୍ବୋଦୟ'। ଯାହାର ମୁଖ୍ୟ ସାରାଂଶ ଥିଲା ସମସ୍ତଙ୍କ କଲ୍ୟାଣରେ ହିଁ ବ୍ୟକ୍ତିର ମଙ୍ଗଳ ହୁଏ। ଗାନ୍ଧୀ ଏହି ଅନ୍ତର୍ଭୁକ୍ତିକୁ ଠିକ୍ ଭାବରେ ବୁଝିଥିଲେ ଏବଂ ତାହା ହିଁ ତାଙ୍କର 'ସ୍ୱରାଜ୍ୟ'ର ପରିକଳ୍ପନା ଥିଲା।

ଆମେ ବର୍ତ୍ତମାନ ମିଛ ବାହାନାର ସାହାରା ନେଇ 'ଅନ୍ତର୍ଭୁକ୍ତି ବିକାଶ'ର କଥା କହୁଛୁ। କିନ୍ତୁ ବହୁ ଲୋକ ଏହି ଅନ୍ତର୍ଭୁକ୍ତି ବିକାଶର ବହୁ ଦୂରରେ। କାରଣ ସମାଜରେ ଦିନକୁ ଦିନ ଅର୍ଥନୈତିକ ଅସମାନତା ବୃଦ୍ଧି ପାଇବାରେ ଲାଗିଛି। ୪୦ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହିଛନ୍ତି। ମାନବ ବିକାଶ ମାନଦଣ୍ଡରେ ଭାରତୀୟମାନେ ବହୁ ପଛରେ। ଏହା ଗୋଟିଏ ଦେଶର ଗୁଣାତ୍ମକ ମାନକୁ ସୂଚିତ କରୁଛି। ଆର୍ଥିକ ଅନ୍ତର୍ଭୁକ୍ତି ପାଇଁ ଆମକୁ ଆଗକୁ ଯିବାକୁ ହେବ। କାରଣ ଅନ୍ତର୍ଭୁକ୍ତି ହିଁ ଆମର ଭବିଷ୍ୟତ। ଲୋକମାନଙ୍କ ନିକଟକୁ କ୍ଷମତା ଯିବା ଆମର ଭବିଷ୍ୟତ। ଆମେ ପଞ୍ଚାୟତିରାଜ ଶାସନକୁ ଗ୍ରହଣ କରିଛୁ। ଯଦି ସମ୍ବିଧାନ ସଂଶୋଧନକୁ ୭୦ % ଗରିବ ଓ ଚରମ ଅବହେଳାର ଶିକାର ହେଉଥିବା ଲୋକମାନଙ୍କ ସହ ସମପରିମାଣରେ ଭାଗ କରିପାରିବା, ତେବେ ବିକାଶ ଓ ନ୍ୟାୟ ସେମାନଙ୍କୁ ମିଳିପାରିବ ଏବଂ ସେମାନେ ଅନ୍ତର୍ଭୁକ୍ତି ବିକାଶର ଅଂଶ ହୋଇପାରିବେ। ଅନ୍ତର୍ଭୁକ୍ତି ବିକାଶ କେବଳ ସମ୍ଭବ ସମବାୟ ଆନ୍ଦୋଳନ ମାଧ୍ୟମରେ। ସମବାୟକୁ ଶକ୍ତିଶାଳୀ କରିପାରିଲେ ଏହା ଅର୍ଥନୈତିକ ଅନ୍ତର୍ଭୁକ୍ତି ମାର୍ଗକୁ ଉନ୍ମୋଚିତ ଓ ପ୍ରଶସ୍ତ କରିବ।

ସମବାୟ ଆନ୍ଦୋଳନକୁ ଅର୍ଥନୈତିକ ଜଗତୀକରଣ ସମୟରେ କିପରି ଶକ୍ତିଶାଳୀ କରିପାରିବା ଏହା ଆମ ପାଇଁ ଏକ ଆହ୍ୱାନ। ଏ ଆହ୍ୱାନକୁ ମୁକାବିଲା କରିବା ପାଇଁ ଯେଉଁ ପ୍ରତିଯୋଗିତା ଲୋଡ଼ା ତାହା ସମବାୟ ଦ୍ୱାରା ସମ୍ଭବ କି? ଯଦି ସମ୍ଭବ ତେବେ ତାହା କିପରି କରାଯାଇପାରିବ? କେବଳ ସମ୍ବିଧାନ ସଂଶୋଧନ କରିଦେଲେ କିମ୍ବା ସମ୍ବିଧାନରେ ନୂତନ ବ୍ୟବସ୍ଥା ଯୋଡ଼ିଦେଲେ ଏହା ସଫଳ ହେବନାହିଁ। ତାହା ଯଦି ହୋଇପାରୁଥାନ୍ତା ତେବେ ବାରମ୍ବାର ସମ୍ବିଧାନ ସଂଶୋଧନ ହେଉ ନ ଥାନ୍ତା।

୨୦୧୨ ମସିହାକୁ ମିଳିତ ଜାତିସଂଘ ତରଫରୁ ଭାରତରେ ଅନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ପାଳନ କରାଯାଇଥିଲା। ପୁଣି ଚଳିତ ୨୦୨୫କୁ ଅନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ଭାରତରେ ପାଳନ କରାଯାଉଛି। ମାତ୍ର ୧୩ ବର୍ଷ ମଧ୍ୟରେ ସମବାୟରେ ବିକାଶ ପରିବର୍ତ୍ତେ ବିନାଶ ହୋଇଛି।



୨୦୧୨ ବର୍ଷକୁ ସଫଳ କରିବା ପାଇଁ ଅନେକ କାଗଜପତ୍ର ପ୍ରସ୍ତୁତ ହେଲା, ସେମିନାର ହେଲା, ପ୍ରଚାର ଓ ପ୍ରସାର ହୋଇ ବହୁ କୋଟି ଟଙ୍କା ଖର୍ଚ୍ଚ ହେଲା, କିନ୍ତୁ ବାସ୍ତବତା କ'ଣ ତାହା ପ୍ରକାଶ ପାଇଲା ନାହିଁ। ପ୍ରଥମ ପ୍ରଶ୍ନ ହେଉଛି ମାନସିକ ସ୍ତରରେ ଏହା ପ୍ରବେଶକଲା କି? ଯଦି ପ୍ରବେଶ କଲାନାହିଁ, ତେବେ କାହିଁକି ପ୍ରବେଶ କଲାନାହିଁ ? ଯଦି ପ୍ରବେଶ କଲା ତେବେ ସମବାୟ ଆନ୍ଦୋଳନରେ ତାହା କିପରି ପରିବର୍ତ୍ତନ ଆଣିଲା ? ଗତ ୧୩ ବର୍ଷ ମଧ୍ୟରେ ଏହାର ତର୍ଜମା ସହ ପ୍ରତିକାର କରିବାର ଥିଲା, କିନ୍ତୁ ତାହା ହେଲା ନାହିଁ। ଆର୍ଥିକ ଅନ୍ତର୍ଭୁକ୍ତି କ୍ଷେତ୍ରରେ ସମବାୟର ଯଥେଷ୍ଟ ଭୂମିକା ରହିଥିଲେ ତାହା ଫଳପ୍ରଦ ହୋଇପାରିଲା ନାହିଁ। କାରଣ କେତେଜଣ ଦୁର୍ନୀତଗ୍ରସ୍ତ ପେସାଦାରମାନଙ୍କ ଦ୍ୱାରା ଯେଉଁ ହାରରେ ସ୍ୱୟଂ ସହାୟକ ସମବାୟ ସଂସ୍ଥାଗୁଡ଼ିକ ଲୋକମାନଙ୍କୁ ଠକି ଅମାପ ଅର୍ଥର ଅଧିକାରୀ ହେଲେ, ତାହା ସମବାୟ ଆନ୍ଦୋଳନ ପ୍ରତି ଏକ ଶକ୍ତ ଧକ୍କା କହିଲେ ଅତ୍ୟୁକ୍ତି ହେବ ନାହିଁ। ଆନ୍ତର୍ଜାତିକ ସମବାୟ ବର୍ଷରେ ଓଡ଼ିଶାରେ ଏହି ଘଟଣା ଘଟିଲା, ଗରବି ଲୋକମାନେ ଲୋଭର ବଶବର୍ତ୍ତୀ ହୋଇ ଜମା କରିଥିବା ଅର୍ଥ ହରାଇଲେ। ଫଳରେ ସରକାର ସମବାୟ ଆଇନରେ ପୁନଶ୍ଚ ସଂଶୋଧନ ଆଣିବା ପାଇଁ ବାଧ୍ୟ ହେଲେ।

ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଯୋଜନା କମିଶନ (କୃଷି ଡିଭିଜନ) ଗଠନ କରାଯାଇ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ସମବାୟ ଋଣ ଓ ପରିଚାଳନା ସମ୍ପର୍କରେ ସେମାନଙ୍କ ସୁପାରିସ ପ୍ରଦାନ କରିଥିଲେ। ଏହାର ସାରମର୍ମ ଥିଲା ସମବାୟ ସମ୍ପର୍କିତ ଋଣ ଦେବାର କୌଶଳ କୃଷିର ବିକାଶ କୌଶଳକୁ ଦୃଷ୍ଟିରେ ରଖି ସଂଖ୍ୟାତ୍ମକ ଋଣ ପ୍ରବାହର ଲକ୍ଷ୍ୟ ପୂରଣ ହେବା ଦରକାର। ଯଦିଓ ଏହା ଅନ୍ତର୍ଭୁକ୍ତି ବିକାଶ ପାଇଁ ପର୍ଯ୍ୟାପ୍ତ ନ ଥିଲା। ଏଥିପାଇଁ ଏଥିରେ ପ୍ରାଥମିକ କୃଷିଋଣ ସମବାୟ ସମିତିଠାରୁ ରାଜ୍ୟ ସମବାୟ ବ୍ୟାଙ୍କ ପର୍ଯ୍ୟନ୍ତ କେବଳ କୃଷିକ୍ଷେତ୍ରକୁ ଋଣ ନ ଦେଇ ଗ୍ରାମୀଣ ଜୀବନ ଜୀବିକା ପାଇଁ ଋଣଦେବା ଉପରେ ଗୁରୁତ୍ୱାରୋପ କରାଯିବାର ଥିଲା, ତାହା ମଧ୍ୟ ହୋଇପାରିଲା ନାହିଁ। ପ୍ରାଥମିକ ସମବାୟ ସଂସ୍ଥାଗୁଡ଼ିକରେ ସଭ୍ୟ ସଂଖ୍ୟା ତୁଳନାରେ ଋଣ ଅତ୍ୟନ୍ତ ନ୍ୟୁନ, ଯଦିଓ ଏ ଦିଗରେ ବୈଦ୍ୟନାଥନ୍ କମିଟି ବହୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଥିଲେ। ଏହାର ଅର୍ଥ ଥିଲା ସବା ତଳସ୍ତରରେ ଥିବା ପ୍ରାଥମିକ ସମବାୟ ସଂସ୍ଥାଗୁଡ଼ିକ ପ୍ରତି ଗ୍ରାମାଞ୍ଚଳର ଗରିବ ଓ କୋଣଠେସା ହେଉଥିବା ଲୋକଙ୍କୁ ଆକୃଷ୍ଟକରି ସଭ୍ୟ ସଂଖ୍ୟା ବୃଦ୍ଧି ସହ ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି କରିବା। ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ, ସମବାୟ ଏକ ସଶକ୍ତ ଆନ୍ଦୋଳନ ଭାବେ ନିଜର ପରିଚୟ ସୃଷ୍ଟି କରିପାରିନାହିଁ। ବର୍ତ୍ତମାନ ଏହା ସରକାରଙ୍କ ଏକ ବିଭାଗରେ ପରିଣତ ହୋଇଯାଇଛି ଯେଉଁଠି ଫାଇଲ୍ କଥା କହୁଛି, ମଣିଷ କଥା କହୁନାହିଁ। 'ଅନ୍ତର୍ଭୁକ୍ତି ବିକାଶ' ପାଇଁ ସମବାୟ ଏକ ଆନ୍ଦୋଳନ ହେବା ଅପରିହାର୍ଯ୍ୟ। ଆନ୍ଦୋଳନ ମଧ୍ୟକୁ ସବୁ ଶ୍ରେଣୀ ଓ ସବୁ ବର୍ଗର ଲୋକମାନେ ପ୍ରବେଶ କରିବାର ଆବଶ୍ୟକତା ଅଛି। ସେମାନେ ସେମାନଙ୍କ ଶକ୍ତିମତେ ଶାରୀରିକ, ମାନସିକ ଓ ଆର୍ଥିକ ସହଯୋଗ ଯୋଗାଇଦେଲେ ଆନ୍ଦୋଳନ ଶକ୍ତିଶାଳୀ ହେବ।

ବର୍ତ୍ତମାନ ଦେଶର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଅବସ୍ଥାକୁ ଦୃଷ୍ଟିରେ ରଖି ସମବାୟ ଆନ୍ଦୋଳନକୁ ପରିଚାଳନା କରିବା ଦରକାର। ଜଗତୀକରଣର ବଜାରୀକରଣରୁ ମୁକ୍ତି ପାଇବାର ବାଟ ହେଉଛି ସମବାୟ। କିନ୍ତୁ ସମବାୟ ତା' ବାଟରେ ଠିକ୍ ରୂପେ ନ ଯାଇପାରି ମଝିରେ ମଝିରେ ଝୁଣ୍ଟୁଛି। ଫଳରେ ସମ୍ବିଧାନ ସଂଶୋଧନ, ବିଭିନ୍ନ କମିଟି ଗଠନ ଓ ରିପୋର୍ଟ ପ୍ରଦାନ, କମିଟିଗୁଡ଼ିକର ସୁପାରିସ ଇତ୍ୟାଦିରେ ସମୟ ଓ ଶ୍ରମଶକ୍ତି ଅପଚୟ ହେଉଛି। ଆମେ ଯେତେ ଜୋର୍‌ରେ ରଡ଼ି ଛାଡୁଥିଲେ ମଧ୍ୟ ମିଳିତଭାବେ ସଂଘବଦ୍ଧ ପ୍ରଚେଷ୍ଟାର ଅଭାବ ଦେଖାଦେଇଛି। ବହୁକ୍ଷେତ୍ରରେ କେତେଜଣ ନ୍ୟସ୍ତସ୍ୱାର୍ଥ ରାଜନୈତିକ ବ୍ୟକ୍ତି ସମବାୟର ଅର୍ଥ ନ ବୁଝି ବହୁ କ୍ଷେତ୍ରରେ ଆଡ୍ଡାସ୍ଥଳୀ ଜମାଇ ଏହାକୁ କରାୟତ୍ତ କରିପାରିଛନ୍ତି। ସ୍ୱାର୍ଥକୁ ଆଖି ଆଗରେ ରଖି ଖଣ୍ଡ ବିଖଣ୍ଡିତ ନିୟମକାନୁନ ପ୍ରଣୟନକରି ସମବାୟକୁ ପରିଚାଳନା କରାଯାଇପାରେନା।

ଅନ୍ତର୍ଭୁକ୍ତି ବିକାଶ ପାଇଁ ଲୋଡ଼ା ଅନ୍ତର୍ଭୁକ୍ତି ଚିନ୍ତନ ଓ କାର୍ଯ୍ୟ ପ୍ରଣାଳୀ। ଏ ଦିଗରେ ସବା ତଳସ୍ତରର ଲୋକମାନଙ୍କ ସହ ଅଧିକ ଆଲୋଚନା, ପର୍ଯ୍ୟାଲୋଚନା, ଗ୍ରାମ୍ୟ ସ୍ତରରେ ସେମାନଙ୍କଠାରୁ ତଥ୍ୟ ସଂଗ୍ରହକରି ଠିକ୍ ସିଦ୍ଧାନ୍ତ ଗ୍ରହଣ କରିପାରିଲେ ସମବାୟ ସଫଳ ହେବ ଏବଂ ଅନ୍ତର୍ଭୁକ୍ତି ବିକାଶର ମାର୍ଗ ସୁଗମ ହେବ। କେବଳ ବ୍ୟାଙ୍କଗୁଡ଼ିକରେ ଜମାଖାତା ବା ଋଣ ଖାତା ଖୋଲିବାରେ ସୀମିତ ନ ରହି ଦେଶ ତଥା ରାଜ୍ୟର ପ୍ରତ୍ୟେକ ପରିବାର ଆର୍ଥିକ ଉନ୍ନତିରେ ଅନ୍ତର୍ଭୁକ୍ତି ମିଶନ ମାଧ୍ୟମରେ ଦେଶର ସମସ୍ତ ଲୋକ ଯେପରି ବ୍ୟାଙ୍କ ସେବା ସୁରୁଖୁରୁରେ ପାଇପାରିବେ ସେ ବ୍ୟବସ୍ଥା ଠିକ୍ ରୂପେ କଲେ ଏହାର ସୁଫଳ ଉପଲବ୍ଧି ହୋଇପାରିବ।

ଦୁର୍ନୀତିଖୋର କର୍ମଚାରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ଦୀର୍ଘଦିନ ଧରି ବିଭିନ୍ନ ସମବାୟ ସମିତିର ପରିଚାଳନା ପରିଷଦରେ ସାମିଲ ଥିବା ସଚ୍ଚୋଟ ବ୍ୟକ୍ତିବିଶେଷଙ୍କୁ ବିଶ୍ୱାସକୁ ନେଇ ବିଭିନ୍ନ ସମବାୟ ଅନୁଷ୍ଠାନର ପରିଚାଳନାରେ ସାମିଲ କରିପାରିଲେ ସମବାୟର ବିକାଶ ଧାରା ଆପେ ଆପେ ଆଗେଇପାରିବ।

ବରିଷ୍ଠ ସମବାୟବିତ୍
ମୋ: ୯୦୯୦୩୨୫୮୦୨

# ଦୁର୍ନୀତିର ଚେର



ପୁଷ୍ପାରାଣୀ ମିଶ୍ର

ଚାରିଆଡେ ଖାଲି ଦୁର୍ନୀତିର ଗନ୍ଧ, ଭିଜିଲାନ୍ସର ଚଢ଼ଉ, ପୁଳାପୁଳା ଟଙ୍କା। ପରବର୍ତ୍ତୀ ପିଢି ଉପରେ ଏହାର ପ୍ରଭାବ ସୁଦୂରପ୍ରସାରୀ। ଅଧୁନା ହାଇସ୍କୁଲରେ ଭଲ ନମ୍ବର ରଖି ପାସ୍ କରିଥିବା ମେଧାବୀ ପିଲାଏ ଭବିଷ୍ୟତରେ ଇଞ୍ଜିନିୟର କି ଭାରତୀୟ ପ୍ରଶାସନିକ ସେବାରେ ଭର୍ତ୍ତିହେବାକୁ ଆଶା ରଖିଲେଣି। କୁହାଯାଏ ଯେତିକି ଧରାପଡୁଛନ୍ତି ତା'ଠାରୁ କୁଆଡେ ଅନେକ ସଂଖ୍ୟାରେ ବଡ଼ମାଛ ଖସି ଯାଉଛନ୍ତି। ତେଣୁ ପ୍ରଶ୍ନ ଉଠେ, ଏତେ ଚଢ଼ାଉ, ଗିରଫ ସତ୍ତ୍ୱେ ପୁଣି କେମିତି ଧରା ପଡୁଛନ୍ତି ? କାରଣ ଧଣ୍ଡସାପ ବେଙ୍ଗ ଗିଳିଲା ପରି ପଞ୍ଝାଏ ଦୁର୍ନୀତିଗ୍ରସ୍ତ ଏମିତି ପେଟ ଭରିଛନ୍ତି ଯେ ନା ହଜମ କରି ପାରୁଛନ୍ତି ନା ବାନ୍ତି କରିପାରୁଛନ୍ତି। ଚାକିରି ଜୀବନର ଶେଷ ସମୟକୁ ବିଡ଼ା ବିଡା ଟଙ୍କା ପଡୋଶୀଙ୍କ ଛାତକୁ ଫୋପାଡିବା ହିଁ ସାର ହେଉଛି। ଆଉ ପଞ୍ଝାଏ ଏହାକୁ ଦେଖି ଚାକିରି ଆରମ୍ଭରୁ ହିଁ ଲାଞ୍ଚମିଛରେ ଏମିତି ମାତି ଯାଉଛନ୍ତି ସତେ ଅବା ଏ ବାବଦରେ ସ୍ୱତନ୍ତ୍ର ତାଲିମ ନେଇ ଆସିଛନ୍ତି, କମ୍ ଦିନ ଭିତରେ ଲକ୍ଷ୍ୟ ହାସଲ କରିନେବା ପାଇଁ। ଏଣୁ ଯଦି କି ନୂଆ କି ପୁରୁଣା ସମସ୍ତେ ଲାଞ୍ଚଖୋରିରେ ମାତିବେ ତେବେ ବିକାଶ ପାଇଁ ଆସୁଥିବା ଅର୍ଥରାଶି ବାଟମାରଣା ହୋଇ ଗୁପ୍ତରେ ସ୍ୱିସ୍ ବ୍ୟାଙ୍କମାନଙ୍କୁ ହିଁ ଯିବ। ଏଥିକୁ ଦୋଷ ବା ଦେବା କାହାକୁ?

କାଁ ଭାଁ ଦୁର୍ନୀତିଗ୍ରସ୍ତଙ୍କୁ ଧରି ପକାଇଲେ ଦୁର୍ନୀତିର ମୂଳୋତ୍ପାଟନ ହୋଇ ପାରିବ କି? ଏଥିପାଇଁ ବ୍ୟବସ୍ଥାକୁ ସଜାଡିବା ଆବଶ୍ୟକତା ନାହିଁ କି? ଲାଞ୍ଚଗ୍ରହୀତାଙ୍କ ପରି ଲାଞ୍ଚ ଦାତାମାନେ ତ ସମପରିମାଣରେ ଦୋଷୀ, କିନ୍ତୁ ଧରା ହେଉଛନ୍ତି କେତେଜଣ? ଆଇନ ବ୍ୟବସ୍ଥାକୁ ମୋଡିମକଚି ପେଞ୍ଚୁଆ ଅଧିକାରୀମାନେ ଯେତେବେଳେ ଦୁର୍ନୀତିକୁ ନୀତିରେ ପରିଣତ କରି ସ୍ପଷ୍ଟ ଦିବାଲୋକରେ ଆଇନକୁ ଆଖିଠାର ମାରି ଲୁଟୁଛନ୍ତି, ସେତେବେଳେ ଏଥିରେ ଲାଞ୍ଚଦାତା ଏବଂ ଅନୁଗୃହୀତ ହେଉଥିବା ବ୍ୟକ୍ତିଙ୍କର ଅବାଧ ସହଭାଗିତା ରହୁଛି। ଉଦାହରଣସ୍ୱରୂପ ଥରେ ମାଛ ବିକ୍ରି କରି ପେଟ ପୋଷୁଥିବା ବ୍ୟକ୍ତିଟିଏ ପ୍ରତିଦିନ ପରି ସକାଳୁ ତା'ର ମାଛଧରା ଯନ୍ତ୍ର ପାଖକୁ ଯାଇ ଦେଖେ ଗୋଟିଏ ଧଣ୍ଡସାପ ଭିତରେ ପଶି ମାଛ ଯାକ ଖାଇ ଦେଇଥିବାରୁ ଆଉ ବାହାରି ନ ପାରି ଛଟପଟ ହେଉଛି। ତା'ର ସେଦିନର ରୋଜଗାର ହେରେଇଥିବା ରାଗରେ ଲୋକଟି ଧଣ୍ଡ ସାପର ମୁଣ୍ଡକୁ ଧରି ବୁଲାଇ ବୁଲାଇ ଦୂରକୁ ଫିଙ୍ଗିଦିଏ। ସାପଟି ନିକଟସ୍ଥ ଏକ ବୁଦା ପାଖରେ ପଡି କଷ୍ଟରେ ଆର୍ତ୍ତଚିତ୍କାର କରିବାରୁ ପାଖ ଗାତରେ ରହୁଥିବା ନାଗସାପଟିଏ ଘଟଣା କ'ଣ ଜାଣିବାକୁ ବାହାରକୁ ମୁଣ୍ଡକାଢ଼େ। ବିଚରା ଜଖମି ଧଣ୍ଡସାପଠାରୁ ସମସ୍ତ ବୃତ୍ତାନ୍ତ ଶୁଣିସାରି ତାକୁ ନିଜ ଗାତରେ ସାଷ୍ଟାମହେବା ପାଇଁ ଉପଦେଶ ଦେଇ ପ୍ରତିଶୋଧ ଆଶାରେ ମାଛଧରା ଯନ୍ତ୍ର ପାଖକୁ ବୀରଦର୍ପରେ ଯାଇ ମାଛ ଖାଏ। ପରଦିନ ସକାଳେ ବ୍ୟକ୍ତିଟି ଆସି ପୁନଶ୍ଚ ସାପଟିଏ ଦେଖି ରାଗରେ ଧରିବାକୁ ଉଦ୍ୟତ ହୁଅନ୍ତେ ନାଗସାପଟି ଫଣା ଟେକି ଗର୍ଜନ କରେ। ତହୁଁ ବ୍ୟକ୍ତିଟି ହାତରେ ଗାମୁଛାକୁ ଗୁଡାଇ ପାଟିରେ ଗଦ ଜାକି ନାଗର ମୁଣ୍ଡକୁ ଧରିନେଇ ଘେରାଏ ବୁଲାଇ ଫିଙ୍ଗିଦିଏ। ସାପଟି ସେଇ ବୁଦା ପାଖରେ ଭୁସ କରି ପଡି ବିକଳରେ ଚିତ୍କାର କରନ୍ତେ, ପୂର୍ବରୁ ବିଶ୍ରାମ ନେଉଥିବା ଧଣ୍ଡସାପଟି ପଦାକୁ ବାହାରି କାରଣ ପଚାରେ। ନାଗସାପଟି ମନ୍ତବ୍ୟ ରଖେ, ନାଇଁ ଭାଇ, ଏହା ସେ ଯନ୍ତ୍ର କରାମତି, ତା' ଭିତରକୁ ଧଣ୍ଡ ଯାଉ କି ନାଗ ସମସ୍ତଙ୍କର ଏହି ସମ ଅବସ୍ଥା ହିଁ ହେବ। ଅତଏବ ଆମ ବ୍ୟବସ୍ଥାରେ ଭଲ ଛାତ୍ର ଆସନ୍ତୁ କି ଖରାପ ଛାତ୍ର ଏକା ପ୍ରକାରେ ଦୁର୍ନୀତିରେ ହିଁ ଲିପ୍ତ ହେବେ। ତେଣୁ ବ୍ୟବସ୍ଥାରେ ପରିବର୍ତ୍ତନ ଆଜି ଜରୁରୀ ହୋଇପଡିଛି। ପ୍ରବେଶିକା ପରୀକ୍ଷା ହେଉ କି ଚାକିରି ପାଇଁ ଲିଖିତ ପରୀକ୍ଷା ପ୍ରତିଟିରେ ପାସ୍ କରାଇ ନେବା ପାଇଁ ଦଲାଲ ଗୋଷ୍ଠୀ ଜାଲ ବିଛାଉଛନ୍ତି। ସରକାର କାଁ ଭାଁ ଦଲାଲଙ୍କୁ ଧରି ବାହାଦୁରି ନେଲାବେଳେ ଲାଞ୍ଚଦାତାମାନଙ୍କୁ ଧରିବା ନଜିରରେ ଆସୁନାହିଁ। ଏତେ ଘଟଣା ସତ୍ତ୍ୱେ ଆଜି ବି ଲୋକେ ଚାକିରି କରାଇବା ପାଇଁ ଲାଞ୍ଚର ଆଶ୍ରୟ ନେଇ ଠକେଇ ହେଲେ ଥାନାକୁ ଦୌଡୁଛନ୍ତି।

ଲାଞ୍ଚ ଦେବା କ'ଣ ଅପରାଧ ନୁହେଁ, ଆମେ ପଇସା ଦେଇ ଯଦି ଚାକିରିଟି ହାତେଇ ନେବା ତେବେ ବର୍ଷବର୍ଷ ଧରି ପରିଶ୍ରମ କରୁଥିବା ଗରିବ ମେଧାବୀ ପିଲାଏ ଯିବେ କୁଆଡ଼େ? ସରକାରଙ୍କ ଅନେକ ସଞ୍ଚୟ ଯୋଜନାକୁ ଅଣଦେଖା କରି ଯେଉଁମାନେ ରାତାରାତି କୋଟିପତି ହେବା ଆଶାରେ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାରେ କଷ୍ଟଲବ୍ଧ ଅର୍ଥ ଜମାରଖି ଠକେଇ ହେବା ବେଳକୁ ଯାଇ ଚିତ୍କାର କରୁଛନ୍ତି, ସେମାନେ କ'ଣ ଦେଶ ଭକ୍ତ? ଆୟକରରୁ ବଞ୍ଚିବା ପାଇଁ ବ୍ୟବସ୍ଥାର ଆଶ୍ରୟ ନେଉନାହାନ୍ତି ତ? ଅତଏବ ଦୁର୍ନୀତିର ମୂଳଉତ୍ସଗୁଡିକୁ ଚିହ୍ନଟ କରି ଯଦି ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇପାରନ୍ତା ତେବେ କେଜାଣି ଏହା କେତେକାଂଶ କମିପାରନ୍ତା। ନଚେତ୍ ଯେତେଦିନ ଯାଏ ଲାଞ୍ଚ ଦେଇ କାମ କରାଇ ନେବାର ମନୋବୃତ୍ତି ଆମ ପାଖରେ ଥିବ ସେତେଦିନ ଯାଏ ପିଢି ପରେ ପିଢି ଲାଞ୍ଚ ଗ୍ରହୀତାମାନେ ଜନ୍ମ ନେଉଥିବେ ଏବଂ ଏହି ଧାରା ସୁବ୍ୟବସ୍ଥିତ ଢଙ୍ଗରେ ଚାଲୁଥିବ। ଏହି ଲାଞ୍ଚଦାତାମାନଙ୍କର ମାନସିକ ପରିବର୍ତ୍ତନ ଘଟିଲେ ଯାଇ ସମାଜରୁ ଦୁର୍ନୀତି ଧୀରେ ଧୀରେ ଲୋପପାଇବ, ଯାହା ସମୟ ସାପେକ୍ଷ।



ଭକ୍ତମଧୁନଗର, ଗଣ୍ଡମୁଣ୍ଡା, ଭୁବନେଶ୍ୱର
ମୋ:୬୩୭୧୯୪୭୧୧୭

## ଏଇ ଭାରତରେ

ଗୁଜରାଟର ୨୭ ବର୍ଷୀୟ ନିଷ୍ଠା ଚୌହାଣ 'କାଫେ ଆରମ୍ଭ' ନାମକ ବର୍ଜ୍ୟବିହୀନ କାଫେରୁ ମାସକୁ ୧୨ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏଠାରେ ମାଣ୍ଡିଆ ଓ ବାଜରା ଜାତୀୟ ଶସ୍ୟରୁ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ନିଷ୍ଠା ଇଞ୍ଜିନିୟରିଂ ପରେ ଅଜିସ୍ତ୍ର ଏରୋସ୍ପେଶରେ କାମ କରୁଥିଲେ। ୨୦୨୧ରେ ଚାକିରି ଛାଡ଼ି ପିଲାଙ୍କ ଖାଦ୍ୟଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ଅହମ୍ମଦାବାଦର ସେଣ୍ଟର ଫର୍ ଏନ୍‌ଭାଇରନମେଣ୍ଟ ଏଜୁକେଶନ (ସିଇଇ) କ୍ୟାମ୍ପସରେ କାଫେ ଖୋଲିଥିଲେ। କାଫେରେ ମାଣ୍ଡିଆ ଦୋସା, ବାଜରା ଓ ଯଅ ମୋମୋ, ପାଉରୁଟି ଆଦି ୧୨ ପ୍ରକାର ଖାଦ୍ୟ ପରଷୁଛନ୍ତି। ଏଠାରେ ଗୁଆ ପତ୍ରରୁ ତିଆରି ପ୍ଲେଟ୍, ଗିନା, ଗ୍ଲାସ ବ୍ୟବହାର କରାଯାଉଛି। ସେ କାଫେ ମାଧ୍ୟମରେ କର୍ମଶାଳା ଆୟୋଜନ କରି ସ୍କୁଲପିଲା ଓ ଯୁବକଙ୍କୁ ମିଲେଟ ପ୍ରସ୍ତୁତ ଖାଦ୍ୟ ତଥା ବର୍ଜ୍ୟ ପରିଚାଳନା ସମ୍ପର୍କରେ ସଚେତନ କରୁଛନ୍ତି। ଏଯାବତ୍ ସେ ୨୦୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ଶିକ୍ଷା ଦେଇସାରିଲେଣି। ସିଇଇ କ୍ୟାମ୍ପସ ବ୍ୟତୀତ ଭଗବତ ବିଦ୍ୟାପୀଠ ମନ୍ଦିରରେ ସେ ଦ୍ୱିତୀୟ କାଫେ ଖୋଲିଛନ୍ତି। ନିଷ୍ଠା କୁହନ୍ତି, ଏସବୁ କାଫେ ଏବେସୁଦ୍ଧା ୧.୭ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ଦୂର କରିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୬ ଜୁଲାଇ ୧୯୭୬

- ବାଲେଶ୍ୱର ମହିଳା କଲେଜକୁ କୁନ୍ତଳା କୁମାରୀଙ୍କ ନାମରେ ନାମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଶିକ୍ଷା ବିଭାଗ ଭର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।
- ରାଷ୍ଟ୍ର ବିରୋଧୀ ଷଡ଼ଯନ୍ତ୍ର ଓ ଦୁର୍ନୀତି ଅଭିଯୋଗରେ ଦୁଇ ଜଣ ଉଚ୍ଚପଦସ୍ଥ ସାମରିକ ଅଫିସରଙ୍କ ସମେତ ଇଥିଓପିଆର ମୋଟ ୧୯ ଜଣ ଲୋକଙ୍କୁ ଫାଶୀ ଦଣ୍ଡ।

## ପାଠକ ଶ୍ରେଷ୍ଠ ବିଚାରକ

### ଧର୍ମଘଟ ଡାକରା ପୂର୍ବରୁ ସରକାରଙ୍କୁ ସୂଚିତ କରାଯାଉ

ମହାଶୟ,

ଧର୍ମଘଟ ଡାକରା ଦେଉଥିବା ବିଭିନ୍ନ ଦଳ ବା ସଂସ୍ଥା ପକ୍ଷରୁ ସେମାନଙ୍କ ବିଭିନ୍ନ ଦଫା ସମ୍ବଳିତ ଦାବି ପୂରଣ କରିବାକୁ ନେଇ ସରକାରଙ୍କୁ ଆଗୁଆ ସୂଚିତ କରାଇବା ଉଚିତ। ଏହାଦ୍ୱାରା ସରକାର ନିଜ ତରଫରୁ ସତର୍କତାମୂଳକ ପଦକ୍ଷେପ ନେବା ପୂର୍ବକ ସନ୍ତୋଷଜନକ ଆଲୋଚନା ମାଧ୍ୟମରେ ସେମାନଙ୍କ ଦାବିକୁ ସମୀକ୍ଷା କରି ବିଚାରକୁ ନେବାରେ ଅଗ୍ରାଧିକାର ଦେଲେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ବା ଦୈନନ୍ଦିନ ଚଳଣି ପ୍ରଭାବିତ ହୁଅନ୍ତା ନାହିଁ। ଗଣତନ୍ତ୍ର ରାଷ୍ଟ୍ରର ସାମ୍ବିଧାନିକ ମର୍ଯ୍ୟାଦା ଭିତରେ ଧର୍ମଘଟ କରିବାରେ ସ୍ୱତନ୍ତ୍ର ସ୍ଥାନ ଅଛି। ଧର୍ମଘଟ ଜରିଆରେ ଦାବି ଉପସ୍ଥାପନ କରିବା ଯଦିଓ ଯଥାର୍ଥ, ତାହା ପୁଣି ଏପରିହେବା ଉଚିତ ଯେ, ଯେପରି ଭାରତର ସମସ୍ତ ନାଗରିକ ଦୈନନ୍ଦିନ ଚଳଣିରେ ଦୁଃଖ ଯନ୍ତ୍ରଣା ଭୋଗିବେ ନାହିଁ। ଯେଉଁ ଆନ୍ଦୋଳନ,ବିକ୍ଷୋଭ କିମ୍ବା ଧର୍ମଘଟ ନ୍ୟାୟୋଚିତ ନୁହେଁ ଏବଂ ସମଗ୍ର ରାଜ୍ୟ ବା ଦେଶର ସାଧାରଣ ଲୋକଙ୍କ ଜୀବନକୁ ଘୋର ସଙ୍କଟ ଭିତରକୁ ଟାଣିନେଇଥାଏ ସେ ଧର୍ମଘଟର ସଂଜ୍ଞାର ଅର୍ଥ କିଛି ନୁହେଁ। ଦେଶକୁ ଅସ୍ଥିର ମୁଖରୁ ବଞ୍ଚାଇବା ନିମନ୍ତେ ସରକାର ଏଥିପାଇଁ ନୀତିସୁଧାରକ ହେବା ଆବଶ୍ୟକ।

–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଲବଣ ଜୁଆର ଯେବେ ପେଶଇ ସାଗର
ବକ୍ଷ ତୋର ଯଉବନେ ହୁଏ ଜର ଜର,
ମରମ ହୁଏ ଆକୁଳ
ସେ ଯୌବନରାଶି ତୁ ଲୋ
ନିବେଦନ କରୁ କାହା ଚରଣତଳର ?
–(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପରିବେଶ ସହଯୋଗୀ

## 'ସମ୍ମାନ କର, ଭୟ କରନାହିଁ : ପ୍ରକୃତିର ନୀରବ ମୁରବିଙ୍କୁ ସୁରକ୍ଷା ଦିଅ'

ସାପ କେବଳ ଅନିଷ୍ଟକାରୀ ନୁହେଁ ପରିବେଶର ବନ୍ଧୁ ଆଉ ମଣିଷ ସମାଜ ପାଇଁ ଏହାର ଭୂମିକା ବି ଗୁରୁତ୍ୱପୂର୍ଣ୍ଣ। ତେଣୁ ଏମାନଙ୍କ ସୁରକ୍ଷା ତଥା ସମୁଚିତ ପରିଚାଳନା ସମ୍ପର୍କରେ ଜାଣିବା ଜରୁରୀ। ସାପ ସମ୍ପର୍କିତ ସଚେତନତା ପାଇଁ ଜୁଲାଇ ୧୬ରେ ପାଳିତ ହୋଇଆସୁଛି 'ବିଶ୍ୱ ସର୍ପ ଦିବସ'। ତେବେ ଚଳିତ ବର୍ଷ ଏହି ଦିବସର ବିଷୟ ବସ୍ତୁ ରହିଛି 'ସମ୍ମାନ କର, ଭୟ କରନାହିଁ : ପ୍ରକୃତିର ନୀରବ ମୁରବିଙ୍କୁ ସୁରକ୍ଷା ଦିଅ'।

ମାନବସମାଜପ୍ରତିସାପକେତେକାଂଶରେ ବିପଦ ସାଜୁଥିଲେ ହେଁ ସେମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ପରିବେଶ ସନ୍ତୁଳନ ରକ୍ଷା କରିବାରେ ସେମାନଙ୍କର ଭୂମିକା ଉଲ୍ଲେଖନୀୟ। ସେହିପରି ସାପ ବିଷରୁ ଅନେକ ଔଷଧ ମଧ୍ୟ ତିଆରି ହେଉଛି। କିନ୍ତୁ ସାପ ନାଁ ଶୁଣିଲେ ଲୋକଙ୍କ ମନରେ ଛନକା ପଶିଯାଏ। ସାଧାରଣତଃ ସାପ ବିଷଧର ହୋଇଥିବାରୁ ଏହାକୁ ନେଇ ଆବଶ୍ୟକତାଠାରୁ ଅଧିକ ଭୟ ରହିଆସିଛି। ତେଣୁ ସଚେତନତା ମାଧ୍ୟମରେ ଲୋକଙ୍କ ମଧ୍ୟରେ ଭୟ, ଅନ୍ଧବିଶ୍ୱାସ ଏବଂ ଭ୍ରାନ୍ତଧାରଣାକୁ ଦୂରେଇବା ପାଇଁ ଜୁଲାଇ ୧୬ ତାରିଖରେ 'ବିଶ୍ୱ ସର୍ପ ଦିବସ' ପାଳନ କରାଯାଇଆସୁଛି। ସାପଙ୍କୁ ନେଇ ଲୋକଙ୍କ ମନରେ କାହିଁ କେଉଁ କାଳରୁ ଅନେକ ଅନ୍ଧବିଶ୍ୱାସ ରହିଆସିଛି। ସାପ କାମୁଡ଼ାର ଚିକିତ୍ସା କ୍ଷେତ୍ରରେ ହେଉ ଅବା ସାପକୁ ନେଇ ହେଉ ଭିନ୍ନ ଲୋକଙ୍କର ଭିନ୍ନ ମତ। ଯାହାକି ଧୀରେଧୀରେ ଭ୍ରାନ୍ତଧାରଣା ଜନ୍ମାଉଛି। ଫଳରେ କେତେକ ସ୍ଥାନରେ ଲୋକଙ୍କର ଜୀବନହାନି ହେଉଥିବାବେଳେ ଆଉ କେତେକ ସ୍ଥଳରେ ସାପମାନଙ୍କୁ ମାରି ଦିଆଯାଉଛି। ବିଶେଷକରି ଘରୁ କିମ୍ବା ଆଖପାଖରୁ ସାପଟିଏ ବାହାରିଲେ ତାକୁ ଲୋକେ ବାଡେଇ ବାଡେଇ ମାରି ଦେଉଛନ୍ତି। ତାହା ବିଷଧର ସାପ କି ନୁହେଁ ସେଇଟା ମଧ୍ୟ ଦେଖୁ ନାହାନ୍ତି। ତେଣୁ ସାପକୁ ସୁରକ୍ଷିତ ଭାବେ ଧରିବା ଏବଂ ତାକୁ ନେଇ ସେମାନଙ୍କର ବାସସ୍ଥଳୀରେ ଛାଡିବା ଏକ ମହାନ୍ କାର୍ଯ୍ୟ। ବିଶ୍ୱ ସର୍ପ ଦିବସ ଅବସରରେ ସାପକୁ ଉଦ୍ଧାର କରିବା ତଥା ସେମାନଙ୍କ ସୁରକ୍ଷା ପାଇଁ କାମ କରୁଥିବା କିଛି ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନର କାର୍ଯ୍ୟଧାରାକୁ ନେଇ ଧରିତ୍ରୀର ବିଶେଷ ଉପସ୍ଥାପନା।



### ଓଡ଼ିଶାରେ ଦେଖାଯାଉଥିବା ସାପ

ଓଡ଼ିଶାରେ ସାଧାରଣତଃ ଦେଖାଯାଉଥିବା ସାପଙ୍କ ମଧ୍ୟରେ ନାଗ, ତମ୍ପ, ଚିତି, ରଣା, ଚନ୍ଦନ ବୋଡ଼ା (ରସଲ ଭାଇପର୍), ଧୂଳିଆ ବୋଡ଼ା (ସ' ସ୍କେଲ୍ଡ ଭାଇପର୍), ତାଲୁଆ ବୋଡ଼ା (ବାମ୍ବୋ ପିଟ୍ ଭାଇପର୍), ଅହିରାଜ (କିଙ୍ଗ୍‌କୋବ୍ରା)ଆଦି ବିଷଧର ଅଟନ୍ତି। ସେହିପରି ବିଷହୀନ ସାପଙ୍କ ମଧ୍ୟରେ ଧଣ୍ଡ, ଢମଣା, ମାଟି ବିରାଡ଼ି, ଅଜଗର, କାଣ୍ଡନାଳ, ବାଲିବୋଡ଼ା, ଦୋମୁଣ୍ଡିଆ ଆଦି ରହିଛନ୍ତି। ଏମାନଙ୍କ ବ୍ୟତୀତ ଲାଉ ଡଙ୍କିଆ, ତାଳି ଆଦି କିଛି ସାପ ସ୍ୱଳ୍ପ ବିଷଧାରୀ। ଏମାନେ ଏଣ୍ଡୁଅ, ଝିଟିପିଟି ଏବଂ ଛୋଟଛୋଟ ପକ୍ଷୀମାନଙ୍କ ପାଇଁ ବିଷଧର ଥିବାବେଳେ ମଣିଷଙ୍କ କ୍ଷେତ୍ରରେ ସେତେଟା ବିଷାକ୍ତ ନୁହନ୍ତି।

### ସାପଙ୍କ ସାଥୀ 'ସାଥୀ ପରିବାର'

ସାପଙ୍କ ସୁରକ୍ଷା ପାଇଁ ୨୦୧୮ରୁ କାମ କରି ଆସୁଛି 'ସାଥୀ ପରିବାର'। ଅନୁଗୋଳ ଜିଲାରେ ସାପକାମୁଡା ମୃତ୍ୟୁ ସଂଖ୍ୟାକୁ ହ୍ରାସ କରିବା ଲାଗି ସ୍ନେକ ବାଇଟ୍ ଡେଥ୍ ଫ୍ରି ଡିଷ୍ଟ୍ରିକ୍ଟ ଅନୁଗୋଳ ନାମରେ ଏକ ସଚେତନତା କ୍ୟାମ୍ପେନ ଆରମ୍ଭ କରାଯାଇଥିଲା। ଏବେସୁଦ୍ଧା ୨୦୦ରୁ ଅଧିକ ଗ୍ରାମ, ସ୍କୁଲ ଓ କଲେଜରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବା ସହ ଏମାନେ ସାପଙ୍କ ସାଥୀ ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ମଧ୍ୟରୁ ୩୦% କେବଳ ସାପକାମୁଡ଼ାରେ ଜୀବନ ଯାଉଛି। ସରକାରୀ ରିପୋର୍ଟ ଅନୁସାରେ ଗତ ୧୦ବର୍ଷ ମଧ୍ୟରେ ଓଡ଼ିଶାରୁ ୯୪୧୯ଜଣ ଲୋକ ସାପକାମୁଡ଼ାରେ ପ୍ରାଣ ହରାଇଛନ୍ତି। ଡାକ୍ତରୀ ଚିକିତ୍ସାରେ ବିଶ୍ୱାସ ନକରି ଗୁଣିଗାରେଡ଼ି ଓ ଝଡ଼ାଫୁଙ୍କା ଭଳି ଅନ୍ଧବିଶ୍ୱାସ ଉପରେ ବିଶ୍ୱାସ କରିବା ଫଳରେ ଏତେ ସଂଖ୍ୟାରେ ସାପକାମୁଡ଼ାରେ ମୃତ୍ୟୁବରଣ କରୁଛନ୍ତି ବୋଲି ଅନୁଷ୍ଠାନର ସଭାପତି ସିଦ୍ଧାର୍ଥ ପ୍ରଧାନ କହିଛନ୍ତି। ଓଡ଼ିଶାରେ ବିଶେଷକରି ଚିତି ଓ ନାଗ ସାପ କାମୁଡ଼ାରେ ଅଧିକ ଲୋକ ମୃତ୍ୟୁବରଣ କରୁଛନ୍ତି। ଅଧିକାଂଶ ଲୋକଙ୍କୁ ରାତିରେ ଶୋଇବା ଅବସ୍ଥାରେ ଏହି ସାପ କାମୁଡ଼ିଥାନ୍ତି। ଫଳରେ ଶରୀରରେ ବିଷକ୍ରିୟା ଯୋଗୁ ଲୋକର ଜୀବନ ଚାଲିଯାଇଥାଏ। ତେଣୁ ସାପଙ୍କ ପ୍ରତି ସତର୍କ ରହିବା ଆବଶ୍ୟକ। ବିଶେଷକରି ସାପ କାମୁଡ଼ିବା ଜାଣିବା ମାତ୍ରେ ଭୟଭୀତ ନ ହୋଇ ଏବଂ ଆଦୌ ସମୟ ନଷ୍ଟ ନ କରି ଡାକ୍ତରଙ୍କଖାନାକୁ ଯିବା ଆବଶ୍ୟକ। ସେହିପରି ପରିବେଶ ତଥା ଚିକିତ୍ସା ବିଜ୍ଞାନ ପାଇଁ ସାପଙ୍କ ସୁରକ୍ଷା ନିହାତି ଜରୁରୀ। ଏହାକୁ ଗୁରୁତ୍ୱ ଦେଇ ରାଜ୍ୟର ଅନେକ ସ୍ୱେଚ୍ଛାସେବୀ ସର୍ପ ଉଦ୍ଧାର କରିବାକୁ ଆଗେଇ ଆସୁଛନ୍ତି। ତେବେ ଅନେକ ଲୋକ ସାପଙ୍କୁ ଉଦ୍ଧାର କରିବା ନାମରେ ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ସାପ ଓ ସାପ ବିଷ ଚୋରା ଚାଲାଣ କରିବା, ସାପ ସହ ଷ୍ଟଣ୍ଟ କରିବା ଏବଂ ସେଗୁଡିକର ଭିଡିଓ ଅପ୍‌ଲୋଡ୍ କରି ସୋସିଆଲ ମିଡିଆ ଜରିଆରେ ଅର୍ଥ ଉପାର୍ଜନ କରୁଛନ୍ତି। ତେଣୁ ଏସବୁ କାର୍ଯ୍ୟରୁ ନିବୃତ୍ତ ରହିବା ଆବଶ୍ୟକ। ସେହିପରି ସରକାର ଓ ବନବିଭାଗ ପ୍ରକୃତ ସର୍ପ ଉଦ୍ଧାରକାରୀଙ୍କୁ ଯଥାସମ୍ଭବ ସହଯୋଗ ସହିତ ସେମାନଙ୍କ ଜୀବନଜୀବିକାରେ ଉନ୍ନତି ଆଣିବା ଆବଶ୍ୟକ ବୋଲି ସିଦ୍ଧାର୍ଥ କହିଛନ୍ତି।


ସିଦ୍ଧାର୍ଥ ପ୍ରଧାନ



## ସାପ ଉଦ୍ଧାରରେ ମହିଳା


ସ୍ନେହାଶ୍ରୀ ସୋରେନ୍

ସାଧାରଣତଃ ପୁରୁଷମାନେ ସାପ ଧରିବା କାମ କରୁଥିବାବେଳେ ଏବେ ମହିଳାମାନେ ମଧ୍ୟ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ୨୦୧୧ରେ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ବାଳିକା ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ଯୋଗଦେଇଥିଲେ ସ୍ନେହାଶ୍ରୀ ସୋରେନ୍। ଗ୍ରାମାଞ୍ଚଳ ହୋଇଥିବାରୁ ସ୍କୁଲର ଆଖପାଖ ଅଞ୍ଚଳରେ ଅଧିକାଂଶ ସମୟରେ ସାପ ବାହାରିଥାନ୍ତି। କାମୁଡ଼ିବା ଭୟରେ ପିଲା ତଥା ଅନ୍ୟମାନେ ସାପକୁ ବାଡ଼େଇ ବାଡ଼େଇ ମାରି ଦେଉଥିଲେ। ଯାହାକୁ ଦେଖି ସ୍ନେହାଶ୍ରୀଙ୍କ ମନ ଆନ୍ଦୋଳିତ ହୋଇଥିଲା। ଏହାପରେ ସେ କୌଣସି ତାଲିମ୍ ନ ନେଇ ମଧ୍ୟ ସାପ ଧରିବା କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ପାଣି ସାପ, ବିଷ ନ ଥିବା ସାପ ଧରିଥିଲେ। ପରେ ୟୁଟ୍ୟୁବ୍ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ଦେଖି ସାପ ଧରିବା କୌଶଳ ଶିଖିଥିଲେ। ଏବେସୁଦ୍ଧା ସେ ୩ହଜାର ସାପ ଧରି ସାରିଲେଣି। ନାଗଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସାପ ଧରିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କୁ କୌଣସି ସାପ କାମୁଡ଼ି ନାହାନ୍ତି ବୋଲି ସ୍ନେହାଶ୍ରୀ କହିଛନ୍ତି। ସେହିପରି ଆଉଜଣେ ମହିଳା ସାପ ଉଦ୍ଧାରକାରୀ ହେଉଛନ୍ତି ନୀହାରିକା ମହାପାତ୍ର। ଗ୍ରାଜୁଏଶନ୍ ପଢିବା ସମୟରୁ ସେ ସାପ ଧରିବା ଆରମ୍ଭ କରିଥିଲେ। ୯ମ ଶ୍ରେଣୀରେ ପଢ଼ିବା ସମୟରେ ଏକ ବିଷହୀନ ସାପ ତାଙ୍କ ଘରେ ପଶିଥିଲା। ସାପକୁ ଦେଖି ତାଙ୍କ ମା' ତାକୁ ବାଡ଼େଇ ମାରି ଦେଇଥିଲେ। ଏହାକୁ ଦେଖି ନୀହାରିକା ସେତେବେଳେ ବଡ଼ ହେଲେ ସାପଙ୍କ ସୁରକ୍ଷା ପାଇଁ କାମ କରିବେ ବୋଲି ମନସ୍ଥ କରିଥିଲେ। ଏବେସୁଦ୍ଧା ସେ ଶହେରୁ ଊର୍ଦ୍ଧ୍ୱ ସାପଙ୍କୁ ଉଦ୍ଧାର କରି ସାରିଛନ୍ତି। ସେହିପରି ସାପଙ୍କୁ ନେଇ ବିଭିନ୍ନ ସଚେତନ କାର୍ଯ୍ୟ କରୁଥିବା ନୀହାରିକା କହିଛନ୍ତି।


ନୀହାରିକା ମହାପାତ୍ର

ରିପୋର୍ଟ-ବନ୍ଦନା ସେଠୀ

**ରାଜ୍ୟ ଖବର**

## ବିଦ୍ୟୁତ୍ ଆଘାତରେ ମାମୁ, ଭଣଜା ମୃତ

### ମାଙ୍କଡ଼ ଗୋଡ଼ାଇବା ହେଲା କାଳ

ଭଦ୍ରକ,୧୫।୭ (ସନାତନ ରାଉତ)

ମାଙ୍କଡ଼ ଗୋଡ଼ାଇବା ହେଲା କାଳ। ମାଙ୍କଡ଼କୁ ଗୋଡ଼ାଉଥିବା ବେଳେ ତଳେ ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ ଭଣଜା। ତାଙ୍କୁ ବଞ୍ଚାଇବାକୁ ଯାଇଥିଲେ ମାମୁ। ବିଦ୍ୟୁତ୍ ତାର ଲାଗି ମାମୁ ଭଣଜାଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଅପରାହ୍ନ ୫ଟା ବେଳେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଦୈସିଂ ଆଦିବାସୀ ସାହିରେ। ମୃତକ ହେଲେ ନିଧି ମୁଣ୍ଡା(୩୫) ଓ ତାଙ୍କ ଭଣଜା ନବ ମୁଣ୍ଡା(୧୦)।ସୂଚନା ଅନୁଯାୟୀ, ନବ ଗାଁ ମୁଣ୍ଡରେ ଏକ ମାଙ୍କଡ଼କୁ ଗୋଡ଼ାଉଥିବା ବେଳେ ତଳେ ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସଂଜ୍ଞାହୀନ ହୋଇ ତଳେ ପଡ଼ି ଯାଇଥିଲେ। ଏହା ଦେଖି ନିଧି ଭଣଜାଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିବା ବେଳେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଗ୍ରାମବାସୀ ବିଦ୍ୟୁତ୍ ସଂଯୋଗ କାଟି ଉଭୟଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ଗୋଡ଼ାଇବା ବେଳେ ମାଙ୍କଡ଼ଟି ଡିଆଁ ମାରିବାରୁ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥାଇପାରେ ବୋଲି କୁହାଯାଉଛି। ତେବେ ବିଦ୍ୟୁତ୍ ବିଭାଗର ଅବହେଳାକୁ ଦାୟୀ କରି ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହ କ୍ଷତିପୂରଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବଜ୍ରପାତରେ ଚାଷୀ ମୃତ

ସୁନ୍ଦରଗଡ,୧୫।୭ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ତଳସରା ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀହେଲେ ଭଜମନ କାଲୋ(୫୦)। ତଳସରା ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ମଧ୍ୟାହ୍ନ ପ୍ରାୟ ୧୨ଟାରେ ଭଜମନ ଚାଷ କାମ ସାରି ତାଙ୍କ ସାଥୀମାନଙ୍କ ସହ ବିଲରେ ଗୋରୁ ଚରାଉଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ସେଠାରେ ସେ ଟଳି ପଡିଥିଲେ। ଅନ୍ୟମାନେ ଏଥିରୁ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଭଜମନଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଅସହାୟ ହୋଇପଡିଛନ୍ତି। ଏହି ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


**DISTRICT PROJECT OFFICE**
**SAMAGRA SIKSHYA, SUNDARGARH, ODISHA**
Infront of B.S. High School, At/Po/Dist.Sundargarh, Pin-770001
Email-dpcsndgssa.opepa@nic.in Phone No.-06622-273718
No.2143/GE/Date 15.07.25

**NOTIFICATION**

It is hereby informed to all concerned that in pursuance to the advertisement no. 1757 Dated 11.06.2025 Published in "The Sambad" and "The Samaja" the Draft merit list of all candidates and rejected list who had applied for engagement of staff in different KGBVs of Sundargarh District has been uploaded in the Sundargarh website **http://www.sundargarh.odisha.gov.in.** The objection if any, the last date of filling of objection is on or before 22.07.2025 in the office of Samagra Shikshya, District Project Office, Sundargarh through DPC Office mail **dpcsndgssa.opepa@nic.in** or by hand. The objection will not be accepted after 22.07.2025.

**Sd./- DEO-cum-DPC, SS,Sundargarh**

**DISTRICT PROJECT OFFICE**
**SAMAGRA SIKSHYA, SUNDARGARH**
Email Id: dpcsngssa@nic.in
No.2154/IED/2025 Dated 15.07.2025

**NOTICE INVITING TENDER**

Sealed tender under two bid systems are invited from reputed agency/suppliers/manufacturer having valid PAN, GST & IT clearance alongwith registration of firm etc. for supply of equipment for saksham Resource centre of PM Shri Schools. The detailed bid documents can be downloaded from district website i.e. www.sundargarh.odisha.gov.in and OSEPA website i.e. www.osepa.odisha.gov.in. The interested and eligible agency/suppliers/manufacturer may download bid document from the above website and apply accordingly on or before 01.08.25 by 5 PM through regd/speed post only. The tender will be opened on dt.02.08.25 at 10.30 at Collectorate Sundargarh. Corrigendum/addendum if required will be uploaded in the above website. Hence, the potential bidders are requested go through the above website for any updates. The authority reserves the right to reject/ modify or cancel part or whole tender without assigning any reason thereof.

**By Order of Collector-cum-Chairperson SS, Sundargarh**
**Sd./- DEO & DPC, SS, Sundargarh**

ଧରିତ୍ରୀ DHARITRI Oriya daily ଧରିତ୍ରୀ 51 Years

**WANTED**

| POSITION | ELIGIBILITY | LOCATION |
| --- | --- | --- |
| ସହସମ୍ପାଦକ | ▸ ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।<br>▸ ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।<br>▸ ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। | ଭୁବନେଶ୍ୱର |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆର୍‌ଏସ୍-ବିଏନ୍‌ଡିଏମ୍-୦୨-୨୦୨୫-୨୬, ତାରିଖ: ୧୪।୦୭।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଟିଆର୍‌ଏସ୍), ବଣ୍ଡମୁଣ୍ଡା, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଟେଣ୍ଡର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ବର୍ଣ୍ଣନା:** ତିନି ଫେଜ୍ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ରେ କ୍ୟାବ୍‌ଗୁଡ଼ିକର ଥର୍ମାଲ୍ ଇନ୍‌ସୁଲେସନ୍‌ର ବ୍ୟବସ୍ଥା ସହ କ୍ୟାବ୍‌ଗୁଡ଼ିକରେ ଏୟାର କଣ୍ଡିସନିଂର ରେଟ୍ରୋ ଫିଟ୍‌ମେଣ୍ଟ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୧,୨୭,୦୫,୮୭୦/-। **ଅମାନତ ରାଶି:** ₹୨,୧୩,୬୦୦/- । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୬।୦୮।୨୦୨୫ରିଖ ୧୭.୦୦ ଘଟିକାରେ । **ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ: http://www.ireps.gov.in** । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟରେ ଉପଲବ୍ଧ ହେବ । (PR-397)

**OFFICE OF THE PRINCIPAL**
**PARJANG MAHAVIDYALAYA, PARJANG**
**DIST-DHENKANAL-759120**
Email ID-parjangmahavidyalaya@yahoo.com
Website: parjangmahavidyalaya.org

**QUOTATION CALL NOTICE**

Sealed quotations are invited from reputed firms/suppliers/ authorized dealers having valid GST registration and PAN/TIN for supply and installation of IT equipments at the College premises as per Letter No. HE-IT-UC-0001-2025: 12655 Dt. 05.03.2025 of FA cum Special Secretary to Govt. Department of Higher Education, Govt. of Odisha, Bhubaneswar. Interested parties are requested to submit their quotations to the undersigned on or before 22/07/2025 by 05 PM positively. The quotation will be opened on 24/07/2025 in the College office at 11.00 A.M. The details specification is available in the College website.
The authority reserves the right to reject/cancel the quotation without assigning any reason thereof.

**Sd/-Principal, Parjang Mahavidyalaya, Parjang**

**JHARKHAND BIJLI VITRAN NIGAM LIMITED**
**(CIN: U40108JH2013SGC001702)**
**Regd. Office:- Engineering Building, HEC, Dhurwa, Ranchi–834004.**
**fax # 0651-2400483 e-mail : cesp.jseb@rediffmail.com/gmsp.jbvnl@rediffmail.com**

**Notice inviting tender for procurement through rate contract**

JBVNL invites online e-tender from reputed, technically experienced and financially sound manufacturers/ authorized supplier only for supply of following Material through rate contract :-

| Sr | NIT/Tender notice No. and description of item | Tender fee | Date of publication of tender on website | Document download start date & time | Online Bid Submission start date | Online Bid Submission end date | Technical bid opening date and time |
| --- | --- | --- | --- | --- | --- | --- | --- |
| 1 | **103/PR/JBVNL/2025-26** ISI marked Three phase PVC insulated copper service cable 4C x 16 sq.mm armoured | Rs 10000/- + GST | 16/07/2025 from 13:00 Hrs. | 16/07/2025 from 13:10 Hrs. | 16/07/2025 from 13:20 Hrs. | 06/08/2025 upto 18:00 Hrs. | 07/08/2025 at 18: 00 Hrs. |
| 2 | **104/PR/JBVNL/2025-26** ISI marked, Al. Power cable XLPE insulated 1C x 240 sq.mm (un-armoured), 1C x 120 sq.mm (un-armoured) for DT meter and 1C x 400 sq.mm XLPE insulated Al. cable (un-armoured) | Rs 10000/- + GST | 16/07/2025 from 13:00 Hrs. | 16/07/2025 from 13:10 Hrs. | 16/07/2025 from 13:20 Hrs. | 06/08/2025 upto 18:00 Hrs. | 07/08/2025 at 18: 00 Hrs. |
| 3 | **105/PR/JBVNL/2025-26** 33 KV Metering unit of different ratio | Rs 10000/- + GST | 16/07/2025 from 13:00 Hrs. | 16/07/2025 from 13:10 Hrs. | 16/07/2025 from 13:20 Hrs. | 06/08/2025 upto 18:00 Hrs. | 07/08/2025 at 18: 00 Hrs. |

NOTE:-(i) Only e-tenders will be accepted. Further details can be seen on website http:jharkhandtenders.gov.in and may be contacted on Mobile No. 9431135523/ 9430348596, NIC help line No. 0651-2400178
(ii) Tender fee & EMD must be paid through online mode.
(iii) Tender fee is non-refundable.

स्वहित एवं राष्ट्रहित में ऊर्जा बचावें। कृपया अपनी शिकायतों को 18003456570(कॉल सेन्टर) पर दर्ज करायें।

Sd/- Dy. General Manager (P) JBVNL

PR.NO.357373 Jharkhand Bijlee Vitran Nigam Ltd(25-26):D

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIREMENT**
**MARKETING EXECUTIVE** with Motor Cycle. Any Graduate in Bhubaneswar. One **OFFICE ASSISTANT** with Computer Knowledge BCA, PGDCA in Bhubaneswar.
**Mob.: 9338205137, 9861404151**

**REQUIRED**
We need for our Real Estate Company
1. **RECEPTIONIST** : +3 above + Comp. (Ladies)
2. **TELECALLER** : +2 above + Comp. (Ladies)
3. **MARKETING EXECUTIVE** : +2 above + Experience
4. **PEON-CUM-COOK** : 10th above.
**Office: Sundarpada, Bhubaneswar - 02**
**Send your Bio-data @ 9777969014, 9861433014**

**WANTED**
**Marketing Staff** for a Reputed Real Estate Company on the Basis of Monthly Salary of Rs.10,000/- per Month. Kindly Contact- **At: SPPL, N1/200, IRC Village, Nayapalli, Bhubaneswar-15, Cell: 9937605789**

**WANTED**
Honest, Responsible, **Home Worker** for house. Salary as per Experience. Free Room Utilities, must speak Hindi, English and Odia. Immediate joining in Bhubaneswar.
**Send Biodata To : 9438128790**

**JAWAHARLAL NEHRU HIGHER SECONDARY SCHOOL, BALIANTA, KHORDHA**
E-mail: jawaharlal93384@gmail.com, Ph. No.: 7008726788
**WALK-IN-INTERVIEW**
Candidates having minimum 55% marks in P.G. can Walk-in-Interview for Lecturer in Odia and History (One Post for each subject) on Dt.30.07.2025, Wednesday from 10.30 A.M. onwards.
**Sd./- Principal-cum-Secretary**

**URGENTLY REQUIRED FOR OUR VACANT POSITIONS**

WE ARE ONE OF THE LEADING OUTDOOR ADVERTISING AGENCY IN ODISHA REQUIRE EXPERIENCE PERSONS AS PER THE FOLLOWINGS FOR BHUBANESWAR LOCATION, INTERESTED CANDIDATES MAY APPLY/SEND THEIR CV "**TEAMINHOUSE2022@GMAIL.COM**" MAXIMUM WITHIN 7 DAYS FROM THE DATE OF ADVERTISEMENT.

FOR ANY QUERIES CONTACT - 7327932208

**1. SR. MARKETING EXECUTIVE - (1 No.)**
GRADUATE/ MBA, MINIMUM 5-7 YRS. EXPERIENCE IN OUTDOOR ADVERTISING INDUSTRY OR ANY OTHER INDUSTRY WITH COMPUTER SKILL. (BOTH MALE AND FEMALE CANDIDATE CAN APPLY). OWN CONVEYANCE MUST.
- **SALARY**- 18,000 - 20,000 (FUEL & MOBILE COST EXTRA) .
- SALARY CAN BE ENHANCED MARGINALLY IF FOUND EXCEPTIONAL
- EXTRA SALES INCENTIVE WILL BE GIVEN ON PRO RATA BASIS ON ACHIEVEMENT OF 100% MONTHLY SALES TARGET.

**2. MARKETING EXECUTIVE - (3 Nos.)**
GRADUATE, MINIMUM 3-4 YRS. EXPERIENCE IN OUTDOOR ADVERTISING INDUSTRY OR ANY OTHER INDUSTRY WITH COMPUTER SKILL. (BOTH MALE & FEMALE CANDIDATES CAN APPLY) OWN CONVEYANCE MUST.
- **SALARY**- 12,000 -15,000 (FUEL & MOBILE COST EXTRA)
- EXTRA SALES INCENTIVE WILL BE GIVEN ON PRO RATA BASIS ON ACHIEVEMENT OF 100% MONTHLY SALES TARGET.

**3. FIELD SUPERVISOR - (3 Nos.)**
GRADUATE, MINIMUM 5 YRS. EXPERIENCE, PREFERABLY OUTDOOR FIELD WITH COMPUTER KNOWLEDGE, OWN CONVEYANCE MUST. ONLY MALE CANDIDATES CAN APPLY.
**SALARY**- 11,000 - 13,000 (FUEL & MOBILE COST EXTRA).

**4. FIELD ELECTRICIAN - (3 Nos.)**
MATRIC/ ITI, 2-3 YRS. EXPERIENCE, PREFERABLY OUTDOOR FIELD AND OWN CONVEYANCE MUST. PREFERABLY MALE CANDIDATES.
**SALARY**- 10,000 - 12,000 PM.

**"SALARY SLIGHTLY NEGOTIABLE IN CASE OF EXPERIENCE CANDIDATURE"**

**TEAM ADMARK PVT. LTD.**
99/A, SAHID NAGAR, OPP INCOME TAX OFFICE, 1ST LANE, FACING NH, BHUBANESWAR - 751007 || Call/Whats App- 7327932208

# କବିତ୍ୱ ସର୍ବଦା ଉଚ୍ଚନୀଚ ଭେଦଭାବର ଊର୍ଦ୍ଧ୍ୱରେ: ରାଷ୍ଟ୍ରପତି




ଜେ.ଏନ. ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବରେ ଉପସ୍ଥିତ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ଅତିଥି।

**କଟକ,୧୫।୭(କାର୍ତ୍ତିକ ସାହୁ)**

## ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବ

ଆଦିକବି ସାରଳା ଦାସଙ୍କ ୬୦୦ତମ ଜୟନ୍ତୀ ଅବସରରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମହାକବି ସାରଳା ଦାସ ସାଧାରଣ ପରିବାରରେ ଅସାଧାରଣ ପ୍ରତିଭା ନେଇ ଜନ୍ମଗ୍ରହଣ କରିଥିଲେ। ତାଙ୍କ କବିତ୍ୱ ଓ ପାଣ୍ଡିତ୍ୟର ପଟାନ୍ତର ନାହିଁ ବୋଲି ବର୍ଣ୍ଣନା କରି କହିଲେ ଯେ, କୌଣସି ବି ଭାଷାରେ ମହାଭାରତ ପରି ମହାକାବ୍ୟ ରଚନା କରିବା ସହଜ ନୁହେଁ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। କୃଷକ ପରିବାରରେ ଜନ୍ମିତ ସାରଳା ଦାସ ମହାଭାରତ ରଚନା କରି ପ୍ରମାଣ କରିଛନ୍ତି ଯେ କବିତ୍ୱ ସର୍ବଦା ଉଚ୍ଚନୀଚ ଭେଦଭାବର ଊର୍ଦ୍ଧ୍ୱରେ ବୋଲି ରାଷ୍ଟ୍ରପତି କହିଛନ୍ତି। ଜେ.ଏନ. ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବରେ ସଂସଦ ପକ୍ଷରୁ ରାଷ୍ଟ୍ରପତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଳିଙ୍ଗ ରତ୍ନ ଓ ସୁସାହିତ୍ୟିକ ବିଜୟ ନାୟକଙ୍କୁ ସାରଳା ସମ୍ମାନ ପ୍ରଦାନ କରି ଖୁସି ପ୍ରକଟ କରିଥିଲେ। ଓଡ଼ିଆ ଭାଷାର ଶାସ୍ତ୍ରୀୟତା ବିଷୟରେ ତଥା ଆଦିକବି ସାରଳା ଦାସ ଏବଂ ଅନ୍ୟାନ୍ୟ କବିଙ୍କର କାବ୍ୟକୃତି ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିଥିଲା। ଓଡ଼ିଆ ଓ ସାନ୍ତାଳୀ ଭାଷା ସହ ଭାରତର ବିବିଧ ଭାଷା ଭାରତର ଶିକ୍ଷା-ପରମ୍ପରାକୁ ୨୦୩୬ ସମୃଦ୍ଧ କରିପାରିବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଥିଲେ। ଆମେ ସମସ୍ତେ ମାତୃଭାଷାରେ ଶିକ୍ଷାଦାନ ଉପରେ ଅଧିକରୁ ଅଧିକ ଗୁରୁତ୍ୱ ଦେବା ତଥା ନିଜ ମାତୃଭାଷାର ବହୁଳ ପ୍ରୟୋଗ ଏବଂ ଉଚ୍ଚତର ଗବେଷଣା ପାଇଁ ସମସ୍ତେ ଯତ୍ନବାନ ହେବା ବୋଲି ସେ କହିଥିଲେ। ଆଉ ଯେତେ ଭାଷା ପାରୁଛ ଶିଖ, ନିଜ ମାତୃଭାଷା ମହତ ରଖ ବୋଲି ରାଷ୍ଟ୍ରପତି ଆହ୍ୱାନ ଦେଇଥିଲେ। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ସାରଳା ସାହିତ୍ୟ ସଂସଦର ଉପଦେଷ୍ଟା ସହଦେବ ସାହୁ, ପଦ୍ମଭୂଷଣ ପ୍ରତିଭା ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସାରଳା ସାହିତ୍ୟ ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# 'ଝିଅ କୌଣସି ଗୁଣରେ କମ୍ ନୁହନ୍ତି'

## ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ପୁନଃ ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ରାଷ୍ଟ୍ରପତି

**କଟକ,୧୫।୭(କାର୍ତ୍ତିକ ସାହୁ)**

ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟର ପୁନଃ ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଆମ ଝିଅମାନେ ପୁଅମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି କହିଛନ୍ତି। ପାଠପଢ଼ି ଭଲ ମଣିଷ ହେବା ସହ ନିଜ ମାତାପିତା, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଗୁରୁଜନମାନଙ୍କ ଆଶୀର୍ବାଦ ଗ୍ରହଣ କରି ନିଜ ବ୍ୟକ୍ତିତ୍ୱକୁ ପରିସ୍ଫୁଟ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି। ନିଜ ବ୍ୟବହାର ଦ୍ୱାରା ନିଜର ଏକ ଏଭଳି ପରିଚୟ ସୃଷ୍ଟି କର ଯେ, ଯେଉଁଠାକୁ ଯିବ ସେଠାରେ ସମସ୍ତେ ତୁମର ପରିଚୟ ପଚାରିବେ। ନିଜ ବିଦ୍ୟାଳୟକୁ ଗୌରବାନ୍ୱିତ କରିବା ସହ ଓଡ଼ିଆ ବୋଲି ନିଜକୁ ପ୍ରମାଣିତ କର। ନାରୀ ଶିକ୍ଷାର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରମୁଖ ସ୍ଥାନ ଗ୍ରହଣ କରିଥିବା ଏହି ବିଦ୍ୟାଳୟ କେତେ ଜ୍ଞାନୀ, ଗୁଣୀ, ବିଦୁଷୀ ମହିଳା ତିଆରି କରିଛି। ଏହି ବିଦ୍ୟାଳୟରେ ପାଠ ପଢ଼ିଥିବା ଅନେକ ଛାତ୍ରୀ ସମାଜରେ ଉଚ୍ଚ ପ୍ରତିଷ୍ଠିତ। କେନ୍ଦ୍ର ସରକାର ଏହି ପ୍ରକଳ୍ପ ନିମନ୍ତେ ୮୬ କୋଟି ୨୬ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ରାଜ୍ୟ ସରକାର ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରି ପ୍ରାୟ ଦେଢ଼ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ପି ଭର୍ତ୍ତୃହରି ମହତାବ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂ, ବାରବାଟୀ କଟକ ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରାଜ୍ୟପାଳ ସଭା ମଞ୍ଚରୁ ତଳକୁ ଯାଇ ଛାତ୍ରୀମାନଙ୍କୁ ଚକୋଲେଟ ବାଣ୍ଟିବା ସହ ସେମାନଙ୍କ ସହ କଥା ହୋଇଥିଲେ।




ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁନଃ ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ସଂକ୍ଷେପରେ

### ବୃଦ୍ଧଙ୍କୁ ୩ ବର୍ଷ ଜେଲଦଣ୍ଡ
### ନାବାଳିକା ଅସଦାଚରଣ ମାମଲା

**ଭୁବନେଶ୍ୱର,୧୫।୭(ସତ୍ୟଜିତ୍ ରାଉତ)**

ନାବାଳିକା ଅସଦାଚରଣ ମାମଲାରେ ଭୁବନେଶ୍ୱର ଆଡ୍‌ହକ୍ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟ-୧(ପୋକ୍ସୋ) ମଙ୍ଗଳବାର ରାୟ ପ୍ରକାଶ କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ବାଲିପାଟଣା ଥାନା ଅନ୍ତର୍ଗତ ନରିଶୋ ନିଧିସାହିର ଗୋବିନ୍ଦ କାଣ୍ଡି (୫୮)ଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ କୁହାଯାଇଛି। ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ସରୋଜ କୁମାର ସାହୁ ରାୟରେ ଶୁଣାଇଛନ୍ତି। ୨୦୨୧ ଅଗଷ୍ଟ ୨୯ରେ ପୀଡ଼ିତା ବାପା-ମା ଚାଷ କାମ ପାଇଁ ଜମିକୁ ଯାଇଥିଲେ। ଘରେ ଥିବା ୧୩ ବର୍ଷୀୟା ନାବାଳିକାଙ୍କୁ ଅଭିଯୁକ୍ତ ଗୋବିନ୍ଦ ତାଙ୍କ ପାନ ବରଜକୁ ଡାକି ନେଇ ଅସଦାଚରଣ କରିଥିଲେ। ପୀଡ଼ିତା କାନ୍ଦି କାନ୍ଦି ଘରକୁ ଫେରିଥିଲେ। ମା' ଓ ବାପା ଘରକୁ ଫେରିବା ପରେ ଘଟଣା ବିଷୟରେ ଜାଣି ଅଭିଯୁକ୍ତଙ୍କୁ ପଚାରିଥିଲେ। ହେଲେ ଗୋବିନ୍ଦ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏନେଇ ପୀଡ଼ିତାଙ୍କ ମା'ଙ୍କ ପକ୍ଷରୁ ଏତଲାକ୍ରମେ ବାଲିପାଟଣା ଥାନା ପୋଲିସ ମାମଲା (ନଂ.୨୧୯/୨୦୨୧) ରୁଜୁ କରି ତଦନ୍ତ କରିଥିଲା। କୋର୍ଟ ୧୨ଜଣଙ୍କ ସାକ୍ଷ୍ୟ ଓ ୬୧ଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଗୋବିନ୍ଦଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜିବ ସାସ୍ମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ବଳରାମ ଦେଓ ମାମଲା ପରିଚାଳନା କରୁଥିଲେ।

### ଶରଧାବାଲି ଦଳାଚକଟା ଘଟଣାର ଜନଶୁଣାଣି: ମତ ରଖିଲେ ୪୦ ଅଧିକାରୀ

**ପୁରୀ,୧୫।୭(ଅଜିତ୍ କୁମାର ମହାନ୍ତି)**

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ଗତ ୨୯ ତାରିଖ ଭୋରରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଦଳାଚକଟା ଘଟିଥିଲା। ଏହି ଘ ଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଥିଲେ। ଘଟଣାର ତଦନ୍ତ ପାଇଁ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ସରକାର ଦାୟିତ୍ୱ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୁରୀର ସ୍ୱତନ୍ତ୍ର ସର୍କିଟ ହାଉସରେ ଅନୁଷ୍ଠିତ ଜନଶୁଣାଣିରେ ଘଟଣା ସମୟରେ ଡ୍ୟୁଟିରେ ଥିବା ୪୦ ଜଣ ଅଧିକାରୀ ସେମାନଙ୍କ ମତ ରଖିଛନ୍ତି। ତେବେ ଅଧିକ ତଦନ୍ତ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଉନ୍ନୟନ କମିଶନର ସମସ୍ତ ଦିଗକୁ ଦେଇ ତଦନ୍ତ ଜାରି ରଖିଛନ୍ତି। ଗତ ୧୦ ତାରିଖରେ ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସରେ ଅନୁଷ୍ଠିତ ପ୍ରଥମ ଜନଶୁଣାଣିରେ ୪୮ ଜଣ ମତ ରଖିଥିଲେ।

# ଜାତୀୟ ମତ୍ସ୍ୟଜୀବୀ ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ




ବୈଠକରେ ଓଟିଏଫ୍‌ଡବ୍ଲ୍ୟୁର ସଭାପତି ପ୍ରସନ୍ନ କୁମାର ବେହେରା ଏବଂ ଅନ୍ୟମାନେ।

**ଭୁବନେଶ୍ୱର,୧୫।୭ (ବନ୍ଦନା ସେଠୀ)**

ଜାତୀୟ ମତ୍ସ୍ୟଜୀବୀ ମଞ୍ଚ(ଏନ୍‌ଏଫ୍‌ଏଫ୍)ର କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ରେଡକ୍ରସ ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପାରମ୍ପରିକ ମତ୍ସ୍ୟଜୀବୀ ସଂଘ(ଓଟିଏଫ୍‌ଡବ୍ଲ୍ୟୁ) ସହଯୋଗରେ ଆୟୋଜିତ ଏହି ବୈଠକରେ ଓଟିଏଫ୍‌ଡବ୍ଲ୍ୟୁର ସଭାପତି ପ୍ରସନ୍ନ କୁମାର ବେହେରା ଉଦ୍‌ବୋଧନ ଦେଇ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଦୁଃସ୍ଥିତି ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ, କଇଁଛ ସଂରକ୍ଷଣ ପାଇଁ ୪ଟି ଜିଲାରେ ୭ମାସ ପାଇଁ ମାଛ ଧରିବା ଉପରେ ରାଜ୍ୟ ସରକାର ପ୍ରତିବନ୍ଧକ ଲଗାଇଛନ୍ତି। ଏହାଦ୍ୱାରା ଓଡ଼ିଶାରେ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଅବସ୍ଥା ଖରାପ ହେଉଛି। ତେଣୁ ପ୍ରତିବନ୍ଧକ ଅବଧି ମଧ୍ୟରେ ପ୍ରତି ପରିବାରକୁ ୩୦ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ। ଏଥିସହ ୨୪ଘଣ୍ଟା ସାମୁଦ୍ରିକ ନୌଚାଳନା ସକ୍ଷମ କରିବା ପାଇଁ ନଦୀ ମୁହାଣ ଏବଂ ଚିଲିକା ହ୍ରଦକୁ ତୁରନ୍ତ ସଫା କରିବା, ମତ୍ସ୍ୟଜୀବୀଙ୍କ ଜୀବିକାକୁ ସମର୍ଥନ କରିବା ପାଇଁ ପ୍ରତ୍ୟେକ ସାମୁଦ୍ରିକ ବ୍ଲକ/ଗ୍ରାମପଞ୍ଚାୟତରେ ମତ୍ସ୍ୟ ଅବତରଣ କେନ୍ଦ୍ର (ଏଫ୍‌ଏଲ୍‌ସି) ଏବଂ ପୋତାଶ୍ରୟ ସୃଷ୍ଟି ପାଇଁ ଦାବି କରିଥିଲେ। ବନ୍ଦର ସମ୍ବନ୍ଧୀୟ ସମ୍ପ୍ରସାରଣ ଏବଂ କର୍ଣ୍ଣାଟକ, ଗୋଆ, କେରଳ, ମହାରାଷ୍ଟ୍ର, ଗୁଜରାଟ ଓ ଓଡ଼ିଶାରେ ନୂତନ ବନ୍ଦର ନିର୍ମାଣ ଯୋଜନା ପାଇଁ ମତ୍ସ୍ୟଜୀବୀମାନେ ବିଶେଷଭାବେ ପ୍ରଭାବିତ ହେଉଛନ୍ତି। ଏପରି କି ଏଥିପାଇଁ ସେମାନଙ୍କୁ ବିସ୍ଥାପିତ କରାଯିବା ଘଟଣା ଏକ ପ୍ରମୁଖ ସମସ୍ୟା ଅଟେ। ଇତିମଧ୍ୟରେ କେନ୍ଦ୍ର ସରକାର ମାଛ ଚାଷ ପାଇଁ ସବ୍‌ସିଡି ବନ୍ଦ କରିଦେଇଥିବାବେଳେ ସାମୁଦ୍ରିକ ସବ୍‌ସିଡିକୁ ବୃଦ୍ଧି କରିଦେଇଛନ୍ତି, ଯାହାକି ପରିବେଶ ଏବଂ ଜୈବ ବିବିଧତାକୁ ନଷ୍ଟ କରୁଛି। ତେଣୁ ଏସବୁ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟକାରୀ କମିଟି ବୈଠକରେ ସଂକଳ୍ପନାମା ପାରିତ ହୋଇଛି।

# ରମାଦେବୀରେ ଏନ୍‌ଏସ୍‌ଏସ୍ ଅଧିକାରୀଙ୍କ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୫।୭(ସୁଚିସ୍ମିତା ସାହୁ)**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ ମହାବିଦ୍ୟାଳୟର ଏନଏସଏସ ଅଧିକାରୀଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରମାଦେବୀରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜିକା ପ୍ରଫେସର ଅଲିଭା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ଚଣ୍ଡୀଚରଣ ରଥ ଏଥିରେ ଅଧକ୍ଷତା କରିଥିବାବେଳେ ସମାଜସେବା କାର୍ଯ୍ୟକ୍ରମର ଏସ୍‌ଏନ୍‌ଓ କମ୍ ଡେପୁଟି ସେକ୍ରେଟାରୀ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏନଏସଏସର ଗୁରୁତ୍ୱ ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାନବିକ ମୂଲ୍ୟବୋଧର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଓଡିଶା କୃଷି ବିଶ୍ୱବିଦ୍ୟାଳୟର ସମାଜସେବୀ ପ୍ରଶିକ୍ଷକ ନୀରଦ ଚରଣ ଖୁଣ୍ଟିଆ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀଙ୍କ ଭୂମିକା ଓ ତାଙ୍କର କାର୍ଯ୍ୟ ଦକ୍ଷତା ଉପରେ ଅଲୋକପାତ କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଏନଏସଏସ ୟୁନିଟ-୧ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଗୀତାଞ୍ଜଳୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ୩ ବର୍ଷ ପରେ ୩ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୫।୭(ସତ୍ୟଜିତ୍ ରାଉତ)**

## ଇନ୍‌ଷ୍ଟା ରିଲ୍ସକୁ ନେଇ ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣା

ଇନ୍‌ଷ୍ଟାଗ୍ରାମରେ ରିଲ୍ସ କରିବାକୁ ଶତ୍ରୁତା ହେବା ପରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ହତ୍ୟା ଉଦ୍ୟମ ଘଟଣାରେ ଶହୀଦନଗର ପୋଲିସ ୩ବର୍ଷ ପରେ ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଶାନ୍ତିପଲ୍ଲୀ ବସ୍ତିର ଶଙ୍କର ପାତ୍ର (୨୧), ଶହୀଦନଗର ଅଞ୍ଚଳର ବିଶ୍ୱଜିତ ରାଉତ (୨୧) ଓ ବମିଖାଲର କାହ୍ନୁ କିଶୋର କୁମାର ନାୟକ (୨୪)। କୋଟଚାଲାଣ ପରେ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆକ୍ରମଣରେ ଆହତ ଚନ୍ଦନ କୁମାର ଜେନା ଶହୀଦନଗରସ୍ଥିତ ଏକ ସ୍ପାରେ ଚାକିରି କରୁଥିଲେ। ସେ ସାଙ୍ଗ ନିଲୁ ଏବଂ କେ. ଅଜୟଙ୍କ ସହ ପ୍ରାୟତଃ ଇନ୍‌ଷ୍ଟାଗ୍ରାମ ରିଲ୍ ତିଆରି କରୁଥିଲେ। ୨୦୨୨ ମେ' ୩୧ ସକାଳେ ଚନ୍ଦନ ଓ ତାଙ୍କ ଦୁଇ ସାଙ୍ଗ ମହର୍ଷି କଲେଜ ପଛରେ ରିଲ୍ ଶୁଟିଂ କରୁଥିଲେ। ସେହି ସମୟରେ ଅଜ୍ଜୁ, ମିଟୁ ଓ ବିଶ୍ୱନାଥ ଚନ୍ଦନଙ୍କ ପାଖକୁ ଆସି ରିଲ୍ କରିବାକୁ ବାରଣ କରି ଧମକ ଦେଇଥିଲେ। ହେଲେ ଚନ୍ଦନ ସେମାନଙ୍କ କଥା ନ ଶୁଣି ରିଲ୍ କରିବା ଜାରି ରଖିଥିଲେ। ଏହାର ପରଦିନ ଅଭିଯୁକ୍ତ ଅଜ୍ଜୁ, ମିଟୁ ଓ ବିଶ୍ୱନାଥ ସ୍ପାରେ ପହଞ୍ଚି ଚନ୍ଦନଙ୍କୁ ଖୋଜିଥିଲେ। ହେଲେ ସେ ନ ଥିବାରୁ ପଳାଇଥିଲେ। ସେହିଦିନ ରାତି ପ୍ରାୟ ୮ଟା ୩୦ରେ ସେମାନେ ଚନ୍ଦନଙ୍କୁ ମହର୍ଷି କଲେଜ ଛକକୁ ଡାକିଥିଲେ। ଚନ୍ଦନ ତାଙ୍କ ଦୁଇ ସାଙ୍ଗଙ୍କ ସହ ପହଞ୍ଚିବା ପରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ବାଡ଼ି ଓ ଖଣ୍ଡା ଧରି ସେମାନଙ୍କୁ ଗୋଡ଼ାଇଥିଲେ। ନିଲୁ ଓ ଅଜୟ ଦୌଡ଼ି ପଳାଇଥିବା ବେଳେ ଚନ୍ଦନ ମହର୍ଷି କଲେଜ ପଛ ପାର୍ଶ୍ୱକୁ ଖସିଯିବାକୁ ଚେଷ୍ଟା କରିଥିଲେ। ଅଭିଯୁକ୍ତମାନେ ଚନ୍ଦନଙ୍କୁ ପିଛା କରି ଗୌରାଙ୍ଗ ଆଶ୍ରମ ପଛରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଏତଲାକ୍ରମେ ଶହୀଦନଗର ଥାନା ମାମଲା (ନଂ.୨୫୦/୨୦୨୨) ରୁଜୁ କରି ତଦନ୍ତ କରିଥିଲା।

# ଝାଡ଼ାବାନ୍ତିରେ ଆଉ ୨୦ ଆକ୍ରାନ୍ତ



ମେଡିକାଲରେ ଚିକିତ୍ସାଧୀନ ଆକ୍ରାନ୍ତମାନେ।

**କଣାସ,୧୫।୭(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକରେ ୧୫ଦିନ ହେଲା ଝାଡ଼ାବାନ୍ତି ଲାଗିରହିଛି। ମଙ୍ଗଳବାର କରମଳା ଗ୍ରାମର ଗୋଟିଏ ପରିବାରର ୪ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ବିଭିନ୍ନ ପଞ୍ଚାୟତରୁ ୧୬ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଏସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷମାନିଧି ସେଠୀ କହିଛନ୍ତି, ଜନସାଧାରଣଙ୍କ ସଚେତନତା ଅଭାବରୁ ଝାଡ଼ାବାନ୍ତି ଲାଗିରହିଛି। ବିଶେଷକରି ଗ୍ରାମବାସୀ ପାଇଖାନା ବ୍ୟବହାର ନ କରି ବାହାରେ ମଳତ୍ୟାଗ କରୁଥିବା ଏବଂ ନଦୀନାଳର ଅପରିଷ୍କାର ପାଣିକୁ ବ୍ୟବହାର କରୁଥିବାରୁ ଝାଡାବାନ୍ତି ଥମିବାର ନାଁ ନେଉନାହିଁ। ସୂଚନାଯୋଗ୍ୟ, ୩ମାସ ତଳେ ଗଡ଼ିଶାଗୋଦା ଅଞ୍ଚଳର ନୂଆଗାଁ, ନଇକୂଳପାଟଣା, ଗଡ଼ିଶାଗୋଦା, ଯାମଳଗୋଦା, ଯାଗୁଳେଇପଦର, କଳାପଦର, ଗୋପିନାଥପୁର ଗ୍ରାମରେ ଦୀର୍ଘ ୧ମାସ ଧରି ଝାଡ଼ାବାନ୍ତି ଲାଗିରହିବା ଏବଂ ୬ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହେବାରୁ ଏହା ପ୍ରଶାସନ ଏବଂ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା।

# ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

**ଖୋର୍ଦ୍ଧା,୧୫।୭(ପ୍ରଭାତ ପାଣିଗ୍ରାହୀ)**

## ଏଫ୍‌ଏମ୍ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣା

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଖୋର୍ଦ୍ଧା ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଘଟଣା ପାଇଁ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଦାୟୀ କରିଥିଲେ। କୁଶପୁତ୍ତଳିକା ଦାହ କରିଥିଲେ। ଉପଯୁକ୍ତ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଛାତ୍ର କଂଗ୍ରେସ ପକ୍ଷରୁ ଲଢ଼େଇ ଜାରି ରହିବ ବୋଲି ଜିଲା ଛାତ୍ର ସଭାପତି ସୁନିଲ ମହାନ୍ତି କହିଛନ୍ତି। ଏହି ବିକ୍ଷୋଭ ବେଳେ ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ସୁଶ୍ରୀ ସ୍ୱାଗତିକା ପଟ୍ଟନାୟକ, ରାଜିବୀ ଗାନ୍ଧୀ, ପ୍ରଦୀପ ପଟ୍ଟନାୟକ, ହଲିମ ଖାନ, ମହମ୍ମଦ ଶାରୁଖ, ଜ୍ଞାନରଞ୍ଜନ ମହାପାତ୍ର, ବାଦଲ ସାହୁ, ସୁନିଲ ବେହେରା, ସୋମନାଥ ମୁଦୁଲି, ରାକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ (ଏଆଇଡିଏସ୍‌ଓ) ଖୋର୍ଦ୍ଧା ଶାଖା ପକ୍ଷରୁ ପିଏନ୍ କଲେଜ ମୁଖ୍ୟ ଫାଟକ ଆଗରେ ବିକ୍ଷୋଭ କରାଯାଇଛି। ମହାବିଦ୍ୟାଳୟର ଛାତ୍ରନେତା ରାକେଶ କାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଲୋକାଲ କମିଟି ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ଅବିନାଶ ପ୍ରଧାନ, ଜୟନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ଜେନା, ଶ୍ରୀଦେବୀ ନାୟକ ପ୍ରମୁଖ ଏହି ଘଟଣାକୁ ନିନ୍ଦା କରିଥିଲେ। ଦୋଷୀଙ୍କୁ ଫାଶୀଦଣ୍ଡ, ମୃତାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ସମସ୍ତ ଶିକ୍ଷା ଅନୁଷ୍ଠାନରେ ଛାତ୍ରୀଙ୍କ ସୁନିଶ୍ଚିତ ସୁରକ୍ଷା ଦାବି କରିଥିଲେ। ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ସମସ୍ତ ସ୍କୁଲ, କଲେଜ ଏବଂ ବ୍ୟବସାୟୀ ପ୍ରତିଷ୍ଠାନ ବନ୍ଦ ରଖିବା ପାଇଁ ଆହ୍ୱାନ ଦିଆଯାଇଛି।




ଖୋର୍ଦ୍ଧା ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଫାଟକ ଆଗରେ ବିକ୍ଷୋଭ କରାଯାଉଛି।




ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ ଖୋର୍ଦ୍ଧା ଶାଖା ପକ୍ଷରୁ ପିଏନ୍ କଲେଜ ମୁଖ୍ୟ ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ।

# ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ପାଇଁ ...

**ଅଧାପକଙ୍କ ଦ୍ୱାରା ନିର୍ଯାତିତ ହୋଇ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିବା ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ ଦାବି ଏବେ ଜୋର ଧରିଛି। ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ଦାୟୀ ସମସ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଦାବିରେ ରାଜଧାନୀରେ ମଙ୍ଗଳବାର ବିଭିନ୍ନ ଛାତ୍ରଗୋଷ୍ଠୀ ଏବଂ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।**



ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକରେ ମହମବତି ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## କଲେଜ, ବିଶ୍ୱବିଦ୍ୟାଳୟରେ ନିରବ ପ୍ରାର୍ଥନା ପାଇଁ ନିବେଦନ

ଭୁବନେଶ୍ୱର,୧୫।୭(ସୁଚିସ୍ମିତା ସାହୁ)

ପ୍ରଶାସନିକ ଉଦାସୀନତା ଓ ବ୍ୟବସ୍ଥାଗତ ନିଷ୍କ୍ରିୟତା ଯୋଗୁ କ୍ୟାମ୍ପସ୍‌ରେ ନିର୍ଯାତନା ଓ ଶୋଷଣର ଶିକାର ହୋଇ ପ୍ରତିବାଦ ପାଇଁ ଆଗେଇ ଆସିଥିବା ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦୁଃଖଦ ମୃତ୍ୟୁ ଅତ୍ୟନ୍ତ ବେଦନାଦାୟକ। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଓଡ଼ିଆ ଅସ୍ମିତା ପରିଷଦ ରାଜ୍ୟର କଲେଜ ଓ ବିଶ୍ୱବିଦ୍ୟାଳୟର ସବୁ ଛାତ୍ରୀଛାତ୍ରଙ୍କୁ ଏକ ନିରବ ପ୍ରତିବାଦ ପାଇଁ ନିବେଦନ କରିଛି। ଅନ୍ତତଃ ଗୋଟିଏ ବେଳା ଉପବାସ କରି ଛାତ୍ରୀଛାତ୍ରମାନେ ଦୁଇମିନିଟ୍ ନିରବ ପ୍ରାର୍ଥନା ଜରିଆରେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା କରିବାକୁ ପରିଷଦ ଆବାହକ ରବି ବେହେରା ଛାତ୍ର ସମାଜକୁ ନିବେଦନ କରିଛନ୍ତି। ଏଥିସହ ଯେଉଁମାନେ ଏଥିପାଇଁ ଦାୟୀ ସେମାନେ ରାଜ୍ୟର ଛାତ୍ରୀ ସମାଜକୁ କ୍ଷମା ମାଗିବାକୁ ବେହେରା ଦାବି କରିଛନ୍ତି। ଆଗାମୀ ଦିନରେ କୌଣସି କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଏଭଳି ଘଟଣାର ଯେମିତି ପୁନରାବୃତ୍ତି ନ ହୁଏ, ସେଥିପାଇଁ ସତର୍କତା ମୂଳକ ପଦକ୍ଷେପ ପାଇଁ ପ୍ରତି ମାସରେ ବୈଠକ କରାଯାଉ। ବୈଠକର ସମସ୍ତ ଘଟଣା ସମ୍ପର୍କରେ କୁଳାଧିପତି ତଥା ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କୁ ଜଣାଇବା ପାଇଁ ଏକ ବିଜ୍ଞପ୍ତି ପ୍ରକାଶ କରିବାକୁ ବେହେରା ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରିଛନ୍ତି।

## ମୁହଁରେ କଳାପଟି ବାନ୍ଧି ନିରବ ପ୍ରତିବାଦ




ଭୁବନେଶ୍ୱର, ୧୫।୭(ବନ୍ଦନା ସେଠୀ)

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଆମ ଶାସନ ବ୍ୟବସ୍ଥାକୁ ନିରବ ଅଟ୍ଟହସ୍ୟ କରୁଛି। ନ୍ୟାୟ ପାଇଁ ନିଜ ଶିକ୍ଷାନୁଷ୍ଠାନଠୁ ଆରମ୍ଭ କରି ପ୍ରଶାସନ ସହ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଏମ୍‌ପି, ବିଧାୟକ ସମସ୍ତଙ୍କୁ ଜଣାଇବା ପରେ ସେ ବାଧ ହୋଇ ଏଭଳି ଚରମ ନିଷ୍ପତି ନେଇଥିଲେ। ଜଣେ ଛାତ୍ରୀଙ୍କ ପ୍ରତି ଶିକ୍ଷକଙ୍କ ଯୌନ ଶୋଷଣ ଓ ଅଶ୍ଳୀଳ ଇଙ୍ଗିତ ସମଗ୍ର ଶିକ୍ଷା ବ୍ୟବସ୍ଥା, ଅଭିଭାବକ ମହଲ ତଥା ଗୁରୁ ଛାତ୍ର ପରମ୍ପରା ପାଇଁ ଚରମ ବିଷମତା ଆଣି ଦେଇଛି। ଘଟଣାରେ ସରକାରଙ୍କ ଚରମ ବିଫଳତା ଓ ଦାୟିତ୍ୱହୀନତା ବିଶେଷକରି ସ୍ଥାନୀୟ ଏମ୍‌ପି ମଧ୍ୟ ଅବହେଳା କରିଛନ୍ତି ବୋଲି ବେଟି ବଚାଓ ଅଭିଯାନ ପକ୍ଷରୁ ଅଭିଯୋଗ କରାଯାଇଛି। ଏହା ବିରୋଧରେ ଅଭିଯାନ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକରେ ମୁହଁରେ ପାଟି ବାନ୍ଧି କ୍ୟାଣ୍ଡେଲ ଜାଳି ନିରବ ପ୍ରତିବାଦ କରାଯାଇଛି। ଘଟଣାର ନ୍ୟାୟିକ ତଦନ୍ତ ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବୀ ସହ ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ଗିରଫ ପାଇଁ ଅଭିଯାନ ପକ୍ଷରୁ ଦାବି କରାଯାଇଛି। ଅଭିଯାନର ଅଧକ୍ଷା ତଥା ପୂର୍ବତନ ମହିଳା କମିଶନ ଅଧକ୍ଷା ଲୋପାମୁଦ୍ରା ମହାନ୍ତି, ସମ୍ପାଦିକା ସୂର୍ଯ୍ୟାସ୍ମିତା ପଣ୍ଡା, ଯୁଗ୍ମ ସମ୍ପାଦିକା ବେବି ନାୟକ ଓ ନିବେଦିତା ପଟନାୟକ, ମଞ୍ଜୁଲତା କର, ବାସୁଦେବ ଭଞ୍ଜ, ପ୍ରସନ୍ନ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।



ଏଆଇଡିଏସ୍‌ଓ ପକ୍ଷରୁ ରମାଦେବୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଶୋକ ଦିବସ ପାଳନ କରାଯାଉଛି।

## ଆତ୍ମାହୁତି ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବିକଲା ସିପିଆଇ

ଭୁବନେଶ୍ୱର, ୧୫।୭ (ବନ୍ଦନା ସେଠୀ)

ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ବିଚାରବିଭାଗୀୟ ତଦନ୍ତ କରାଯାଉ। ଏଥିସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ଏମ୍‌ପି ଏବଂ ସ୍ଥାନୀୟ ବିଧାୟକ ଇସ୍ତଫା ଦିଅନ୍ତୁ ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ଦାବି କରାଯାଇଛି। ଏହି କ୍ରମରେ ମଙ୍ଗଳବାର ପାର୍ଟି ପକ୍ଷରୁ ରାଜମହଲଠାରେ ବିକ୍ଷୋଭ କରାଯିବା ସହ ଜୁଲାଇ ୧୭ରେ ଓଡ଼ିଶା ବନ୍ଦ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି। ସମ୍ପୃକ୍ତା ଛାତ୍ରୀ ବିଭାଗୀୟ ମୁଖ୍ୟ ଅଧାପକଙ୍କ ଯୌନ ଉତ୍ପୀଡ଼ନ ଘଟଣା ସମ୍ପର୍କରେ ସମସ୍ତଙ୍କୁ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ଶେଷରେ ଜୁଲାଇ ୧୨ରେ ଆତ୍ମାହୁତିର ରାସ୍ତା ଆପଣାଇଥିଲେ। ଏହା ମନୁବାଦୀ ଭାଜପା ଓ ସଂଘ ପରିବାରର ଏକ ବ୍ୟବସ୍ଥାକୃତ ହତ୍ୟାକାଣ୍ଡ। ତେଣୁ ଏହି ଘଟଣାର ବିଚାରବିଭାଗୀୟ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ସିପିଆଇ। ବିକ୍ଷୋଭରେ ସିପିଆଇ ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ, ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନା, ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ବିଜୟ ଜେନା, କୈଳାସ ପୁହାଣ, ନମିତା ସାହୁ, ଡାକ ହେମ୍ବ୍ରମ୍ ପ୍ରମୁଖ ସାମିଲ ଥିଲେ।



ବିଚାରବିଭାଗୀୟ ତଦନ୍ତ ଦାବି କରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ରାଜମହଲଠାରେ ବିକ୍ଷୋଭ କରାଯାଉଛି।

## ରାଜ୍ୟବ୍ୟାପୀ ଶୋକ ଦିବସ ପାଳିଲା ଏସ୍‌ୟୁସିଆଇ(ସି)

**୧୭ରେ ଓଡିଶା ବନ୍ଦ ସଫଳ କରିବାକୁ ଆହ୍ୱାନ**

ଭୁବନେଶ୍ୱର,୧୫।୭(ସୁଚିସ୍ମିତା ସାହୁ)



ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଛାତ୍ରୀ ଆତ୍ମହୁତି ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି। ମୃତା ସୌମ୍ୟାଶ୍ରୀଙ୍କ ସ୍ମୃତିରେ ମଙ୍ଗଳବାର ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ରାଜ୍ୟବ୍ୟାପୀ ଶୋକ ଦିବସ ପାଳନ କରାଯାଇଛି। ଏହି ଦିବସରେ କଳାବ୍ୟାଚ ପରିଧାନ, ବିଭିନ୍ନ ସ୍ଥାନରେ ମୃତା ଛାତ୍ରୀଙ୍କ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ, କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଏଥିସହ ଆସନ୍ତା ୧୭ ତାରିଖରେ ଓଡିଶା ବନ୍ଦକୁ ସଫଳ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦିଆଯାଇଛି। ମୃତ ଛାତ୍ରୀଙ୍କ ପରିବାରକୁ ୧କୋଟି ଟଙ୍କା ସହାୟତା ଦେବା, ଉଚ୍ଚସ୍ତରୀୟ ତଦନ୍ତ କରି ରିପୋର୍ଟ ୭ଦିନ ମଧ୍ୟରେ ସର୍ବସାଧାରଣରେ ପ୍ରକାଶ କରିବା, ସମ୍ପୃକ୍ତ ସମସ୍ତ ଅପରାଧୀ ତଥା ଦୀର୍ଘମାସ ଧରି ପୀଡିତାଙ୍କୁ ଯୌନ ନିର୍ଯାତନା, ମାନସିକ ନିର୍ଯାତନା ଓ ଏକାଡେମୀକ ହାରାସମେଣ୍ଟର ଅଭିଯୋଗକୁ କର୍ଣ୍ଣପାତ କରି ନ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଉଚ୍ଚଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା, ସମସ୍ତ କଲେଜ ଓ ୟୁନିଭର୍ସିଟି କ୍ୟାମ୍ପସ ଭିତରେ ଛାତ୍ରୀଙ୍କୁ ସମସ୍ତ ପ୍ରକାର ନିରାପତ୍ତା ପ୍ରଦାନ କରାଯାଉ ବୋଲି ଦଳର ରାଜ୍ୟ ସମ୍ପାଦକ ଶଙ୍କର ଦାସଗୁପ୍ତ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି। ସମ୍ମିଳନୀରେ ଏସ୍‌ୟୁସିଆଇ(ସି) ରାଜ୍ୟ ସଂପାଦକ ମଣ୍ଡଳି ସଦସ୍ୟ ବିଷ୍ଣୁ ଦାସ, ବିଶ୍ୱାବସୁ ଦାସ, ସ୍ୱୟଂପ୍ରଭା ନାୟକ, ରାଜ୍ୟ କମିଟି ସଦସ୍ୟ ପୂର୍ଣ୍ଣ ଚନ୍ଦ୍ର ବେହେରା, ରାଜେନ୍ଦ୍ର ବର୍ମ୍ମା ପ୍ରମୁଖ ଉପସ୍ଥିତ ଥିଲେ।



ବନ୍ଦେ ମାତରମ୍ ଅନୁଷ୍ଠାନ କଳାକାରମାନେ ଅଭିନବଭାବେ ସୌମ୍ୟାଶ୍ରୀ ବିଶିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।



ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମଙ୍ଗଳବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରାଜଧାନୀ ମହାବିଦ୍ୟାଳୟ ସମ୍ମୁଖରେ ନୀରବ ପ୍ରାର୍ଥନା କରାଯାଉଛି।

## ଭଗିପୁର ହତ୍ୟା ଘଟଣା: ଭଙ୍ଗାଗଲା ଅଭିଯୁକ୍ତଙ୍କ ହୋଟେଲ

ବାଙ୍କୀ,୧୫।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡା ବ୍ଲକ ଅନ୍ତର୍ଗତ ଭଗିପୁର ଗ୍ରାମରେ କିଛି ଦିନ ତଳେ ହତ୍ୟାକାଣ୍ଡ ଘଟିଥିଲା। ଏହି ହତ୍ୟାକାଣ୍ଡରେ ଭଗିପୁର ଗ୍ରାମର ସୁଦାମ ନାୟକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ହୋଟେଲ ମାଲିକ ସନ୍ତୋଷ ସାହୁଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ସରକାରୀ ଜମିରେ ହୋଟେଲ ନିର୍ମାଣ କରିଥିଲେ। ସେଠାରେ ଅସାମାଜିକ କାର୍ଯ୍ୟକଳାପ ଚାଲିଥିବାନେଇ ଗ୍ରାମବାସୀ ବାଙ୍କୀ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ ଡମପଡ଼ା ତହସିଲ ପକ୍ଷରୁ ନୋଟିସ ପ୍ରଦାନ କରାଯାଇ ହୋଟେଲକୁ ଜେସିବି ସାହାଯ୍ୟରେ ଭାଙ୍ଗି ଦିଆଯାଇଛି। ଉଚ୍ଛେଦ ସମୟରେ ଡମପଡ଼ା ତହସିଲଦାର ବୈଶାଖୀ ଲେଙ୍କା, ବାଙ୍କୀ ଏସ୍‌ଡିପିଓ ବାଳକୃଷ୍ଣ କଅଁର ଓ ଆଇଆଇସି ଦିଲ୍ଲୀପ ମର୍ଦ୍ଦରାଜ ଭୂୟାଁ ଉପସ୍ଥିତ ଥିଲେ ।

## ଝାଡ଼ାବାନ୍ତିରେ ଆଉ ୨୦ ଆକ୍ରାନ୍ତ

କଣାସ,୧୫।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ୧୫ଦିନ ହେଲା ଝାଡ଼ାବାନ୍ତି ଲାଗିରହିଛି। ମଙ୍ଗଳବାର କରମଳା ଗ୍ରାମର ଗୋଟିଏ ପରିବାରର ୪ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ବିଭିନ୍ନ ପଞ୍ଚାୟତରୁ ୧୬ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଏସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷମାନିଧି ସେଠୀ କହିଛନ୍ତି,



ଜନସାଧାରଣଙ୍କ ସଚେତନତା ଅଭାବରୁ ଝାଡ଼ାବାନ୍ତି ଲାଗିରହିଛି। ବିଶେଷକରି ଗ୍ରାମବାସୀ ପାଇଖାନା ବ୍ୟବହାର ନ କରି ବାହାରେ ମଳତ୍ୟାଗ କରୁଥିବା ଏବଂ ନଦୀନାଳର ଅପରିଷ୍କାର ପାଣିକୁ ବ୍ୟବହାର କରୁଥିବାରୁ ଝାଡାବାନ୍ତି ଥମିବାର ନାଁ ନେଉନାହିଁ। ସୂଚନାଯୋଗ୍ୟ, ୩ମାସ ତଳେ ଗଡ଼ିଶାଗୋଦା ଅଞ୍ଚଳର ନୂଆଗାଁ, ନଈକୂଳପାଟଣା, ଗଡ଼ିଶାଗୋଦା, ଯାମଳଗୋଦା, ଯାଗୁଳେଇପଦର, କଳାପଦର, ଗୋପିନାଥପୁର ଗ୍ରାମରେ ଦୀର୍ଘ ୧ମାସ ଧରି ଝାଡ଼ାବାନ୍ତି ଲାଗିରହିବା ଏବଂ ୬ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହେବାରୁ ଏହା ପ୍ରଶାସନ ଏବଂ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା।

## ମା’ କାଳିଜାଈଙ୍କ ପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ବାଲୁଗାଁ,୧୫।୭(ସଂଗ୍ରାମ ପାଇକରାୟ)

ଫ୍ରେଣ୍ଡସ ଅଫ୍ ନେଚର କ୍ଲବ ଭୁବନେଶ୍ୱର ଆନୁକୂଲ୍ୟରେ ମଙ୍ଗଳବାର ମା’କାଳିଜାଈଙ୍କ ପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା’କାଳିଜାଈ ମୋଟର ଡଙ୍ଗା ମାଲିକ ସଂଘର ସମ୍ପାଦକ କଳାଚାନ୍ଦ ଦାସ, ମା’ କାଳିଜାଈ ଶ୍ରମିକ ସଂଘର ସମ୍ପାଦକ ବିଭୂତି ବେହେରା ଏବଂ ଚିଲିକାରାଣୀ ମୋଟର ବୋଟ ୱାର୍କର୍ସ ୟୁନିଅନର ସମ୍ପାଦକ ବିଦ୍ୟାଧର ଦାସଙ୍କ ନେତୃତ୍ୱରେ ୬୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମା’ କାଳିଜାଈଙ୍କ ପୀଠ ଚତୁଃପାର୍ଶ୍ୱରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ, ଜରି, କାଚ ଏବଂ ଅନ୍ୟାନ୍ୟ ଆବର୍ଜନାକୁ ସଫେଇ କରିବା ସହ ସେଗୁଡିକୁ ଡଙ୍ଗାରେ ଆଣି ବଡ଼କୁଳ ସ୍ଥିତ କବାଡ଼ିବାଲାକୁ ପୁନଃପ୍ରଚଳନ ପାଇଁ ହସ୍ତାନ୍ତର କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଫ୍ରେଣ୍ଡସ ଅଫ୍ ନେଚର କ୍ଲବର ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ସମ୍ପାଦକ ବିଜୟ କୁମାର ସାହୁ, ସଭ୍ୟ ମନୋଜ କୁମାର ବିଶ୍ୱାଳ, ସତ୍ୟ ପଣ୍ଡା, ରଞ୍ଜିତ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଆଗାମୀ ଦିନରେ ମଧ୍ୟ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଜାରି ରଖିବା ନିମନ୍ତେ ସମସ୍ତେ ପ୍ରତିଶ୍ରୁତି ବଦ୍ଧ ହୋଇଥିଲେ।

## ସଂକ୍ଷେପରେ

### ଟ୍ରକ୍-ସ୍କୁଟର ମୁହାଁମୁହିଁ ଧକ୍କା: ଜଣେ ମୃତ

ଆଠଗଡ,୧୫ ।୭(ସତ୍ୟ ପ୍ରସାଦ ରଥ) ନରସିଂହପୁର- ଖୁଣ୍ଟୁଣୀ ୬୫ ନଂ.ରାଜ୍ୟ ରାଜପଥର ମଙ୍ଗଳବାର ପୂର୍ବାହ୍ନରେ ଟ୍ରକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଠଗଡ଼ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ନରେଶ ପାତ୍ର। ସେ ଆଠଗଡ ଗ୍ରାମ୍ୟ ପାନୀୟ ଜଳଯୋଗାଣ କାର୍ଯ୍ୟାଳୟରେ ଖଲାସୀ ଭାବେ କାର୍ଯ୍ୟ କରୁଥିଲେ। ଦୁର୍ଘଟଣାପରେ ଆଠଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରିଛି। ଏନେଇ ଆଠଗଡ଼ ଥାନାରେ ମାମଲା (ନଂ.୨୦୦/୨୫) ରୁଜୁ ହୋଇଛି। ଏଥିସହ ଟ୍ରକ ଚାଳକ ତଥା ବଡ଼ମ୍ବା ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ରାଜୀବ ବେହେରା (୩୭)ଙ୍କୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଆଠଗଡ଼ ଉପଡାକ୍ତରଖାନାକୁ ପଠାଯାଇଛି ବୋଲି ସବଇନ୍ସପେକ୍ଟର କ୍ଷୀତୀଶ ନାୟକ ସୂଚନା ଦେଇଛନ୍ତି।

### ବୁହାଲ ପଞ୍ଚାୟତରେ ୨ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି,୧୫ ।୭(ଅଶୋକ କୁମାର ମହାପାତ୍ର) : ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ପଞ୍ଚାୟତରେ ମଙ୍ଗଳବାର ୨ଟି ଆତ୍ମହତ୍ୟା ଘଟଣା ଘଟିଛି। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଏହି ପଞ୍ଚାୟତର ସୁନାଇଲୋ ଗ୍ରାମର ରମେଶ ଚନ୍ଦ୍ର ବରାଳଙ୍କ କନ୍ୟା ଆତ୍ମହତ୍ୟା କରିଥିଲା ବେଳେ ସ୍ଥାନୀୟ ଗ୍ରାମର ଜଳଧର ସେଠୀଙ୍କ ପୁତ୍ର ଅଭିରାମ ସେଠୀ ରଶି ଲଗାଇ ଝୁଲିପଡ଼ିଥିବା ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ପୋଲିସ ଉଭୟ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଦାବିପତ୍ର

ନିଶ୍ଚିନ୍ତକୋଇଲି,୧୫ ।୭(ଅଶୋକ କୁମାର ମହାପାତ୍ର):ଅଖିଳ ଭାରତ ରାଜ୍ୟ ସରକାରୀ ପେନସନ ମହାସଂଘର ଆହ୍ୱାନକ୍ରମେ କେନ୍ଦ୍ର ସରକାରଙ୍କ ୟୁପିଏସ ଯୋଜନା ବିରୋଧରେ ମଙ୍ଗଳବାର ନିଶ୍ଚିନ୍ତକୋଇଲି ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବହୁ ଅବସରପ୍ରାପ୍ତ କର୍ମଚାରୀ ସ୍ଥାନୀୟ ବ୍ଲକ ଛକ ଠାରୁ ବିଭିନ୍ନ ନାରା ଦେଇ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ ମାଧ୍ୟମରେ ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। କର୍ମଚାରୀ ଓ ପେନ୍‌ସନଙ୍କ ପାଇଁ ପୁରୁଣା ପେନ୍‌ସନ ଯୋଜନା ଲାଗୁକରିବା ଦାବି ନେଇ ଏହି ଶୋଭାଯାତ୍ରା କରାଯାଇଥିଲା।

# ୪୨ ମୌଜାରେ ଅଗ୍ନିଶମ କେନ୍ଦ୍ର ଖୋଲିବା ଆଶା ଉଜ୍ଜ୍ୱଳ

କଟକ ସଦର,୧୫ ।୭(ସୁଶାନ୍ତ କୁମାର ଜେନା)

୧୯୯୮ରେ ନୂଆ ଅଗ୍ନିଶମ କେନ୍ଦ୍ର ସ୍ଥାପନା ପାଇଁ ରାଜ୍ୟ ଗୃହ ବିଭାଗ ଜାରି କରିଥିବା ନିୟମରେ ପରିବର୍ତ୍ତନ ଘଟିଛି। ଫଳରେ କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗରଠାରେ ଏକ କେନ୍ଦ୍ର ସ୍ଥାପନା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ସରକାରୀ ନିଷ୍ପତ୍ତି ସମ୍ପର୍କରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ଏଥିପାଇଁ ଆବଶ୍ୟକ ଷ୍ଟାଫ ନିଯୁକ୍ତି କରିବା ପାଇଁ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମତି ପ୍ରଦାନ କରିଥିବା କଥା ବିଧାୟକ ସେଠୀ ଜଣାଇଛନ୍ତି। ନିୟମ କୋହଳ ହେବା ପରେ କଟକ ସଦର ଅଞ୍ଚଳର ୪୨ ମୌଜାରେ ଅନ୍ୟ ଏକ କେନ୍ଦ୍ର ଖୋଲିବାକୁ ନେଇ ଆଶା ଉଜ୍ଜ୍ୱଳ ହୋଇଛି। ପ୍ରକାଶ ଯେ, ୧୯୯୮ରେ ଗୋଟିଏ ଅଗ୍ନିଶମ କେନ୍ଦ୍ର ସ୍ଥାପନା ପାଇଁ ଅନ୍ୟୁନ ୨୦ କି.ମି. ବ୍ୟାସ ଅଞ୍ଚଳ ଆବଶ୍ୟକ। କିନ୍ତୁ ୨୦୨୫ରେ କଟକ ସଦର ଭାଜପା ବିଧାୟକ ସେଠୀ କିଶୋରନଗରଠାରେ ଏକ କେନ୍ଦ୍ର ଖୋଲିବା ପାଇଁ ଅଗ୍ନିଶମ ବିଭାଗ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଥିଲେ। ସରକାରୀ ନିୟମ ଅନୁପାଳନ ହେଉ ନ ଥିବାରୁ କଟକସ୍ଥିତ ମୁଖ୍ୟ ଅଗ୍ନିଶମ ଅଧିକାରୀ ଏକ ପତ୍ର ଲେଖି ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକଙ୍କୁ ଜଣାଇଥିଲେ। କିଶୋରନଗରଠାରେ ରାଜ୍ୟ ସରକାରୀଙ୍କ ପୁରୁଣା ନିୟମ ନିର୍ଦ୍ଧାରଣ ସଂଖ୍ୟା ୨୯୩୪(ସିଡି)୫।୧୨।୧୯୯୮ ମୁତାବକ ଆବଶ୍ୟକ ସର୍ତ୍ତ ପାଳନ କରୁ ନ ଥିବାରୁ ସ୍ଥାପନା ସମ୍ଭବ ନୁହେଁ ବୋଲି ପତ୍ର ସଂଖ୍ୟା ୧୦୬୩/୧୩।୨।୨୦୨୫ରେ ଲେଖିଲେ। ମାତ୍ର ବିଧାୟକ ସେଠୀଙ୍କ ଦାବିକୁ ଦେଖି ଅଗ୍ନିଶମ ମହାନିର୍ଦ୍ଦେଶକ ପତ୍ର ସଂଖ୍ୟା ୨୪୯୫/୧।୩।୨୦୨୫ରେ କିଶୋରନଗର ସମେତ ଅନ୍ୟ ୭ଟି ସ୍ଥାନରେ କେନ୍ଦ୍ର ଖୋଲିବା ପାଇଁ ସହମତି ପ୍ରକାଶ କରିଛନ୍ତି। ପୁରାଣ ନିୟମ କୋହଳ ହୋଇଥିବାରୁ ୪୨ମୌଜାବାସୀ ମଧ୍ୟ ଉପକୃତ ହୋଇପାରିବେ ବୋଲି ଆଶା ରଖିଛନ୍ତି।

# କୟଳପଡ଼ାରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ



'ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମରେ ଚାରା ରୋପଣ କରାଯାଉଛି।

ଚୌଦ୍ୱାର,୧୫।୭(ଆଶୁତୋଷ ଦାସ)

ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର କୟଳପଡା ପଞ୍ଚାୟତରେ 'ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ବାତ୍ୟା ଆଶ୍ରୟ ସ୍ଥଳୀ ନିକଟସ୍ଥ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ରଶ୍ମୀରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିର୍ବାଚନମଣ୍ଡଳୀ ଭାଜପା ନେତା ନୟନ କିଶୋର ମହାନ୍ତି ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣ ସମସ୍ତେ ଗୋଟିଏ ଗଛ ଲଗାଇ ଛୋଟ ଶିଶୁରୁ ବଡ କରିବା ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ। ସମସ୍ତେ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ସଫଳ କରିବାକୁ କହିଥିଲେ। ଏହି ଅବସରରେ ଜାମୁ, ଝାଉଁ, କୃଷ୍ଣଚୂଡା, ପିଜୁଳି, ଅର୍ଜ୍ଜୁନ ଆଦି ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଇନ୍ଦ୍ରାଣୀପାଟଣା ମଣ୍ଡଳ ସଭାପତି ଦାମୋଦର ନାୟକ, ନିରଞ୍ଜନ ପଣ୍ଡା, ଇତିଶ୍ରୀ ସ୍ୱାଇଁ, ମମତା ମହାରଣା, ରବୀନ୍ଦ୍ର ବେହେରା, ଧନେଶ୍ୱର ନାୟକ, ଦୀପକ ବରାଳ, ମହେଶ ଦାସ, ଭିମସେନ୍ ବେଉରା, ଭରତ ନାୟକ, ଦାମୋଦର ନାୟକ, ଯୁବେଶ ନାୟକ, ଯୁବନେତା ଅମୂଲ୍ୟ ଦାସ, ବିଜୟ ବଳ, ଗଣେଶ୍ୱର ବେହେରା, ଦୁର୍ଗାବତୀ ବର୍ଦ୍ଧନ ପ୍ରମୁଖ ଯୋଗଦେଇ ଗୋଟିଏ ଗୋଟିଏ ଚାରା ରୋପଣ କରିଥିଲେ।

# ସ୍ଥାୟୀ ନିଯୁକ୍ତି ଦାବିରେ ଧାରଣା



ଓମ୍‌ଫେଡ ପ୍ଲାଣ୍ଟରେ ଅସ୍ଥାୟୀ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଧାରଣାରେ ବସିଛନ୍ତି।

ବାରଙ୍ଗ,୧୫।୭(ଲିଙ୍ଗରାଜ ରାଉତ):

ବାରଙ୍ଗ ଅନ୍ତର୍ଗତ ଅରିଲୋସ୍ଥିତ ଓମ୍‌ଫେଡ ପ୍ଲାଣ୍ଟରେ ଅସ୍ଥାୟୀ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ମଙ୍ଗଳବାର ଧାରଣାରେ ବସିଥିଲେ। ଉକ୍ତ ଦାବିଗୁଡିକ ପୂରଣ କରିବା ନେଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ କର୍ମଚାରୀମାନେ ଧାରଣାରୁ ଉଠିଥିଲେ।

ପ୍ରକାଶ ଯେ,ଓମଫେଡ ପ୍ଲାଣ୍ଟରେ ଦୀର୍ଘଦିନ ହେବ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ପଦୋନ୍ନତି, ଦରମା ବୃଦ୍ଧି ଆଦି ବିଭିନ୍ନ ଦାବିକୁ ନେଇ ଓମଫେଡ ପ୍ଲାଣ୍ଟ ସମ୍ମୁଖରେ ଶତାଧିକ କର୍ମଚାରୀ ଧାରଣାରେ ବସିଥିଲେ। ଏହି ଧାରଣା ଉତ୍କଳ ଓମ୍‌ଫେଡ୍ ୱାର୍କର ୟୁନିୟନ ପକ୍ଷରୁ ଦିଆଯାଇଥିଲା। କର୍ମଚାରୀମାନଙ୍କ ଦାବି ପୂରଣ କରିବାକୁ କର୍ତ୍ତୃପକ୍ଷଙ୍କ ପାଖରେ ଦୀର୍ଘଦିନରୁ ୟୁନିୟନ ପକ୍ଷରୁ ଦାବି କରାଯାଇଥିଲା। କିନ୍ତୁ ଓମ୍‌ଫେଡ୍ କର୍ତ୍ତୃପକ୍ଷ କେବଳ ପ୍ରତିଶ୍ରୁତି ଦେଇ ଭୁଲିଯାଉଥିଲେ। ଏହାକୁ ପ୍ରତିବାଦକରି ମଙ୍ଗଳବାର କାର୍ଯ୍ୟବନ୍ଦ କରି ଓମ୍‌ଫେଡ୍‌ର ମୁଖ୍ୟ ଫାଟକ ସମ୍ମୁଖରେ କର୍ମଚାରୀମାନେ ଧାରଣା ଦେଇଥିଲେ। ଯେପର୍ଯ୍ୟନ୍ତ ଦିଆଯାଇଥିବା ଦାବି ପୂରଣ କରାନଯାଇଛି ସେପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଉତ୍କଳ ଓମଫେଡ ୱାର୍କର ୟୁନିୟନ ପକ୍ଷରୁ ଚେତାବନୀ ଦିଆଯାଇଛି। ଅପରାହ୍ନରେ ଓମ୍‌ଫେଡ୍ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ଉଭୟଙ୍କ ମଧ୍ୟରେ ଦୀର୍ଘ ୪ ଘଣ୍ଟାର ଆଲୋଚନା କରାଯାଇଥିଲା। ଏହାପରେ ୟୁନିୟନ ପକ୍ଷରୁ ରଖାଯାଇଥିବା ଦାବିଗୁଡ଼ିକୁ ସମ୍ମାନ ଜଣାଇବା ସହ ପର୍ଯ୍ୟାୟକ୍ରମେ ପୂରଣ ଦିଗରେ ଓମଫେଡ୍ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବାରୁ ସନ୍ଧ୍ୟା ୫ଟାରେ ଧାରଣା ଉଠାଇ ଦିଆଯାଇଛି।

**ପ୍ରତିଶ୍ରୁତି ପରେ ପ୍ରତ୍ୟାହାର**

### ମହିଳାଙ୍କୁ ଗାଳିଗୁଲଜ, ବଳାତ୍କାର ଧମକ: ଯୁବକ ଗିରଫ

ସାଲେପୁର,୧୫ ।୭(ଅରବିନ୍ଦ ଭୂୟାଁ):

ସାଲେପୁର ଥାନା ଅନ୍ତର୍ଗତ ଫଗୋଳ ଗ୍ରାମର ଜଣେ ମହିଳାଙ୍କୁ ବିଭିନ୍ନ ସମୟରେ ଅଶ୍ଲୀଳ ଭାଷାରେ ଗାଳି କରିବା ସହ ବଳାତ୍କାର ଧମକ ଦେବା ଅଭିଯୋଗରେ ଉକ୍ତ ଗ୍ରାମର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ଜ୍ଞାନ ରଣା । ସେ ଏହି ଗ୍ରାମର ସସ୍ମିତା ବେହେରାଙ୍କୁ କୌଣସି କାରଣ ନଥାଇ ବିଭିନ୍ନ ସମୟରେ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ଏଥିରେ ଅତିଷ୍ଠ ହୋଇ ସସ୍ମିତା ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାକୁ ଭିତ୍ତି କରି ମାମଲା (ନଂ.୩୧୯/୨୦୨୫) ରୁଜୁ କରିଛି।

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଟଙ୍କା, ଚାଉଳ ଚୋରି

ତିଗିରିଆ,୧୫।୭( ଜାଫର ଖାଁ):

ତିଗିରିଆ ଥାନା ଅଚଳକୋଟ ପଞ୍ଚାୟତ ଅନ୍ତର୍ଗତ ହରିଡାପଶି ଗ୍ରାମ ସ୍ଥିତ ବ୍ରାହ୍ମଣୀ ଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏନେଇ

ବିଦ୍ୟାଳୟର ପ୍ରଧାନଶିକ୍ଷକ ମାଧବ ଚନ୍ଦ୍ର ପ୍ରଧାନ ତିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ରାତିରେ କୌଣସି ଦୁର୍ବୃତ୍ତ ବିଦ୍ୟାଳୟର ଅଫିସ ଘର ତାଲା ଭାଙ୍ଗି ଆଲମିରାରେ ଥିବା ନଗଦ ୧୭ ହଜାର ୪୮୦ ଟଙ୍କା, ଚାଉଳ ୨ ବସ୍ତା, ଅଫିସ କାଗଜପତ୍ର, ମଧ୍ୟାହ୍ନ ଭୋଜନରେ ବ୍ୟବହୃତ ଦୋକାନ ସାମଗ୍ରୀ ଚୋରି କରିନେଇଛନ୍ତି। ମଙ୍ଗଳବାର ସକାଳେ ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ଆସିବା ପରେ ଚୋରି ସମ୍ପର୍କରେ ସୂଚନା ପାଇ ଅଭିଯୋଗ କରିଛନ୍ତି।

# ଇଗ୍ନୁରେ ସ୍ୟାଣ୍ଡ ଆର୍ଟ ପାଇଁ ଅନ୍‌ଲାଇନ୍ କୋର୍ସ ଆରମ୍ଭ

ପୁରୀ,୧୫।୭(ଅଜିତ୍ କୁମାର ମହାନ୍ତି)

ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ଅନ୍ୟ ସ୍ୱୟଂ ସ୍ୟାଣ୍ଡ ଆର୍ଟିଷ୍ଟଙ୍କ ସହଯୋଗରେ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ରେ ଦୁଇଟି ନୂଆ ଅନଲାଇନ୍ କୋର୍ସ 'ସ୍ୟାଣ୍ଡ ଆର୍ଟ ପରିଚୟ' ଏବଂ 'ସ୍ୟାଣ୍ଡ ଆର୍ଟ ନୀତିମାଳା ଓ ଢାଞ୍ଚା' ଆରମ୍ଭ ହୋଇଛି। ଏହା ଭାରତର ସାଂସ୍କୃତିକ ଐତିହ୍ୟକୁ ଡିଜିଟାଲ ଶିକ୍ଷା କ୍ଷେତ୍ରକୁ ଆଣିବାରେ ଏକ ଇତିହାସ ସୃଷ୍ଟି କରିଛି। ଏହି ଦୁଇଟି କୋର୍ସ ସୁଦର୍ଶନଙ୍କ ଦେଶାନ୍ତର ଅନୁଭବ ଓ ଶିଳ୍ପ ନିପୁଣତାକୁ ଆଧାର କରି ବିକଶିତ ହୋଇଛି। ସମସ୍ତ ବୟସ ଏବଂ ପୃଷ୍ଠଭୂମିର ଶିକ୍ଷାର୍ଥୀଙ୍କ ପାଇଁ ନିର୍ଦ୍ଦେଶିତ ଏହି କୋର୍ସଗୁଡିକ ସୃଜନଶୀଳତାକୁ ଉତ୍ସାହିତ କରିବ। ଭାରତୀୟ କଳାକୁ ଏକ ଗ୍ଲୋବାଲ ମଞ୍ଚରେ ଉପସ୍ଥାପନ କରିବ ଏବଂ ଭିଜୁଆଲ ଆର୍ଟ/ଗଠନକୁ ସଂରୂପ ଦେବ। ଏହି ନୂତନ କୋର୍ସ ଇଗ୍ନୁର ଦିଲ୍ଲୀସ୍ଥିତ ମୁଖ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଫେସର ଉମା କଞ୍ଜିଲାଲ୍ ଓ ସହଯୋଗୀ ଅଧିକାରୀମାନେ ଉପସ୍ଥିତ ଥିଲେ। ସୁଦର୍ଶନ କହିଥିଲେ ଯେ, ସ୍ୟାଣ୍ଡ ଆର୍ଟ୍ ଭାରତୀୟ ସ୍ୱତନ୍ତ୍ରତାର ଏକ ଗ୍ଲୋବାଲ ପ୍ରତୀକ ହେବ ବୋଲି ମୋର ସ୍ୱପ୍ନ ଥିଲା। ଏଥିପାଇଁ ଇଗ୍ନୁ ଓ ସ୍ୱୟଂକୁ ଧନ୍ୟବାଦ ଦେବି। ଏବେ ସ୍ୟାଣ୍ଡ ଆର୍ଟ ଏକ ଜାତୀୟ ଏବଂ ଅନ୍ତର୍ଜାତୀୟ ବ୍ୟାପି ଶିକ୍ଷା ହୋଇପାରିବ। ତେବେ ପ୍ରତ୍ୟେକ କୋର୍ସରେ ଭିଡିଓ ଲେକ୍‌ଚର, ଡେମୋନଷ୍ଟ୍ରେଷ୍ଟଶନ୍ ଓ ହ୍ୟାଣ୍ଡ୍ସ-ଅନ୍ ଆସାଇନମେଣ୍ଟ ରହିଛି। କୋର୍ସ ସଫଳତାର ସହିତ ଶେଷ କରିବା ପରେ ପ୍ରମାଣପତ୍ର ମିଳିବ।

# ଭଗିପୁର ହତ୍ୟା ଘଟଣା: ଭଙ୍ଗାଗଲା ଅଭିଯୁକ୍ତଙ୍କ ହୋଟେଲ

ବାଙ୍କୀ,୧୫।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡା ବ୍ଲକ ଅନ୍ତର୍ଗତ ଭଗିପୁର ଗ୍ରାମରେ କିଛି ଦିନ ତଳେ ହତ୍ୟାକାଣ୍ଡ ଘଟିଥିଲା। ଏହି ହତ୍ୟାକାଣ୍ଡରେ ଭଗିପୁର ଗ୍ରାମର ସୁଦାମ ନାୟକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ହୋଟେଲ ମାଲିକ ସନ୍ତୋଷ ସାହୁଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ସରକାରୀ ଜମିରେ ହୋଟେଲ ନିର୍ମାଣ କରିଥିଲେ। ସେଠାରେ ଅସାମାଜିକ କାର୍ଯ୍ୟକଳାପ ଚାଲିଥିବାନେଇ ଗ୍ରାମବାସୀ ବାଙ୍କୀ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ ଡମପଡ଼ା ତହସିଲ ପକ୍ଷରୁ ନୋଟିସ ପ୍ରଦାନ କରାଯାଇ ହୋଟେଲକୁ ଜେସିବି ସାହାଯ୍ୟରେ ଭାଙ୍ଗି ଦିଆଯାଇଛି। ଉଚ୍ଛେଦ ସମୟରେ ଡମପଡ଼ା ତହସିଲଦାର ବୈଶାଖୀ ଲେଙ୍କା, ବାଙ୍କୀ ଏସ୍‌ଡପିଓ ବାଳକୃଷ୍ଣ କଅଁର ଓ ଆଇଆଇସି ଦିଲ୍ଲୀପ ମର୍ଦ୍ଦରାଜ ଭୂୟାଁ ଉପସ୍ଥିତ ଥିଲେ ।

# କଟକ ନଗର (ଜିଲା) କଂଗ୍ରେସର ମହମବତି ଶୋଭାଯାତ୍ରା



କଟକ ନଗର (ଜିଲା) କଂଗ୍ରେସ ପକ୍ଷରୁ ମହମବତି ଶୋଭାଯାତ୍ରା କରାଯାଉଛି।

କଟକ,୧୫।୭(ଶିଳ୍ପା ପ୍ରିୟଦର୍ଶିନୀ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଆହ୍ୱାନକ୍ରମେ ମଙ୍ଗଳବାର କଟକ ନଗର (ଜିଲା) କଂଗ୍ରେସ ପକ୍ଷରୁ ମହମବତୀ ଶୋଭାଯାତ୍ରା କରାଯାଇଛି। ଶୋଭାଯାତ୍ରା ଓଡିଆବଜାର ସ୍ଥିତ ନେତାଜୀ ମ୍ୟୁଜିୟମରୁ ବାହାରି ଗୌରୀ ଶଙ୍କର ପାର୍କ ଠାରେ ପହଞ୍ଚିଥିଲା। କଂଗ୍ରେସ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ ଯୋଗଦେଇ କହିଛନ୍ତି, ଛାତ୍ରୀ ଜଣକ ନ୍ୟାୟ ପାଇଁ ଲଢ଼େଇ କରୁଥିବାବେଳେ ହେଲେ ତାଙ୍କର ମୃତ୍ୟୁ ଘଟିଲା। ସରକାରଙ୍କ ଏଭଳି ଅପରାଗତା ଯୋଗୁ ଆଜି ସେ ନିରାଶ ମଧ୍ୟ ହୋଇଛନ୍ତ। ରାଜ୍ୟ ସରକାରଙ୍କ ବିଫଳତାକୁ ଏହା ଦର୍ଶାଇଛି। ତୁରନ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ନିକୁଞ୍ଜ ପସାୟତ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଶୁବାଶିଷ ପଟ୍ଟନାୟକ, ଲିଜା ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପସାୟତ, ବଟକୃଷ୍ଣ ସାହୁ, ଜେ. କାମେଶ୍ୱର ରାଓ ଓ ଜନାର୍ଦ୍ଦନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ସିବିଆଇ ତଦନ୍ତ ଦାବି, ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ


ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଟାୟାର ଜାଳି ପ୍ରତିବାଦ କରାଯାଉଛି।



ଆଠଗଡ଼ରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଉଛି।

କଟକ/ସାଲେପୁର/ବଡ଼ମ୍ବା/ଆଠଗଡ/ବାଙ୍କୀ,୧୫।୭(ଶିଳ୍ପା ପ୍ରିୟଦର୍ଶିନୀ/ଅରବିନ୍ଦ ଭୂୟାଁ/ମାୟାଧର ମଲ୍ଲିକ/ସତ୍ୟ ପ୍ରସାଦ ରଥ/ ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ କଟକରେ ବିଜୁ ଯୁବ ଛାତ୍ର ଜନତା ଦଳ ବାରବାଟୀ କଟକ ପକ୍ଷରୁ କଟକ ଚଣ୍ଡୀଛକ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସୌମ୍ୟା ଶ୍ରୀଙ୍କ ବିୟୋଗ ଖବରକୁ ଲୁଚାଇ ରାଜ୍ୟ ସରକାର ୩ ଦିନ ଧରି ଯେଉଁ ଡ୍ରାମା କରି ଆସୁଛନ୍ତି ତାକୁ ନିନ୍ଦା କରି ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷ୍ୟା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ଛାତ୍ର ବିଜେଡି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆସିଫ ଅମିନ, ସୌମ୍ୟଦୀପ ଘୋଷ, ସଞ୍ଜୟ ପଟ୍ଟନାୟକ, ଶୟଦ ଜାଳି, ସନ୍ତୋଷ ମହାପାତ୍ର, ସୁମନ ବେହେରା, ଦେବାଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ସାଲେପୁର ବ୍ଲକ୍ ଛାତ୍ର କଂଗ୍ରେସ କମିଟି ପକ୍ଷରୁ ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ଆତ୍ମାହୂତି ଉଦ୍ୟମ ଓ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି କରିବା ସହ ରାଜ୍ୟରେ ଆଇନ୍‌ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ କରି ଶତାଧିକ ଛାତ୍ରୀଛାତ୍ର କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। କଲେଜ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଅଧ୍ୟାପକ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିଲେ। ଏ ସମ୍ପର୍କରେ ସୌମ୍ୟାଶ୍ରୀ ପୋଲିସ ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଶେଷରେ ଛାତ୍ରୀ ଜଣକ ଆତ୍ମାହୁତି ଉଦ୍ୟମ କରି ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପାଇଁ ରାଜ୍ୟ ସରକାର ଦାୟୀ ବୋଲି ଛାତ୍ର କଂଗ୍ରେସ ଅଭିଯୋଗ କରିଛି। କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସ ଉପସଭାପତି ସୟଦ ଅହମ୍ମଦ ଅଲ୍ଲି, ଯୁବ କଂଗ୍ରେସ ସଭାପତି ବିସ୍ମୟ ରଞ୍ଜନ ଭୂୟାଁ, ରୂପକ ଭୂୟାଁ, ସଫିଉଲ୍ ଆଲାମ, ସେକ୍ ପୀର ବକ୍ସ, ସରୋଜ କୁମାର କର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

ସେହିପରି ଉପରୋକ୍ତ ଘଟଣାର ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ନିଲମ୍ବନ ଓ ଗିରଫ ଘଟଣାରେ ସାଲେପୁର ଭାଜପା ନେତା ପ୍ରସନ୍ନ ମିଶ୍ର ଉଦ୍‌ବେଗ ପ୍ରକାଶ କରି ଉଭୟଙ୍କୁ ଚାକିରିରୁ ବହିଷ୍କାର ପାଇଁ ଦାବି କରିଛନ୍ତି। ଏଥିସହ ରାଜ୍ୟ ସରକାର ତଦନ୍ତକୁ ତ୍ୱରାନ୍ୱିତ କରି ଶୋକସନ୍ତପ୍ତ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

ବଡ଼ମ୍ବା ବିଜେଡି ଯୁବ ଛାତ୍ରଙ୍କ ତରଫରୁ ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହାବିଦ୍ୟାଳୟ ଛାତ୍ର ବିରଞ୍ଚି ନାରାୟଣ ରଣା ଏହାର ନେତୃତ୍ୱ ନେଇଥିଲେ। ଏଥିରେ ବିଜେଡି ଯୁବ ନେତା ତଥା ଆଇନଜୀବୀ ଆୟୁଷ୍ମାନ ପଟ୍ଟନାୟକ, ଇଂ. ଦିବ୍ୟ ପ୍ରତାପ ସ୍ୱାଇଁ, ରାକେଶ ଦାଶ, ସମ୍ବିତ ମିଶ୍ର ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସମେତ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇ ମୋହନ ମାଝୀ ମୁର୍ଦ୍ଦାବାଦ, ସୂର୍ଯ୍ୟବଂଶୀ ସୁରଜ ମୁର୍ଦ୍ଦାବାଦ, ଭାଜପା ସରକାର ହାଏ ହାଏ ନାରା ଦେଇଥିଲେ।

ଆଠଗଡ଼ ବିଜୁ ଛାତ୍ର ଦଳ ପକ୍ଷରୁ ଆଠଗଡ ଗୋପବନ୍ଧୁ ମହିଳା ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଦିବଙ୍ଗତ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ଅବସରରେ ଛାତ୍ରୀମାନେ ରାଜ୍ୟରେ ବଢୁଥିବା ମହିଳାଙ୍କ ଉପରେ ନିର୍ଯାତନା ନେଇ ସରକାରଙ୍କୁ ସମାଲୋଚନା କରିଥିଲେ। ଆଠଗଡ଼ ବ୍ଲକ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି ଓ ଏନ୍‌ଏସି ସଭାପତି ଖଲିଦ ମହମ୍ମଦ, ଆଠଗଡ଼ ବ୍ଲକ ଯୁବ ବିଜେଡ଼ି ସଭାପତି ବିନୋଦ କୁମାର ମାଝୀ ଏହାର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସମ୍ପାଦକ ଲଳିତେନ୍ଦୁ ସେନାପତି, ପ୍ରଦୀପ୍ତ ଦାସ, ପ୍ରକାଶ ରାଉତ, ଆଠଗଡ଼ ଏନ୍‌ଏସି ବିଜେଡ଼ି ସଭାପତି ଶିଶିର ପ୍ରସାଦ ମାନସିଂହ, ସରପଞ୍ଚ ଅଜିତ୍ କୁମାର ଦାସ, ସୌମ୍ୟରଞ୍ଜନ ପଣ୍ଡା, ସରୋଜ ଦାସ, ଗଜେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବାଲେଶରର କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାକୁ ନେଇ ଯୁବ କଂଗ୍ରେସ ସହ ଛାତ୍ର ବିଜେଡି ଟାୟାର ଜାଳି ପ୍ରତିବାଦ କରିଛନ୍ତି। ଉଭୟ ରାଜନୈତିକ ଦଳ ଓ ଛାତ୍ରମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଘଟଣାର ତଦନ୍ତ କରି ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବା ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

**ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣା**
- ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ନିଲମ୍ବିତ ନୁହେଁ ବହିଷ୍କାର ଦାବି

**ନୂତନ ଡିଲରଙ୍କଠାରୁ ରାଶନ ଚାଉଳ ନେବାକୁ ଅମଙ୍ଗ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ବିଜିପୁର ପଞ୍ଚାୟତ ନନ୍ଦିଗୋଦା ଗ୍ରାମର ୧୧୮ ଜଣ ମହିଳା ମଙ୍ଗଳବାର ବିଡିଓଙ୍କ ନିକଟରେ ପହଞ୍ଚି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ସେମାନେ ବ୍ଲକ ଯୋଗାଣ ଅଧିକାରୀଙ୍କୁ ମଧ ଦାବିପତ୍ର ଦେଇଛନ୍ତି। ନନ୍ଦିଗୋଦା ଗ୍ରାମବାସୀ ପୂର୍ବରୁ ଯେଉଁ ଡିଲରଙ୍କ ଠାରୁ ରାଶନ ଚାଉଳ ନେଉଥିଲେ ପ୍ରଶାସନ ତାଙ୍କୁ ବଦଳାଇ ନୂତନ ଡିଲରଙ୍କଠାରୁ ଚାଉଳ ନେବାକୁ ଆଦେଶ ଦେଇଥିଲେ। ତେବେ ସେମାନେ ସମ୍ପୃକ୍ତ ନୂତନ ଡିଲରଙ୍କଠାରୁ ଚାଉଳ ନେବାକୁ ଅମଙ୍ଗ ହେଉଛନ୍ତି। ଏ ନେଇ ମଙ୍ଗଳବାର ଗ୍ରାମର ମହିଳାମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ଏବଂ ଯୋଗାଣ ଅଧିକାରିଣୀ କବିତା ବେହେରାଙ୍କୁ ଅଭିଯୋଗ ଜଣାଇବା ସହ ଦାବିପତ୍ର ଦେଇଥିଲେ।

# ପୋଲ ଦବିଯିବାରୁ ଗମନାଗମନ ବାଧାପ୍ରାପ୍ତ

■ ବର୍ଷାଜଳ ନିଷ୍କାସନ ହୋଇପାରୁନି

■ ୧୦ ପରିବାର ଜଳବନ୍ଦୀ, ପୂର୍ତ୍ତବିଭାଗ ନୀରବଦ୍ରଷ୍ଟା

**ଗୋପ,୧୫।୭(ଭାରତୀ ଭୂଷଣ ଉପାଧ୍ୟାୟ)**

ଗତ ଦୁଇଦିନ ହେବ ନାଗପୁର – ନୟାହାଟ ପୂର୍ତ୍ତବିଭାଗ ରାସ୍ତାର ଗୋପ ବ୍ଲକ ଅନ୍ତର୍ଗତ ନାହିଁଟି ଗ୍ରାମ ନିକଟରେ ପୋଲ ଦବିଯିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ସେହିପରି ବର୍ଷାପାଣି ନିଷ୍କାସନ ହୋଇପାରୁନାହିଁ। ଏଥିଯୋଗୁ ନାହିଁଟି ଗ୍ରାମର ୧୦ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି୲ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ରାସ୍ତା ଦାୟିତ୍ୱରେ ଥିବା ପୂର୍ତ୍ତବିଭାଗ ଯନ୍ତ୍ରୀ ନୀରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଦୀର୍ଘଦିନ ଧରି ନାଗପୁର- ନୟାହାଟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ଫେବୃଆରୀ ୨୭ତାରିଖରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନାଗପୁରଠାରେ ୬ କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ଲାଗି ଶିଳାନ୍ୟାସ କରିଥିଲେ। ପରେ ରାସ୍ତା କାର୍ଯ୍ୟ ଆରମ୍ଭ



ନାଗପୁର- ନୟାହାଟ ପୂର୍ତ୍ତ ବିଭାଗ ରାସ୍ତାର ଗୋପ ବ୍ଲକ ଅନ୍ତର୍ଗତ ନାହିଁଟି ଗ୍ରାମ ନିକଟରେ ପୋଲ ଦବିଯାଇ ଗର୍ତ୍ତ ହୋଇଛି ।

ହୋଇଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଉକ୍ତ କାର୍ଯ୍ୟ ଠିକ୍ ଭାବେ ନ ଦେଖିଥିବା ଅଭିଯୋଗ ହୋଇଛି। ୨୧ କିଲୋମିଟର ରାସ୍ତା କାମ ଏବେ ଚାଲିଥିବା ବେଳେ ଦୁଇଦିନ ତଳେ ନାହିଁଟି ଗ୍ରାମ ନିକଟରେ ଥିବା ପୁରୁଣା ପୋଲଟି ଦବିଯାଇଛି। ଫଳରେ ନିକଟସ୍ଥ ଜୋରରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଗାଁରେ ପଶିବା ଯୋଗୁ ୧୦ ପରିବାର ଏବେ ବି ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ରାସ୍ତା ଦବିଯିବାରୁ ନୟାହାଟକୁ ଲକ୍ଷ୍ମୀ ବସ୍, ସ୍କୁଲ ବସ ଓ ୧୦୮ ଆମ୍ବୁଲାନ୍ସ ସହିତ ଅନ୍ୟାନ୍ୟ ଗାଡ଼ି ଯା' ଆସ କରିପାରୁ ନାହିଁ। ଏନେଇ ବାରମ୍ବାର ଅଭିଯୋଗ ଉପରେ ପୂର୍ତ୍ତବିଭାଗ ଦୃଷ୍ଟି ଦେଉ ନ ଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ବୋଲି ପ୍ରମୋଦ ପ୍ରଧାନ, ଦାମୋଦର ପ୍ରଧାନ, ଘନଶ୍ୟାମ ପ୍ରଧାନ, ପ୍ରଦୀପ୍ତ ପ୍ରଧାନ, ଅକ୍ଷୟ ପ୍ରଧାନ, ଅହଲ୍ୟା ପ୍ରଧାନ, ଦ୍ୱିଜବର ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗୋପ ପୂର୍ତ୍ତବିଭାଗ ଯନ୍ତ୍ରୀ ରବିନ୍ଦ୍ର କୁମାର ଦଣ୍ଡପତି କହିଛନ୍ତି, ଅଭିଯୋଗ ମୋ ନିକଟରେ ପହଞ୍ଚିଛି, ଖୁବଶୀଘ୍ର କାର୍ଯ୍ୟ କରାଯିବ।

## ବିଜେଡିର ବିକ୍ଷୋଭ, କୁଶପୁତ୍ତଳିକା ଦାହ




**ନିମାପଡ଼ା, ୧୫।୭(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**

ବାଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣା ନେଇ ମଙ୍ଗଳବାର ନିମାପଡ଼ାଠାରେ ବିଜେଡି, ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଦୋଳବେଦିଠାରେ ବିଜେଡି କର୍ମୀମାନେ ରାସ୍ତା ଅବରୋଧ ଓ ପ୍ରତିବାଦ କରିବା ସହ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ରାଜ୍ୟରେ ମହିଳାମାନେ ସୁରକ୍ଷିତ ନୁହନ୍ତି ବୋଲି ସେମାନେ କହିଥିଲେ। ଆନ୍ଦୋଳନରେ ବିଜେଡି ନେତା ଦିଲୀପ ନାୟକ, ସୁବ୍ରତ ଛାଟୋଇ, ମାନସ ପ୍ରଧାନ, ଭାଗ୍ୟଧର ଖଟୋଇ, ବିଜୟ ପଟ୍ଟନାୟକ, ଅଜୟ ଭୋଇ, ସରିତା ମହାପାତ୍ର, କବିତା ନାୟକ, ଧନୁର୍ଦ୍ଧର ଦାସ, ପୂର୍ଣ୍ଣ ସାହୁ, ରବି ମଲ୍ଲିକଙ୍କ ସମେତ ଶତାଧିକ ନେତା ଓ କର୍ମୀ ସାମିଲ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୭।୨୦୨୫

| ୫,୪୫,୦୫୬ ଟଙ୍କା | |
|---|---|
| ସୁନା | ୦୧.୦୫୦ ଗ୍ରାମ୍ |
| ରୁପା | ୦୫.୬୦୦ ଗ୍ରାମ୍ |

## ଚୋରି ବିଦ୍ୟୁତ ତାର ଜବତ: ୪ ଗିରଫ



**ନିମାପଡ଼ା, ୧୫।୭(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ବିଦ୍ୟୁତ୍ ଡିଭିଜନ୍ ଅନ୍ତର୍ଗତ ଦିଘାଳ- ପିପିଲି ୩୩ କେଭିଲାଇନର୍ ନିମାପଡ଼ା ସବ୍‌ଷ୍ଟେସନଠାରୁ ତଳଅଣ୍ଡିଆ ଛକ ପର୍ଯ୍ୟନ୍ତ ପ୍ରାୟ ୬ଲକ୍ଷ ଟଙ୍କା ମୂଲ୍ୟର ୩ହଜାର ମିଟର ବିଦ୍ୟୁତ୍ ତାର ଚୋରି ହୋଇଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ପ୍ରୋଜେକ୍ଟ ଇଂଜିନିୟର ରାକେଶ କୁମାର ସାହୁ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଗତ ୧୩ ତାରିଖ ରାତିରେ ଚୋରମାନେ ବିଦ୍ୟୁତ୍ ତାର କାଟି ଚୋରି କରି ନେଇଯାଉଥିବାବେଳେ ପୋଲିସ୍ ବିଦ୍ୟୁତ୍ ବିଭାଗ ପାଟ୍ରୋଲିଂ ଟିମ୍ ସହାୟତାରେ ୪ ଜଣଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ଚୋରି ବିଦ୍ୟୁତ୍ ତାର ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଗୋଲେଇ ଛକ ଅଞ୍ଚଳର ଏସ୍‌କେ କାଦର, ଏସ୍‌କେ ବାବୁ, ନିମାପଡ଼ାର ମାଧବାନନ୍ଦ ଦାସ ଓରଫ କାଳିଆ ଏବଂ ଅଲଣ୍ଡି ଗ୍ରାମର ମୃତ୍ୟୁଞ୍ଜୟ ଭୋଇ। ଏ ନେଇ ଏକ କେସ୍ (ନଂ ୨୦୫/୨୫) ରୁଜୁ ହୋଇଛି।

# ବିରୋଧ କରି ରାସ୍ତାରେ ବସିଲେ ବ୍ୟବସାୟୀ

**ସାକ୍ଷୀଗୋପାଳ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ**

**ସାକ୍ଷୀଗୋପାଳ,୧୫।୭(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)**

ସାକ୍ଷୀଗୋପାଳ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ମଙ୍ଗଳବାରଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଥଇଥାନ ଓ ସହାୟତାକୁ ଗୁରୁତ୍ୱ ନ ଦେଇ ସାକ୍ଷୀଗୋପାଳ ବଜାର ମୁଖ୍ୟରାସ୍ତାରେ ଥିବା ରେଳଲାଇନ ଉପରେ ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ଭୂମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ସ୍ଥାନୀୟ ବ୍ୟବସାୟୀମାନେ ଅଭିଯୋଗ ଆଣିଛନ୍ତି। ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରାଯିବାକୁ ଥିବା ଜୟପୁର ପଞ୍ଚାୟତ ଓ ପେଣ୍ଟପଡ଼ା ପଞ୍ଚାୟତରେ ବ୍ୟକ୍ତିଗତ ଜମି ୨,୫୩୫ ଏକର। ସରକାରୀ ଜମି ୨,୬୬ ଏକର ହୋଇଥିବାବେଳେ ଦେବୋତ୍ତର ଜମି ହେଉଛି ୧.୮୪୦ ଏକର। ଭୂମି ଚିହ୍ନଟ ପ୍ରକ୍ରିୟାକୁ ସାକ୍ଷୀଗୋପାଳ ବଜାରର ବ୍ୟବସାୟୀ ତଥା ବଜାର କମିଟି ବରିଷ୍ଠ ସଦସ୍ୟ ବିଷ୍ଣୁପ୍ରସାଦ ମିଶ୍ର, ସଞ୍ଜୀବ ଦାଶ, ଅମିୟ ସ୍ୱାଇଁ, ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ପ୍ରଧାନଙ୍କ ସମେତ ଅନ୍ୟମାନେ ବିରୋଧ କରିବା ସହ ପ୍ରଥମେ ଥଇଥାନ ପାଇଁ ଦାବି କରିଛନ୍ତି। ସେମାନେ ସାକ୍ଷୀଗୋପାଳ ବଜାର ରାସ୍ତାକୁ ଅବରୋଧ କରିବା ସହ ସତ୍ୟବାଦୀ ବିଧାୟକ ଘଟଣାସ୍ଥଳକୁ ଆସି ସମସ୍ୟା ସମାଧାନରେ ସହଯୋଗ କରିବା ପାଇଁ ଅଡ଼ିବସିଥିଲେ। ତେଣୁ



ବ୍ୟବସାୟୀ ଓ ପ୍ରତିନିଧିମାନେ ରାସ୍ତାରେ ଧାରଣା ଦେଇଛନ୍ତି ।

ଚିହ୍ନଟ ପ୍ରକ୍ରିୟା ବନ୍ଦ କରାଯାଇଥିଲା। ପରେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ହସ୍ତକ୍ଷେପ ପରେ ବ୍ୟବସାୟୀମାନେ ରାସ୍ତାରୁ ହଟିବା ସହ ଆଉ ଗୋଟିଏ ଦିନ ଅର୍ଥାତ ବୁଧବାର ପର୍ଯ୍ୟନ୍ତ ଚିହ୍ନଟ ପ୍ରକ୍ରିୟା ବନ୍ଦ ରଖିବାକୁ ଅନୁରୋଧ କରିଥିଲେ। ତହସିଲଦାର ପାଣିଗ୍ରାହୀ ବୁଧବାର ପର୍ଯ୍ୟନ୍ତ ଚିହ୍ନଟ ପ୍ରକ୍ରିୟା ବନ୍ଦ ରଖିବାକୁ ରାଜି ହୋଇଥିଲେ। ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ୍‌ପ୍ରକାଶ ପରିଡ଼ା ଓ ପୁରୀ ସହକାରୀ ଜିଲାପାଳ ଆଶୁତୋଷ ଦେଙ୍କ ଦ୍ୱାରା ଦୁଇଟି କମିଟି ମାଧ୍ୟମରେ ଏହି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି।

ସୂଚନାଯୋଗ୍ୟ, ଏହି ରେଳ ଓଭରବ୍ରିଜ ନିମନ୍ତେ ୫୪୪୪. ୫୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିପାଇଁ ସର୍ବନିମ୍ନ ଟେଣ୍ଡର ମୂଲ୍ୟ ୩୮୮୦. ୪୫ ଲକ୍ଷ ଟଙ୍କାରେ ଆମନ୍ତ୍ରଣ କରାଯାଇଥିଲା। ୱାଇ.ବି. କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ୍ ଏହି ଟେଣ୍ଡର ପାଇଛି। ଉକ୍ତ ସଂସ୍ଥା ଚିଠି ନଂ. ୨୦୨୪-୨୫/୧୩୦ ତା ୩.୬.୨୦୨୪ ମାଧ୍ୟମରେ ଚୁକ୍ତିନାମା ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବା ପାଇଁ ମୁଖ୍ୟଯନ୍ତ୍ରୀ (ବିଶ୍ୱବ୍ୟାଙ୍କ ପ୍ରକଳ୍ପ) ଭୁବନେଶ୍ୱରକୁ ଅନୁରୋଧ କରିଛନ୍ତି। ପ୍ରସ୍ତାବିତ ଓଭରବ୍ରିଜ ଲମ୍ବ ୬୨୨.୦୦ ମିଟର। ଓଭରବ୍ରିଜ ସହ ଉଭୟ ପଟେ ଆପ୍ରୋଚ ରୋଡ୍‌କୁ ମିଶାଇ ସମୁଦାୟ ୮୬ ମିଟରରେ ପ୍ରକଳ୍ପ ନିମନ୍ତେ ରହିବ। ସାକ୍ଷୀଗୋପାଳ ବସଷ୍ଟାଣ୍ଡଠାରୁ ଅଳଗୁମ ଯାଇଥିବା ରାସ୍ତାର ମିଡିଲ ପଏଣ୍ଟରୁ ଉଭୟ ପାର୍ଶ୍ୱକୁ ୪୩ ମିଟର ଲେଖାଏ ଚିହ୍ନଟ କରାଯାଇଛି।

## ଶରଧାବାଲି ଦଳାଚକଟା ଘଟଣାର ଜନଶୁଣାଣି: ମତ ରଖିଲେ ୪୦ ଅଧିକାରୀ

**ପୁରୀ,୧୫।୭(ଅଜିତ୍ କୁମାର ମହାନ୍ତି)**

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ଗତ ୨୯ ତାରିଖ ଭୋରରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଦଳାଚକଟା ଘଟିଥିଲା। ଏହି ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଥିଲେ। ଘଟଣାର ତଦନ୍ତ ପାଇଁ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ସରକାର ଦାୟିତ୍ୱ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୁରୀର ସ୍ୱତନ୍ତ୍ର ସର୍କିଟ ହାଉସରେ ଅନୁଷ୍ଠିତ ଜନଶୁଣାଣିରେ ଘଟଣା ସମୟରେ ଡ୍ୟୁଟିରେ ଥିବା ୪୦ ଜଣ ଅଧିକାରୀ ସେମାନଙ୍କ ମତ ରଖିଛନ୍ତି। ତେବେ ଅଧିକ ତଦନ୍ତ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଉନ୍ନୟନ କମିଶନର ସମସ୍ତ ଦିଗକୁ ଦେଇ ତଦନ୍ତ ଜାରି ରଖିଛନ୍ତି। ଗତ ୧୦ ତାରିଖରେ ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସରେ ଅନୁଷ୍ଠିତ ପ୍ରଥମ ଜନଶୁଣାଣିରେ ୪୮ ଜଣ ମତ ରଖିଥିଲେ।

## ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ

**ପୁରୀ,୧୫।୭(ଅଜିତ କୁମାର ମହାନ୍ତି)**

ପୁରୀ ସଦର ଥାନା ଅଧୀନ ଗଡ଼ଭିଙ୍ଗୁରା ଗ୍ରାମରେ ମଙ୍ଗଳବାର ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଡ଼ଭିଙ୍ଗୁରା ଗ୍ରାମର ବିକାଶ ନାୟକ(୨୪)। ସୂଚନା ମୁତାବକ, ମଧ୍ୟାହ୍ନରେ ବିକାଶ ନିଜ ବାଡ଼ିରେ ପାଣି ମୋଟରରେ ବିଦ୍ୟୁତ ସଂଯୋଗ କରିବାବେଳେ ଶର୍ଟସର୍କିଟ ଯୋଗୁ ପ୍ରାଣ ହରାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ରାସ୍ତା ଅବରୋଧ, ପ୍ରତିବାଦ ସଭା




**ଗୋପ,୧୫।୭(ଭାରତୀ ଭୂଷଣ ଉପାଧ୍ୟାୟ)**

ସୌମ୍ୟାଶ୍ରୀ ବିଶି ମୃତ୍ୟୁ ଘଟଣା ନେଇ ଗୋପ ବଜାର ଛକଠାରେ ଗୋପ ବ୍ଲକ ବିଜେଡି ପକ୍ଷରୁ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ରାସ୍ତା ଅବରୋଧ କରାଯାଇଥିଲା। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଗୋପ ବ୍ଲକର ପୂର୍ବତନ ଉପାଧକ୍ଷ ନିରଞ୍ଜନ ମହାପାତ୍ର ଓ କୁନା ଦାସଙ୍କ ନେତୃତ୍ୱରେ ଗୋପ ବଣିଆସାହିଠାରୁ ରାଜ୍ୟ ସରକାରଙ୍କ ବିରୋଧରେ ଧ୍ୱନି ଦେଇ ବଜାର ଛକଠାରେ ପ୍ରତିବାଦ ଓ ରାସ୍ତା ଅବରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ମହେଶ୍ୱର ସ୍ୱାଇଁ, ଉପେନ୍ଦ୍ର କାନୁନଗୋ, ପ୍ରହଲ୍ଲାଦ ସ୍ୱାଇଁ, ସୂର୍ଯ୍ୟ ମହାପାତ୍ର, ରମେଶ ବାରିକ, ଯାକୁବ ଖାଁ ପ୍ରମୁଖ ସାମିଲ ଥିଲେ। ସେହିପରି ମଧ୍ୟାହ୍ନରେ ଗୋପ କଲେଜ ସମ୍ମୁଖରେ ବିଜୁ ଯୁବ ଛାତ୍ର ନେତା ଯୋଗେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ସହ ମୃତା ଛାତ୍ରୀଙ୍କ ପରିବାରକୁ ନ୍ୟାୟ ଦେବାକୁ ଦାବି କରିଥିଲେ।

## ପିପିଲିରେ ବିଜେଡି ପକ୍ଷରୁ ବିକ୍ଷୋଭ



**ପିପିଲି, ୧୫।୭(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)**

ସୌମ୍ୟାଶ୍ରୀ ବିଶିଙ୍କୁ ରାଜ୍ୟ ସରକାର ନ୍ୟାୟ ଦେଇପାରିଲେ ନାହିଁ ବୋଲି ପିପିଲି ବିଜେଡି ଅଭିଯୋଗ ଆଣି ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛି। ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ରାଜ୍ୟ ବିଜୁ ଯୁବ ଜନତା ଦଳ ସମ୍ପାଦକ ବିଶ୍ୱଜିତ ଦାଶ, ବ୍ଲକ ବିଜେଡି ସଭାନେତ୍ରୀ ଜ୍ୟୋସ୍ନାରାଣୀ ପୃଷ୍ଟି, ବ୍ଲକ ଅଧକ୍ଷା ପ୍ରତିନିଧି ଦେବାଶିଷ ନନ୍ଦ, ଆର୍ତ୍ତବନ୍ଧୁ ସାମନ୍ତରାୟ , ସତ୍ୟନାରାୟଣ ବସ୍ତିଆ, ପର୍ଶୁରାମ ମହାପାତ୍ର, ପିପିଲି ଏନଏସି ଅଧକ୍ଷ ସେକ୍ ବାବୁ, ଆଶିଷ କୁମାର ବରାଳ, ଲିପିକା ମହାପାତ୍ର, ଝୁନା ମଲିକ, ବିଜୟ ପରିଡ଼ା ପ୍ରମୁଖ ଶତାଧିକ କର୍ମୀ ପିପିଲି ହାଟ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

## ଇଗ୍ନୁରେ ସ୍ୟାଣ୍ଡ ଆର୍ଟ ପାଇଁ ଅନ୍‌ଲାଇନ କୋର୍ସ ଆରମ୍ଭ

**ପୁରୀ,୧୫।୭(ଅଜିତ୍ କୁମାର ମହାନ୍ତି)**

ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ଅନ୍ୟ ସ୍ୱୟଂ ସ୍ୟାଣ୍ଡ ଆର୍ଟିଷ୍ଟଙ୍କ ସହଯୋଗରେ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ରେ ଦୁଇଟି ନୂଆ ଅନଲାଇନ୍ କୋର୍ସ 'ସ୍ୟାଣ୍ଡ ଆର୍ଟ ପରିଚୟ' ଏବଂ 'ସ୍ୟାଣ୍ଡ ଆର୍ଟ ନୀତିମାଳା ଓ ଢାଞ୍ଚା' ଆରମ୍ଭ ହୋଇଛି। ଏହା ଭାରତର ସାଂସ୍କୃତିକ ଐତିହ୍ୟକୁ ଡିଜିଟାଲ ଶିକ୍ଷା କ୍ଷେତ୍ରକୁ ଆଣିବାରେ ଏକ ଇତିହାସ ସୃଷ୍ଟି କରିଛି। ଏହି ଦୁଇଟି କୋର୍ସ ସୁଦର୍ଶନଙ୍କ ଦେଶାନ୍ତର ଅନୁଭବ ଓ ଶିଳ୍ପ ନିପୁଣତାକୁ ଆଧାର କରି ବିକଶିତ ହୋଇଛି। ସମସ୍ତ ବୟସ ଏବଂ ପୃଷ୍ଠଭୂମିର ଶିକ୍ଷାର୍ଥୀଙ୍କ ପାଇଁ ନିର୍ଦ୍ଦେଶିତ ଏହି କୋର୍ସଗୁଡିକ ସୃଜନଶୀଳତାକୁ ଉତ୍ସାହିତ କରିବ। ଭାରତୀୟ କଳାକୁ ଏକ ଗ୍ଲୋବାଲ ମଞ୍ଚରେ ଉପସ୍ଥାପନ କରିବ ଏବଂ ଭିଜୁଆଲ ଆର୍ଟ/ଗଠନକୁ ସଂରୂପ ଦେବ। ଏହି ନୂତନ କୋର୍ସ ଇଗ୍ନୁର ଦିଲ୍ଲୀସ୍ଥିତ ମୁଖ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଫେସର ଉମା କଞ୍ଜିଲାଲ୍ ଓ ସହଯୋଗୀ ଅଧିକାରୀମାନେ ଉପସ୍ଥିତ ଥିଲେ। ସୁଦର୍ଶନ କହିଥିଲେ ଯେ, ସ୍ୟାଣ୍ଡ ଆର୍ଟ୍ ଭାରତୀୟ ସ୍ୱତନ୍ତ୍ରତାର ଏକ ଗ୍ଲୋବାଲ ପ୍ରତୀକ ହେବ ବୋଲି ମୋର ସ୍ୱପ୍ନ ଥିଲା। ଏଥିପାଇଁ ଇଗ୍ନୁ ଓ ସ୍ୱୟଂକୁ ଧନ୍ୟବାଦ ଦେବି। ଏବେ ସ୍ୟାଣ୍ଡ ଆର୍ଟ ଏକ ଜାତୀୟ ଏବଂ ଅନ୍ତର୍ଜାତୀୟ ବ୍ୟାପି ଶିକ୍ଷା ହୋଇପାରିବ। ତେବେ ପ୍ରତ୍ୟେକ କୋର୍ସରେ ଭିଡିଓ ଲେକ୍‌ଚର, ଡେମୋନଷ୍ଟ୍ରେଷ୍ଟଶନ୍ ଓ ହ୍ୟାଣ୍ଡ୍ସ-ଅନ୍ ଆସାଇନମେଣ୍ଟ ରହିଛି। କୋର୍ସ ସଫଳତାର ସହିତ ଶେଷ କରିବା ପରେ ପ୍ରମାଣପତ୍ର ମିଳିବ।

## ବ୍ରହ୍ମଗିରି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରାସ୍ତାରୋକୋ




**ବ୍ରହ୍ମଗିରି,୧୫।୭(ସ୍ୱାଧୀନ ଚମ୍ପତିରାୟ)**

ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ମଙ୍ଗଳବାର ବ୍ରହ୍ମଗିରି ବିଜୁ ଛାତ୍ର ଜନତା ଦଳ ତରଫରୁ ବ୍ରହ୍ମଗିରି କଲେଜ ଛକଠାରେ ପୁରୀ-ସାତପଡ଼ା ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ବିଜୁ ଯୁବ ଛାତ୍ର ଜନତା ଦଳର କର୍ମୀ ଏବଂ ଅଲାରନାଥ ଧନ୍ଦାମୂଳକ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମିଶି ରାସ୍ତା ରେ ଟାୟାର ଜାଳି ବିକ୍ଷୋଭ କରିଥିଲେ। ରାଜପଥ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିବା ସହ ସାଧାରଣ ଯାତାୟାତ ପୂରା ଠପ୍ ହୋଇଯାଇଥିଲା। ବ୍ରହ୍ମଗିରି ପୋଲିସ ଅବରୋଧକାରୀଙ୍କ ସହ ଆଲୋଚନା କରି ରାସ୍ତା ଅବରୋଧ ହଟାଇଥିଲା



କାକଟପୁର ଯୁବ ବିଜେଡି ସଭାପତି ରଞ୍ଜନ କୁମାର ନାୟକ ଏବଂ ଜିଲା ଯୁବ ବିଜେଡି ଉପସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଯୁବ ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ। (ଫଟୋ- ଶୁଭଦର୍ଶନ ମିଶ୍ର)

## କଣାସରେ ଝାଡ଼ାବାନ୍ତି ଥମୁନି: ଆଉ ୨୦ ଆକ୍ରାନ୍ତ

**କଣାସ,୧୫।୭(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକରେ ୧୫ଦିନ ହେଲା ଝାଡ଼ାବାନ୍ତି ଲାଗିରହିଛି। ମଙ୍ଗଳବାର କରମଳା ଗ୍ରାମର ଗୋଟିଏ ପରିବାରର ୪ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ବିଭିନ୍ନ ପଞ୍ଚାୟତରୁ ୧୬ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଏସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷମାନିଧି ସେଠୀ କହିଛନ୍ତି, ଜନସାଧାରଣଙ୍କ ସଚେତନତା ଅଭାବରୁ ଝାଡ଼ାବାନ୍ତି ଲାଗିରହିଛି। ବିଶେଷକରି ଗ୍ରାମବାସୀ ପାଇଖାନା ବ୍ୟବହାର ନ କରି ବାହାରେ ମଳତ୍ୟାଗ କରୁଥିବା ଏବଂ ନଦୀନାଳର ଅପରିଷ୍କାର ପାଣିକୁ ବ୍ୟବହାର କରୁଥିବାରୁ ଝାଡାବାନ୍ତି ଥମିବାର ନାଁ ନେଉନାହିଁ। ସୂଚନାଯୋଗ୍ୟ, ୩ମାସ ତଳେ ଗଡ଼ିଶାଗୋଦା ଅଞ୍ଚଳର ନୂଆଗାଁ, ନଈକୂଳପାଟଣା, ଗଡ଼ିଶାଗୋଦା, ଯାମଳଗୋଦା, ଯାଗୁଲେଇପଦର, କଳାପଦର, ଗୋପିନାଥପୁର ଗ୍ରାମରେ ଦୀର୍ଘ ୧ମାସ ଧରି ଝାଡ଼ାବାନ୍ତି ଲାଗିରହିବା ଏବଂ ୬ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହେବାରୁ ଏହା ପ୍ରଶାସନ ଏବଂ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା।



କଣାସ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଆକ୍ରାନ୍ତ ।

# ସୌମ୍ୟାଶ୍ରୀଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା




**କୋଣାର୍କ, ୧୫।୭(ଜ୍ୟୋତିରାଜ ମହାନ୍ତି)**

କାକଟପୁର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ କମିଟି ପକ୍ଷରୁ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦଗତି କାମନା କରି ମଙ୍ଗଳବାର କାକଟପୁର ଯୁବ କଂଗ୍ରେସ ସଭାପତି ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା କୋଣାର୍କ କଂଗ୍ରେସ କାର୍ଯ୍ୟାଳୟ ଠାରୁ ମେଡିକାଲ ଛକ ଓ ସୂର୍ଯ୍ୟମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ପୁରୀ ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଅୟସ୍ କୁମାର ଜେନା, କାକଟପୁର ଯୁବ କଂଗ୍ରେସ ସଭାପତି ବିରଞ୍ଚି ନାରାୟଣ ପତି, କୋଣାର୍କ ଏନ୍‌ଏସି ୫ନଂ କାଉନସିଲର ନୀହାର ରଞ୍ଜନ ବେଉରା ଓ କର୍ମୀ ପ୍ରତାପ କାଣ୍ଡି, ନିରଞ୍ଜନ ଖୁଣ୍ଟିଆ, ସ୍ୱାଧୀନ ନାୟକ, ଲୋକନାଥ ବେହେରାସ୍, ଦେବରାଜ ନାୟକ, ସୌମ୍ୟ ଲେଙ୍କା, କୃଷ୍ଣଚନ୍ଦ୍ର ବେହେରା, ବୁଦ୍ଧନାଥ କାଣ୍ଡି, ମନୋରଞ୍ଜନ ବେହେରା, ଚନ୍ଦନ କାଣ୍ଡି, ଦିଲୀପ କୁମାର ନାୟକ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ଥିଲେ।

# କବିତ୍ୱ ସର୍ବଦା ଉଚ୍ଚନୀଚ ଭେଦଭାବର ଊର୍ଦ୍ଧ୍ୱରେ: ରାଷ୍ଟ୍ରପତି



ଜେ.ଏନ୍. ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବରେ ଉପସ୍ଥିତ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ଅତିଥି।

**କଟକ,୧୫।୭(କାର୍ତ୍ତିକ ସାହୁ)**

## ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବ

ଆଦିକବି ସାରଳା ଦାସଙ୍କ ୬୦୦ତମ ଜୟନ୍ତୀ ଅବସରରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମହାକବି ସାରଳା ଦାସ ସାଧାରଣ ପରିବାରରେ ଅସାଧାରଣ ପ୍ରତିଭା ନେଇ ଜନ୍ମଗ୍ରହଣ କରିଥିଲେ। ତାଙ୍କ କବିତ୍ୱ ଓ ପାଣ୍ଡିତ୍ୟର ପଟାନ୍ତର ନାହିଁ ବୋଲି ବର୍ଣ୍ଣନା କରି କହିଲେ ଯେ, କୌଣସି ବି ଭାଷାରେ ମହାଭାରତ ପରି ମହାକାବ୍ୟ ରଚନା କରିବା ସହଜ ନୁହେଁ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। କୃଷକ ପରିବାରରେ ଜନ୍ମିତ ସାରଳା ଦାସ ମହାଭାରତ ରଚନା କରି ପ୍ରମାଣ କରିଛନ୍ତି ଯେ କବିତ୍ୱ ସର୍ବଦା ଉଚ୍ଚନୀଚ ଭେଦଭାବର ଊର୍ଦ୍ଧ୍ୱରେ ବୋଲି ରାଷ୍ଟ୍ରପତି କହିଛନ୍ତି। ଜେ.ଏନ. ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବରେ ସଂସଦ ପକ୍ଷରୁ ରାଷ୍ଟ୍ରପତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଳିଙ୍ଗ ରତ୍ନ ଓ ସୁସାହିତ୍ୟିକ ବିଜୟ ନାୟକଙ୍କୁ ସାରଳା ସମ୍ମାନ ପ୍ରଦାନ କରି ଖୁସି ପ୍ରକଟ କରିଥିଲେ। ଓଡ଼ିଆ ଭାଷାର ଶାସ୍ତ୍ରୀୟତା ବିଷୟରେ ତଥା ଆଦିକବି ସାରଳା ଦାସ ଏବଂ ଅନ୍ୟାନ୍ୟ କବିଙ୍କର କାବ୍ୟକୃତି ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିଥିଲା। ଓଡ଼ିଆ ଓ ସାନ୍ତାଳୀ ଭାଷା ସହ ଭାରତର ବିବିଧ ଭାଷା ଭାରତର ଶିକ୍ଷା-ପରମ୍ପରାକୁ ୨୦୩୬ ସମୃଦ୍ଧ କରିପାରିବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଥିଲେ। ଆମେ ସମସ୍ତେ ମାତୃଭାଷାରେ ଶିକ୍ଷାଦାନ ଉପରେ ଅଧିକରୁ ଅଧିକ ଗୁରୁତ୍ୱ ଦେବା ତଥା ନିଜ ମାତୃଭାଷାର ବହୁଳ ପ୍ରୟୋଗ ଏବଂ ଉଚ୍ଚତର ଗବେଷଣା ପାଇଁ ସମସ୍ତେ ଯତ୍ନବାନ ହେବା ବୋଲି ସେ କହିଥିଲେ। ଆଉ ଯେତେ ଭାଷା ପାରୁଛ ଶିଖ, ନିଜ ମାତୃଭାଷା ମହତ ରଖ ବୋଲି ରାଷ୍ଟ୍ରପତି ଆହ୍ୱାନ ଦେଇଥିଲେ। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ସାରଳା ସାହିତ୍ୟ ସଂସଦର ଉପଦେଷ୍ଟା ସହଦେବ ସାହୁ, ପଦ୍ମଭୂଷଣ ପ୍ରତିଭା ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସାରଳା ସାହିତ୍ୟ ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# 'ଝିଅ କୌଣସି ଗୁଣରେ କମ୍ ନୁହନ୍ତି'

## ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ପୁନଃ ଉନ୍ନତିକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ରାଷ୍ଟ୍ରପତି

**କଟକ,୧୫।୭(କାର୍ତ୍ତିକ ସାହୁ)**

ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟର ପୁନଃ ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଆମ ଝିଅମାନେ ପୁଅମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି କହିଛନ୍ତି। ପାଠପଢ଼ି ଭଲ ମଣିଷ ହେବା ସହ ନିଜ ମାତାପିତା, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଗୁରୁଜନମାନଙ୍କ ଆଶୀର୍ବାଦ ଗ୍ରହଣ କରି ନିଜ ବ୍ୟକ୍ତିତ୍ୱକୁ ପରିସ୍ଫୁଟ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି। ନିଜ ବ୍ୟବହାର ଦ୍ୱାରା ନିଜର ଏକ ଏଭଳି ପରିଚୟ ସୃଷ୍ଟି କର ଯେ, ଯେଉଁଠାକୁ ଯିବ ସେଠାରେ ସମସ୍ତେ ତୁମର ପରିଚୟ ପଚାରିବେ। ନିଜ ବିଦ୍ୟାଳୟକୁ ଗୌରବାନ୍ୱିତ କରିବା ସହ ଓଡ଼ିଆ ବୋଲି ନିଜକୁ ପ୍ରମାଣିତ କର। ନାରୀ ଶିକ୍ଷାର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରମୁଖ ସ୍ଥାନ ଗ୍ରହଣ କରିଥିବା ଏହି ବିଦ୍ୟାଳୟ କେତେ ଜ୍ଞାନୀ, ଗୁଣୀ, ବିଦୁଷୀ ମହିଳା ତିଆରି କରିଛି। ଏହି ବିଦ୍ୟାଳୟରେ ପାଠ ପଢ଼ିଥିବା ଅନେକ ଛାତ୍ରୀ ସମାଜରେ ଉଚ୍ଚ ପ୍ରତିଷ୍ଠିତ। କେନ୍ଦ୍ର ସରକାର ଏହି ପ୍ରକଳ୍ପ ନିମନ୍ତେ ୮୬ କୋଟି ୨୬ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ରାଜ୍ୟ ସରକାର ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରି ପ୍ରାୟ ଦେଢ଼ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ପି ଭର୍ତ୍ତୃହରି ମହତାବ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂ, ବାରବାଟୀ କଟକ ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରାଜ୍ୟପାଳ ସଭା ମଞ୍ଚରୁ ତଳକୁ ଯାଇ ଛାତ୍ରୀମାନଙ୍କୁ ଚକୋଲେଟ ବାଣ୍ଟିବା ସହ ସେମାନଙ୍କ ସହ କଥା ହୋଇଥିଲେ।



ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁନଃ ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ଇଗ୍ନୁରେ ସ୍ୟାଣ୍ଡ ଆର୍ଟ ପାଇଁ ଅନଲାଇନ୍ କୋର୍ସ ଆରମ୍ଭ

**ପୁରୀ,୧୫।୭(ଅଜିତ୍ କୁମାର ମହାନ୍ତି)**

ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ଅନ୍ୟ ସ୍ୱୟଂ ସ୍ୟାଣ୍ଡ ଆର୍ଟିଷ୍ଟଙ୍କ ସହଯୋଗରେ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ରେ ଦୁଇଟି ନୂଆ ଅନଲାଇନ୍ କୋର୍ସ 'ସ୍ୟାଣ୍ଡ ଆର୍ଟ ପରିଚୟ' ଏବଂ 'ସ୍ୟାଣ୍ଡ ଆର୍ଟ ନୀତିମାଳା ଓ ଢାଞ୍ଚା' ଆରମ୍ଭ ହୋଇଛି। ଏହା ଭାରତର ସାଂସ୍କୃତିକ ଐତିହ୍ୟକୁ ଡିଜିଟାଲ ଶିକ୍ଷା କ୍ଷେତ୍ରକୁ ଆଣିବାରେ ଏକ ଇତିହାସ ସୃଷ୍ଟି କରିଛି। ଏହି ଦୁଇଟି କୋର୍ସ ସୁଦର୍ଶନଙ୍କ ଦେଶାନ୍ତର ଅନୁଭବ ଓ ଶିଳ୍ପ ନିପୁଣତାକୁ ଆଧାର କରି ବିକଶିତ ହୋଇଛି। ସମସ୍ତ ବୟସ ଏବଂ ପୃଷ୍ଠଭୂମିର ଶିକ୍ଷାର୍ଥୀଙ୍କ ପାଇଁ ନିର୍ଦ୍ଦେଶିତ ଏହି କୋର୍ସଗୁଡିକ ସୃଜନଶୀଳତାକୁ ଉତ୍ସାହିତ କରିବ। ଭାରତୀୟ କଳାକୁ ଏକ ଗ୍ଲୋବାଲ ମଞ୍ଚରେ ଉପସ୍ଥାପନ କରିବ ଏବଂ ଭିଜୁଆଲ ଆର୍ଟ/ଗଠନକୁ ସଂରୂପ ଦେବ। ଏହି ନୂତନ କୋର୍ସ ଇଗ୍ନୁର ଦିଲ୍ଲୀସ୍ଥିତ ମୁଖ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଫେସର ଉମା କଞ୍ଜିଲାଲ୍ ଓ ସହଯୋଗୀ ଅଧିକାରୀମାନେ ଉପସ୍ଥିତ ଥିଲେ। ସୁଦର୍ଶନ କହିଥିଲେ ଯେ, ସ୍ୟାଣ୍ଡ ଆର୍ଟ ଭାରତୀୟ ସ୍ୱତନ୍ତ୍ରତାର ଏକ ଗ୍ଲୋବାଲ ପ୍ରତୀକ ହେବ ବୋଲି ମୋର ସ୍ୱପ୍ନ ଥିଲା। ଏଥିପାଇଁ ଇଗ୍ନୁ ଓ ସ୍ୱୟଂକୁ ଧନ୍ୟବାଦ ଦେବି। ଏବେ ସ୍ୟାଣ୍ଡ ଆର୍ଟ ଏକ ଜାତୀୟ ଏବଂ ଅନ୍ତର୍ଜାତୀୟ ବ୍ୟାପି ଶିକ୍ଷା ହୋଇପାରିବ। ତେବେ ପ୍ରତ୍ୟେକ କୋର୍ସରେ ଭିଡିଓ ଲେକ୍‌ଚର, ଡେମୋନଷ୍ଟ୍ରେଷ୍ଟଶନ୍ ଓ ହ୍ୟାଣ୍ଡ୍ସ-ଅନ୍ ଆସାଇନମେଣ୍ଟ ରହିଛି। କୋର୍ସ ସଫଳତାର ସହିତ ଶେଷ କରିବା ପରେ ପ୍ରମାଣପତ୍ର ମିଳିବ।

# ନିଦଭରା ରାତିରେ... ଝୁମିଲେ ଦର୍ଶକ



'ଗ୍ରାଣ୍ଡ ମ୍ୟୁଜିକାଲ ନାଇଟ୍'ରେ ଯୋଗଦେଇଥିବା ଅତିଥିଙ୍କ ସହ କଣ୍ଠଶିଳ୍ପୀ ଓ ଅନ୍ୟମାନେ।

**ଭୁବନେଶ୍ୱର,୧୫।୭(ସୁଚିସ୍ମିତା ସାହୁ)**

ନିଦ ଭରା ରାତି.., ଚକା ଚକା ଭଉଁରି.., ତୁମ ଦିଲ କି ଧଡକନ ହୋ... ସଙ୍ଗୀତରେ ଝୁମିଥିଲେ ଦର୍ଶକ। ଅବସର ଥିଲା ମଧୁର ସଙ୍ଗୀତ କଲଚରାଲ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ସୂଚନାଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ଚିର ସବୁଜ ଗୀତକୁ ନେଇ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ଗ୍ରାଣ୍ଡ୍ ମ୍ୟୁଜିକାଲ ନାଇଟ୍'। ଅତିଥି ଭାବେ ୟୁନିଟି ଇଜ୍ ଷ୍ଟ୍ରେଣ୍ଟ କ୍ୟାନ୍ସର ଫାଉଣ୍ଡେଶନର ଅଧ୍ୟକ୍ଷ ଗୋପାଳ ଦାସ, ସମ୍ମାନିତ ଅତିଥି ଭାବେ କଣ୍ଠଶିଳ୍ପୀ ଡ. ଅନିନ୍ଦିତା ଦାସ, କଣ୍ଠ ଶିଳ୍ପୀ ଲୋଭା ବିଶ୍ୱାଳ, କଣ୍ଠଶିଳ୍ପୀ କୁମାର ବିଷ୍ଣୁ, ଅନୁଷ୍ଠାନ ଅଧ୍ୟକ୍ଷା ଯୋଗିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ଚିତ୍ତରଞ୍ଜନ ଶତପଥୀ, ଗିରିଜା, ଶଶୀକାନ୍ତ, ଡ. ସଞ୍ଜୟ ପ୍ରମୁଖ ସୋଲ ଓ ଡୁଏଟ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଗୁଲସନ ନଦୀମ।

## ଇନ୍‌ଷ୍ଟା ରିଲ୍ସକୁ ନେଇ ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣା

# ୩ ବର୍ଷ ପରେ ୩ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୫।୭(ସତ୍ୟଜିତ୍ ରାଉତ)**

ଇନ୍‌ଷ୍ଟାଗ୍ରାମରେ ରିଲ୍ସ କରିବାକୁ ଶତ୍ରୁତା ହେବା ପରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ହତ୍ୟା ଉଦ୍ୟମ ଘଟଣାରେ ଶହୀଦନଗର ପୋଲିସ ୩ବର୍ଷ ପରେ ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଶାନ୍ତିପଲ୍ଲୀ ବସ୍ତିର ଶଙ୍କର ପାତ୍ର (୨୧), ଶହୀଦନଗର ଅଞ୍ଚଳର ବିଶ୍ୱଜିତ ରାଉତ (୨୧) ଓ ବମିଖାଲର କାହ୍ନୁ କିଶୋର କୁମାର ନାୟକ (୨୪)। କୋର୍ଟଚାଲାଣ ପରେ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆକ୍ରମଣରେ ଆହତ ଚନ୍ଦନ କୁମାର ଜେନା ଶହୀଦନଗରସ୍ଥିତ ଏକ ସ୍ପାରେ ଚାକିରି କରୁଥିଲେ। ସେ ସାଙ୍ଗ




ନିଲୁ ଏବଂ କେ. ଅଜୟଙ୍କ ସହ ପ୍ରାୟତଃ ଇନ୍‌ଷ୍ଟାଗ୍ରାମ ରିଲ୍ ତିଆରି କରୁଥିଲେ। ୨୦୨୨ ମେ' ୩୧ ସକାଳେ ଚନ୍ଦନ ଓ ତାଙ୍କ ଦୁଇ ସାଙ୍ଗ ମହର୍ଷି କଲେଜ ପଛରେ ରିଲ୍ ଶୁଟିଂ କରୁଥିଲେ। ସେହି ସମୟରେ ଅଜୁ, ମିଟୁ ଓ ବିଶ୍ୱନାଥ ଚନ୍ଦନଙ୍କ ପାଖକୁ ଆସି ରିଲ୍ କରିବାକୁ ବାରଣ କରି ଧମକ ଦେଇଥିଲେ। ହେଲେ ଚନ୍ଦନ ସେମାନଙ୍କ କଥା ନ ଶୁଣି ରିଲ୍ କରିବା ଜାରି ରଖିଥିଲେ। ଏହାର ପରଦିନ ଅଭିଯୁକ୍ତ ଅଜୁ, ମିଟୁ ଓ ବିଶ୍ୱନାଥ ସ୍ପାରେ ପହଞ୍ଚି ଚନ୍ଦନଙ୍କୁ ଖୋଜିଥିଲେ। ହେଲେ ସେ ନ ଥିବାରୁ ପଳାଇଥିଲେ। ସେହିଦିନ ରାତି ପ୍ରାୟ ୮ଟା ୩୦ରେ ସେମାନେ ଚନ୍ଦନଙ୍କୁ ମହର୍ଷି କଲେଜ ଛକକୁ ଡାକିଥିଲେ। ଚନ୍ଦନ ତାଙ୍କ ଦୁଇ ସାଙ୍ଗଙ୍କ ସହ ପହଞ୍ଚିବା ପରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ବାଡ଼ି ଓ ଖଣ୍ଡା ଧରି ସେମାନଙ୍କୁ ଗୋଡ଼ାଇଥିଲେ। ନିଲୁ ଓ ଅଜୟ ଦୌଡ଼ି ପଳାଇଥିବା ବେଳେ ଚନ୍ଦନ ମହର୍ଷି କଲେଜ ପଛ ପାର୍ଶ୍ୱକୁ ଖସିଯିବାକୁ ଚେଷ୍ଟା କରିଥିଲେ। ଅଭିଯୁକ୍ତମାନେ ଚନ୍ଦନଙ୍କୁ ପିଛା କରି ଗୌରାଙ୍ଗ ଆଶ୍ରମ ପଛରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଏତଲାକ୍ରମେ ଶହୀଦନଗର ଥାନା ମାମଲା (ନଂ.୨୫୦/୨୦୨୨) ରୁଜୁ କରି ତଦନ୍ତ କରିଥିଲା।

# ବୃଦ୍ଧଙ୍କୁ ୩ ବର୍ଷ ଜେଲଦଣ୍ଡ

## ନାବାଳିକା ଅସଦାଚରଣ ମାମଲା

**ଭୁବନେଶ୍ୱର,୧୫।୭(ସତ୍ୟଜିତ୍ ରାଉତ)**

ନାବାଳିକା ଅସଦାଚରଣ ମାମଲାରେ ଭୁବନେଶ୍ୱର ଆଡ୍‌ହକ୍ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟ -୧(ପୋକ୍ସୋ) ମଙ୍ଗଳବାର ରାୟ ପ୍ରକାଶ କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ବାଲିପାଟଣା ଥାନା ଅନ୍ତର୍ଗତ ନରିଶୋ ନିଧିସାହିର ଗୋବିନ୍ଦ କାଣ୍ଡି (୫୮)ଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ କୁହାଯାଇଛି। ଜରିମାନା ଅନାଦାୟରେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ସରୋଜ କୁମାର ସାହୁ ରାୟରେ ଶୁଣାଇଛନ୍ତି।

୨୦୨୧ ଅଗଷ୍ଟ ୨୯ରେ ପୀଡିତା ବାପା-ମା ଚାଷ କାମ ପାଇଁ ଜମିକୁ ଯାଇଥିଲେ। ଘରେ ଥିବା ୧୩ ବର୍ଷୀୟା ନାବାଳିକାଙ୍କୁ ଅଭିଯୁକ୍ତ ଗୋବିନ୍ଦ ତାଙ୍କ ପାନ ବରଜକୁ ଡାକି ନେଇ ଅସଦାଚରଣ କରିଥିଲେ। ପୀଡ଼ିତା କାନ୍ଦି କାନ୍ଦି ଘରକୁ ଫେରିଥିଲେ। ମା' ଓ ବାପା ଘରକୁ ଫେରିବା ପରେ ଘଟଣା ବିଷୟରେ ଜାଣି ଅଭିଯୁକ୍ତଙ୍କୁ ପଚାରିଥିଲେ। ହେଲେ ଗୋବିନ୍ଦ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏନେଇ ପୀଡିତାଙ୍କ ମା'ଙ୍କ ପକ୍ଷରୁ ଏତଲାକ୍ରମେ ବାଲିପାଟଣା ଥାନା ପୋଲିସ ମାମଲା (ନଂ.୨୧୯/୨୦୨୧) ରୁଜୁ କରି ତଦନ୍ତ କରିଥିଲା। କୋର୍ଟ ୧୨ଜଣଙ୍କ ସାକ୍ଷ୍ୟ ଓ ୬୧ଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଗୋବିନ୍ଦଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜିବ ସାସ୍‌ମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ବଳରାମ ଦେଓ ମାମଲା ପରିଚାଳନା କରୁଥିଲେ।

# ଶରଧାବାଲି ଦଳାଚକଟା ଘଟଣାର ଜନଶୁଣାଣି: ମତ ରଖିଲେ ୪୦ ଅଧିକାରୀ

**ପୁରୀ,୧୫।୭(ଅଜିତ୍ କୁମାର ମହାନ୍ତି)**

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ଗତ ୨୯ ତାରିଖ ଭୋରରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଦଳାଚକଟା ଘଟିଥିଲା। ଏହି ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଥିଲେ। ଘଟଣାର ତଦନ୍ତ ପାଇଁ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ସରକାର ଦାୟିତ୍ୱ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୁରୀର ସ୍ୱତନ୍ତ୍ର ସର୍କିଟ ହାଉସରେ ଅନୁଷ୍ଠିତ ଜନଶୁଣାଣିରେ ଘଟଣା ସମୟରେ ଡ୍ୟୁଟିରେ ଥିବା ୪୦ ଜଣ ଅଧିକାରୀ ସେମାନଙ୍କ ମତ ରଖିଛନ୍ତି। ତେବେ ଅଧିକ ତଦନ୍ତ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

# ଜାତୀୟ ମତ୍ସ୍ୟଜୀବୀ ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ



ବୈଠକରେ ଓଟିଏଫ୍‌ଡବ୍ଲ୍ୟୁର ସଭାପତି ପ୍ରସନ୍ନ କୁମାର ବେହେରାଙ୍କ ସହ ଅନ୍ୟ କର୍ମକର୍ତ୍ତା।

**ଭୁବନେଶ୍ୱର,୧୫।୭ (ବନ୍ଦନା ସେଠୀ)**

ଜାତୀୟ ମତ୍ସ୍ୟଜୀବୀ ମଞ୍ଚ(ଏନ୍‌ଏଫ୍‌ଏଫ୍)ର କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ରେଡକ୍ରସ ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପାରମ୍ପରିକ ମତ୍ସ୍ୟଜୀବୀ ସଂଘ(ଓଟିଏଫ୍‌ଡବ୍ଲ୍ୟୁ) ସହଯୋଗରେ ଆୟୋଜିତ ଏହି ବୈଠକରେ ଓଟିଏଫ୍‌ଡବ୍ଲ୍ୟୁର ସଭାପତି ପ୍ରସନ୍ନ କୁମାର ବେହେରା ଉଦ୍‌ବୋଧନ ଦେଇ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଦୁଃସ୍ଥିତି ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ, କଇଁଛ ସଂରକ୍ଷଣ ପାଇଁ ୪ଟି ଜିଲାରେ ୭ମାସ ପାଇଁ ମାଛ ଧରିବା ଉପରେ ରାଜ୍ୟ ସରକାର ପ୍ରତିବନ୍ଧକ ଲଗାଇଛନ୍ତି। ଏହାଦ୍ୱାରା ଓଡ଼ିଶାରେ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଅବସ୍ଥା ଖରାପ ହେଉଛି। ତେଣୁ ପ୍ରତିବନ୍ଧକ ଅବଧି ମଧ୍ୟରେ ପ୍ରତି ପରିବାରକୁ ୩୦ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ। ଏଥିସହ ୨୪ଘଣ୍ଟା ସାମୁଦ୍ରିକ ନୌଚାଳନା ସକ୍ଷମ କରିବା ପାଇଁ ନଦୀ ମୁହାଣ ଏବଂ ଚିଲିକା ହ୍ରଦକୁ ତୁରନ୍ତ ସଫା କରିବା, ମତ୍ସ୍ୟଜୀବୀଙ୍କ ଜୀବିକାକୁ ସମର୍ଥନ କରିବା ପାଇଁ ପ୍ରତ୍ୟେକ ସାମୁଦ୍ରିକ ବ୍ଲକ/ଗ୍ରାମପଞ୍ଚାୟତରେ ମତ୍ସ୍ୟ ଅବତରଣ କେନ୍ଦ୍ର (ଏଫ୍‌ଏଲ୍‌ସି) ଏବଂ ପୋତାଶ୍ରୟ ସୃଷ୍ଟି ପାଇଁ ଦାବି କରିଥିଲେ। ବନ୍ଦର ସମ୍ବନ୍ଧୀୟ ସମ୍ପ୍ରସାରଣ ଏବଂ କର୍ନାଟକ, ଗୋଆ, କେରଳ, ମହାରାଷ୍ଟ୍ର, ଗୁଜରାଟ ଓ ଓଡ଼ିଶାରେ ନୂତନ ବନ୍ଦର ନିର୍ମାଣ ଯୋଜନା ପାଇଁ ମତ୍ସ୍ୟଜୀବୀମାନେ ବିଶେଷଭାବେ ପ୍ରଭାବିତ ହେଉଛନ୍ତି। ଏପରି କି ଏଥିପାଇଁ ସେମାନଙ୍କୁ ବିସ୍ଥାପିତ କରାଯିବା ଘଟଣା ଏକ ପ୍ରମୁଖ ସମସ୍ୟା ଅଟେ। ଇତିମଧ୍ୟରେ କେନ୍ଦ୍ର ସରକାର ମାଛ ଚାଷ ପାଇଁ ସବ୍‌ସିଡି ବନ୍ଦ କରିଦେଇଥିବା ବେଳେ ସାମୁଦ୍ରିକ ସବ୍‌ସିଡିକୁ ବୃଦ୍ଧି କରିଦେଇଛନ୍ତି, ଯାହାକି ପରିବେଶ ଏବଂ ଜୈବ ବିବିଧତାକୁ ନଷ୍ଟ କରୁଛି। ତେଣୁ ଏସବୁ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟକାରୀ କମିଟି ବୈଠକରେ ସଂକଳ୍ପନାମା ପାରିତ ହୋଇଛି।

# ରମାଦେବୀରେ ଏନ୍‌ଏସ୍‌ଏସ୍ ଅଧିକାରୀଙ୍କ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଚଣ୍ଡୀଚରଣ ରଥ ଓ ଅନ୍ୟ ଅତିଥିଙ୍କ ସହ ଏନ୍‌ଏସ୍‌ଏସ୍ ଅଧିକାରୀ।

**ଭୁବନେଶ୍ୱର,୧୫।୭(ସୁଚିସ୍ମିତା ସାହୁ)**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରମାଦେବୀରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜିକା ପ୍ରଫେସର ଅଲିଭା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ଚଣ୍ଡୀଚରଣ ରଥ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସମାଜସେବା କାର୍ଯ୍ୟକ୍ରମର ଏସ୍‌ଏନ୍‌ଓ କମ୍ ଡେପୁଟି ସେକ୍ରେଟାରୀ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏନଏସଏସର ଗୁରୁତ୍ୱ ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାନବିକ ମୂଲ୍ୟବୋଧର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଓଡିଶା କୃଷି ବିଶ୍ୱବିଦ୍ୟାଳୟର ସମାଜସେବୀ ପ୍ରଶିକ୍ଷକ ନୀରଦ ଚରଣ ଖୁଣ୍ଟିଆ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀଙ୍କ ଭୂମିକା ଓ ତାଙ୍କର କାର୍ଯ୍ୟ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ-୧ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଗୀତାଞ୍ଜଳି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏନଏସଏସ ୟୁନିଟ-୨ କାର୍ଯ୍ୟକ୍ରମ ଅଧିକାରୀ ବି.ଆର. ଆଭା ଆୟୁଶ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ଥାୟୀ ନିଯୁକ୍ତି ଦାବିରେ ଧାରଣା

## ପ୍ରତିଶ୍ରୁତି ପରେ ପ୍ରତ୍ୟାହାର

**ବାରଙ୍ଗ,୧୫।୭(ଲିଙ୍ଗରାଜ ରାଉତ)**

ବାରଙ୍ଗ ଅନ୍ତର୍ଗତ ଅରିଲୋସ୍ଥିତ ଓମ୍‌ଫେଡ ପ୍ଲାଣ୍ଟରେ ଅସ୍ଥାୟୀ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ମଙ୍ଗଳବାର ଧାରଣାରେ ବସିଥିଲେ। ଉକ୍ତ ଦାବିଗୁଡିକ ପୂରଣ କରିବା ନେଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ କର୍ମଚାରୀମାନେ ଧାରଣାରୁ ଉଠିଥିଲେ।

ପ୍ରକାଶ ଯେ,ଓମଫେଡ ପ୍ଲାଣ୍ଟରେ ଦୀର୍ଘଦିନ ହେବ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ପଦୋନ୍ନତି, ଦରମା ବୃଦ୍ଧି ଆଦି ବିଭିନ୍ନ ଦାବିକୁ ନେଇ ଓମଫେଡ ପ୍ଲାଣ୍ଟ ସମ୍ମୁଖରେ ଶତାଧିକ କର୍ମଚାରୀ ଧାରଣାରେ ବସିଥିଲେ। ଏହି ଧାରଣା ଉତ୍କଳ ଓମ୍‌ଫେଡ୍ ୱାର୍କର ୟୁନିୟନ ପକ୍ଷରୁ ଦିଆଯାଇଥିଲା। କର୍ମଚାରୀମାନଙ୍କ



ଅରିଲୋସ୍ଥିତ ଓମ୍‌ଫେଡ ପ୍ଲାଣ୍ଟ ପରିସରରେ ଅସ୍ଥାୟୀ କର୍ମଚାରୀମାନେ ଧାରଣା ଦେଇଛନ୍ତି।

ଦାବି ପୂରଣ କରିବାକୁ କର୍ତ୍ତୃପକ୍ଷଙ୍କ ପାଖରେ ଦୀର୍ଘଦିନରୁ ୟୁନିୟନ ପକ୍ଷରୁ ଦାବି କରାଯାଇଥିଲା। କିନ୍ତୁ ଓମ୍‌ଫେଡ୍ କର୍ତ୍ତୃପକ୍ଷ କେବଳ ପ୍ରତିଶ୍ରୁତି ଦେଇ ଭୁଲିଯାଉଥିଲେ। ଏହାକୁ ପ୍ରତିବାଦକରି ମଙ୍ଗଳବାର କାର୍ଯ୍ୟବନ୍ଦ କରି ଓମ୍‌ଫେଡ୍‌ର ମୁଖ୍ୟ ଫାଟକ ସମ୍ମୁଖରେ କର୍ମଚାରୀମାନେ ଧାରଣା ଦେଇଥିଲେ। ଯେପର୍ଯ୍ୟନ୍ତ ଦିଆଯାଇଥିବା ଦାବି ପୂରଣ କରାନଯାଇଛି ସେପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଉତ୍କଳ ଓମଫେଡ ୱାର୍କର ୟୁନିୟନ ପକ୍ଷରୁ ଚେତାବନୀ ଦିଆଯାଇଛି। ଅପରାହ୍ନରେ ଓମ୍‌ଫେଡ୍ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ଉଭୟଙ୍କ ମଧ୍ୟରେ ଦୀର୍ଘ ୪ ଘଣ୍ଟାର ଆଲୋଚନା କରାଯାଇଥିଲା। ଏହାପରେ ୟୁନିୟନ ପକ୍ଷରୁ ରଖାଯାଇଥିବା ଦାବିଗୁଡ଼ିକୁ ସମ୍ମାନ ଜଣାଇବା ସହ ପର୍ଯ୍ୟାୟକ୍ରମେ ପୂରଣ ଦିଗରେ ଓମଫେଡ୍ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବାରୁ ସନ୍ଧ୍ୟା ୫ଟାରେ ଧାରଣା ଉଠାଇ ଦିଆଯାଇଛି।

# ସୁଧୁରୁନି ସହରର ମୌଳିକ ସମସ୍ୟା

**ଖୋର୍ଦ୍ଧା, ୧୫।୭ (ପ୍ରଭାତ ପାଣିଗ୍ରାହୀ)**


ରାସ୍ତା ପାର୍ଶ୍ୱରେ ପଡ଼ିରହିଥିବା ଅଳିଆ ଆବର୍ଜନା।

- ଠିକ୍ ସମୟରେ ହଟୁନି ଅଳିଆ, ଆବର୍ଜନା
- ଜଳୁନି ଷ୍ଟ୍ରିଟ୍ ଲାଇଟ, ମରାମତି ହେଉନି ଡ୍ରେନ୍

ଖୋର୍ଦ୍ଧା ପୌରପରିଷଦରେ ବିକାଶ ଏକପ୍ରକାର ସ୍ଥାଣୁ ପାଲଟିଛି। ସହରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁନି। ସହରର ମୁଖ୍ୟ ସମସ୍ୟା ହେଉଛି ପରିମଳ, ବିପର୍ଯ୍ୟସ୍ତ ଡ୍ରେନେଜ ଏବଂ ରାସ୍ତାକଡ଼ ଉଠାଦୋକାନୀ। ସାହିଗଳିକନ୍ଦିରେ ଅଳିଆ ଆବର୍ଜନା ଗଦା ହୋଇ ରହୁଛି। ଟ୍ରାଫିକ ଛକ, ସମବାୟ ଛକରେ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅଳିଆ ହଟୁନି। ସହରର ମୁଖ୍ୟ ରାସ୍ତାକୁ ବାଦ୍ ଦେଲେ ଗଳିକନ୍ଦି ଅବସ୍ଥା ନ କହିଲେ ଭଲ। ଡ୍ରେନେଜ ବିପର୍ଯ୍ୟସ୍ତ ହୋଇପଡିଛି। ଡ୍ରେନ୍ ସଫେଇ ନ ହେବାରୁ ପୋତି ହୋଇଗଲାଣି। ପୌର ପରିଷଦ କାର୍ଯ୍ୟାଳୟ ନିକଟରେ ଥିବା ସ୍କୁଲ, ମସ୍‌ଜିଦ ଛକ, ଖ୍ରୀଷ୍ଟିଆନ ଛକ, ବରୁଣେଇ ସାହି, ରାଧାବଲ୍ଲଭ ସାହି, ତଳସାହି, ଉପର ସାହି, ଦମକଳ ଛକ, ମାଛ ମାର୍କେଟ, ମାରୱାଡି ପଟି ଡ୍ରେନ ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସହରରେ ଅଧିକାଂଶ ଡ୍ରେନ ଅଧାରୁ ଶେଷ ହୋଇଯାଇଛି। ପୁଣି ଡ୍ରେନଗୁଡିକ ରାସ୍ତାଠାରୁ ଉପରେ ରହିଛି। ଫଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମିରହୁଛି। ସହରର ଅଧିକାଂଶ ଡ୍ରେନ ଉପରେ ବେଆଇନ ଭାବେ ବଡ କୋଠା, ବ୍ୟବସାୟିକ ପ୍ରତିଷ୍ଠାନ ଗଢ଼ିଉଠିଛି। ଫଳରେ ବର୍ଷାଦିନ ଆସିଲେ ସହରରେ ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି। ପୁରୁଣା ବସଷ୍ଟାଣ୍ଡ ଏବଂ ନୂଆ ବସଷ୍ଟାଣ୍ଡରେ ରହିଥିବା ଶୌଚାଳୟ ଦୀର୍ଘ ୨ବର୍ଷ ହେବ ବନ୍ଦ ପଡିଛି। ଫଳରେ ଯାତ୍ରୀ ଏବଂ ସ୍ଥାନୀୟ ବ୍ୟବସାୟୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂଆବସଷ୍ଟାଣ୍ଡ ପରିସରରେ ରହିଥିବା ମାର୍କେଟ କମ୍ପ୍ଲେକ୍ସ କୋଠା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଛାତରୁ ପଲସ୍ତରା ଖସି ରଡ୍ ଦେଖାଗଲାଣି। ଏପରିକି ଛାତ ଉପରେ ବରଅସ୍ତଡ ଗଛ ଉଠିଲାଣି। ବସ୍‌ଷ୍ଟାଣ୍ଡ ପରିସର ମୁକ୍ତ ଡମ୍ପିୟାର୍ଡ ପାଲଟିଛି। ସନ୍ଧ୍ୟା ହେଲେ ଏଠାରେ ଅସମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅନ୍ୟପଟେ ମଶା ଔଷଧ ସ୍ପ୍ରେ କରାଯାଉ ନ ଥିବାରୁ ସହରରେ ମଶାଙ୍କ ପାଦୁର୍ଭାବ ବଢ଼ିଚାଲିଛି। ସହରରେ ବୁଲା କୁକୁରଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏମାନଙ୍କ ଦୌରାତ୍ମ୍ୟ ଯୋଗୁ ଲୋକେ ରାତିରେ ଘରକୁ ଯିବାକୁ ଭୟ କରୁଛନ୍ତି। କୁକୁର ବନ୍ଧ୍ୟାକରଣ ପ୍ରହସନରେ ପରିଣତ ହୋଇଛି। ଏଥିଲାଗି ପ୍ରଶାସନ ପକ୍ଷରୁ ଅର୍ଥ ଖର୍ଚ୍ଚ ହେଉଛି, ତେବେ ଅର୍ଥ କୁଆଡେ ଯାଉଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସହିପରି ନୟାଗଡ ଛକ, ପୁରୁଣା ବସଷ୍ଟାଣ୍ଡ, ଟ୍ରାଫିକ ଛକ, ଗୋଡିପୋଖରୀ, ମୁକୁନ୍ଦପ୍ରସାଦ, ସମବାୟ ଛକ, ଏସ୍‌ବିଆଇ ଛକ, ପ୍ରାଣୀଧନ ଚିକିତ୍ସାଳୟ, ଡିଏଫଓଙ୍କ କାର୍ଯ୍ୟାଳୟ, ହାବେଳି ପଡିଆ ସମ୍ମୁଖ, ନୂଆବସଷ୍ଟାଣ୍ଡ, ପଲ୍ଲା ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ ରାସ୍ତାରେ ଗୋରୁ ବସି ରହୁଛନ୍ତି। ଫଳରେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସହରରେ ଏକାଧିକ ସାହିରେ ପର୍ଯ୍ୟାୟକ୍ରମେ ଷ୍ଟ୍ରିଟ ଲାଇଟ ଲଗାଯାଉଛି। ତେବେ କିଛିସ୍ଥାନରେ ଷ୍ଟ୍ରିଟ ଲାଇଟ ଜଳୁ ନ ଥିବା ଅଭିଯୋଗ ହେଉଛି। ସହରର ପୁରୁଣା ବସଷ୍ଟାଣ୍ଡ, ମାରୱାଡି ପଟିଠାରୁ ଗୋଡି ପୋଖରୀ, ଟ୍ରାଫିକ ଛକଠାରୁ ନୂଆ ବସଷ୍ଟାଣ୍ଡ ଟ୍ରାଫିକ ସମସ୍ୟା ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ନଜିର ରହିଛି।

କଂଗ୍ରେସ ନେତା ଶିଶିର ପରିଡ଼ା କହିଛନ୍ତି ଯେ, ସହରରେ ଡ୍ରେନେଜ ଏବଂ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୌର ପ୍ରଶାସନ ଏକପ୍ରକାର ସ୍ଥାଣୁ ପାଲଟିଛି। ନୂତନ କମିଟି ଆସିବା ପରେ ଲୋକଙ୍କ ଆଶାଥିଲା ପରିବର୍ତ୍ତନ ଆସିବ, ହେଲେ କୌଣସି ପରିବର୍ତ୍ତନ ନାହିଁ ବରଂ ସମସ୍ୟା ବଢ଼ିଛି। ଅପରପଟେ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି ଯେ, ଦାୟିତ୍ୱ ଗ୍ରହଣ କରିବା ପରେ ସହରର ବିକାଶକୁ ପ୍ରାଥମିକତା ଦେଇଛି। ମୌସୁମୀ ପୂର୍ବରୁ ମୁଖ୍ୟ ଡ୍ରେନ୍ ସଫା କରାଯାଇଛି। ପରିମଳ ବ୍ୟବସ୍ଥା ସୁଧାର ଆଣିବା ପାଇଁ ଚେଷ୍ଟା କରାଯାଉଛି। ସହରର ବିକାଶରେ ସହରବାସୀଙ୍କ ମଧ୍ୟ ସହଭାଗିତା ଜରୁରୀ।

# ମୁକୁଳା ପଡ଼ିଛି ଚିଲିକା ରିଂ ବନ୍ଧ



**କୃଷ୍ଣପ୍ରସାଦ, ୧୫।୭ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଦୀର୍ଘ ବର୍ଷ ହେବ ଚିଲିକା ରିଂ ବନ୍ଧ ମୁକୁଳା ପଡ଼ିଛି। ଚିଲିକାର ଲୁଣାପାଣି ମାଡ଼ରେ ଏହି ବନ୍ଧ ଦୁର୍ବଳ ହେବାରେ ଲାଗିଛି। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ପଥର ପ୍ୟାକିଂ ତ ଦୂରର କଥା ମାଟି ମଧ୍ୟ ପକାଯାଉ ନାହିଁ। ଜଳସେଚନ ବିଭାଗ ଅଧୀନରେ ଏହି ରିଂ ବନ୍ଧ ରହିଛି। ଏହି ବନ୍ଧକୁ ଉଚ୍ଚା କରିବା ସହ ଦୁଇ ପାର୍ଶ୍ୱରେ ପଥର ପ୍ୟାକିଂ କରାଗଲେ ବନ୍ଧଟି ସୁଦୃଢ଼ ହେବା ସହ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ବନ୍ଧର ସୁଦୃଢ଼ୀକରଣ ନିମନ୍ତେ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଏବଂ ମୁଖ୍ୟ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଦିଗରେ ବ୍ରହ୍ମଗିରି ବିଧାୟିକା ମଧ୍ୟ ଦୃଷ୍ଟିଦେବାକୁ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ପୂର୍ବତନ ସରପଞ୍ଚ କୁମାର ସିଂହ, ପୂର୍ବତନ ସମିତିସଭ୍ୟ ସୀମାଞ୍ଚଳ ନାୟକ, ସାମାଜିକ କର୍ମୀ ପ୍ରଶାନ୍ତ କୁମାର ନନ୍ଦ, ବୋଇତ ବନ୍ଦାଣ କମିଟି ସଭାପତି ବାଉରିବନ୍ଧୁ ଦଳେଇ, ନାଲୁ ପାହାଣ, ଯୁବନେତା ବିପିନ କୁମାର ନାୟକ ପ୍ରମୁଖ ଦାବି କରିଛନ୍ତି।

# ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ

**ଟାଙ୍ଗୀ, ୧୫।୭ (ରଘୁନାଥ ସାହୁ)**

ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ଶତପଥୀ ଏକ ପାଞ୍ଚ ଜଣିଆ କମିଟି ଗଠନ କରିଥିବା ଜଣାପଡ଼ିଛି। ଏହି ଆଭ୍ୟନ୍ତରୀଣ କମିଟିରେ ଅଧ୍ୟକ୍ଷ ଶତପଥୀ, ଇତିହାସ ଅଧ୍ୟାପକ ସଞ୍ଜୀବ କୁମାର ପରିଡ଼ା, ରାଜନୀତି ବିଭାଗ ଅଧ୍ୟାପିକା ଶର୍ମିଷ୍ଠା ଦାସ, ଶିକ୍ଷା ବିଭାଗ ଅଧ୍ୟାପିକା ରିଙ୍କିନା ପ୍ରଧାନ, ସମାଜସେବୀ ସସ୍ମିତା ପଟ୍ଟନାୟକ ପ୍ରମୁଖ ରହିଥିବା ଜଣାପଡ଼ିଛି।

# ମା' କାଳିଜାଈଙ୍କ ପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ବାଲୁଗାଁ, ୧୫।୭ (ସଂଗ୍ରାମ ପାଇକରାୟ)**

ଫ୍ରେଣ୍ଡସ ଅଫ୍ ନେଚର କ୍ଲବ ଭୁବନେଶ୍ୱର ଆନୁକୂଲ୍ୟରେ ମଙ୍ଗଳବାର ମା' କାଳିଜାଈଙ୍କ ପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା' କାଳିଜାଈ ମୋଟର ଡଙ୍ଗା ମାଲିକ ସଂଘର ସମ୍ପାଦକ କଳାଚାନ୍ଦ ଦାସ, ମା' କାଳିଜାଈ ଶ୍ରମିକ ସଂଘର ସମ୍ପାଦକ ବିଭୂତି ବେହେରା ଏବଂ ଚିଲିକାରାଣୀ ମୋଟର ବୋଟ ୱାର୍କର୍ସ ୟୁନିଅନର ସମ୍ପାଦକ ବିଦ୍ୟାଧର ଦାସଙ୍କ ନେତୃତ୍ୱରେ ୬୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମା' କାଳିଜାଈଙ୍କ ପୀଠ ଚତୁଃପାର୍ଶ୍ୱରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ, ଜରି, କାଚ ଏବଂ ଅନ୍ୟାନ୍ୟ ଆବର୍ଜନାକୁ ସଫେଇ କରିବା ସହ ସେଗୁଡିକୁ ଡଙ୍ଗାରେ ଆଣି ବଡ଼କୁଳ ସ୍ଥିତ କବାଡ଼ିବାଲାକୁ ପୁନଃପ୍ରଚଳନ ପାଇଁ ହସ୍ତାନ୍ତର କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଫ୍ରେଣ୍ଡସ ଅଫ୍ ନେଚର କ୍ଲବର ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ସମ୍ପାଦକ ବିଜୟ କୁମାର ସାହୁ, ସଭ୍ୟ ମନୋଜ କୁମାର ବିଶ୍ୱାଳ, ସତ୍ୟ ପଣ୍ଡା, ରଞ୍ଜିତ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଆଗାମୀ ଦିନରେ ମଧ୍ୟ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଜାରି ରଖିବା ନିମନ୍ତେ ସମସ୍ତେ ପ୍ରତିଶ୍ରୁତି ବଦ୍ଧ ହୋଇଥିଲେ।




# ବାବା ଆଖଣ୍ଡଳେଶ୍ୱର ପାଇକ ସଂଘ ବୈଠକ


ସଭାରେ ଯୋଗଦେଇଥିବା ପାଇକଗୁରୁ ଏବଂ ଅନ୍ୟମାନେ।

**କୃଷ୍ଣପ୍ରସାଦ, ୧୫।୭ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବାବା ଆଖଣ୍ଡଳେଶ୍ୱର ପାଇକ ସଂଘର ବୈଠକ ମାଲୁଦ ମେଳନ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଯୋଗେନ୍ଦ୍ର ନାଥ ବୈରୀଗଞ୍ଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ସୁକାନ୍ତ କୁମାର ଜେନା, ରାଜ୍ୟ ସଂଯୋଜକ ସୁବାସ ଚନ୍ଦ୍ର ଜେନା, ଉପସଭାପତି ସନାତନ ତରେଇ, ପାଇକଗୁରୁ ଅଶୋକ କୁମାର ଜେନା, ପଞ୍ଚୁ ପଲେଇ, ରମେଶ ଚନ୍ଦ୍ର ବିଶ୍ୱାଳ, ହଳଧର ବିଶ୍ୱାଳ, ଭ୍ରମରବର ଜେନା, ବିଶ୍ୱନାଥ ବିଶ୍ୱାଳଙ୍କ ସମେତ ବହୁ ପାଇକ ଗୁରୁ, ପାଇକ ଯୋଗଦେଇଥିଲେ। ପୂର୍ବତନ ପାଇକ ସଂଘ ସଭାପତି ଦୁଃଶାସନ ଦାସଙ୍କ ମୃତ୍ୟୁରେ ଶୋକ ସଭା ହୋଇଥିଲା। ଇତିହାସରୁ ଜଣାଯାଏ ଦେଶକୁ ସ୍ୱାଧୀନ କରିବାରେ ପାଇକ ବିଦ୍ରୋହର ମୁଖ୍ୟ ଭୂମିକା ଥିଲା। ସରକାର ପାଇକ ଗୁରୁଙ୍କୁ ଭତ୍ତା ପ୍ରଦାନ କରୁଥିବା ବେଳେ ୫୦୦ରୁ ଊର୍ଦ୍ଧ୍ୱ ପାଇକ ଗୁରୁ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଅନ୍ୟପକ୍ଷରେ ପାରମ୍ପରିକ ପାଇକ ଶିକ୍ଷା ପାଇଁ ପାଇକ ଗୃହ, ପାଇକ ଗୁରୁ ନିଯୁକ୍ତି ପାଇଁ ସରକାରଙ୍କୁ ଦାବି ରଖିବା ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ସ୍ଥାନୀୟ ବିଧାୟକ, ଏମ୍‌ପି ଏବଂ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର ହୋଇଛି।

# ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ, ସରକାର ତ୍ୱରିତ ପଦକ୍ଷେପ ନିଅନ୍ତୁ

**ଖୋର୍ଦ୍ଧା, ୧୫।୭ (ପ୍ରଭାତ ପାଣିଗ୍ରାହୀ)**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାକୁ ନେଇ ବିଭିନ୍ନ ଛାତ୍ର ସଙ୍ଗଠନ, ଅଭିଭାବକ, ବୁଦ୍ଧିଜୀବୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ର ସଙ୍ଗଠନ ଗୁଡିକ ମଙ୍ଗଳବାର ବିଭିନ୍ନ କଲେଜ ଫାଟକ ଆଗରେ ବିକ୍ଷୋଭ କରିଛନ୍ତି। ସରକାରଙ୍କ ଅବହେଳା ଏବଂ ଏଫ୍‌ଏମ୍ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଜଣେ ଛାତ୍ରୀଙ୍କୁ ନ୍ୟାୟ ଦେବାରେ ବିଫଳତାକୁ ଦାୟୀ କରିଛନ୍ତି। ଏ ସମ୍ପର୍କରେ ଛାତ୍ର ବିଜେଡି ରାଜ୍ୟ ସମ୍ପାଦକ ସତ୍ୟନାରାୟଣ ସାହୁ କହିଛନ୍ତି ଯେ, ଏହି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ। ସମ୍ପୃକ୍ତ ଛାତ୍ରୀ ସମସ୍ତଙ୍କୁ ଜଣାଇ ନିରାଶ ହେବା ପରେ ଏଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିଲେ। ସରକାର, ସ୍ଥାନୀୟ ଜନପ୍ରତିନିଧି କିମ୍ବା ପୋଲିସ ଛାତ୍ରୀଙ୍କ କଥା ଶୁଣିଥିଲେ ଏଭଳି ଘଟଣା ହୋଇ ନ ଥାନ୍ତା। ସେହିପରି ଛାତ୍ର କଂଗ୍ରେସ ଜିଲା ସଭାପତି ସୁନୀଲ ମହାନ୍ତି କହିଛନ୍ତି ଯେ, ସରକାର ଛାତ୍ରୀମାନଙ୍କ ସୁରକ୍ଷା ପ୍ରତି ଆଦୌ ଚିନ୍ତିତ ନୁହନ୍ତି। ରାଜ୍ୟରେ ଯୁବତୀ, ମହିଳା ସୁରକ୍ଷିତ ନୁହନ୍ତି। ଛାତ୍ର କଂଗ୍ରେସ ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ରାଜରାସ୍ତାରେ ଲଢ଼େଇ କରିବ। ଯୁବନେତା ଅବ୍ୟକ୍ତ ହରିହର ଖାଡ଼ଙ୍ଗା କହିଛନ୍ତି ଯେ, ସରକାରଙ୍କ ପାଖରେ ଛାତ୍ରୀଙ୍କ ଅଭିଯୋଗ ଶୁଣିବା ପାଇଁ ସମୟ ନାହିଁ। ୧୦ଦିନ ତଳେ ଏଥିପ୍ରତି ସରକାର ଗୁରୁତ୍ୱ ଦେଇଥିଲେ ହୁଏତ ଛାତ୍ରୀ ଜଣଙ୍କ ଏଭଳି ନିଷ୍ପତ୍ତି ନେଇ ନ ଥାନ୍ତେ। ଶିକ୍ଷାବିତ୍ ଡ.ଧୀରେନ୍ଦ୍ର ନନ୍ଦ କୁହନ୍ତି, ଶିକ୍ଷାନୁଷ୍ଠାନ ଗୁଡିକ ଏ ଦିଗରେ ଯତ୍ନବାନ ହେବା ଜରୁରୀ। ଏଭଳି ଅଭିଯୋଗ ଆସିଲେ ତ୍ୱରିତ ନିରପେକ୍ଷ ତଦନ୍ତ ସହ ପିଲାଙ୍କୁ ନ୍ୟାୟ ଦିଅନ୍ତୁ। ନିଜ ସ୍ତରରେ ଏହାର ସମାଧାନ ନ ହେଲେ ସ୍ଥାନୀୟ ପ୍ରଶାସନ, ପୋଲିସ, ବିଭାଗୀୟ ଅଧିକାରୀଙ୍କୁ ଜଣାନ୍ତୁ। ଆଗକୁ ଏଭଳି ଘଟଣା ଘଟିବା ପୂର୍ବରୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଦାୟିତ୍ୱବାନ ହୁଅନ୍ତୁ। ବୁଦ୍ଧିଜୀବୀ ଗୋପାଳ କୃଷ୍ଣ ଦାସ କହିଛନ୍ତି ଯେ, ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ। ସମସ୍ୟା ଆସିଲେ ଭାଙ୍ଗି ନ ପଡି ସାମ୍ନା କରନ୍ତୁ। ନିଜସ୍ତରରେ ସମାଧାନ ନ ହେଲେ ଫୋରମ କିମ୍ବା ଅନୁଷ୍ଠାନର ସହଯୋଗ ନିଅନ୍ତୁ। ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନ ନୁହଁ। ଆଇନଜୀବୀ ଶିଶିର ପରିଡା କହିଛନ୍ତି ଯେ, କୌଣସି ଘଟଣା ଘଟିଲେ ସରକାର କେବଳ କମିଟି ଗଠନ କରି ତଦନ୍ତ ଚାଲିଛି କହି ଖସିଗଲେ ହେବନି। ଏଥିପ୍ରତି ସଚେତନ ହୁଅନ୍ତୁ। ଏଭଳି ଘଟଣାର ତ୍ୱରିତ ସମାଧାନ କରନ୍ତୁ। ଶିକ୍ଷାନୁଷ୍ଠାନ ଗୁଡିକରେ ଏଭଳି ଅଭିଯୋଗ ପ୍ରମାଣିତ ହେଲେ, ସମ୍ପୃକ୍ତ ଅଧ୍ୟାପକଙ୍କୁ ନିଲମ୍ବିତ ନୁହଁ, ଚାକିରିରୁ ବହିଷ୍କୃତ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରନ୍ତୁ, ଯେଭଳି ଆଗକୁ ଏପରି ଘଟଣା ଘଟିବ ନାହିଁ।

# ୧୪ଶହ ଲିଟର ମଦ ସହ ନିଷିଦ୍ଧ ଜିଞ୍ଜିର ଜବତ, ଜଣେ ଗିରଫ

**ବାଲୁଗାଁ/ବାଣପୁର, ୧୫।୭ (ସଂଗ୍ରାମ ପାଇକରାୟ/ଦିଲୀପ ସ୍ୱାଇଁ)**

ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ବରବରା ଜଙ୍ଗଲର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୪୨୦ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ପ୍ରସ୍ତୁତି ପାଇଁ ଗଚ୍ଛିତ ୫ହଜାର ଲିଟର ପୋଚ ନଷ୍ଟ କରିଛି। ଏଥି ସହ ଓଡ଼ିଶାରେ ବିକ୍ରୟ ପାଇଁ ନିଷିଦ୍ଧ ୧୮୦ଟି ଜିଞ୍ଜିର ବୋତଲ ଜବତ ହୋଇଛି। ଏହା ଝାଡଖଣ୍ଡରେ ପ୍ରସ୍ତୁତ ହୋଇଥିବା ବେଳେ ୮୬ରୁ ୯୦ପ୍ରତିଶତ ଅଲକୋହଲ ଥିବା ନେଇ ବୋତଲରେ ଲେବଲ ଲାଗିଛି। ଯାହାକି ବିଷାକ୍ତ ଏବଂ ବ୍ୟବହାର ଅନୁପଯୋଗୀ। ଏହା ବିକ୍ରି ପାଇଁ ଅନୁମତି ନାହିଁ। ବରବରା ଅଞ୍ଚଳର ଶ୍ରୀଧର ଶବରଙ୍କ ନିକଟରୁ ୬୨୦ ଲିଟର ମହୁଲି ମଦ ସମେତ ଏହି ୮୧ଲିଟର ଜିଞ୍ଜିର ଜବତ କରାଯାଇଛି। ସେହିପରି କାନ୍ଧୁଲି ସାହିରେ ଚଢ଼ାଉ କରାଯାଇଥିବା ବେଳେ ୮୦୦ ଲିଟର ମଦ ଜବତ ହୋଇଛି। ଏଥିସହ ୫ହଜାର ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ପ୍ରସ୍ତୁତକାରୀ ଫେରାର ହୋଇଯାଇଛନ୍ତି। ଏନେଇ ଏକ ମାମଲା (ନଂ.୮୬/୨୫)ରୁଜୁ ହୋଇଛି। ଏହି ଜିଞ୍ଜିର ଚାଲାଣରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ବାଲୁଗାଁ ଅଧିକାରୀ ମୁଦୁଲି କହିଛନ୍ତି। ଖୋର୍ଦ୍ଧା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା। ଉକ୍ତ ଚଢ଼ାଉରେ ଏଏସ୍‌ଆଇ ରାମଚନ୍ଦ୍ର ଜେନା, ମୀନକେତନ ମହାଳିକ, ମନୋଜ ଜୟସିଂହ, ରଞ୍ଜିତ ପଟେଲ, ସୁନିତା ମହାରଣା, ସସ୍ମିତା ସେଠୀଙ୍କ ସମେତ ବାଣପୁର ଓ ଖୋର୍ଦ୍ଧା ପୋଲିସ ସାମିଲ ହୋଇଥିଲେ।


ଗିରଫ ଅଭିଯୁକ୍ତ ଏବଂ ଜବତ ହୋଇଥିବା ୧୮୦ ଜିଞ୍ଜିର ବୋତଲ।

# ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅନ୍ୟମାନେ।

**ଟାଙ୍ଗୀ, ୧୫।୭ (ରଘୁନାଥ ସାହୁ)**

କେରେଣ୍ଡାଟାଙ୍ଗୀସ୍ଥିତ ବାଳକୃଷ୍ଣ ଉଚ୍ଚ ବିଦ୍ୟାଳୟ ପରିସରରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁସ୍ଥ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ ନେଇ ମା'ଙ୍କ ପାଇଁ ଗୋଟିଏ ଲେଖାଏ ଚାରା ଲଗାଇ ଧ୍ୱଂସାଭିମୁଖୀ ଜଙ୍ଗଲ ସମ୍ପଦକୁ ରକ୍ଷା କରିପାରିବା ବୋଲି ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ବୈଠକରେ ଅତିଥିଭାବେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ର, ସମ୍ପାଦକ ବିଜୟ କୁମାର ରାଉତ, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ବିପ୍ଳବୀ କବି ବୀରେନ ସାହୁ, କବି ପ୍ରଫୁଲ୍ଲ କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶ ପ୍ରସାଦ ଧଳ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଶ୍ରୀନିବାସ ସାମନ୍ତରାୟଙ୍କ ସଂଯୋଜନାରେ ଛାତ୍ରୀମାନେ 'ଗଛଟିଏ ମୁଁ ଗଛଟିଏ' ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ପାର୍ଥସାରଥୀ ସାମନ୍ତରାୟ, ଗୋବର୍ଦ୍ଧନ ବେହେରା, ବିଶ୍ୱଜିତ ବଳିୟାରସିଂ, ଶିକ୍ଷୟିତ୍ରୀ ସୋନାଲି ସମୀକ୍ଷା, କଳ୍ପନା ସେଠୀ, ସୁମିତ୍ରା ଦଳାଇ, ସ୍ୱର୍ଣ୍ଣପ୍ରଭା ମଙ୍ଗରାଜ, ରେଣୁବାଳା ସାହୁ, ରଶ୍ମିତା ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ସମସ୍ତ ଚାରାର ଯତ୍ନ ନେବା ପାଇଁ ଛାତ୍ରୀଛାତ୍ର ଶପଥ ନେଇଥିଲେ।

# ବେଗୁନିଆ ମହାବିଦ୍ୟାଳୟ ପରିସର ସଫେଇ କଲେ ଛାତ୍ରୀଛାତ୍ର

**ବେଗୁନିଆ, ୧୫।୭ (ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ମହାବିଦ୍ୟାଳୟ ପରିସରରେ ଦୀର୍ଘଦିନ ହେବ ଅଳିଆ ଆବର୍ଜନା ଗଦା ହୋଇ ରହିଥିଲା। ଏପରିକି ଅନାବନା ଘାସରେ ପରିପୂର୍ଣ୍ଣ ହୋଇ ରହିଥିବା ହତା ପରିସରକୁ ସଫେଇ କରିବା ଦିଗରେ ଅଣ୍ଟା ଭିଡ଼ିଛନ୍ତି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)। ଛାତ୍ର ନେତା ହରିଶ ହୃଦାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ୩୦ରୁ ଊର୍ଦ୍ଧ୍ୱ ଏବିଭିପି ଛାତ୍ର ସଙ୍ଗଠକମାନେ ମିଳିତଭାବେ ମହାବିଦ୍ୟାଳୟର କ୍ୟାମ୍ପସ ପରିସରକୁ ମଙ୍ଗଳବାର ସଫେଇ କରିଥିଲେ। ସୁସ୍ଥ ପରିବେଶ ଦିଏ ନିରୋଗ ଜୀବନ ଯାପନ ଆଭିମୁଖ୍ୟ ନେଇ ସଫେଇ ଜାରି ରହିଛି। ସହଯୋଗ ମିଳିଲେ ମହାବିଦ୍ୟାଳୟର କ୍ୟାମ୍ପସ ଏବଂ ଚତୁଃପାର୍ଶ୍ୱରେ ଥିବା ଆବର୍ଜନାକୁ ସମ୍ପୂର୍ଣ୍ଣ ସଫେଇ କରିବୁ। ଏହି କାର୍ଯ୍ୟକ୍ରମରେ ମାନସ ପଟ୍ଟନାୟକ, ବିଶଜିତ ସାହୁ, ପଦ୍ମନାଭ ବାରିକ, ଲକ୍ଷ୍ମୀପ୍ରିୟା ନାୟକ, ସୋମନାଥ ସାମନ୍ତରାୟ, ସ୍ୱାତୀଶ୍ରଦ୍ଧା ସାହୁ, ପ୍ରୟାସ ସେନାପତି, ରଶ୍ମି ରଞ୍ଜନ ପଣ୍ଡା, ଆଦିତ୍ୟ ରଞ୍ଜନ ମଲ୍ଲିକ, ବିକାଶ ପରମାଣିକ ପ୍ରମୁଖ ସାମିଲ ହୋଇଥିଲେ।

# ପ୍ରକଳ୍ପ ଚୟନରେ ଅନିୟମିତତା ଅଭିଯୋଗ

**ବୋଲଗଡ, ୧୫।୭ (ଦେବବ୍ରତ ହୋତା)**


ସମୀକ୍ଷା ବୈଠକରେ ବିଧାୟକ ପ୍ରଦୀପ ସାହୁ, ଅଧିକାରୀ ଏବଂ ଅନ୍ୟମାନେ।

୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ନୂତନ ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ପାଇଁ ସରକାର ବଜେଟରେ ୧୦୦୦କୋଟି ଟଙ୍କାର ବ୍ୟୟବରାଦ ରଖିଛନ୍ତି। ଏଥିପାଇଁ ପ୍ରଣୀତ ମାର୍ଗଦର୍ଶିକା ମୁତାବକ ଏହି ଟଙ୍କାକୁ ପ୍ରତି ପଞ୍ଚାୟତକୁ ଆବଣ୍ଟନ କରାଯିବ। ତେବେ ବୋଲଗଡ଼ ବ୍ଲକରେ ଏହି ଯୋଜନା କାର୍ଯ୍ୟକାରିତାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁଙ୍କ ଆବାହକତ୍ୱ ଏବଂ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସମୀକ୍ଷା ବୈଠକ ମଙ୍ଗଳବାର ରାଜୀବ ସେବା କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମାର୍ଗଦର୍ଶିକା ଅନୁଯାୟୀ ସରପଞ୍ଚ ଓ ସମିତି ମେମ୍ବରମାନେ ୬୦ ପ୍ରତିଶତ କାର୍ଯ୍ୟର ତାଲିକା ପ୍ରଦାନ କରିବାକୁ ଥିବା ବେଳେ ବିଧାୟକ ୨୦% ଓ ଜିଲାପାଳ ୨୦% କାର୍ଯ୍ୟ ଅନୁମୋଦନ କରିବା ବ୍ୟବସ୍ଥା ସ୍ଥିର କରାଯାଇଛି। ତେବେ ଏହି ଯୋଜନା ଅନ୍ତର୍ଗତ ପ୍ରକଳ୍ପ କାର୍ଯ୍ୟ ଚିଠା ପ୍ରସ୍ତୁତରେ ବ୍ଲକର ଜଣେ ଯନ୍ତ୍ରୀ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ସମସ୍ତଙ୍କ ଅଗୋଚରରେ କାର୍ଯ୍ୟର ଚିଠା ପ୍ରସ୍ତୁତ କରି ପଞ୍ଚାୟତକୁ ବାଣ୍ଟିବା ପାଇଁ ସ୍ଥିର କରିବା ନେଇ ଉପସ୍ଥିତ ପ୍ରତିନିଧିମାନେ ବିରୋଧ କରିଥିଲେ। ବ୍ଲକର ୧୯ଟି ପଞ୍ଚାୟତର ପ୍ରାୟ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଜିଲାପରିଷଦ ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ବିଡିଓ ସୁମନସୁଧା କୁଣ୍ଡୁ ଏନେଇ ମାର୍ଗଦର୍ଶିକା ଏବଂ ଜନପ୍ରତିନିଧିଙ୍କ ପରାମର୍ଶରେ ସମସ୍ତ କାର୍ଯ୍ୟ ଆବଣ୍ଟନ କରାଯିବ ବୋଲି ପ୍ରକାଶ କରିଥିଲେ। ସୂଚନାଥାଉ କି, ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ପଞ୍ଚାୟତ ଅଞ୍ଚଳରେ ଗ୍ରାମ୍ୟ ରାସ୍ତା ନିର୍ମାଣ, ପଠନ ଗୃହ, କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୁଆ ତୁଠ, ପୋଖରୀ ଓ ନଦୀ କୂଳରେ ଚେଞ୍ଜିଙ୍ଗ ରୁମ, ମର୍କେଟ ସେଡ ଆଦି ନିର୍ମାଣ ହୋଇପାରିବ। ବିଦ୍ୟାଳୟର ଆଧୁନିକୀକରଣ, ପ୍ରତି ଗାଁରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ, ସବୁଧର୍ମର ଉପାସନାସ୍ଥଳୀ ବା ଧାର୍ମିକ ପୀଠର ବିକାଶ ସହ ଭୋଗମଣ୍ଡପ, ଭାଗବତ ଟୁଙ୍ଗି, ଧାର୍ମିକସ୍ଥଳ ପାଖରେ ଶୌଚାଳୟ ଓ ପିଇବା ପାଣି ପାଇଁ ପାଣି ଯୋଗାଇ ଦିଆଯିବ। ଏହି ସମୀକ୍ଷା ବୈଠକରେ ଜିଲାପରିଷଦ ସଭ୍ୟା ସୁନନ୍ଦିତା ସାହୁ, ସଭ୍ୟ ସୁବାସ ରାୟଗୁରୁ ଓ ପ୍ରଦୀପ ଛୋଟରାୟଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

**ଗୋପାଳକଙ୍କଠାରୁ ଲାଞ୍ଚ ନିଆଯାଇଥିବା ଅଭିଯୋଗ**

ଅସ୍ତରଙ୍ଗ,(ପ୍ରଦୀପ୍ତ କୁମାର ଦୀକ୍ଷିତ)- ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗରିବ ଗୋପାଳକଙ୍କଠାରୁ ଲାଞ୍ଚ ନିଆଯାଉଥିବା ଚାଷୀ ଦୁର୍ଯ୍ୟୋଧନ ନାୟକ ନିଜ ସାମାଜିକ ଗଣମାଧ୍ୟମରେ ଅଭିଯୋଗ ଆଣିଛନ୍ତି। ସରକାରଙ୍କ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଏବଂ ଗୋମାତା ଯୋଜନାରେ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ତାଳଦା ପଞ୍ଚାୟତର ଗୋପାଳକ ଦୁର୍ଯ୍ୟୋଧନ ନାୟକଙ୍କୁ ସାମିଲ କରିବା ସହ ଏଷ୍ଟିମେଟ କରିବାକୁ ବିଭାଗୀୟ ଅଧିକାରିଣୀ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସେ ତାଙ୍କୁ ଜୁଲାଇ ୧୦ରେ ଫୋନ୍‌ପେ ମାଧ୍ୟମରେ ୩ ହଜାର ଟଙ୍କା ଦେଇଛନ୍ତି। ଏ ନେଇ ଦୁର୍ଯ୍ୟୋଧନ ନିଜ ଏକ୍ସ ମାଧ୍ୟମରେ ଜଣାଇବା ସହ ସୋସିଆଲ ଗଣମାଧ୍ୟମରେ ଭିଡିଓ ବାର୍ତ୍ତା ପୋଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ସମ୍ପୃକ୍ତ ଅଧିକାରିଣୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅଭିଯୋଗର ଅନୁସନ୍ଧାନ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

# କବିତ୍ୱ ସର୍ବଦା ଉଚ୍ଚନୀଚ ଭେଦଭାବର ଊର୍ଦ୍ଧ୍ୱରେ: ରାଷ୍ଟ୍ରପତି




ଜେ.ଏନ. ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବରେ ଉପସ୍ଥିତ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ଅତିଥି।

କଟକ,୧୫।୭(କାର୍ତ୍ତିକ ସାହୁ)

## ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବ

ଆଦିକବି ସାରଳା ଦାସଙ୍କ ୬୦୦ତମ ଜୟନ୍ତୀ ଅବସରରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମହାକବି ସାରଳା ଦାସ ସାଧାରଣ ପରିବାରରେ ଅସାଧାରଣ ପ୍ରତିଭା ନେଇ ଜନ୍ମଗ୍ରହଣ କରିଥିଲେ। ତାଙ୍କ କବିତ୍ୱ ଓ ପାଣ୍ଡିତ୍ୟର ପଟାନ୍ତର ନାହିଁ ବୋଲି ବର୍ଣ୍ଣନା କରି କହିଲେ ଯେ, କୌଣସି ବି ଭାଷାରେ ମହାଭାରତ ପରି ମହାକାବ୍ୟ ରଚନା କରିବା ସହଜ ନୁହେଁ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। କୃଷକ ପରିବାରରେ ଜନ୍ମିତ ସାରଳା ଦାସ ମହାଭାରତ ରଚନା କରି ପ୍ରମାଣ କରିଛନ୍ତି ଯେ କବିତ୍ୱ ସର୍ବଦା ଉଚ୍ଚନୀଚ ଭେଦଭାବର ଊର୍ଦ୍ଧ୍ୱରେ ବୋଲି ରାଷ୍ଟ୍ରପତି କହିଛନ୍ତି। ଜେ.ଏନ. ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବରେ ସଂସଦ ପକ୍ଷରୁ ରାଷ୍ଟ୍ରପତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଳିଙ୍ଗ ରତ୍ନ ଓ ସୁସାହିତ୍ୟିକ ବିଜୟ ନାୟକଙ୍କୁ ସାରଳା ସମ୍ମାନ ପ୍ରଦାନ କରି ଖୁସି ପ୍ରକଟ କରିଥିଲେ। ଓଡ଼ିଆ ଭାଷାର ଶାସ୍ତ୍ରୀୟତା ବିଷୟରେ ତଥା ଆଦିକବି ସାରଳା ଦାସ ଏବଂ ଅନ୍ୟାନ୍ୟ କବିଙ୍କର କାବ୍ୟକୃତି ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିଥିଲା। ଓଡ଼ିଆ ଓ ସାନ୍ତାଳୀ ଭାଷା ସହ ଭାରତର ବିବିଧ ଭାଷା ଭାରତର ଶିକ୍ଷା-ପରମ୍ପରାକୁ ୨୦୩୬ ସମୃଦ୍ଧ କରିପାରିବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଥିଲେ। ଆମେ ସମସ୍ତେ ମାତୃଭାଷାରେ ଶିକ୍ଷାଦାନ ଉପରେ ଅଧିକରୁ ଅଧିକ ଗୁରୁତ୍ୱ ଦେବା ତଥା ନିଜ ମାତୃଭାଷାର ବହୁଳ ପ୍ରୟୋଗ ଏବଂ ଉଚ୍ଚତର ଗବେଷଣା ପାଇଁ ସମସ୍ତେ ଯତ୍ନବାନ ହେବା ବୋଲି ସେ କହିଥିଲେ। ଆଉ ଯେତେ ଭାଷା ପାରୁଛ ଶିଖ, ନିଜ ମାତୃଭାଷା ମହତ ରଖ ବୋଲି ରାଷ୍ଟ୍ରପତି ଆହ୍ୱାନ ଦେଇଥିଲେ। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ସାରଳା ସାହିତ୍ୟ ସଂସଦର ଉପଦେଷ୍ଟା ସହଦେବ ସାହୁ, ପଦ୍ମଭୂଷଣ ପ୍ରତିଭା ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସାରଳା ସାହିତ୍ୟ ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# 'ଝିଅ କୌଣସି ଗୁଣରେ କମ୍ ନୁହନ୍ତି'

## ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ପୁନଃ ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ରାଷ୍ଟ୍ରପତି

କଟକ,୧୫।୭(କାର୍ତ୍ତିକ ସାହୁ)

ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟର ପୁନଃ ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଆମ ଝିଅମାନେ ପୁଅମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି କହିଛନ୍ତି। ପାଠପଢ଼ି ଭଲ ମଣିଷ ହେବା ସହ ନିଜ ମାତାପିତା, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଗୁରୁଜନମାନଙ୍କ ଆଶୀର୍ବାଦ ଗ୍ରହଣ କରି ନିଜ ବ୍ୟକ୍ତିତ୍ୱକୁ ପରିସ୍ଫୁଟ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି। ନିଜ ବ୍ୟବହାର ଦ୍ୱାରା ନିଜର ଏକ ଏଭଳି ପରିଚୟ ସୃଷ୍ଟି କର ଯେ, ଯେଉଁଠାକୁ ଯିବ ସେଠାରେ ସମସ୍ତେ ତୁମର ପରିଚୟ ପଚାରିବେ। ନିଜ ବିଦ୍ୟାଳୟକୁ ଗୌରବାନ୍ୱିତ କରିବା ସହ ଓଡ଼ିଆ ବୋଲି ନିଜକୁ ପ୍ରମାଣିତ କର। ନାରୀ ଶିକ୍ଷାର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରମୁଖ ସ୍ଥାନ ଗ୍ରହଣ କରିଥିବା ଏହି ବିଦ୍ୟାଳୟ କେତେ ଜ୍ଞାନୀ, ଗୁଣୀ, ବିଦୁଷୀ ମହିଳା ତିଆରି କରିଛି। ଏହି ବିଦ୍ୟାଳୟରେ ପାଠ ପଢ଼ିଥିବା ଅନେକ ଛାତ୍ରୀ ସମାଜରେ ଉଚ୍ଚ ପ୍ରତିଷ୍ଠିତ। କେନ୍ଦ୍ର ସରକାର ଏହି ପ୍ରକଳ୍ପ ନିମନ୍ତେ ୮୬ କୋଟି ୨୬ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ରାଜ୍ୟ ସରକାର ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରି ପ୍ରାୟ ଦେଢ଼ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ପି ଭର୍ତ୍ତୃହରି ମହତାବ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂ, ବାରବାଟୀ କଟକ ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରାଜ୍ୟପାଳ ସଭା ମଞ୍ଚରୁ ତଳକୁ ଯାଇ ଛାତ୍ରୀମାନଙ୍କୁ ଚକୋଲେଟ ବାଣ୍ଟିବା ସହ ସେମାନଙ୍କ ସହ କଥା ହୋଇଥିଲେ।



ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁନଃ ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ସୁଶ୍ରୁତ ଜୟନ୍ତୀ

ପୁରୀ,୧୫।୭(ଅଜିତ୍ କୁମାର ମହାନ୍ତି)

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ମଙ୍ଗଳବାର ସୁଶ୍ରୁତ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଶଲ୍ୟତନ୍ତ୍ରର ଜନକ ମହର୍ଷି ସୁଶ୍ରୁତଙ୍କ ପୂଜାର୍ଚ୍ଚନା କରାଯିବା ସହିତ ମହାବିଦ୍ୟାଳୟ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ପକ୍ଷରୁ ୧୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ତତ୍‌ସମେତ ବିଦ୍ଧ କର୍ମ ଏବଂ ଅଗ୍ନିକର୍ମ ଉପରେ ଏକ ଶିବିର ଆୟୋଜିତ ହୋଇଥିଲା। ଯେଉଁଥିରେ ୫୦ ରୁ ଅଧିକ ରୋଗୀ ଆରୋଗ୍ୟ ଲାଭ କରିଛନ୍ତି। ଅଗ୍ନିକର୍ମ ଏବଂ ବିଦ୍ଧ କର୍ମ ଉପରେ ଶଲ୍ୟ ସମ୍ଭବ ନାମରେ ଏକ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଥିଲା। ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡା. ବିପିନ୍ ବିହାରୀ ଖୁଣ୍ଟିଆ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ଡ. ଚନ୍ଦ୍ର କୁମାର ଦେଶମୁଖ, ସମ୍ମାନିତ ଅତିଥି ଭାବେ ଡ. ଦେବାଶିଷ ପଣ୍ଡା ପ୍ରମୁଖ ଯୋଗଦେଇ ବିଦ୍ଧକର୍ମ ଏବଂ ଅଗ୍ନି କର୍ମ ସଂପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବିଷୟରେ ଆଲୋଚନା କରିଥିଲେ। ଡା. ସନ୍ଧ୍ୟାରାଣୀ ବେହେରା ମଞ୍ଚ ପରିଚାଳନା କରିବା ସହ ପ୍ରଫେସର ଡା. ରଞ୍ଜନ କୁମାର କାସ୍ତ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।




ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ମଙ୍ଗଳବାର ସୁଶ୍ରୁତ ଜୟନ୍ତୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ।

# ରାସ୍ତା ସଂଯୋଗୀକରଣକୁ ନେଇ ବିବାଦ

## ମିଥ୍ୟା ମାମଲା ରୁଜୁ ପ୍ରତିବାଦରେ ଗ୍ରାମବାସୀଙ୍କ ଧାରଣା

ଅସ୍ତରଙ୍ଗ,୧୫।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ତହସିଲ ନଗର ପଞ୍ଚାୟତ ଅଧୀନ କାଳିଆକଣଠାରେ ରାସ୍ତା ସଂଯୋଗୀକରଣକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ପରେ କାବେରୀ ଦଳାଇଙ୍କ ଅଭିଯୋଗକୁ ଭିତ୍ତିକରି ଅସ୍ତରଙ୍ଗ ପୋଲିସ ୧୧ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ତେବେ ସେମାନଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରାଯାଇଥିବା ଗ୍ରାମବାସୀ ଅଭିଯୋଗ ଆଣି ଏହାର ପ୍ରତିବାଦରେ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ସୂଚନା ମୁତାବକ, ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତ ଅଧୀନ କାଳିଆକଣ ମୁଖ୍ୟ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରାସ୍ତା ନିର୍ମାଣ ଓ ମରାମତି କାମ ଜାରି ରହିଛି। ତେବେ କାଳିଆକଣ ପୁଷ୍କରିଣୀ ନିକଟବର୍ତ୍ତୀ ସ୍ଥାନରେ ବିବାଦୀୟ ପରିସ୍ଥିତି ଥିବାରୁ ୧୩୦ ମିଟର ସ୍ଥାନରେ ରାସ୍ତା ସଂଯୋଗୀକରଣ ହୋଇନାହିଁ। ଫଳରେ ଲୋକେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମ୍ପୃକ୍ତ ଠିକାଦାର ଶୁକ୍ରବାର ରାସ୍ତା କାମ କରୁଥିବାବେଳେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସ୍ଥାନୀୟ ଅଞ୍ଚଳର କାବେରୀ ଦଳାଇ ଅସ୍ତରଙ୍ଗ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଥିଲେ ଯେ, ଉକ୍ତ ଜାଗା ଉପରେ ପୂର୍ବରୁ କୋର୍ଟରେ କେସ୍ ଚାଲିଛି। ସେ କେତେଜଣ ବ୍ୟକ୍ତିଙ୍କ ନାମରେ ଅଭିଯୋଗ କରିଥିଲେ। ଥାନା ଉପନିରୀକ୍ଷକ ଅନିରୁଦ୍ଧ ଜାଲି ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ କେସ୍ ନଂ. ୧୩୭/୨୫ରେ ୧୧ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲେ। ଅନ୍ୟପକ୍ଷରେ ବାରମ୍ବାର ମିଥ୍ୟା ଅଭିଯୋଗରେ ମାମଲା ରୁଜୁ କରିବା ପ୍ରତିବାଦରେ ମଙ୍ଗଳବାର ଶତାଧିକ ମହିଳା ଓ ପୁରୁଷ ଅସ୍ତରଙ୍ଗ ଭଉଁରିଆ ସେତୁଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରାରେ ଆସି ଆନ୍ଦୋଳନ କରିଥିଲେ। ପୂର୍ବତନ ନଗର ସରପଞ୍ଚ ନିରଞ୍ଜନ ବେହେରା କହିଛନ୍ତି, ରାସ୍ତା ସଂଯୋଗୀକରଣ ଓ ମିଥ୍ୟା ମାମଲା ଖାରଜ କରାଯିବା ଆଦି ଦାବି ରହିଛି। ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ତାଡ଼ ପ୍ରମୁଖ ଆଲୋଚନା କରିଥିଲେ। ପରେ ତହସିଲଦାର ଏବଂ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂ ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ଆଗାମୀ ୨୨ତାରିଖରେ ମାପଚୁପ ହେବ ବୋଲି ସ୍ଥିର ହୋଇଛି। ନିମାପଡ଼ା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହାର ହୋଇଥିଲା।



ଗ୍ରାମବାସୀଙ୍କ ସହ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

# ଯୁଗ୍ମ ତଦନ୍ତ ସମୟରେ ଠିକ୍ ଭାବେ ଅନୁଧ୍ୟାନ କର: ଜିଲାପାଳ

ପୁରୀ,୧୫।୭(ଅଜିତ୍ କୁମାର ମହାନ୍ତି)

## ଜିଲାସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ

ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପୁରୀ ଜିଲାସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ ମଙ୍ଗଳବାର ସ୍ୱତନ୍ତ୍ର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରି ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଆଇନରେ ରହିଥିବା ବ୍ୟବସ୍ଥା ଆଧାରରେ ସେମାନଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ସେମାନଙ୍କ ପ୍ରତି ନିର୍ଯ୍ୟାତନା ଓ ଇଣ୍ଟରକାଷ୍ଟ ବିବାହ କ୍ଷେତ୍ରରେ ସହାୟତା ଇତ୍ୟାଦି ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଜିଲାପାଳ କହିଥିଲେ। ଅନେକ ସମୟରେ ମାମଲାଗୁଡିକର ସତ୍ୟତା ଉପରେ, ଜାତିଗତ ପ୍ରମାଣପତ୍ର ସମ୍ପର୍କରେ ମଧ୍ୟ ପ୍ରଶ୍ନ ଉଠିଥାଏ। ତେଣୁ ଯୁଗ୍ମ ତଦନ୍ତ ସମୟରେ ଠିକ ଭାବେ ଏହାର ଅନୁଧ୍ୟାନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଓ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ବ୍ୟାପକ ସଚେତନତା ମାଧ୍ୟମରେ ହିତାଧିକାରୀଙ୍କୁ ଅବଗତ କରାଇବା, ମାମଲାର ଠିକ ଅନୁଧ୍ୟାନ କରିବା, ସାହାଯ୍ୟ କରୁଥିବା ନାମରେ ଫାଇଦା ନେବାକୁ ଚାହୁଁଥିବା କିଛି ବ୍ୟକ୍ତିଙ୍କ ସମ୍ପର୍କରେ ତଦନ୍ତ ସହ ସତ୍ୟ ପ୍ରମାଣିତ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ପର୍କରେ ଆଲୋକପାତ କରିଥିଲେ। କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା କ୍ଷେତ୍ରରେ ପୂର୍ବରୁ ଅଫଲାଇନରେ ଆବେଦନ କରିବାକୁ ପଡୁଥିଲାବେଳେ ୧୨.୧୦.୨୦୨୨ରୁ ଅନଲାଇନ ସାକାର ପୋର୍ଟାଲରେ ଆବେଦନ ଗ୍ରହଣ କରାଯାଉଛି। ଏହି ବ୍ୟବସ୍ଥାରେ ୨୦୨୩ରେ ୪୪ଟି, ୨୦୨୪ରେ ୩୬ଟି ଓ ୨୦୨୫ର ଜୁଲାଇ ୧୧ ପର୍ଯ୍ୟନ୍ତ ଗୋଟିଏ ଏହିଭଳି ୮୧ଟି ମାମଲାରେ ୧୦୬ ଜଣଙ୍କୁ ୧,୧୮,୬୨,୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୮୩୪ଟି ମାମଲା ମଧ୍ୟରୁ ଯୁଗ୍ମ ତଦନ୍ତ ମାଧ୍ୟମରେ ୭୧୮ର ତଦନ୍ତ ସରିଥିବା ବେଳେ ୧୧୬ଟି ବକେୟା ରହିଛି। ଇଣ୍ଟରକାଷ୍ଟ ବିବାହ କ୍ଷେତ୍ରରେ ୨୦୨୩-୨୪ ଠାରୁ ଚଳିତ ବର୍ଷ ଜୁଲାଇ ୧୧ ପର୍ଯ୍ୟନ୍ତ ୩୪୧ ଜଣ ଦମ୍ପତି ଉପକୃତ ହୋଇ ୮,୧୯,୫୦,୦୦୦ ଟଙ୍କା ପ୍ରାପ୍ତ ହୋଇଛନ୍ତି। ଏହି ଅର୍ଥ ସେମାନଙ୍କ ଆକାଉଣ୍ଟକୁ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସଚିନ ପଟେଲ ଏବଂ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, କମିଟିର ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି କାର୍ଯ୍ୟସୂଚୀ ଅନୁସାରେ ତଥ୍ୟ ପ୍ରଦାନ କରିଥିଲେ।

# ବିଭିନ୍ନ ଦଳ, ଛାତ୍ର ସଙ୍ଗଠନ ପକ୍ଷରୁ ଦୀପଦାନ ସହ କ୍ୟାଣ୍ଡେଲ ରାଲି

ପୁରୀ,୧୫।୭(ଅଜିତ୍ କୁମାର ମହାନ୍ତି)

## ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣା

ଫକିରମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦଗତି କାମନା କରି ମଙ୍ଗଳବାର ବିଜୁ ଯୁବ ଜନତା ଦଳ ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକରାଯାଇଥିଲା। ଏଥିରେ ଜିଲା ଯୁବ ସଭାପତି ନାରାୟଣ ସ୍ୱାଇଁ, ଭଗବାନ ପଢିଆରୀ, ଅସିତ୍ ମେକାପ, ରୋଜାଲିନ ନାୟକ, ଅଜୟ ସ୍ୱାଇଁ, ରାମକୃଷ୍ଣ ପ୍ରତିହାରୀ, ହରେକୃଷ୍ଣ ସୁଆର, ସାଗର ପାତ୍ର, ରାଜେଶ୍ ତ୍ରିପାଠୀ, ଅଭିନାଶ ଭଞ୍ଜ, ରାଜା ମରୁଡ଼ି, ପ୍ରିୟଙ୍କା ମହାନ୍ତି, ମୁନି ରାଓ, ଯୋଗମାୟା ଜେନାଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ସାମିଲ୍ ଥିଲେ। ସେହିପରି ବିଜୁ ଛାତ୍ର ଜନତା ଦଳ ତରଫରୁ ଅପରାହ୍ନରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ନୀରବ ପ୍ରାର୍ଥନା କରାଯିବା ସହ ପ୍ରତିବାଦ ସଭା କରାଯାଇଥିଲା। ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କୁହାଯାଇଛି ଯେ, ସୌମ୍ୟାଶ୍ରୀ କଲେଜ କର୍ତ୍ତୃପକ୍ଷଙ୍କ ଅତ୍ୟାଚାରରେ ଅତିଷ୍ଠ ହେବା ସହ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପାଖରେ ଗୁହାରି କରିଥିଲେ ମଧ୍ୟ କେହି ନ ଶୁଣିବା କାରଣରୁ ଶେଷରେ ଆତ୍ମାହୁତି ଦେଲେ। ଏପରି ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ଶକ୍ତିପ୍ରସାଦ ରଥ, ଜିଲା ଛାତ୍ର ବିଜେଡି ସଭାପତି ରାଜେଶ ରଥ, ଶିବ ରଣା, ସୁବ୍ରତ ରଣା,ସନ୍ତୋଷ ପୁଷ୍ପାଳକ, ଶିବ ଶଙ୍କର ସ୍ୱାଇଁ, କାହ୍ନା ସାମର୍ଥା, ନରେଶ ତ୍ରିପାଠୀ, ରାଜେଶ ବିଶ୍ୱାଳ, ରାଜେଶ ରୋଶନ ତ୍ରିପାଠୀ, ଶଙ୍କର ରାଉତ, ଗଣେଷ ବାରିକ, ସୋମନାଥ ଖଟେଇ, ରାଜେଶ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ସେହିପରି ସନ୍ଧ୍ୟାରେ ପୁରୀ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା କରି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ଓ ନୀରବ ପ୍ରାର୍ଥନା ସହ ନ୍ୟାୟ ଦାବିରେ କ୍ୟାଣ୍ଡେଲ ମାର୍ଚ୍ଚ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଛାତ୍ର କଂଗ୍ରେସ ସଭାପତି ଜଗଦୀଶ ରାଉତ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ସାହିଲ ମହାନ୍ତି, ଛାତ୍ର ନେତା ହେମନ୍ତ ପ୍ରଧାନ, ଅରମାନ ଭଦ୍ର ପ୍ରମୁଖ ସାମିଲ ଥିଲେ। ଏଭିବିପି ପୁରୀ ଶାଖା ପକ୍ଷରୁ ମଙ୍ଗଳବାର ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ସମ୍ମୁଖରେ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶୋକସଭା କରାଯାଇ ନୀରବ ପ୍ରାର୍ଥନା କରାଯିବା ସହ ନ୍ୟାୟ ଦାବି କରାଯାଇଛି। ଛାତ୍ରୀଙ୍କ ସୁରକ୍ଷା ପାଇଁ କଲେଜ କର୍ତ୍ତୃପକ୍ଷ ଓ ସରକାର ଧ୍ୟାନ ଦେବାକୁ ଦାବି ହୋଇଛି।




ଏସ୍‌ସିଏସ୍ କଲେଜର ଛାତ୍ରୀଛାତ୍ରମାନେ ନୀରବ ପ୍ରାର୍ଥନା କରୁଛନ୍ତି ।



ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବିଜେଡି ପକ୍ଷରୁ ଦୀପଦାନ କରାଯାଉଛି ।



ଏସ୍‌ସିଏସ୍ କଲେଜ ସମ୍ମୁଖରେ ଛାତ୍ର ବିଜେଡି ପକ୍ଷରୁ ଦୀପଦାନ।(ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# କବିତ୍ୱ ସର୍ବଦା ଉଚ୍ଚନୀଚ ଭେଦଭାବର ଊର୍ଦ୍ଧ୍ୱରେ: ରାଷ୍ଟ୍ରପତି




ଜେ.ଏନ୍. ଇନ୍ଡୋର ଷ୍ଟାଡିୟମଠାରେ ଆୟୋଜିତ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବରେ ଉପସ୍ଥିତ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ଅତିଥି।

**କଟକ,୧୫ା୭(କାର୍ତ୍ତିକ ସାହୁ)**

### ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବ

ଆଦିକବି ସାରଳା ଦାସଙ୍କ ୬୦୦ତମ ଜୟନ୍ତୀ ଅବସରରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମହାକବି ସାରଳା ଦାସ ସାଧାରଣ ପରିବାରରେ ଅସାଧାରଣ ପ୍ରତିଭା ନେଇ ଜନ୍ମଗ୍ରହଣ କରିଥିଲେ। ତାଙ୍କ କବିତ୍ୱ ଓ ପାଣ୍ଡିତ୍ୟର ପଟାନ୍ତର ନାହିଁ ବୋଲି ବର୍ଣ୍ଣନା କରି କହିଲେ ଯେ, କୌଣସି ବି ଭାଷାରେ ମହାଭାରତ ପରି ମହାକାବ୍ୟ ରଚନା କରିବା ସହଜ ନୁହେଁ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। କୃଷକ ପରିବାରରେ ଜନ୍ମିତ ସାରଳା ଦାସ ମହାଭାରତ ରଚନା କରି ପ୍ରମାଣ କରିଛନ୍ତି ଯେ କବିତ୍ୱ ସର୍ବଦା ଉଚ୍ଚନୀଚ ଭେଦଭାବର ଊର୍ଦ୍ଧ୍ୱରେ ବୋଲି ରାଷ୍ଟ୍ରପତି କହିଛନ୍ତି। ଜେ.ଏନ. ଇନ୍ଡୋର ଷ୍ଟାଡିୟମଠାରେ ଆୟୋଜିତ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବରେ ସଂସଦ ପକ୍ଷରୁ ରାଷ୍ଟ୍ରପତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଳିଙ୍ଗ ରତ୍ନ ଓ ସୁସାହିତ୍ୟିକ ବିଜୟ ନାୟକଙ୍କୁ ସାରଳା ସମ୍ମାନ ପ୍ରଦାନ କରି ଖୁସି ପ୍ରକଟ କରିଥିଲେ। ଓଡ଼ିଆ ଭାଷାର ଶାସ୍ତ୍ରୀୟତା ବିଷୟରେ ତଥା ଆଦିକବି ସାରଳା ଦାସ ଏବଂ ଅନ୍ୟାନ୍ୟ କବିଙ୍କର କାବ୍ୟକୃତି ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିଥିଲା। ଓଡ଼ିଆ ଓ ସାନ୍ତାଳୀ ଭାଷା ସହ ଭାରତର ବିବିଧ ଭାଷା ଭାରତର ଶିକ୍ଷା–ପରମ୍ପରାକୁ ୨୦୩୬ ସମୃଦ୍ଧ କରିପାରିବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଥିଲେ। ଆମେ ସମସ୍ତେ ମାତୃଭାଷାରେ ଶିକ୍ଷାଦାନ ଉପରେ ଅଧିକରୁ ଅଧିକ ଗୁରୁତ୍ୱ ଦେବା ତଥା ନିଜ ମାତୃଭାଷାର ବହୁଳ ପ୍ରୟୋଗ ଏବଂ ଉଚ୍ଚତର ଗବେଷଣା ପାଇଁ ସମସ୍ତେ ଯତ୍ନବାନ ହେବା ବୋଲି ସେ କହିଥିଲେ। ଆଉ ଯେତେ ଭାଷା ପାରୁଛ ଶିଖ, ନିଜ ମାତୃଭାଷା ମହତ ରଖ ବୋଲି ରାଷ୍ଟ୍ରପତି ଆହ୍ୱାନ ଦେଇଥିଲେ। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ସାରଳା ସାହିତ୍ୟ ସଂସଦର ଉପଦେଷ୍ଟା ସହଦେବ ସାହୁ, ପଦ୍ମଭୂଷଣ ପ୍ରତିଭା ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସାରଳା ସାହିତ୍ୟ ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# 'ଝିଅ କୌଣସି ଗୁଣରେ କମ୍ ନୁହନ୍ତି'

## ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ପୁନଃ ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ରାଷ୍ଟ୍ରପତି

**କଟକ,୧୫ା୭(କାର୍ତ୍ତିକ ସାହୁ)**

ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ପୁନଃ ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଆମ ଝିଅମାନେ ପୁଅମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି କହିଛନ୍ତି। ପାଠପଢ଼ି ଭଲ ମଣିଷ ହେବା ସହ ନିଜ ମାତାପିତା, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଗୁରୁଜନମାନଙ୍କ ଆଶୀର୍ବାଦ ଗ୍ରହଣ କରି ନିଜ ବ୍ୟକ୍ତିତ୍ୱକୁ ପରିସ୍ଫୁଟ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି। ନିଜ ବ୍ୟବହାର ଦ୍ୱାରା ନିଜର ଏକ ଏଭଳି ପରିଚୟ ସୃଷ୍ଟି କର ଯେ, ଯେଉଁଠାକୁ ଯିବ ସେଠାରେ ସମସ୍ତେ ତୁମର ପରିଚୟ ପଚାରିବେ। ନିଜ ବିଦ୍ୟାଳୟକୁ ଗୌରବାନ୍ୱିତ କରିବା ସହ ଓଡ଼ିଆ ବୋଲି ନିଜକୁ ପ୍ରମାଣିତ କର। ନାରୀ ଶିକ୍ଷାର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରମୁଖ ସ୍ଥାନ ଗ୍ରହଣ କରିଥିବା ଏହି ବିଦ୍ୟାଳୟ କେତେ ଜ୍ଞାନୀ, ଗୁଣୀ, ବିଦୁଷୀ ମହିଳା ତିଆରି କରିଛି। ଏହି ବିଦ୍ୟାଳୟରେ ପାଠ ପଢ଼ିଥିବା ଅନେକ ଛାତ୍ରୀ ସମାଜରେ ଉଚ୍ଚ ପ୍ରତିଷ୍ଠିତ। କେନ୍ଦ୍ର ସରକାର ଏହି ପ୍ରକଳ୍ପ ନିମନ୍ତେ ୮୬ କୋଟି ୨୬ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ରାଜ୍ୟ ସରକାର ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରି ପ୍ରାୟ ଦେଢ଼ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ପି ଭର୍ତ୍ତୃହରି ମହତାବ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂ, ବାରବାଟୀ କଟକ ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରାଜ୍ୟପାଳ ସଭା ମଞ୍ଚରୁ ତଳକୁ ଯାଇ ଛାତ୍ରୀମାନଙ୍କୁ ଚକୋଲେଟ ବାଣ୍ଟିବା ସହ ସେମାନଙ୍କ ସହ କଥା ହୋଇଥିଲେ।




ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁନଃ ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।



ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ନିକଟରେ ଅଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।



ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କୁଳପତି ଡ. ସଞ୍ଜୟ କୁମାର ନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ କୃତୀ ଛାତ୍ରୀଛାତ୍ର।

# ରାଷ୍ଟ୍ରପତିଙ୍କ ଗସ୍ତର ଏପାଖ ସେପାଖ

### ମହାମହିମଙ୍କ ଗୁଣକୁ ଚିହ୍ନ

**କଟକ,୧୫ା୭(ଶିଳ୍ପା ପ୍ରିୟଦର୍ଶିନୀ):** ରାଷ୍ଟ୍ରପତିଙ୍କୁ ଭେଟି 'ମହାମହିମଙ୍କ ଗୁଣକୁ ଚିହ୍ନ' ଏକ କବିତା ଲେଖାର ଫଟୋଚିତ୍ର ପ୍ରଦାନ କରିବାକୁ କେନ୍ଦୁଝର ହାଟଦିହିହରୁ କଟକ ଆସିଛନ୍ତି ବିଶ୍ୱନାଥ ବେହେରା। ରାଷ୍ଟ୍ରପତିଙ୍କ ରୂପ ଓ ଗୁଣକୁ ନେଇ ନିଜେ କବିତା ଲେଖିଛନ୍ତି। କବିତାରେ ଆଦିବାସୀ ଅଞ୍ଚଳର ଝିଅ ଭାରତର ରାଷ୍ଟ୍ରପତି ହେବାଠାରୁ ଆରମ୍ଭ କରି ସିନ୍ଦୂର ଅପରେଶନ ପର୍ଯ୍ୟନ୍ତ ସମସ୍ତ ଘଟଣାକୁ ଏଥିରେ ବଖାଣିଛନ୍ତି। ତେବେ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ କଟକଣା ଥିବାରୁ ଏହାକୁ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି। ଏ ନେଇ ବିଶ୍ୱନାଥ କହିଛନ୍ତି, ରାଷ୍ଟ୍ରପତିଙ୍କ ରଙ୍ଗକୁ ନେଇ ବହୁ ନିନ୍ଦା କରାଯାଇଥିବାବେଳେ ତାଙ୍କର ପ୍ରକୃତ ଗୁଣକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରିଛି। ଆଶା ରହିଛି ଏହାକୁ ରାଷ୍ଟ୍ରପତିଙ୍କୁ ଦିନେ ନା ଦିନେ ପ୍ରଦାନ କରିବି ବୋଲି ସେ କହିଛନ୍ତି।

### ସହାୟତା ଆଶାରେ ଆସିଛି

କଟକ ୪୨ ମୌଜା ଅଞ୍ଚଳର ବିଷ୍ଣୁ ଚରଣ ସାହୁ ଅଣ୍ଡା ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଛନ୍ତି। ବିଷ୍ଣୁଙ୍କ ରହିବା ପାଇଁ ଘର ଓ ଗୋଟିଏ ଗୋଡ଼ ନ ଥିବାରୁ ଭିନ୍ନକ୍ଷମ ଭାବେ ବାଡ଼ି ଖଣ୍ଡିଏ ଧରି କଷ୍ଟରେ ଚାଲୁଛନ୍ତି। କଟକ ଗସ୍ତରେ ରାଷ୍ଟ୍ରପତି ଆସିଥିବା ଜାଣିବାକୁ ପାଇ ବିଷ୍ଣୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ନିକଟକୁ ଧାଇଁ ଆସିଥିଲେ। ହେଲେ ପୋଲିସ କଟକଣା ଯୋଗୁ ବିଷ୍ଣୁ ରାଷ୍ଟ୍ରପତିଙ୍କୁ ଭେଟି ପାରି ନ ଥିବାରୁ ନିରାଶ ହୋଇ ଫେରିଛନ୍ତି।

### ରାଷ୍ଟ୍ରପତିଙ୍କ ଅବିକଳ ପେନ୍‌ସିଲ ଆର୍ଟ

କଟକର ସୌମ୍ୟରଞ୍ଜନ ଦାସ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ନିଜ ହାତରେ ତିଆରି କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅବିକଳ ପେନ୍‌ସିଲ ଆର୍ଟ। ଏହାକୁ ତିଆରି କରିବାକୁ ତାଙ୍କୁ ଦୁଇଦିନ ଲାଗିଥିଲା। ରାଷ୍ଟ୍ରପତି ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ପୁନଃ ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିବା ଜାଣିବାରୁ ଏହାକୁ ତିଆରି କରିବା ସହ ସକାଳୁ ରାଷ୍ଟ୍ରପତିଙ୍କୁ ଭେଟି ଦେବାକୁ ଅପେକ୍ଷା କରି ରହିଥିଲେ। ହେଲେ ସୁରକ୍ଷା ବ୍ୟବସ୍ଥା କଡାକଡି ଯୋଗୁ ସୌମ୍ୟ ନିଜ ଚିତ୍ରକୁ ରାଷ୍ଟ୍ରପତିଙ୍କୁ ଦେଇ ପାରି ନ ଥିଲେ।

### ବୁଲା କୁକୁର ଉଠାଇବାରେ ବ୍ୟସ୍ତ, ଦୁର୍ଗନ୍ଧରେ ଫାଟି ପଡୁଛି ଅଞ୍ଚଳ

ରାଷ୍ଟ୍ରପତିଙ୍କ ଗସ୍ତର ୨୪ ଘଣ୍ଟା ପୂର୍ବରୁ କଲେଜ ଛକ, ବକ୍ସିବଜାର, ଗୌରୀଶଙ୍କର ପାର୍କ, ବିଜୁ ପଟ୍ଟନାୟକ ଛକ ଅଞ୍ଚଳରେ ଥିବା ସମସ୍ତ ଦୋକାନ ବଜାର ବନ୍ଦ କରାଯାଇଥିଲା । ସେହିପରି ରାଷ୍ଟ୍ରପତିଙ୍କ ଗସ୍ତର କିଛି ସମୟ ପୂର୍ବରୁ ବୁଲା କୁକୁରକୁ ସିଏମ୍‌ସି ପକ୍ଷରୁ ଉଠାଯାଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ରେଭେନ୍ସା ବିଶ୍ୱବିଦ୍ୟାଳୟ ମୁଖ୍ୟଫାଟକ ନିକଟରେ ବର୍ଷା ପାଣି ଜମି ରହିଥିଲା। ଫଳରେ ଉକ୍ତ ସ୍ଥାନ ଦୁର୍ଗନ୍ଧରେ ଫାଟି ପଡୁଥିଲା।

### କାର୍ଯ୍ୟକ୍ରମ ପୂର୍ବରୁ ପାସ୍ ବଣ୍ଟା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତ୍ରୟୋଦଶ ରେଭେନ୍ସା ସମାବର୍ତ୍ତନ ସମାରୋହରେ ପ୍ରାୟତଃ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକ ବଞ୍ଚିତ ରହିଥିଲେ। ହେଲେ ସେଠାରେ ଦେଖିବାକୁ ମିଳିଥିଲା ଅଧିକ ସଂଖ୍ୟକ ନେତା ଓ କର୍ମୀଙ୍କୁ। ଏପରିକି କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ଅପରପାର୍ଶ୍ୱରେ ଜଣେ ବ୍ୟକ୍ତି କିଛି ବ୍ୟକ୍ତିଙ୍କୁ ପାସ୍ ଦେଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି।



ଜେ.ଏନ୍. ଇନ୍ଡୋର ଷ୍ଟାଡିୟମରେ ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ଓ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ନିମନ୍ତ୍ରିତ ଅତିଥି।




ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବାକୁ ଯିବା ଅବସରରେ ରାଷ୍ଟ୍ରପତିଙ୍କୁ ଦେଖିବା ପାଇଁ ରାସ୍ତାପାର୍ଶ୍ୱରେ ଭିଡ଼ ଜମାଇଥିବା ଲୋକମାନେ।




କଟକ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ଦାସ ନିଜ ହାତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅବିକଳ ପେନ୍‌ସିଲ ଆର୍ଟ ତିଆରି କରି ଦେଖାଉଛନ୍ତି।



ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ କାର୍ଯ୍ୟକ୍ରମ ଅବସରରେ ରାଷ୍ଟ୍ରପତି ଛାତ୍ରୀମାନଙ୍କ ସହ ବାର୍ତ୍ତାଳାପ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ ସ୍କିଲ୍‌ରେ ପାରଙ୍ଗମ ହେବାକୁ ପଡ଼ିବ

**ୱାର୍ଲ୍ଡ ସ୍କିଲ୍ ସେଣ୍ଟରରେ ବିଶ୍ୱ ଯୁବ ଦକ୍ଷତା ଦିବସ**

**୭୦୦ ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ, ବିଦେଶ ଯିବେ ୫୦ରୁ ଅଧିକ**

ଭୁବନେଶ୍ୱର,୧୫।୭(ସୁଚିସ୍ମିତା ସାହୁ)


ୱାର୍ଲ୍ଡ ସ୍କିଲ୍ ସେଣ୍ଟରରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ଅନ୍ୟ ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ରାଜ୍ୟର ଯୁବଶକ୍ତିଙ୍କୁ ପର୍ଯ୍ୟାପ୍ତ ସୁବିଧା-ସୁଯୋଗ ଯୋଗାଇ ସେମାନଙ୍କ ପ୍ରତିଭା ଓ ଦକ୍ଷତାର ସମୁଚିତ ପ୍ରସ୍ଫୁଟନ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ଓଡ଼ିଶାକୁ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ହେଲେ ଆମକୁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିଜିଟାଲ ଦକ୍ଷତାରେ ପାରଙ୍ଗମ ହେବାକୁ ପଡ଼ିବ। ଏହାଦ୍ୱାରା ବିଶ୍ୱରେ ଆମେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବା ଓ ରାଜ୍ୟ ତଥା ଦେଶର ବାସ୍ତବ ଉନ୍ନତି ସାଧିତ ହୋଇପାରିବ ବୋଲି ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ମଙ୍ଗଳବାର ବିଶ୍ୱ ଦକ୍ଷତା କେନ୍ଦ୍ରରେ ଆୟୋଜିତ ବିଶ୍ୱ ଯୁବ ଦକ୍ଷତା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ କହିଲେ, ଚଳିତବର୍ଷ ବିଶ୍ୱ ଯୁବ ଦକ୍ଷତା ଦିବସର ଶୀର୍ଷକ ରହିଛି 'ୟୁଥ୍ ଏମ୍ପାୱାରମେଣ୍ଟ ଥ୍ରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ୍ ଡିଜିଟାଲ ସ୍କିଲ୍ସ'। ଏଥିପାଇଁ ପୂର୍ଣ୍ଣ ପ୍ରସ୍ତୁତ ହେଲେ ଆମେ ଆମର ସ୍ୱପ୍ନର ସମୃଦ୍ଧ ଓ ସମ୍ଭ୍ରାନ୍ତ ଓଡ଼ିଶା ଗଠନ କରିପାରିବା ବୋଲି ମନ୍ତ୍ରୀ ସ୍ୱାଇଁ ପ୍ରଶିକ୍ଷାର୍ଥୀଙ୍କୁ କହିଛନ୍ତି।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସ୍ୱାଗତ ଅଭିଭାଷଣରେ ପ୍ରତିଭାକୁ ଦକ୍ଷତାରେ ରୂପାନ୍ତରିତ କରିପାରିଲେ ହିଁ ବିଶ୍ୱ ଦରବାରରେ ଆମର ଚାହିଦା ବଢିବ। ପ୍ରଶିକ୍ଷାର୍ଥୀମାନେ ପରିଶ୍ରମ ଓ ପ୍ରଚେଷ୍ଟା ଅବ୍ୟାହତ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। କୋର୍ସ ମ୍ୟାନେଜର ପକ୍ଷରୁ ମହାକାଶ ପ୍ରଯୁକ୍ତିବିଦ୍ୟା ଦକ୍ଷତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ୱାର୍ଲ୍ଡ ସ୍କିଲ ସେଣ୍ଟରରେ ତାଲିମ ହାସଲ କରି ଜର୍ମାନୀ ଏବଂ ଜର୍ମାନ ଭାଷାଭାଷୀ ରାଷ୍ଟ୍ରରେ ନିଯୁକ୍ତି ପାଇବା ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିସହ ରାଜ୍ୟର ଉତ୍ସାହୀ ଉଦ୍ୟମୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମନ୍ତ୍ରୀ ତିନିଜଣ ଯୁବ ନାନୋ ୟୁନିକର୍ଣ୍ଣ ଉଦ୍ୟୋଗୀଙ୍କୁ ଏକ ଲକ୍ଷ ଟଙ୍କାର ସିଡ୍ ଫଣ୍ଡିଂ ପ୍ରଦାନ କରିଥିଲେ। ବିମାନ ଚଳାଚଳ କ୍ଷେତ୍ରରେ ତାଲିମପ୍ରାପ୍ତ ପ୍ରଶିକ୍ଷାର୍ଥୀଙ୍କ ଏକ ପ୍ରେରଣାଦାୟୀ କ୍ଷୁଦ୍ର ଫିଲ୍ମ ପ୍ରଦର୍ଶିତ ହୋଇଥିଲା। ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ବିଦେଶରେ ନିଯୁକ୍ତି ପାଇବାକୁ ଚୟନ ହୋଇଥିବା ପ୍ରଶିକ୍ଷାର୍ଥୀ ଏବଂ ଦକ୍ଷତା କେନ୍ଦ୍ରରେ ସଫଳତାର ସହ ତାଲିମ ଶେଷ କରିଥିବା ୭୦୦ ପ୍ରଶିକ୍ଷାର୍ଥୀଙ୍କୁ ମଧ୍ୟ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବିଦେଶରେ ନିଯୁକ୍ତି ପାଇଁ ୫୦ରୁ ଅଧିକ ପ୍ରଶିକ୍ଷାର୍ଥୀ ମନୋନୀତ ହୋଇଛନ୍ତି। ଏଣ୍ଟରପ୍ରେନିଓରଶିପ ପିଚ୍ ଫେଷ୍ଟରେ ପ୍ରଶିକ୍ଷାର୍ଥୀଙ୍କ ସୃଜନଶୀଳତା ଓ ଦକ୍ଷତାକୁ ପ୍ରତିବିମ୍ବିତ କରୁଥିବା ୪୯ଟି ନବୀନତାମୂଳକ ପ୍ରକଳ୍ପ ଉପସ୍ଥାପିତ ହୋଇଥିଲା। ସେଥିରୁ ୬ଟି ପ୍ରକଳ୍ପକୁ ଉତ୍କୃଷ୍ଟତା ଓ ସୃଜନଶୀଳତା ପାଇଁ ସମ୍ମାନିତ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ ତଥା ୱାର୍ଲ୍ଡ ସ୍କିଲ ସେଣ୍ଟରର କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଗୁରୁ ଦେବପ୍ରସାଦ ଦାସଙ୍କ ଶ୍ରଦ୍ଧାଞ୍ଜଳି ସମାରୋହରେ ଯୋଗଦେଇଥିବା ଅତିଥି।

# ଓଡିଶୀ ନୃତ୍ୟରେ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି

**ଗୁରୁ ଦେବପ୍ରସାଦ ଦାସଙ୍କ ୩୯ତମ ଶ୍ରଦ୍ଧାଞ୍ଜଳି ସମାରୋହ**

ଭୁବନେଶ୍ୱର, ୧୫।୭ (ବନ୍ଦନା ସେଠୀ)


ସମାରୋହରେ ଶିଳ୍ପୀମାନେ ନୃତ୍ୟରେ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ୩୯ତମ ଶ୍ରଦ୍ଧାଞ୍ଜଳି ସମାରୋହ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ସମାରୋହରେ ଗୁରୁ ଦେବପ୍ରସାଦ ଦାସଙ୍କୁ ନୃତ୍ୟ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରଥମ ଦିନର କାର୍ଯ୍ୟକ୍ରମକୁ ୩ଟି ଅଧିବେଶନରେ ପରିବେଷଣ କରାଯାଇଥିଲା। ସନ୍ଧ୍ୟା ଅଧିବେଶନର ପ୍ରଥମ ପ୍ରସ୍ତୁତିରେ ଥିଲା 'ଜୟରାମ'। ଏହାକୁ ତ୍ରିଧାରା ଅନୁଷ୍ଠାନର ଶିଳ୍ପୀମାନେ ପରିବେଷଣ କରିଥିଲେ। ଏହାପରେ ଅନ୍ୟ ନୃତ୍ୟାନୁଷ୍ଠାନ ଏବଂ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାର ଅତିଥି ଭାବେ ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ବିଭାଗମନ୍ତ୍ରୀ ବିଭୂତି ଭୂଷଣ ଜେନା, ଓଡିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି, ଗୁରୁ ଇଲିଆନା ଚିତାରିସ୍ତି ଓ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା ଓ ସହକାରୀ ନିର୍ଦ୍ଦେଶକ ପ୍ରଭୁତୋଷ ପଣ୍ଡା ସଂଯୋଜନା କରିଥିଲେ। ପୁଣ୍ୟ ଦର୍ଶନ ସାହୁ ଓ ରତ୍ନପର୍ଣ୍ଣା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବାହ୍ନରେ ହୋଇଥିବା ଉଦ୍‌ଘାଟନୀ ଅଧିବେଶନରେ ତ୍ରିଧାରା, ନୃତ୍ୟାୟନ, ସରଞ୍ଜନା (ବ୍ରହ୍ମପୁର), ତ୍ରିଶକ୍ତି ଡ୍ୟାନ୍ସ ଏକାଡେମୀ, ଉତ୍କଳିକା ସଙ୍ଗୀତ ଏକାଡେମୀ, ନୃତ୍ୟପ୍ରଣାମ ଡାନ୍ସ ଏକାଡେମୀ, ଓଡ଼ିଶୀ ନୃତ୍ୟାୟନ, ବିଦ୍ୟା ଅନୁଷ୍ଠାନ, ଶ୍ରୀ ମା' ଓଡିଶୀ ନୃତ୍ୟ କେନ୍ଦ୍ର, ଉତ୍କଳିକା କଳା ନିକେତନ, ଗେହ୍ଲା ମା' କଳା ନିକେତନ, ସନ୍ଧ୍ୟା କଳା ବିକାଶ କେନ୍ଦ୍ର, ମୋକ୍ଷ୍ୟ ଏବଂ ଲକ୍ଷ୍ୟ ମଞ୍ଜରୀ କଳା କେନ୍ଦ୍ର ଆଦି ଅନୁଷ୍ଠାନର କଳାକାର ଅଂଶଗ୍ରହଣ କରିଥିଲେ। ଅପରାହ୍ନ ଅଧିବେଶନରେ ମଧ୍ୟ ଏକାଧିକ ନୃତ୍ୟ ଅନୁଷ୍ଠାନ ଯୋଗଦେଇଥିଲେ।

# ବିଷ୍ଣୁପଦ ସେଠୀଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର, ୧୮ରେ ପରବର୍ତ୍ତୀ ଶୁଣାଣି

**ସିବିଆଇ ଚଢ଼ାଉ ମାମଲା**

କଟକ,୧୫।୭(କାର୍ତ୍ତିକ ସାହୁ)

ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀ ଓ ତାଙ୍କ ପରିବାରଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର ରହିଛି। ସିବିଆଇ ମଙ୍ଗଳବାର କେସ୍ ଡାଏରୀ ଓ ତଦନ୍ତ ସ୍ଥିତି ସଂକ୍ରାନ୍ତୀୟ ରିପୋର୍ଟ ହାଇକୋର୍ଟରେ ଦାଖଲ କରିଛି। ବିଚାରପତି ଭି. ନରସିଂହ ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଜୁଲାଇ ୧୮ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ସୂଚନାନୁସାରେ, ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଉକ୍ତ ମାମଲାର ଏତଲାରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦଙ୍କ ନାମ ନ ଥିଲେ ମଧ୍ୟ ସିବିଆଇ ପକ୍ଷରୁ କିଛି ଦିନ ପୂର୍ବେ ତାଙ୍କ ଘରେ ଚଢ଼ଉ କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଆବେଦନ ଉପରେ ହାଇକୋର୍ଟ ପ୍ରାଥମିକ ଅବସ୍ଥାରେ ସିବିଆଇ କାର୍ଯ୍ୟାନୁଷ୍ଠାନ ଉପରେ ରହିତାଦେଶ ଜାରି କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ହାଇକୋର୍ଟ ବିଷ୍ଣୁପଦଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହାପରେ ପୁଣି ବିଷ୍ଣୁପଦଙ୍କ ପକ୍ଷରୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରାଯାଇଥିଲା। ଆବେଦନର ଶୁଣାଣି କରି ହାଇକୋର୍ଟ ତାଙ୍କୁ ଗତ ୩ ତାରିଖରେ ଆଗୁଆ ଜାମିନ ମଞ୍ଜୁର କରିଥିଲେ।

# ପୂର୍ବତଟ ରେଳପଥର ସୁରକ୍ଷା ପଦକ୍ଷେପ ସମୀକ୍ଷା

ଭୁବନେଶ୍ୱର,୧୫।୭(ଅନୁରାଧା ମହାରଣା)

ରେଲୱେ ବୋର୍ଡର ସୁରକ୍ଷା ମହାନିର୍ଦ୍ଦେଶକ (ସୁରକ୍ଷା) ହରି ଶଙ୍କର ବର୍ମା ୧୩ରୁ ୧୫ ତାରିଖ ୩ଦିନ ପର୍ଯ୍ୟନ୍ତ ପୂର୍ବତଟ ରେଳପଥର ସୁରକ୍ଷା ଯାଞ୍ଚ କରିଛନ୍ତି। ସୁରକ୍ଷା ପ୍ରୋଟୋକଲ, ଭିତ୍ତିଭୂମି ଏବଂ କର୍ମଚାରୀଙ୍କ ପ୍ରସ୍ତୁତିର ମୂଲ୍ୟାଙ୍କନ ଏହି ଯାଞ୍ଚର ଲକ୍ଷ୍ୟ ରହିଛି। ସେ ଖୋର୍ଦ୍ଧା ରୋଡ୍-ପୁରୀ ସେକ୍ସନର ବିସ୍ତୃତ ଯାଞ୍ଚ କରିଥିଲେ ଏବଂ ଭୂମି ସୁରକ୍ଷା ପାରାମିଟରଗୁଡ଼ିକର ମୂଲ୍ୟାଙ୍କନ ପାଇଁ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ ରାଜଧାନୀ ଏକ୍ସପ୍ରେସରେ ଯାତ୍ରା କରିଥିଲେ। ପୂର୍ବତଟ ରେଳପଥ ମୁଖ୍ୟାଳୟରେ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସୁରକ୍ଷା ସମୀକ୍ଷା ବୈଠକରେ ବରିଷ୍ଠ ଅଧିକାରୀଙ୍କ ସହ ହରିଶଙ୍କର ଆଲୋଚନା କରିଥିଲେ। ଏହା ବ୍ୟତୀତ ସେ ଖୋର୍ଦ୍ଧା ରୋଡ୍ ଡିଭିଜନର ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱାଙ୍କ ସମେତ ଖୋର୍ଦ୍ଧା ରୋଡ୍ ଡିଭିଜନର ଅଧିକାରୀଙ୍କ ସହିତ ପ୍ରମୁଖ ବିଭାଗୀୟ ସୁରକ୍ଷା ମାପଦଣ୍ଡ, କର୍ମଚାରୀଙ୍କ ତାଲିମ ଏବଂ ଭିତ୍ତିଭୂମି ରକ୍ଷଣାବେକ୍ଷଣ ଉପରେ ଆଲୋଚନା କରିଥିଲେ। ଭଦ୍ରକରେ ସେ ଦୁର୍ଘଟଣା ରିଲିଫ ଟ୍ରେନ୍, ଷ୍ଟେଶନ ପରିସର ଏବଂ କର୍ମଚାରୀଙ୍କ ସୁବିଧାଗୁଡ଼ିକ ଯାଞ୍ଚ କରିଥିଲେ। ଏହି ଗସ୍ତରେ ଲେଭଲ କ୍ରସିଂ ଗେଟ୍‌ଗୁଡ଼ିକର ଯାଞ୍ଚ ଏବଂ ବିଭିନ୍ନ ପରିସ୍ଥିତିରେ କାର୍ଯ୍ୟକ୍ଷମ ସୁରକ୍ଷା ମୂଲ୍ୟାଙ୍କନ ପାଇଁ ଆନ୍ତଃବିଭାଗୀୟ ଦଳ ଦ୍ୱାରା କରାଯାଇଥିବା ମିଳିତ ମୂଲ୍ୟାଙ୍କନ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପ୍ରଦୀପ


@ ମାନସ


@ ଦେବାଶିଷ


@ ଜ୍ଞାନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲକ୍ଷ୍ମୀଙ୍କ ଶରୀରରେ ସୌମ୍ୟଙ୍କ କିଡ୍‌ନୀ

- ଅଙ୍ଗଦାନ କରି ଅମର ହେଲେ ସୌମ୍ୟ
- ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତିରୋପଣ

କଟକ,୧୫।୭(ଶିଳ୍ପା ପ୍ରିୟଦର୍ଶିନୀ)


ଏସ୍‌ସିବିରେ କିଡ୍‌ନୀ ପ୍ରତିରୋପଣରେ ନିୟୋଜିତ ଡାକ୍ତରୀ ଟିମ୍।

ଅଙ୍ଗଦାନ କରି ଅମର ହୋଇ ଅନ୍ୟଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କଲେ ଖୋର୍ଦ୍ଧା ଜିଲା କଣ୍ଟିଲୋ ଅଞ୍ଚଳର ସୌମ୍ୟରଞ୍ଜନ ବେହେରା (୩୭)। ଅନ୍ୟପଟେ କିଡ୍‌ନୀ ପାଇ ଏସ୍‌ସିବି ମେଡିକାଲରେ ନୂତନ ଜୀବନ ପାଇଛନ୍ତି କେନ୍ଦ୍ରାପଡ଼ା ଜିଲା ଇନ୍ଦୁପୁର ଅଞ୍ଚଳର ଲକ୍ଷ୍ମୀନାରାୟଣ ପତି (୪୩)। ଏସ୍‌ସିବିରେ ମଙ୍ଗଳବାର ବିଳମ୍ବିତ ରାତିରେ କିଡ୍‌ନୀ ପ୍ରତିରୋପଣ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଗତ ୧୨ ତାରିଖରେ ହଠାତ ଅଚେତ ହେବାରୁ ସୌମ୍ୟରଞ୍ଜନଙ୍କୁ ପରିବାର ଲୋକେ ଭୁବନେଶ୍ୱରର କିମ୍ସ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ସୌମ୍ୟରଞ୍ଜନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାରୁ ତାଙ୍କ ବ୍ରେନଷ୍ଟ୍ରୋକ ହୋଇଥିବା ଡାକ୍ତର କହିଥିଲେ। ତାଙ୍କର ଚିକିତ୍ସା ସମୟରେ ବ୍ରେନ ଡେଡ୍ ହୋଇଥିବା ଡାକ୍ତର ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକଙ୍କ ସହମତିକ୍ରମେ ସୌମ୍ୟରଞ୍ଜନଙ୍କ ଦୁଇଟି କିଡ୍‌ନୀ ଓ ଲିଭର କଢ଼ାଯାଇଥିଲା। ସେଥିମଧ୍ୟରୁ ବାମ ପଟ କିଡ୍‌ନୀ ଓ ଲିଭର ଉକ୍ତ ହସ୍ପିଟାଲର ଜଣେ ରୋଗୀଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିବାବେଳେ ଡାହାଣ ପଟ କିଡ୍‌ନୀ ଗ୍ରୀନ କରିଡରରେ କଟକ ଏସ୍‌ସିବି ମେଡିକାଲକୁ ଅଣାଯାଇଥିଲା। ଏଠାରେ ଦୀର୍ଘ ୧୨ବର୍ଷ ହେବ ଲକ୍ଷ୍ମୀନାରାୟଣଙ୍କ ଡାଏଲିସିସ କରାଯାଉଥିବା ବେଳେ ତାହା ତାଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି। ମେଡିକାଲର ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଅରୁଣା ଆଚାର୍ଯ୍ୟ, ୟୁରୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସମୀର ସ୍ୱାଇଁ, ଡା. ସଞ୍ଜୟ ଚୌଧୁରୀ, ଡା. ପ୍ରମୋଦ ମହାନ୍ତି, ଆନସ୍ଥେସିଆ ଡା. ଉଦୟ ବେହେରା, ଡା. ଦିଲୀପ, ଡା. ଧୀରଜ, ଡା. ଆଶିଷ ପ୍ରତିରୋପଣରେ ନିୟୋଜିତ ରହିଥିଲେ।

# ସାଇପ୍ରସନ୍ନାଙ୍କୁ ମିସେସ୍ ଗ୍ରାଣ୍ଡ୍ ଇଣ୍ଟରନ୍ୟାଶନାଲ ମୁକୁଟ

ଭୁବନେଶ୍ୱର,୧୫।୭
(ସୁଚିସ୍ମିତା ସାହୁ)



ଡ. ସାଇପ୍ରସନ୍ନା ବେହେରାଙ୍କୁ ମିସେସ୍ ଗ୍ରାଣ୍ଡ୍ ଇଣ୍ଟରନ୍ୟାଶନାଲ ସମ୍ମାନ ଦିଆଯାଉଛି।

ଓଡ଼ିଶା ପାଇଁ ପୁଣି ଗୌରବ ଆଣିଲେ ଓଡିଆ ଝିଅ ଡ. ସାଇପ୍ରସନ୍ନା ବେହେରା। ସେ ଦ୍ୱିତୀୟଥର ଲାଗି ମିସେସ ଗ୍ରାଣ୍ଡ୍ ଇଣ୍ଟରନ୍ୟାଶନାଲ ମୁକୁଟ ପିନ୍ଧିବାର ସୁଯୋଗ ପାଇଛନ୍ତି। ମିସେସ୍ ଗ୍ରାଣ୍ଡ୍ ଇଣ୍ଟରନ୍ୟାଶନାଲ ୨୦୨୩-୨୪ରେ ବିଜୟୀ ହୋଇଥିବା ସାଇପ୍ରସନ୍ନା ଏବେ ମ୍ୟାନ୍‌ମାର୍‌ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପୁଣି ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାଶନାଲ ୨୦୨୪-୨୫ ମୁକୁଟ ପିନ୍ଧିଛନ୍ତି। ସମର୍ପଣ, ପ୍ରତିବଦ୍ଧତା ଏବଂ କର୍ତ୍ତବ୍ୟବୋଧତା ଯୋଗୁ ଏହା ସମ୍ଭବ ହୋଇପାରିଛି। ଏଥିପାଇଁ ତାଙ୍କୁ ୨୦୨୫-୨୭ ବର୍ଷ ପାଇଁ ମିସେସ ଗ୍ରାଣ୍ଡ୍ ଇଣ୍ଟରନ୍ୟାଶନାଲର ମୁଖ୍ୟ ପ୍ରତିନିଧି ଏବଂ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ତାଙ୍କର ଏହି ସଫଳତା ବିଶ୍ୱସ୍ତରରେ ପ୍ରତିନିଧିତ୍ୱ, ଦୃଢ଼ତା ଏବଂ ଉତ୍କର୍ଷର ଏକ ଶକ୍ତିଶାଳୀ ପ୍ରତୀକ, ସଶକ୍ତୀକରଣ ଓ ସୌନ୍ଦର୍ଯ୍ୟର ପ୍ରକୃତ ପ୍ରେରଣାଦାୟକ ଐତିହ୍ୟ ବୋଲି କୁହାଯାଉଛି।

## ମୁମ୍ବାଇ ଶୋ'ରୁମ୍‌ରେ ମଡେଲ ୱାଇ ଲଞ୍ଚ୍ କଲା ଟେସ୍‌ଲା

ମୁମ୍ବାଇ,୧୫।୭: ଇଲେକ୍ଟ୍ରିକ୍ କାର୍ ନିର୍ମାତା ଟେସ୍‌ଲା କମ୍ପାନୀ ମଙ୍ଗଳବାର ମୁମ୍ବାଇରେ ପ୍ରଥମ ଶୋ'ରୁମ୍ ଖୋଲିବା ସହ ଭାରତୀୟ ବଜାରରେ ପ୍ରବେଶ କରିଛି। ୪,୦୦୦ ବର୍ଗଫୁଟର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଖୋଲିଥିବା ଶୋ' ରୁମ୍‌ରେ ଟେସ୍‌ଲାର ମଡେଲ ୱାଇ କାର୍ ଲଞ୍ଚ୍ କରାଯାଇଛି।

# ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳ | ଭୂତଳ ଜଳରେ ୧୪ ଗୁଣ ଅଧିକ କ୍ରୋମିୟମ

■ ସିଜିଡବ୍ଲ୍ୟୁବି ରିପୋର୍ଟରେ ସ୍ୱଷ୍ଟ
■ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଏନ୍‌ଜିଟିର ନିର୍ଦ୍ଦେଶ

ଯାଜପୁର,୧୫।୭
(ହର୍ଷବର୍ଦ୍ଧନ ବେହେରା)



ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳର ଭୂତଳ ଜଳରେ ବିଷାକ୍ତ କ୍ରୋମିୟମ୍ ଅଂଶ ରହିଛି। ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ନିର୍ଦ୍ଦେଶ ଅନୁସାରେ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ(ସିଜିଡବ୍ଲ୍ୟୁବି ) ତଦନ୍ତ ରିପୋର୍ଟରେ ଏହା ସ୍ୱଷ୍ଟ ହୋଇଛି। ସିଜିଡବ୍ଲ୍ୟୁବି ଟିମ୍ ଏହି ଅଞ୍ଚଳର ବିଭିନ୍ନ ଖଣି ଅଞ୍ଚଳରୁ ୨୩୩ଟି ଭୂତଳ ଜଳ ନମୁନା ସଂଗ୍ରହ କରି ପରୀକ୍ଷା କରିଥିଲେ। ସେଥିରେ ଅନୁମୋଦନୀୟ ବା ପରମିଶିବୁଲ ଲିମିଟ ଭାବେ ଲିଟର ପ୍ରତି ୦.୦୫ ମିଲିଗ୍ରାମ(ଏମଜି)ଠାରୁ ବର୍ଷା ଋତୁ ପୂର୍ବରୁ ୩୭ଟି ନମୁନା ଏବଂ ବର୍ଷା ଋତୁ ପରେ ୨୮ଟି ନମୁନାରେ ଅଧିକ କ୍ରୋମିୟମ ଥିବା ଜଣାପଡିଛି। ଟିଙ୍ଗୁଡିପାଲଠାରୁ ସଂଗୃହୀତ ନମୁନାରେ ସର୍ବାଧିକ ୦.୭୩୧୩ ମିଲିଗ୍ରାମ ପର୍ଯ୍ୟନ୍ତ କ୍ରୋମିୟମ ରହିଛି, ଯାହାକି ଅନୁମୋଦନୀୟ ରିପୋର୍ଟଠାରୁ ପ୍ରାୟ ୧୪ ଗୁଣ ଅଧିକ। ଏହି ଭୂତଳ ଜଳ ବ୍ୟବହାର କରି ସୁକିନ୍ଦା ଅଞ୍ଚଳବାସୀ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଥିବା ନେଇ ଅଭିଯୋଗକାରୀଙ୍କ ଏନ୍‌ଜିଟି ମାମଲାରେ ଶତପ୍ରତିଶତ ସତ୍ୟତା ଥିବା ପ୍ରମାଣିତ ହୋଇ ସାରିଛି। ଏହି କ୍ରମରେ ଯାଜପୁର ଜିଲାପାଳଙ୍କୁ ଏକ କାର୍ଯ୍ୟାନୁଷ୍ଠାନ ଯୋଜନା ବା ଆକ୍ସନ ପ୍ଲାନ ପ୍ରସ୍ତୁତ କରି ରିପୋର୍ଟ ଦାଖଲ କରିବାକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପ୍ରାୟ ୨୩୦ କୋଟି ଟଙ୍କା ଖର୍ଚ୍ଚ କରି ସୁକିନ୍ଦା ଅଞ୍ଚଳରେ ନିର୍ମାଣ ହୋଇଥିବା ୩ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପରୁ ସମସ୍ତ ଅଞ୍ଚଳବାସୀ ଉପକୃତ ହୋଇ ପାରି ନ ଥିବାରୁ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହେଉଛି।

ସୁକିନ୍ଦା ଭୂତଳ ଜଳରେ କ୍ରୋମିୟମ ଅଂଶ ରହୁଥିବା ନେଇ ପୂର୍ବରୁ ଷ୍ଟେଟ ଆନର୍ଭାମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି(ଏସଇଆଇଏଏ) ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)କୁ ସତର୍କ କରି ଆସୁଥିଲେ ହେଁ ପ୍ରତିକାର ବ୍ୟବସ୍ଥା ନୈରାଶ୍ୟଜନକ ରହିଛି। ତେବେ ଏନ୍‌ଜିଟିରେ ୭୩/୨୦୨୪/ଇଜେଡ ନମ୍ବର ମାମଲାର ନିର୍ଦ୍ଦେଶ ଅନୁସାରେ ହୋଇଥିବା ତଦନ୍ତ ରିପୋର୍ଟରେ ଏହି ସମ୍ବେଦନଶୀଳ ତଥ୍ୟ ଜଣାପଡିଛି। ଖଣି କମ୍ପାନୀଗୁଡିକ ବ୍ରାହ୍ମଣୀ ନଦୀରୁ ଆବଶ୍ୟକତା ମେଣ୍ଟାଇବାକୁ ନିର୍ମଳ ପାଣି ନେଇ ଡମଶାଳା ନାଳକୁ ବିଷାକ୍ତ କରୁଛନ୍ତି। ଫଳରେ ନଦୀନାଳ ସମେତ ବିଭିନ୍ନ ପୋଖରୀ ଏବଂ ଭୂତଳ ଜଳ ଅତି ମାତ୍ରାରେ ପ୍ରଦୂଷିତ ହେଉଛି। ଏହି ବିଷାକ୍ତ ପାଣିକୁ ବ୍ୟବହାର କରି ଅଞ୍ଚଳର ଶତାଧିକ ଲୋକ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏନେଇ ହୋଇଥିବା ଅଭିଯୋଗକୁ ଭିତ୍ତି କରି ଏନ୍‌ଜିଟି ଏକ ୪ ଜଣିଆ ସ୍ୱତନ୍ତ୍ର ଦଳ ଗଠନ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସିଜିଡବ୍ଲ୍ୟୁବି ରିପୋର୍ଟ ଦାଖଲ କରିବାରେ ବିଳମ୍ବ କରିଥିଲା। ଏନ୍‌ଜିଟି ପକ୍ଷରୁ ସିଜିଡବ୍ଲ୍ୟୁବି କର୍ତ୍ତୃପକ୍ଷଙ୍କୁ ତୁରନ୍ତ ନିର୍ଦ୍ଧାରିତ ସମୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ୪।୭।୨୦୨୪ରେ କଡା ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସିଜିଡବ୍ଲ୍ୟୁବିର ଆଞ୍ଚଳିକ ନିର୍ଦ୍ଦେଶକ ବି.କେ. ସାହୁଙ୍କ ତତ୍ତ୍ୱାବଧାନରେ ବୈଜ୍ଞାନିକ ମୌସୁମୀ ସାହୁ, ବିଭୂତି ଭୂଷଣ ସାହୁ, ସିନୋସ ପି.କେ. ପ୍ରମୁଖ ବୈଜ୍ଞାନିକ ତଦନ୍ତ କରି ଗତ ଜୁନରେ ଏନ୍‌ଜିଟିରେ ରିପୋର୍ଟ ଦାଖଲ କରିଛନ୍ତି। ତେବେ ଭୂତଳ ଜଳ ନମୁନାରେ ୨ ପ୍ରକାର ତଥା ହେକ୍ସାଭେଲେଣ୍ଟ କ୍ରୋମିୟମ ଓ ଟ୍ରାଇଭେଲେଣ୍ଟ କ୍ରୋମିୟମ ଥିବା ଦେଖିବାକୁ ମିଳିଛି। ଏହାପରେ ଉକ୍ତ ରିପୋର୍ଟରେ ସିଜିଡବ୍ଲ୍ୟୁବି ପକ୍ଷରୁ ସୁକିନ୍ଦା ଖଣି ଅଞ୍ଚଳର ପ୍ରତ୍ୟେକ ପରିବାରଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି। ଏହାସହ ଏହି ଅଞ୍ଚଳରେ ଯଦି ନୂତନ ନଳକୂପ ଖନନ ହେଉଛି, ତେବେ ଉକ୍ତ ପାଣି ନମୁନାକୁ ଉପଯୁକ୍ତ ଭାବେ ପରୀକ୍ଷା କରିବା ପରେ ବ୍ୟବହାର କରିବା, ଖଣି ଅଞ୍ଚଳରେ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଇଟିପି)କୁ ସ୍ଥାପନ ଏବଂ ଠିକ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା କଡାକଡି ଭାବେ ନଜର ରଖିବା, ଖଣି ଅଞ୍ଚଳରେ ପ୍ରଭାବିତ ହେଉଥିବା ଡମଶାଳା ନାଳ ପାଣିକୁ ସ୍ୱଚ୍ଛ ରଖିବା ଇତ୍ୟାଦି ପରାମର୍ଶ ଦିଆଯାଇଛି। ଡମଶାଳା ନାଳ ପାଣିରେ ମଧ୍ୟ ବହୁ ଗୁଣ ଅଧିକ କ୍ରୋମିୟମ ରହିଥିବା ପରୀକ୍ଷାରେ ଜଣାପଡିଛି।

ଏଠାରେ ଉଲ୍ଲେଖଯୋଗ୍ୟ, ବିଷାକ୍ତ ପାଣି ଯୋଗୁ ସୁକିନ୍ଦା ବ୍ଲକର କମର୍ଦ୍ଧା, ମଶାସାହି, ହାତୀସାହି, ସରୁଆବିଲ, ଗୁରୁଜଙ୍ଗ, ଓସ୍ତପାଳ, କୁଟିଡାବାଙ୍କ, କୁସୁମଘୁଟ, କଳରଙ୍ଗୀ ଓ ରାମସୋଲ ଏବଂ ଢେଙ୍କାନାଳ ଜିଲା ଭୁବନ ବ୍ଲକର କୃଷ୍ଣପୁର, ଓଡିଶ, ବାରୁଆ, ମଠଖୋକସା, ବାଲିଝାଟି ଆଦି ଗ୍ରାମର ପ୍ରାୟ ୫୦ ହଜାର ଲୋକ ପ୍ରଭାବିତ ହେଉଛନ୍ତି। ତେଣୁ ତୁରନ୍ତ ସିଜିଡବ୍ଲ୍ୟୁବି ରିପୋର୍ଟକୁ ଗୁରୁତ୍ୱ ଦେଇ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଯୁବକଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ଥୁକ ମାଡ଼

**କଲମପୁରରେ କଙ୍ଗାରୁ କୋର୍ଟ**

କଲମପୁର,୧୫।୭
(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅଞ୍ଚଳରେ ପ୍ରଥମଥର ପାଇଁ କଙ୍ଗାରୁ କୋର୍ଟ ଦେଖିବାକୁ ମିଳିଛି। ରିଲ୍ ବନାଇବା ନିଶା ସମସ୍ତଙ୍କୁ ଘାରିଛି। ବିଶେଷ କରି ଯୁବପିଢି ଏହାକୁ ବହୁଳ ଭାବେ ଆଦରି ନେଉଛନ୍ତି। ଜଣେ ଯୁବତୀ ଓ ଯୁବକଙ୍କ ପ୍ରେମ ସମ୍ପର୍କକୁ ନେଇ ସୋମବାର କଲମପୁର ପଣ୍ଡିଗାଁଠାରେ କଙ୍ଗାରୁ କୋର୍ଟ ବସିଥିଲା। କେତେଜଣ ଯୁବତୀଯୁବକ ତେନ୍ତୁଳିଖୁଣ୍ଟି ଗ୍ରାମର ଜଣେ ଯୁବକଙ୍କୁ ଏଥିପାଇଁ ଦାୟୀକରି କଙ୍ଗାରୁ କୋର୍ଟରେ ଦୋଷୀ ସାବ୍ୟସ୍ତ କରିଥିଲେ। ପରେ ସେମାନେ ଯୁବକ ଜଣଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ଥୁକ ମାଡ଼ ମାରିଥିଲେ। ଏହି ସମୟର ଦୃଶ୍ୟକୁ ସେମାନେ ମୋବାଇଲରେ ରେକର୍ଡିଂ କରିଥିଲେ। ଏବେ ସୋସିଆଲ ମିଡିଆରେ ଏହା ଭାଇରାଲ ହେବାରେ ଲାଗିଛି।

## ଉତ୍ତର-ପୂର୍ବ ଭାରତକୁ ମିଳିଲା ନୂଆ ଗତିପଥ

**ସରିଲା ବୈରାବୀ-ସାଇରାଙ୍ଗ ବ୍ରଡ୍‌ଗେଜ୍ ରେଳ ପ୍ରକଳ୍ପ କାର୍ଯ୍ୟ**

ଭୁବନେଶ୍ୱର, ୧୫।୭(ଅନୁରାଧା ମହାରଣା)

ବୈରାବୀ-ସାଇରାଙ୍ଗ ବ୍ରଡ୍‌ଗେଜ ରେଳ ପ୍ରକଳ୍ପ କାମ ଶେଷ ହୋଇଛି। ରେଳସେବା କ୍ଷେତ୍ରରେ ଉତ୍ତର-ପୂର୍ବ ଭାରତକୁ ଏକ ନୂଆ ଗତିପଥ ମିଳିଛି। ଏହା କେବଳ ମିଜୋରାମ ନୁହେଁ, ବରଂ ସମଗ୍ର ଉତ୍ତର-ପୂର୍ବ ଭାରତର ସଂଯୋଗୀକରଣ, ଆର୍ଥିକ ବିକାଶ ଏବଂ ସାମାଜିକ ସମନ୍ୱୟ ପାଇଁ ଏକ ବିପ୍ଲବୀ ପଦକ୍ଷେପ। ମିଜୋରାମ ଭାରତର ଏକ ଦୁର୍ଗମ, ପାହାଡିଆ ଏବଂ ସୀମାନ୍ତ ରାଜ୍ୟ, ଯାହାର ଉତ୍ତରରେ ଆସାମ ଏବଂ ମଣିପୁର, ପଶ୍ଚିମରେ ତ୍ରିପୁରା ଏବଂ ବାଂଲାଦେଶ ଓ ପୂର୍ବ-ଦକ୍ଷିଣରେ ମ୍ୟାନ୍‌ମାର ରହିଛି। ସମୁଦ୍ରରୁ ବିଚ୍ଛିନ୍ନ ଏବଂ ଦୁର୍ଗମ ଭୂମି ଯୋଗୁ ଏହି ରାଜ୍ୟ ଏପର୍ଯ୍ୟନ୍ତ ସଡ଼କ ପରିବହନ ଉପରେ ନିର୍ଭରଶୀଳ ଥିଲା। ସୀମିତ ସଡ଼କ ସଂଯୋଗ ଏବଂ ଅନୁନ୍ନତ ଭିତ୍ତିଭୂମି ଯୋଗୁ ଏହି ଅଞ୍ଚଳ ଦେଶର ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ଅନୁଭବ କରୁଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ନଭେମ୍ବର ୨୯ରେ ବୈରାବୀ-ସାଇରାଙ୍ଗ ରେଳ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ୨୦୧୫-୧୬ରେ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହେବା ପରେ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲା। ଅନେକ ଚ୍ୟାଲେଞ୍ଜକୁ ଦୂର କରି ପ୍ରକଳ୍ପଟି ୨୦୨୫ରେ ଶେଷ ହୋଇଛି। ଜୁନ ମାସରେ ରେଳ ସୁରକ୍ଷା କମିଶନର (ସିଆର୍‌ଏସ୍) ଏହାର କାର୍ଯ୍ୟ ପାଇଁ ଅନୁମତି ପ୍ରଦାନ କରିଥିଲେ। ଏହି ପ୍ରକଳ୍ପ ଅଧୀନରେ ୫୧.୩୮ କିଲୋମିଟର ଲମ୍ବା ଏକ ବ୍ରଡଗେଜ ରେଳ ଲାଇନ ନିର୍ମାଣ କରାଯାଇଛି। ଏହା ଉପରେ ଟ୍ରେନ ଘଣ୍ଟା ପ୍ରତି ୧୦୦ କିଲୋମିଟର ବେଗରେ ଚାଲିପାରିବ। ପ୍ରକଳ୍ପରେ ୧୨.୮୫ କି.ମି.ର ମୋଟ ୪୮ଟି ସୁଡ଼ଙ୍ଗ ନିର୍ମାଣ କରାଯାଇଛି। ଏହା ବ୍ୟତୀତ ୫୫ଟି ବଡ଼ ସେତୁ, ୮୭ଟି ଛୋଟ ସେତୁ, ୫ଟି ରୋଡ୍ ଓଭରବ୍ରିଜ ଏବଂ ୯ଟି ରୋଡ ଅଣ୍ଡରବ୍ରିଜ୍ ମଧ୍ୟ ନିର୍ମାଣ କରାଯାଇଛି।

## ଆତଙ୍କବାଦ ବିରୋଧୀ ଲଢ଼େଇରେ ବେସାଲିସ୍ ଆଭିମୁଖ୍ୟ ରଖୁ ଏସ୍‌ସିଓ: ଜୟଶଙ୍କର

ଟିଆନ୍‌ଜିନ୍,୧୫।୭

ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଆତଙ୍କବାଦ ଏବଂ ଉଗ୍ରବାଦ ବିରୋଧୀ ଲଢ଼େଇରେ ନିଜର ପ୍ରତିଷ୍ଠା ବେଳର ଲକ୍ଷ୍ୟକୁ ବଜାୟ ରଖିବା ସହ ଅନ୍ୟାନ୍ୟ ଚ୍ୟାଲେଞ୍ଜ



ବିରୋଧରେ ବେସାଲିସ୍ ଆଭିମୁଖ୍ୟ ରଖିବାକୁ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଏସ୍‌ସିଓ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଜୟଶଙ୍କର ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ଭାରତ ଦେଇଥିବା ଜବାବର ଯଥାର୍ଥତା ପ୍ରତିପାଦନ କରିଛନ୍ତି। ଜମ୍ମୁ-କଶ୍ମୀରର ପର୍ଯ୍ୟଟନ ଅର୍ଥନୀତିକୁ ଦୁର୍ବଳ କରିବା ଓ ଧର୍ମୀୟ ବିଭାଜନର ମଞ୍ଜି ବୁଣିବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ପହଲଗାମ୍ ଆକ୍ରମଣ କରାଯାଇଥିଲା। ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତ ଏହାର ଆଭିମୁଖ୍ୟରେ ଦୃଢ଼ ରହିଥିବା ଜୟଶଙ୍କର କହିଛନ୍ତି।

## ଛାତ୍ରୀଛାତ୍ରଙ୍କ ପାଇଁ ଦିଲ୍ଲୀ ସବୁଠୁ ସୁଲଭ ସହର

**କ୍ୟୁଏସ୍ ର୍ୟାଙ୍କିଙ୍ଗ୍**

ନୂଆଦିଲ୍ଲୀ, ୧୫।୭ (ପି.ଟି.)



ଛାତ୍ରୀଛାତ୍ରଙ୍କ ପାଇଁ ବିଶ୍ୱର ଶ୍ରେଷ୍ଠ ୧୩୦ ସହର ମଧ୍ୟରେ ଭାରତର ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଏବଂ ଚେନ୍ନାଇ ରହିଛନ୍ତି। କ୍ୟୁଏସ୍ ର୍ୟାଙ୍କିଙ୍ଗ୍ ପକ୍ଷରୁ ମଙ୍ଗଳବାର ଜାରି କରାଯାଇଥିବା '୨୦୨୬ କ୍ୟୁଏସ୍ ବେଷ୍ଟ ଷ୍ଟୁଡେଣ୍ଟ ସିଟିଜ୍ ର୍ୟାଙ୍କିଙ୍ଗ୍' ନାମକ ଏକ ରିପୋର୍ଟ ଅନୁଯାୟୀ ଛାତ୍ରୀଛାତ୍ରଙ୍କ ପାଇଁ ବିଶ୍ୱର ଶ୍ରେଷ୍ଠ ସହର ତାଲିକାରେ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଏବଂ ଚେନ୍ନାଇ ନିଜ ନିଜ ସ୍ଥିତିରେ ଉନ୍ନତି ଆଣିଛନ୍ତି। ଗତବର୍ଷଠାରୁ ମୁମ୍ବାଇ ୧୫ ସ୍ଥାନ ଉପରକୁ ଉଠି ୯୮ତମ ସ୍ଥାନରେ ପହଞ୍ଚିଛି। ସେହିପରି ଦିଲ୍ଲୀ ୭ ସ୍ଥାନ ଉପରକୁ ଉଠି ୧୦୪ତମ ସ୍ଥାନରେ ପହଞ୍ଚିଛି। ବେଙ୍ଗାଲୁରୁ ୨୨ ସ୍ଥାନ ଉପରକୁ ଉଠି ୧୦୮ ଏବଂ ଚେନ୍ନାଇ ୧୨ ସ୍ଥାନ ଉପରକୁ ଉଠି ୧୨୮ତମ ସ୍ଥାନରେ ପହଞ୍ଚିଛି। ନିଯୁକ୍ତିଦାତା କାର୍ଯ୍ୟକଳାପ ବର୍ଗରେ ବିଶ୍ୱର ଶ୍ରେଷ୍ଠ ୫୦ ସହର ମଧ୍ୟରେ ଦିଲ୍ଲୀ ଏବଂ ମୁମ୍ବାଇ ସ୍ଥାନ ପାଇଛନ୍ତି। ତେବେ ଛାତ୍ରୀଛାତ୍ରଙ୍କ ପାଇଁ ଦିଲ୍ଲୀ ବିଶ୍ୱର ସବୁଠାରୁ ସୁଲଭ ସହର ହୋଇଥିବା ଏହି ରିପୋର୍ଟ କହିଛି। ଛାତ୍ରୀଛାତ୍ରଙ୍କ ପାଇଁ ସୁଲଭ ସହର ଶ୍ରେଣୀରେ ୯୬.୫ ସ୍କୋର୍ ସହ ଦିଲ୍ଲୀ ସର୍ବୋତ୍ତମ ସ୍ଥାନରେ ରହିଥିବା ବେଳେ ଏହି ଶ୍ରେଣୀରେ ବେଙ୍ଗାଲୁରୁ ୮୪.୩ ଏବଂ ଚେନ୍ନାଇ ୮୦.୧ ସ୍କୋର ହାସଲ କରିଛନ୍ତି। ସୁଲଭତା ସୂଚକାଙ୍କରେ ଭାରତୀୟ ସହରଗୁଡ଼ିକର ଭଲ ପ୍ରଦର୍ଶନ ରହିଥିବା ଏହି ରିପୋର୍ଟ କହିଛି। ବିଭିନ୍ନ ସହରରେ ହାରାହାରି ଶିକ୍ଷା ଫି' ଏବଂ ଜୀବନଯାପନ ଖର୍ଚ୍ଚକୁ ହିସାବକୁ ନିଆଯାଇ କ୍ୟୁଏସ୍ ର୍ୟାଙ୍କିଙ୍ଗ୍ ପକ୍ଷରୁ ସୁଲଭତା ସୂଚକାଙ୍କକୁ ପ୍ରସ୍ତୁତ କରାଯାଇଛି।

## ଇଡିଙ୍କ କ୍ଷମତା ଉପରେ ୩୧ରେ ଶୁଣାଣି

ନୂଆଦିଲ୍ଲୀ,୧୫।୭(ପି.ଟି.)

ପିଏମ୍‌ଏଲ୍‌ଏ ଅଧୀନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉପଯୋଗ କରୁଥିବା ଗିରଫଦାରି ଓ ସମ୍ପତ୍ତି ବାଜ୍ୟାପ୍ତ କ୍ଷମତାକୁ ସୁପ୍ରିମକୋର୍ଟ ୨୦୨୨ ରାୟରେ କାଏମ ରଖିଥିବାବେଳେ ଏହାର ସମୀକ୍ଷା ପାଇଁ ଦାଏର ପିଟିଶନ୍‌ଗୁଡ଼ିକର ଶୁଣାଣି ଜୁଲାଇ ୩୧ରେ ହେବ। ବୁଧବାର ଶୁଣାଣି ହେବାକୁ ଥିବାବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ହାଜର ହୋଇ ଉପସ୍ଥିତ ରହିପାରିବେ ନାହିଁ ବୋଲି କହିବାରୁ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚିଙ୍କ ଖଣ୍ଡପୀଠ ଏହାକୁ ୩୧ ତାରିଖକୁ ଘୁଞ୍ଚାଇଛନ୍ତି। ମାମଲାର ଶୁଣାଣି ବୃହତ୍ତର ବେଞ୍ଚ୍‌ରେ କରାଇବା ପାଇଁ ପିଟିଶନଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ପୂର୍ବରୁ କୋର୍ଟଙ୍କୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ, ମନିଲଣ୍ଡରିଂ ସାରା ବିଶ୍ୱରେ ଆର୍ଥିକ ବ୍ୟବସ୍ଥାର ସୁପରିଚାଳନା ପ୍ରତି ବିପଦ ବୋଲି କହି ୨୦୨୨ ଅଗଷ୍ଟରେ ସର୍ବୋଚ୍ଚ ଅଦାଲତ ପିଏମ୍‌ଏଲ୍‌ଏର ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ବୈଧତାକୁ କାଏମ୍ ରଖିଥିଲେ।

## Business

## ଆୟ ଉପରେ ଟର୍ମ ଇନ୍‌ସ୍ୟୁରାନ୍ସର ଆବଶ୍ୟକତା

ଭୁବନେଶ୍ୱର,୧୫।୭

ବର୍ତ୍ତମାନ ସମୟରେ ବୀମାର ଆବଶ୍ୟକତା ଓ ଚାହିଦାର ବୃଦ୍ଧି ଘଟିଛି। ଆଜି ମଧ୍ୟ ଅନେକ ଭାରତୀୟ ପରିବାର ପ୍ରାୟତଃ ସୀମିତ ସଚେତନତା କିମ୍ବା ଗୁଜବ କାରଣରୁ ଟର୍ମ ଇନ୍‌ସ୍ୟୁରାନ୍ସକୁ ଅଣଦେଖା କରିବା ଜାରି ରଖିଛନ୍ତି। କିନ୍ତୁ ଟର୍ମ ଇନ୍‌ସ୍ୟୁରାନ୍ସ କେବଳ ଏକ ଖର୍ଚ୍ଚ ନୁହେଁ, ଏହା ଏକ ସୁରକ୍ଷାକବଚ ପାଲଟିଛି। ଏ ସମ୍ପର୍କରେ ଏସ୍‌ବିଆଇ ଲାଇଫ ଇନ୍‌ସ୍ୟୁରାନ୍ସର ଜୋନାଲ ଡାଇରେକ୍ଟର ସନ୍ତୋଷ ଚାକୋ କହିଛନ୍ତି, ଅଧିକାଂଶ ଭାରତୀୟ ପରିବାର ପାଖରେ ଏକାଧିକ ଲୋକ ଗୋଟିଏ ଆୟ ଉପରେ ନିର୍ଭର କରିଥାନ୍ତି। ଯଦି ସେହି ଗୋଟିଏ ଆୟ ହଠାତ୍ ଜୀବନର କୌଣସି



ସନ୍ତୋଷ ଚାକୋ

ଅନିଶ୍ଚିତତା କାରଣରୁ ବନ୍ଦ ହୋଇଯାଏ, ତେବେ ତାହାର ପ୍ରଭାବ ସାରା ପରିବାର ଉପରେ ପଡ଼ିଥାଏ। ଏଭଳି କ୍ଷେତ୍ରରେ ଟର୍ମ ଇନ୍‌ସ୍ୟୁରାନ୍ସ ଜରୁରୀ ହୋଇପଡିଥାଏ। ଏହା ମୃତକଙ୍କ ପରିବାର ସଦସ୍ୟଙ୍କୁ ନିଜର ଜୀବନଶୈଳୀ ବଜାୟ ରଖିବା, ଋଣ ପଇଠ କରିବା ଓ ଭବିଷ୍ୟତର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ଆର୍ଥିକ ସୁରକ୍ଷା ପ୍ରଦାନ କରିଥାଏ। ଏପରିକି ଆୟ ଉପରେ ଟର୍ମ ଇନ୍‌ସ୍ୟୁରାନ୍ସର ଆବଶ୍ୟକତା ନିର୍ଭର କରିଥାଏ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଟର୍ମ ଇନସ୍ୟୁରାନ୍ସ ଆପଣଙ୍କ ପ୍ରିୟଜନଙ୍କ ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ ରଖିଥାଏ। ଏହା ହିଁ ଟର୍ମ ଇନ୍‌ସ୍ୟୁରାନ୍ସର ସବୁଠାରୁ ବଡ ଶକ୍ତି ଏବଂ ଏହା ଶୁଦ୍ଧ ଲାଇଫ କଭର ପ୍ରଦାନ କରିଥାଏ, ଯାହାର ଅର୍ଥ ହେଉଛି ଯଦି ଶୀଘ୍ର କ୍ରୟ କରାଯାଏ ତେବେ କମ୍ ପ୍ରିମିୟମରେ ଅଧିକ କଭରେଜ ରହିଥାଏ। ଏଥିରେ କୌଣସି ମାଚ୍ୟୁରିଟି କିମ୍ବା ସର୍ଭାଇଭାଲ ବେନିଫିଟ ନ ଥାଏ, ଯାହା ଏହାକୁ ଅତୁଳନୀୟ ଭାବେ ସୁଲଭ ଓ ଦକ୍ଷ କରିଥାଏ। ଏହା ରିଟର୍ନ କିମ୍ବା ବୋନସ ଉପରେ ନୁହେଁ ବରଂ କେବଳ ଆପଣଙ୍କ ପ୍ରିୟଜନଙ୍କ ଆର୍ଥିକ କଲ୍ୟାଣ ଉପରେ ଧ୍ୟାନ ଦେଇଥାଏ। ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ ଟର୍ମ ପ୍ଲାନ୍ କ୍ରୟ କରିବାର ଦୁଇଟି ପ୍ରମୁଖ ଲାଭ ରହିଛି, ଯଥା ସମ୍ପୂର୍ଣ୍ଣ ଅବଧି ପାଇଁ କମ୍ ପ୍ରିମିୟମ ଲକ୍ ଇନ ଏବଂ ଆପଣଙ୍କ ପରିବାର ସବୁବେଳେ ସୁରକ୍ଷିତ ରହିବ ବୋଲି ସୁନିଶ୍ଚିତ ରହିବା। ଜଣେ ଯୁବ ବୟସ୍କ ବ୍ୟକ୍ତି ଭାବେ ଆପଣଙ୍କର ପ୍ରଥମ ଆର୍ଥିକ ନିଷ୍ପତ୍ତି ଏକ ଟର୍ମ ଇନ୍‌ସ୍ୟୁରାନ୍ସ ହେବା ଉଚିତ ବୋଲି ଚାକୋ କହିଛନ୍ତି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୫।୭

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୧୭ (୩୧୭.୪୫) ପଏଣ୍ଟ ବୃଦ୍ଧି ଘଟି ୮୨,୫୭୧ (୮୨,୫୭୦.୯୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୧୧୩ (୧୧୩.୫୦) ପଏଣ୍ଟ ବଢ଼ି ୨୫,୧୯୬ (୨୫,୧୯୫.୮୦) ଅଙ୍କରେ କାରବାର ଶେଷ ହୋଇଥିଲା।

## କିଟ୍ ସହ ଏଲ୍‌ଇସିର ବୁଝାମଣା




ଏମ୍‌ଓୟୁ ସମୟରେ କିଟ୍-ଡିମ୍ୟୁର ଭିସି ପ୍ରଫେସର ଡ. ଶରଣଜିତ ସିଂହ ଏବଂ ଏଲ୍‌ଇସିର ଅଧ୍ୟକ୍ଷ ତଥା ଏମଡି କମଳେଶ ଶାହା ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୫।୭

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍) ଏବଂ ଲିସିନ୍‌ଲାଇଟ୍ସ ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍ (ଏଲ୍‌ଇସି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। କିଟ୍ ପରିସରରେ ଏକ ସେଣ୍ଟର ଅଫ୍ ଏକ୍ସେଲେନ୍ସ ସ୍ଥାପନ ପାଇଁ ଏଲ୍‌ଇସି ଏହି ବୁଝାମଣା କରିଛି। ଏହା ଭବିଷ୍ୟତର ଡାଟା ସେଣ୍ଟର ଇଞ୍ଜିନିୟରଙ୍କୁ ପ୍ରସ୍ତୁତ କରିବ। ଏହି ସହଭାଗିତା ଶ୍ରେଣୀଗୃହ ଶିକ୍ଷା ଏବଂ ଅନ୍‌ଲାଇନ ପ୍ରଶିକ୍ଷଣକୁ ଏକତ୍ର କରି ମେକାନିକାଲ୍, ଇଲେକ୍ଟ୍ରିକାଲ୍ ଏବଂ ସିଭିଲ୍ ଇଞ୍ଜିନିୟରିଂ ଛାତ୍ରୀଛାତ୍ରମାନଙ୍କୁ ପ୍ରଥମ ଦିନରୁ ଏକ ଦୃଢ୍ କ୍ୟାରିୟର ଗଠନ କରିବାରେ ଏହା ସକ୍ଷମ କରିବ। ଏହା ଜରିଆରେ ଛାତ୍ରୀଛାତ୍ରମାନଙ୍କୁ ବାସ୍ତବିକ ଇଞ୍ଜିନିୟରିଂ ପ୍ରକଳ୍ପ ବିଶେଷକରି ଆଧୁନିକ ଡାଟା ସେଣ୍ଟରରେ ବ୍ୟବହୃତ ହେଉଥିବା ସିଷ୍ଟମ ଏବଂ ଟୁଲ୍ସ ସହିତ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରିବ।

ଭାରତ ନିଜର ଡିଜିଟାଲ୍ ଏବଂ ଶିଳ୍ପ ଭିତ୍ତିଭୂମି ବିକାଶ କରୁଥିବାବେଳେ ଲିସିନଲାଇଟ୍ସ ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍ କିଟ୍ ସହ ମିଶି ଶ୍ରେଣୀଗୃହ ଶିକ୍ଷା ଏବଂ ବୃତ୍ତିଗତ ଅଭ୍ୟାସ ମଧ୍ୟରେ ଥିବା ଅନ୍ତର ପୂରଣ କରି ଅନୁଭୂତିମୂଳକ ଶିକ୍ଷାର ସଂସ୍କୃତି ପ୍ରତିଷ୍ଠା କରି ଭବିଷ୍ୟତ ଲାଗି ପ୍ରସ୍ତୁତ ଇଞ୍ଜିନିୟରିଂ ବୃତ୍ତିଧାରୀମାନଙ୍କୁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି।

## ୪୨ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ

ଭୁବନେଶ୍ୱର,୧୫।୭ (ଅଭୟ ଦାଶ)

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ(ଏମ୍‌ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ ଆୟୋଜିତ ୪୨ତମ ବାର୍ଷିକ ଖଣି (ଧାତୁ) ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ଦିବସ ବଡ଼ବିଲଠାରେ ପାଳିତ ହୋଇଯାଇଛି। ଭୁବନେଶ୍ୱର କ୍ଷେତ୍ରର ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମ୍‌ଏ)ର ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଣି କ୍ଷେତ୍ରରେ ସଚେତନତାର ପ୍ରସାର ଏବଂ ନିରୀକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ମାଧ୍ୟମରେ ସୁରକ୍ଷା ମାନଦଣ୍ଡକୁ ପ୍ରୋତ୍ସାହିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଚଳିତ ବର୍ଷ ବିକଶିତ ଖାଦାନ, ବିକଶିତ ଭାରତ ଶୀର୍ଷକ ବିଷୟବସ୍ତୁ ସହ ଏହି କାର୍ଯ୍ୟକ୍ରମ ଦୀର୍ଘସ୍ଥାୟୀ ଖନନର ଏକ ଅତ୍ୟାବଶ୍ୟକ ଉପାଦାନ ଭାବେ ସୁରକ୍ଷା ସଂସ୍କୃତିକୁ ବିକଶିତ କରିବାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲା ଏବଂ ନିରନ୍ତର ଉତ୍କର୍ଷକୁ ପ୍ରୋତ୍ସାହିତ କରିବା ପାଇଁ ସର୍ବୋତ୍ତମ ପଦକ୍ଷେପଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଜୋନ୍ ୧ ର ଖଣି ସୁରକ୍ଷା (ଡିଏମ୍‌ଏସ୍) ନିର୍ଦ୍ଦେଶକ ଅବନିଶ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୁରକ୍ଷା ପତାକା ଉତ୍ତୋଳନ କରିବା ସହ ସୁରକ୍ଷା ବାର୍ତ୍ତା ବହନ କରୁଥିବା ବେଲୁନଗୁଡ଼ିକୁ ଉଡ଼ାଇଥିଲେ। ଏହି ଅବସରରେ ଭୁବନେଶ୍ୱର କ୍ଷେତ୍ର୨ ଡିଏମ୍‌ଏସ୍ ନାସିନା ବାଲାସୁବ୍ରମଣ୍ୟମଙ୍କ ସମେତ ଡିଜିଏମ୍‌ଏସ୍ ନିର୍ଦ୍ଦେଶକ ଏବଂ ଉପନିର୍ଦ୍ଦେଶକ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଖଣି ଏବଂ ରଣନୈତିକ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ କୁମାର ମେହେଟା, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଖଣି ମୁଖ୍ୟ ଶରଣପ୍ପା କାମ୍ବାଲି ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀ କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ। ଏ ନେଇ ଶରଣପ୍ପା କାମ୍ବାଲି କହିଛନ୍ତି, ଏଏମ୍‌ଏନ୍‌ଏସ୍ ଇଣ୍ଡିଆରେ ସୁରକ୍ଷା ହେଉଛି ଏକ ପ୍ରମୁଖ ମୂଲ୍ୟବୋଧ। ମୁଁ ଠାକୁରାଣୀ ଏବଂ ସାଗାସାହି ଖଣିର ଟିମ୍‌ଗୁଡ଼ିକୁ ସେମାନଙ୍କର ଅସାଧାରଣ ପ୍ରଦର୍ଶନ ଏବଂ ସ୍ୱୀକୃତି ପାଇଁ ଅଭିନନ୍ଦନ ଜଣାଉଛି। ଏହି ସଫଳତାଗୁଡ଼ିକ ଏକ ସଂସ୍କୃତି ସୃଷ୍ଟିକରିବା ପାଇଁ ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଯେଉଁଠାରେ ସୁରକ୍ଷା ଆମ କାର୍ଯ୍ୟର ପ୍ରତ୍ୟେକ ଦିଗରେ ସମ୍ପୂର୍ଣ୍ଣ ଭାବରେ ସନ୍ନିହିତ ରହିଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ମାନବ ସମ୍ବଳ (ପୂର୍ବ) ମୁଖ୍ୟ ଡ. ଦେବବ୍ରତ ଦାସ କହିଛନ୍ତି, ଖଣି କ୍ଷେତ୍ରରେ ଏକ ଦୃଢ଼ ସୁରକ୍ଷା ସଂସ୍କୃତି ପ୍ରତିଷ୍ଠା ପାଇଁ ବ୍ୟବସ୍ଥିତ ସୁରକ୍ଷା ପରିଚାଳନା ବ୍ୟବସ୍ଥା ଏବଂ ବ୍ୟାପକ ତାଲିମ କାର୍ଯ୍ୟକାରୀ କରିବା ନିହାତି ଆବଶ୍ୟକ ରହିଛି।

## ତନିସ୍କ ଚନ୍ଦ୍ରଶେଖରପୁର ଷ୍ଟୋରର ୧୫ତମ ପୂର୍ତ୍ତି ଉତ୍ସବ

ଭୁବନେଶ୍ୱର,୧୫।୭

ତନିସ୍କ ଜ୍ୱେଲେରିର ଏକ୍ସକ୍ଲୁସିଭ ଶୋ'ରୁମ୍ ତଥା 'ତନିସ୍କ ଚନ୍ଦ୍ରଶେଖରପୁର ଷ୍ଟୋରର ୧୫ତମ ପୂର୍ତ୍ତି ଉତ୍ସବ ମଙ୍ଗଳବାର ଷ୍ଟୋର ପରିସରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ତନିସ୍କର ନୂତନ କଲେକ୍ସନ ଓ ଅନନ୍ୟ ସମ୍ଭାରର ଉନ୍ମୋଚନ କରାଯାଇଛି। ଏପରିକି ତନିସ୍କ ପକ୍ଷରୁ ସୁନାଗହଣା ଏବଂ ହୀରା ଗହଣାର ଗଢ଼ା ମଜୁରି ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହି ବାର୍ଷିକ ଉତ୍ସବର ସୁନା ଗହଣା କ୍ରୟ ଉପରେ ଗ୍ରାମ୍ ପିଛା ୧୦୧ ଟଙ୍କା ରିହାତି ଉପଲବ୍ଧ ରହିଛି। ଏହା ସହ ତନିସ୍କ ସୁନା ଏକ୍ସଚେଞ୍ଜ ପ୍ରୋଗ୍ରାମର ଅଂଶବିଶେଷ ବ୍ରାଣ୍ଡ୍ ପକ୍ଷରୁ ଦେଶର ଯେକୌଣସି ଗହଣା ଷ୍ଟୋରରୁ କିଣାଯାଇଥିବା ପୁରୁଣା ସୁନା ବଦଳ ଉପରେ ଗ୍ରାହକ ୧୦୦% ବଦଳ ମୂଲ୍ୟ ପାଇବେ। ଏ ସମ୍ପର୍କରେ ତନିସ୍କର ସର୍କଲ ବିଜିନେସ୍ ମ୍ୟାନେଜର ଅରିନ୍ଦମ ପ୍ରାମାଣିକ କହିଛନ୍ତି, ମଙ୍ଗଳବାର ଆମେ ତନିସ୍କ ଚନ୍ଦ୍ରଶେଖରପୁର ଷ୍ଟୋର ୧୫ତମ ପୂର୍ତ୍ତି ଉତ୍ସବ ପାଳନ କରିଛୁ। ଏହା କେବଳ ଏକ ଷ୍ଟୋର ନୁହେଁ, ଏହା ଓଡ଼ିଶାର ଆମ୍ଭର ସେଲିବ୍ରେଶନ୍ ହୋଇଥିଲାବେଳେ ଦୀର୍ଘ ୧୫ ବର୍ଷର




ପୂର୍ତ୍ତି ଉତ୍ସବରେ ତନିସ୍କର ଅନନ୍ୟ ଅଳଙ୍କାର ସମ୍ଭାରକୁ କମ୍ପାନୀର ବରିଷ୍ଠ ଅଧିକାରୀ ଅରିନ୍ଦମ ପ୍ରାମାଣିକ ଏବଂ କୌଶିକ ବାନାର୍ଜୀଙ୍କ ସମେତ ଷ୍ଟୋର ସ୍ୱତ୍ୱାଧିକାରୀ ପପୁ ହଂସ, ମାଣିକ ହଂସ ଓ ବିବେକ ହଂସ ପ୍ରମୁଖ ଉନ୍ମୋଚନ କରୁଛନ୍ତି।

ସଫଳତା କାହାଣୀକୁ ଗ୍ରାହକଙ୍କ ସହ ବାଣ୍ଟିବାକୁ ପ୍ରୟାସ କରାଯାଇଛି। ସେହିଭଳି ତନିସ୍କ ଚନ୍ଦ୍ରଶେଖରପୁର ଷ୍ଟୋରର ସଫଳ ଯାତ୍ରା ବ୍ରାଣ୍ଡ୍ ପ୍ରଦାନ କରୁଥିବା ଭରସା, କାରିଗରି ଏବଂ କାଳଜୟୀ ସୁନ୍ଦରତାର ପ୍ରକୃତ ପ୍ରତିଫଳନ ହୋଇଥିଲାବେଳେ ବହୁ ମୂଲ୍ୟବାନ ଗ୍ରାହକଙ୍କ ନିରନ୍ତର ସହଯୋଗ ଏବଂ ଆସ୍ଥା ଯୋଗୁ ଏହା ସମ୍ଭବ ହୋଇଛି ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ସେହିପରି ଷ୍ଟୋରର ୧୫ତମ ପୂର୍ତ୍ତି ଉତ୍ସବ ଅବସରରେ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଭୂତି ପ୍ରଦାନ କରାଯାଉଛି। ୧୦,୦୦୦ ବର୍ଗଫୁଟ ସ୍ଥାନରେ ନିର୍ମିତ ଏହି ଏକ୍ସକ୍ଲୁସିଭ ଷ୍ଟୋରରେ ଚମକଦାର ସୁନା, ଉଜ୍ଜ୍ୱଳ ହୀରା ଏବଂ କୁନ୍ଦନ ଓ ପୋଲ୍ କି ଡିଜାଇନର ବିସ୍ତୃତ ବର୍ଗର ଆଇକନିକ୍ ତନିସ୍କ କାରିଗରୀକୁ ପ୍ରଦର୍ଶିତ କରାଯାଇଛି। ଏହି ଉତ୍ସବର ଅଂଶବିଶେଷ ସହ ଷ୍ଟୋର୍ ପକ୍ଷରୁ ବ୍ରାଣ୍ଡର ନୂତନ କଲେକ୍ସନ 'ରେଡିଆନ୍ସ ଇନ୍ ରିଦିମ୍' ସହ ଏମରାଲଡ୍, ସିଟ୍ରିନ୍, ଆକ୍ୱାମାରାଇନ୍, ସାଭୋରାଇଟ୍, ମାଲାଚିଟେ, ତାଞ୍ଜାନାଇଟ୍ ଏବଂ ଆମେଥିଷ୍ଟ ଭଳି ଅନ୍ୟାନ୍ୟ ଦାମୀ ଏବଂ ରତ୍ନପଥରରେ ପ୍ରସ୍ତୁତ ବ୍ୟାପକ ସମ୍ଭାରକୁ ପ୍ରଦର୍ଶନ କରାଯାଇଛି।

## ବଜାରରେ ଏଲ୍‌ଜିର ନୂତନ ଟିଭି ରେଞ୍ଜ

ଭୁବନେଶ୍ୱର,୧୫।୭

ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆ ଲିମିଟେଡ୍‌ର ନୂତନ ଉତ୍ପାଦ ତଥା ଭାରତୀୟ ବଜାରରେ ଏହାର ଟିଭି ରେଞ୍ଜ '୨୦୨୫ ଓ ଏଲ୍‌ଇଡି ଇଭୋ ଓ କ୍ୟୁ ଏନ୍‌ଇଡି ଇଭୋ'ର ଶୁଭାରମ୍ଭ କରାଯାଇଛି। ଏହି ନୂତନ ଟେଲିଭିଜନଗୁଡିକ ଏଲ୍‌ଜିର ନୂଆ ଆଲ୍‌ଫା ଏଆଇ ପ୍ରୋସେସର ଜେନ୍୨ ଦ୍ୱାରା ପରିଚାଳିତ ହେଉଥିଲାବେଳେ ଏହା ବ୍ୟକ୍ତିଗତ ଅନୁଭୂତି, ଉନ୍ନତ ପିକ୍‌ଚର, ସାଉଣ୍ଡ ଓ ସଂଯୋଗ ପ୍ରଦାନ କରୁଛି। ସେହିଭଳି ପରବର୍ତ୍ତୀ ସ୍ତରର ଏଆଇ କ୍ଷମତା ଓ ପୁରସ୍କାରପ୍ରାପ୍ତ ପିକ୍‌ଚର ଟେକ୍ନୋଲୋଜିର ଶୁଭାରମ୍ଭ ସହ ୨୦୨୫ ମଡେଲ ଏଲ୍‌ଜିର ଉଦ୍ଭାବନ ବିରାସତ ଉପରେ ନିର୍ମାଣ ହୋଇଛି। ୨୦୨୫ ଏଲ୍‌ଜି ଟିଭି ଶୃଙ୍ଖଳା ଏକ ବିସ୍ତୃତ ରେଞ୍ଜର ସ୍କ୍ରିନ୍ ସାଇଜ ସମେତ ଅଲ୍‌ଟ୍ରା-ଲାର୍ଜ ମଡେଲରେ ଉପଲବ୍ଧ ହେବା ସହିତ ଏହି ଶୃଙ୍ଖଳାର ପ୍ରାରମ୍ଭିକ ମୂଲ୍ୟ ୭୪,୯୯୦ ଟଙ୍କା ଓ ସର୍ବାଧିକ ମୂଲ୍ୟ ୨୪,୯୯,୯୯୦ ଟଙ୍କା ରହିଛି। ଏ ସମ୍ପର୍କରେ ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆର ମିଡିଆ ଏଣ୍ଟରଟେନମେଣ୍ଟ ସଲ୍ୟୁଶନର ନିର୍ଦ୍ଦେଶକ ବ୍ରିଆନ ଜୁଙ୍ଗ୍ କହିଛନ୍ତି, ଏଲ୍‌ଜିରେ ଆମେ ଟେଲିଭିଜନର ଭବିଷ୍ୟତ ବୁଦ୍ଧିମତ୍ତା ଦ୍ୱାରା ପରିଚାଳିତ ବ୍ୟକ୍ତିଗତକରଣରେ ଅନ୍ତର୍ନିହିତ ରହିଛି ବୋଲି ବିଶ୍ୱାସ କରିଥାଉ। ଆମର ୨୦୨୫ ଓଏଲ୍‌ଇଡିଇଭୋ ଓ କ୍ୟୁଏନ୍‌ଇଡିଇଭୋ ଶୃଙ୍ଖଳା ସହ ଆମେ କେବଳ ନୂଆ ଟିଭିଗୁଡିକର ଶୁଭାରମ୍ଭକରି ନାହୁଁ ବରଂ ଆମ ଉପଭୋକ୍ତାଙ୍କୁ ବୁଝିପାରୁଥିବା, ସେମାନଙ୍କର ପସନ୍ଦ ସହ ଖାପ ଖୁଆଉଥିବା ଓ ସେମାନଙ୍କର ପ୍ରତିଦିନର ଅନୁଭୂତିକୁ ଉନ୍ନତ କରୁଥିବା ସ୍ମାର୍ଟ ସାଥୀର ଆରମ୍ଭ କରିଛୁ।

# ୫ ବର୍ଷରେ ୬୫ ଥର ବନ୍ଦ ହୋଇଛି ବିମାନ ଇଞ୍ଜିନ

## ୧୭ ମାସରେ ୧୧ ଥର ମେ'ଡେ କଲ୍



ନୂଆଦିଲ୍ଲୀ,୧୫।୭

ଭାରତରେ ୨୦୨୦ରୁ ୨୦୨୫ ବର୍ତ୍ତମାନ ସୁଦ୍ଧା ଅର୍ଥାତ୍ ୫ ବର୍ଷ ମଧ୍ୟରେ ଉଡୁଥିବା ଅବସ୍ଥାରେ ୬୫ ଥର ବିମାନ ଇଞ୍ଜିନ୍ ଶଟ୍‌ଡାଉନ୍ ହୋଇଛି। ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ଆବେଦନ ବଳରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏକ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି। ଅର୍ଥାତ୍ ପ୍ରତି ମାସରେ ପାଖାପାଖି ଗୋଟିଏ ଇଞ୍ଜିନ୍ ଅଚଳ ଘଟଣା ଘଟୁଛି। ତେବେ ଉକ୍ତ ସମସ୍ତ ଘଟଣାରେ ପାଇଲଟ୍ ନିରାପଦର ସହ ଗୋଟିଏ ଇଞ୍ଜିନରେ ବିମାନକୁ ସୁରକ୍ଷିତ ଅବତରଣ କରାଇପାରିଛନ୍ତି। ଏଥିସହିତ ଗତ ୧୭ ମାସ ମଧ୍ୟରେ ବିଭିନ୍ନ ବିମାନର କକ୍‌ପିଟ୍‌ରୁ ୧୧ ଥର 'ମେଡେ' ସଙ୍କଟକାଳୀନ କଲ୍ କରାଯାଇଛି। ଉପରୋକ୍ତ ତଥ୍ୟରୁ ଭାରତରେ ବିମାନ ସେବା ଯୋଗାଉଥିବା ଏୟାରଲାଇନ୍ସଗୁଡ଼ିକ ଯାତ୍ରୀଙ୍କ ସୁରକ୍ଷା ପ୍ରତି କେତେ ସଚେତନ ତାହା ପରିଲକ୍ଷିତ ହେଉଛି।

ଡିଜିସିଏ ତଥ୍ୟ ଅନୁଯାୟୀ, ୨୦୨୪ ଜାନୁଆରୀ ୧ରୁ ୨୦୨୫ ମେ' ୩୧ ମଧ୍ୟରେ ୧୧ଟି ବିମାନରୁ ସଙ୍କଟକାଳୀନ କଲ୍ ହୋଇଛି। ପାଇଲଟ୍‌ମାନେ ବିଭିନ୍ନ ପ୍ରଯୁକ୍ତିଗତ ତ୍ରୁଟି ଦର୍ଶାଇ ଜରୁରୀ ଅବତରଣ ଚାହିଁଛନ୍ତି। ତେବେ ଉକ୍ତ ତଥ୍ୟରେ ଜୁନ୍ ୧୨ ଅହମଦାବାଦ ବିମାନ ଦୁର୍ଘଟଣା ଏବଂ ଜୁନ୍ ୧୯ରେ ଇଣ୍ଡିଗୋ ବିମାନର ରୁଟ୍ ପରିବର୍ତ୍ତନ ବିଷୟ ଉଲ୍ଲେଖ ନାହିଁ। ସୂଚନା ଅନୁଯାୟୀ, ୧୧ଟି ବିମାନ ମଧ୍ୟରୁ ୪ଟି ବୈଷୟିକ ତ୍ରୁଟି ଦର୍ଶାଇ ମେଡେ କଲ୍ କରିଥିଲେ ଏବଂ ହାଇଦ୍ରାବାଦରେ ଜରୁରୀ ଅବତରଣ କରିଥିଲେ। ବିମାନରେ ନିଆଁ ଲାଗିବା, ଇଞ୍ଜିନ ଅଚଳ ହେବା କିମ୍ବା ବିପଦ ନିଶ୍ଚିତ ଭଳି ପରିସ୍ଥିତି ଉପୁଜିଲେ ଉଡ଼ାଣ ଜାରି ରଖିବା ସୁରକ୍ଷିତ ନୁହେଁ ଦର୍ଶାଇ ତୁରନ୍ତ ଅବତରଣ ପାଇଁ କ୍ରିଉ ସଦସ୍ୟ ମେଡେ କଲ୍ କରିଥାନ୍ତି ବୋଲି ଏୟାରଲାଇନ୍ସ ପାଇଲଟ୍ସ ଆସୋସିଏଶନ ଅଫ୍ ଇଣ୍ଡିଆର ସମ୍ପାଦକ ଅନିଲ ରାଓ କହିଛନ୍ତି।

ଜୁନ୍ ୧୨ରେ ଏୟାର ଇଣ୍ଡିଆର ଏଆଇ ୭୮୭-୮ ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ନିକଟରେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ପ୍ରକାଶ କରିଥିବା ପ୍ରାରମ୍ଭିକ ରିପୋର୍ଟରେ କହିଛି, ଇଞ୍ଜିନକୁ ଇନ୍ଧନ ବନ୍ଦ ହୋଇଯିବାରୁ ୨ଟି ଯାକ ଇଞ୍ଜିନ୍ ଅଚଳ ହୋଇ ଦୁର୍ଘଟଣା ଘଟିଥିଲା। ଏହି ରିପୋର୍ଟ ଆସିବାର ୨ ଦିନ ପରେ ଡିଜିସିଏ ସମସ୍ତ ବୋଇଂ ୭୮୭ ଏବଂ ୭୩୭ ବିମାନର ଫୁଏଲ୍ ସୁଇଚ୍ ଲକିଂ ସିଷ୍ଟମ୍‌ର ଯାଞ୍ଚ କରାଇବାକୁ ସୋମବାର ଏୟାରଲାଇନ୍ସଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଭାରତୀୟ ଏୟାରଲାଇନ୍ସ ୧୫୦ରୁ ଊର୍ଦ୍ଧ୍ୱ ବୋଇଂ ୭୩୭ ଏବଂ ୭୮୭ ବିମାନ ଚଳାଉଛନ୍ତି। ଏୟାର ଇଣ୍ଡିଆ, ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ଆକାଶ ଏୟାର, ସ୍ପାଇସ୍‌ଜେଟ୍ ଏବଂ ଇଣ୍ଡିଗୋ ପାଖରେ ଏହି ବିମାନ ରହିଛି। ଇଣ୍ଡିଗୋ ପାଖରେ ୭ଟି ବି୭୩୭ ଏବଂ ଗୋଟିଏ ବି୭୮୭-୯ ବିମାନ ରହିଛି। ଏଗୁଡ଼ିକୁ ଉକ୍ତ ଏୟାରଲାଇନ୍ସ ଲିଜ୍‌ରେ ଆଣି ଚଳାଉଥିବାରୁ ଭାରତରେ ପଞ୍ଜୀକୃତ ହୋଇନାହିଁ।

# କଲେଜ ଛାତ୍ରୀଙ୍କୁ ବଳାତ୍କାର

## ୨ ଅଧ୍ୟାପକଙ୍କ ସମେତ ୩ ଗିରଫ

ବେଙ୍ଗାଲୁରୁ,୧୫।୭

ବେଙ୍ଗାଲୁରୁର ଜଣେ ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ କଲେଜର ୨ ଅଧ୍ୟାପକ ଓ ସେମାନଙ୍କ ବନ୍ଧୁ ଗିରଫ ହୋଇଛନ୍ତି। ସେମାନେ ଛାତ୍ରୀଙ୍କୁ ଅନେକ ଥର ବଳାତ୍କାର କରିବା ସହ ବ୍ଲାକ୍‌ମେଲ୍ କରୁଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ନରେନ୍ଦ୍ର, ଜୀବବିଜ୍ଞାନ ଅଧ୍ୟାପକ ସନ୍ଦୀପ୍ ଓ ସେମାନଙ୍କ ବନ୍ଧୁ ଅନୁପ ବେଙ୍ଗାଲୁରୁର ଏକ ଘରୋଇ କଲେଜରେ କାର୍ଯ୍ୟ କରୁଥିବାବେଳେ ପୀଡ଼ିତା ଉକ୍ତ କଲେଜର ଛାତ୍ରୀ।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ନରେନ୍ଦ୍ର ଛାତ୍ରୀ ଜଣକୁ ନୋଟ୍ ଦେବା ବାହାନାରେ ତାଙ୍କ ସହ ବନ୍ଧୁତା କରିଥିଲେ ଓ ପରସ୍ପର ମଧ୍ୟରେ ବାର୍ତ୍ତା ବିନିମୟ ହେଉଥିଲା। ସେ ଛାତ୍ରୀଙ୍କୁ ଅନୁପଙ୍କ ଘରକୁ ଡାକି ସେଠାରେ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାକୁ କହିଲେ ପରିଣାମ ଭୟାବହ ହେବ ବୋଲି ନରେନ୍ଦ୍ର ଧମକ ଦେଇଥିଲେ। କିଛିଦିନ ପରେ ସନ୍ଦୀପ୍ ଛାତ୍ରୀଙ୍କ ନିକଟତର ହେବାକୁ ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ବିରୋଧ କରିବାରୁ ସନ୍ଦୀପ୍ ତାଙ୍କୁ ବ୍ଲାକ୍‌ମେଲ୍ କରିଥିଲେ। ନରେନ୍ଦ୍ରଙ୍କ ସହ ଛାତ୍ରୀଙ୍କ ଫଟୋ ଓ ଭିଡିଓଗୁଡ଼ିକ ତାଙ୍କ ପାଖରେ ଥିବା ସନ୍ଦୀପ କହିଥିଲେ। ପରେ ସେ ଛାତ୍ରୀଙ୍କୁ ଅନୁପଙ୍କୁ ଘରକୁ ନେଇ ବଳାତ୍କାର କରିଥିଲେ। ଅନୁପ ମଧ୍ୟ ସିସିଟିଭି ଫୁଟେଜ୍‌ର ଭୟ ଦେଖାଇ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଆଘାତପ୍ରାପ୍ତ ଛାତ୍ରୀଙ୍କୁ ଭେଟିବା ପାଇଁ ତାଙ୍କ ମା'ବାପା ବେଙ୍ଗାଲୁରୁ ଆସିଥିବାବେଳେ ସେ ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ପକ୍ଷରୁ କର୍ଣ୍ଣାଟକ ରାଜ୍ୟ ମହିଳା କମିଶନଙ୍କୁ ଅବଗତ କରାଯିବା ପରେ ଘଟଣା ପଦାକୁ ଆସିଥିଲା। ମହିଳା କମିଶନଙ୍କ ନିର୍ଦ୍ଦେଶ କ୍ରମେ ମରାଠାହଲ୍ଳି ଥାନା ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ସହ ୨ ଅଧ୍ୟାପକ ଓ ଅନୁପଙ୍କୁ ଗିରଫକରି କୋର୍ଟରେ ହାଜର କରାଇଛି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଜୁଲାଇ ୫ରେ ମାମଲା ରୁଜୁହେବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଙ୍ଗାଲୁରୁ ଇଷ୍ଟ ଡିଭିଜନ ଯୁଗ୍ମ ପୋଲିସ କମିଶନର ରମେଶ ବନୋଥ କହିଛନ୍ତି।

# ୭ ବର୍ଷ ବୟସ ପରେ ପିଲାଙ୍କ ଆଧାର ବାୟୋମେଟ୍ରିକ୍ ସଂଶୋଧନ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୧୫।୭

ବର୍ତ୍ତମାନର ନିୟମାବଳୀ ଅନୁଯାୟୀ ପିଲାଙ୍କୁ ୭ ବର୍ଷ ହେଲେ ମା'ବାପା ସେମାନଙ୍କ ଆଧାର ବାୟୋମେଟ୍ରିକ୍‌କୁ ସଂଶୋଧନ କରାଇବା ବାଧ୍ୟତାମୂଳକ ବୋଲି ଭାରତର ଏକକ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ମନେପକାଇ ଦେଇଛନ୍ତି। ଯେକୌଣସି ଆଧାର ସେବା କେନ୍ଦ୍ର କିମ୍ବା ନିର୍ଦ୍ଦିଷ୍ଟ କେନ୍ଦ୍ରରେ ବାଧ୍ୟତାମୂଳକ ବାୟୋମେଟ୍ରିକ୍ ଅପଡେଟ୍ (ଏମ୍‌ବିୟୁ) କରାଯାଇପାରିବ। ଆଧାର କାର୍ଡ ଭାରତ ସରକାରଙ୍କ ଦ୍ୱାରା ନାଗରିକମାନଙ୍କୁ ଦିଆଯାଉଥିବା ୧୨ ଅଙ୍କ ବିଶିଷ୍ଟ ଅନନ୍ୟ ପରିଚୟ ନମ୍ବର। ଏହା ନାଗରିକଙ୍କ ପରିଚୟ ସମେତ ବିଭିନ୍ନ ଉଦ୍ଦେଶ୍ୟ ଯଥା ସରକାରୀ ଯୋଜନା ଓ ସବ୍‌ସିଡିର ସୁଫଳ ପାଇବା, ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଓ ପାସ୍‌ପୋର୍ଟ ପାଇବା ପାଇଁ ବ୍ୟବହାର କରାଯାଇଥାଏ। ଛୋଟ ପିଲାଙ୍କ ଆଧାର କାର୍ଡ ପାଇଁ ସେମାନଙ୍କ ଜନ୍ମ ପ୍ରମାଣପତ୍ର କିମ୍ବା ସ୍କୁଲ୍ ପ୍ରମାଣପତ୍ର, ମା'ବାପାଙ୍କ ଆଧାର କିମ୍ବା ଅନ୍ୟ ବୈଧ ସରକାରୀ ପରିଚୟ ପ୍ରମାଣ, ପିଲାର ପାସ୍‌ପୋର୍ଟ ସାଇଜ୍ ଫଟୋ ଆବଶ୍ୟକ ହୋଇଥାଏ। ପିଲାକୁ ୫ ବର୍ଷରୁ କମ୍ ହୋଇଥିଲେ ଆଖି ସ୍କାନ୍ କିମ୍ବା ଫିଙ୍ଗରପ୍ରିଣ୍ଟ ଆବଶ୍ୟକ ହୋଇ ନ ଥାଏ। ୫ ବର୍ଷ ହେବା ପରେ ବାୟୋମେଟ୍ରିକ୍ ଅପଡେଟ୍ ଆବଶ୍ୟକ ପଡ଼େ।



ଜମ୍ମୁ-କଶ୍ମୀରର ଡୋଡା ଜିଲାରେ ମଙ୍ଗଳବାର ଏକ ଟେମ୍ପୋ ଟ୍ରାଭେଲର ଗଭୀର ଖାଦରେ ଖସି ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୧୭ ଜଣ ଆହତ ହୋଇଛନ୍ତି।

# ମାନହାନି ମାମଲାରେ ରାହୁଲଙ୍କୁ ଜାମିନ

ଲକ୍ଷ୍ନୌ,୧୫।୭(ପି.ଟି.)

ଏକ ମାନହାନି ମାମଲାରେ ଲକ୍ଷ୍ନୌ କୋର୍ଟ ମଙ୍ଗଳବାର କଂଗ୍ରେସ ଏମ୍‌ପି ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ୨୦୨୨ରେ ଭାରତ ଯୋଡ଼ୋ ଯାତ୍ରା ବେଳେ ସେନା ଯବାନଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ ରାହୁଲଙ୍କ ବିରୋଧରେ ମାନହାନି ମାମଲା ରୁଜୁ ହୋଇଥିଲା। ମଙ୍ଗଳବାର ରାହୁଲ କୋର୍ଟରେ ହାଜର ହେବା ପରେ ଜାମିନ ମଞ୍ଜୁର କରାଯାଇଥିବା ତାଙ୍କ ଓକିଲ ପ୍ରାନ୍ସୁ ଅଗ୍ରୱାଲ କହିଛନ୍ତି।

# କାର୍ଟୁନିଷ୍ଟଙ୍କୁ ସୁରକ୍ଷା ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୭(ପି.ଟି.)

## ପ୍ରଧାନମନ୍ତ୍ରୀ, ଆର୍‌ଏସ୍‌ଏସ୍ ଉପରେ ଆପତ୍ତିଜନକ ବ୍ୟଙ୍ଗଚିତ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) କର୍ମୀଙ୍କ ଉପରେ ଅନ୍‌ଲାଇନରେ ଆପତ୍ତିଜନକ ବ୍ୟଙ୍ଗଚିତ୍ର ଶେୟାର କରିଥିବା କାର୍ଟୁନିଷ୍ଟ ହେମନ୍ତ ମାଲବ୍ୟଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ବଳପୂର୍ବକ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ଦେଇଛନ୍ତି। ତେବେ ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟ ବଢ଼ୁଥିବାରୁ ସର୍ବୋଚ୍ଚ ଅଦାଲତ କ୍ଷୋଭ ପ୍ରକାଶ କରିଛନ୍ତି। ଏଗୁଡ଼ିକର ନିୟନ୍ତ୍ରଣ ପାଇଁ ନ୍ୟାୟିକ ନିର୍ଦ୍ଦେଶନାମାର ଆବଶ୍ୟକତା ଉପରେ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି। ଲୋକେ ଯେକୌଣସି ବ୍ୟକ୍ତିଙ୍କୁ ଯାହା କିଛି କହିଦେଉଛନ୍ତି ବୋଲି ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଏବଂ ଅରବିନ୍ଦ କୁମାରଙ୍କ ଖଣ୍ଡପୀଠ କହିଛନ୍ତି। ବ୍ୟଙ୍ଗ ଚିତ୍ରକର ମାଲବ୍ୟଙ୍କ ବିରୋଧରେ ମଧ୍ୟପ୍ରଦେଶରେ ଏତଲା ଦାଏର ହୋଇଥିବାରୁ କୌଣସି ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନରୁ ଖଣ୍ଡପୀଠ ତାଙ୍କୁ ସୁରକ୍ଷା ଦେଇଛନ୍ତି। ଯଦି କାର୍ଟୁନିଷ୍ଟ ଏହିଭଳି ଆପତ୍ତିଜନକ ବ୍ୟଙ୍ଗଚିତ୍ର ପୋଷ୍ଟ ବା ଶେୟାର ଜାରି ରଖନ୍ତି, ତେବେ ରାଜ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି।

# ନର୍ସ ନିମିଶାଙ୍କ ଫାଶୀ ସ୍ଥଗିତ

ନୂଆଦିଲ୍ଲୀ/ଥିରୁଭାନନ୍ତପୁରମ୍,୧୫।୭



କେରଳ ନର୍ସ ନିମିଶା ପ୍ରିୟାଙ୍କୁ ଦିନକ ପରେ ଫାଶୀ ଦିଆଯିବାକୁ ଥିବାବେଳେ ୟେମେନ୍ କର୍ତ୍ତୃପକ୍ଷ ଏହାକୁ ସ୍ଥଗିତ ରଖିଛନ୍ତି। ଫଳରେ ମୃତ୍ୟୁଦଣ୍ଡ ବିବାଦ ମଧ୍ୟରେ ଥିବା ନିମିଶାଙ୍କ ପରିବାର ଆଶ୍ୱସ୍ତ ହୋଇଛନ୍ତି। ସରକାର ଓ ଅନ୍ୟ ସଂଗଠନଗୁଡ଼ିକର ମିଳିତ ଉଦ୍ୟମ ପାଇଁ ନିମିଶାଙ୍କ ସ୍ୱାମୀ ସନ୍ତୋଷ ବ୍ୟକ୍ତ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଖବର ଶୁଣି ଆମେ ବହୁତ ଖୁସି ଓ ଆଶ୍ୱସ୍ତ। ନିମିଶାଙ୍କୁ ମୃତ୍ୟୁଦଣ୍ଡରୁ ମୁକୁଳାଇ ସୁରକ୍ଷିତ ଫେରାଇଆଣିବା ଦିଗରେ ଏଭଳି ଉଦ୍ୟମ ଜାରି ରହିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ବିଭିନ୍ନ ମହଲରୁ ଦୀର୍ଘଦିନର କୂଟନୈତିକ ଉଦ୍ୟମ ପରେ ମୃତ୍ୟୁଦଣ୍ଡ କାର୍ଯ୍ୟକାରିତାକୁ ସ୍ଥଗିତ ରଖିବା ପାଇଁ ୟେମେନ୍ କର୍ତ୍ତୃପକ୍ଷ ରାଜି ହୋଇଥିବା ଜଣେ ଅଧିକାରୀ କହିଛନ୍ତି। ଶେଷ ଉଦ୍ୟମ ସ୍ୱରୂପ ସୁନ୍ନୀ ମୁସଲମାନ୍ ଧର୍ମଗୁରୁ କନ୍ତପୁରମ୍ ଏ.ପି. ଅବୁବକର ମୁସ୍‌ଲିୟାର ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିଥିଲେ। ସେ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କ ନିକଟରେ ପହଞ୍ଚିବା ସହ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଧର୍ମୀୟ ନେତାମାନଙ୍କୁ ସହାୟତା ପାଇଁ ନିବେଦନ କରିଥିଲେ।

ସୂଚନାଯୋଗ୍ୟ, ୨୦୧୭ରେ ୟେମେନ୍‌ରେ ନିଜ ବ୍ୟବସାୟିକ ସହଯୋଗୀ ତଲାଲ ଅବଡୋ ମେହଦିଙ୍କୁ ହତ୍ୟା ଅଭିଯୋଗରେ ନିମିଶାଙ୍କୁ ୨୦୨୦ରେ ସ୍ଥାନୀୟ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ।

# 'ଗଗନୟାନ' ପାଇଁ ଗୁରୁତ୍ୱପୂର୍ଣ୍ଣ ଶୁଭାଂଶୁଙ୍କ ମହାକାଶ ଅଭିଜ୍ଞତା

ନୂଆଦିଲ୍ଲୀ/ୱାଶିଂଟନ୍, ୧୫।୭

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା ହାସଲ କରିଥିବା ଅଭିଜ୍ଞତା ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ମିଶନ ଗଗନୟାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମଙ୍ଗଳବାର ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) କହିଛି। ଅହମଦାବାଦସ୍ଥିତ ଇସ୍ରୋର ସ୍ପେସ୍ ଆପ୍ଲିକେଶନ ସେଣ୍ଟରର ଡାଇରେକ୍ଟର ନିଲେଶ ଏମ୍ ଦେଶାଇ କହିଛନ୍ତି, ଆକ୍ସିଓମ୍-୪ ମିଶନ ନିଶ୍ଚିତ ଭାବେ ଶୁଭାଂଶୁଙ୍କ ପାଇଁ ଏକ ଅବିସ୍ମରଣୀୟ ଅଭିଜ୍ଞତା ହୋଇ ରହିବ। ଭାରତର ବହୁ ପ୍ରତୀକ୍ଷିତ ଗଗନୟାନ କାର୍ଯ୍ୟକ୍ରମ ପାଇଁ ତାଙ୍କର ଏହି ଅଭିଜ୍ଞତା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଶୁଭାଂଶୁ ମହାକାଶରେ ବିଭିନ୍ନ ସୁରକ୍ଷା ନିୟମକୁ ଅନୁପାଳନ କରିବା ସହ ସେଠାରେ ସେ ସୂକ୍ଷ୍ମ ଗୁରୁତ୍ୱାକର୍ଷଣର ପ୍ରଭାବ ସହ ଏକାଧିକ ବୈଜ୍ଞାନିକ ପରୀକ୍ଷଣ କରିଛନ୍ତି। ଆଇଏସ୍‌ଏସ୍‌ରେ ଶୁଭାଂଶୁଙ୍କ ଅଭିଜ୍ଞତାକୁ ଇସ୍ରୋ ନିଜର ଗଗନୟାନ କାର୍ଯ୍ୟକ୍ରମରେ ବିନିଯୋଗ କରିବ। ଆକ୍ସିଓମ୍-୪ ମିଶନ ଇସ୍ରୋ ପାଇଁ ଏକ ପ୍ରମୁଖ ଶିକ୍ଷଣୀୟ ସୁଯୋଗ ବୋଲି ସେ କହିଛନ୍ତି। ୨୦୨୭ରେ ଲକ୍ଷ୍ୟ ରଖାଯାଇଥିବା ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ମିଶନ ଗଗନୟାନ ପାଇଁ ପ୍ରସ୍ତୁତ ହେବାକୁ ଏହି ମିଶନ ଇସ୍ରୋକୁ ସାହାଯ୍ୟ କରିବ। ଗଗନୟାନ ମିଶନରେ ମହାକାଶ ଯିବାକୁ ଥିବା ୪ ଭାରତୀୟ ମହାକାଶଚାରୀଙ୍କ ମଧ୍ୟରେ ଶୁଭାଂଶୁ ରହିଛନ୍ତି। ତେଣୁ ମହାକାଶରେ ବିଭିନ୍ନ ଜରୁରିକାଳୀନ ପରିସ୍ଥିତିର କିପରି ମୁକାବିଲା କରାଯିବ, ଆଇଏସ୍‌ଏସ୍‌ରେ ବିଭିନ୍ନ ଉପକରଣଗୁଡ଼ିକୁ କିପରି ବ୍ୟବହାର କରାଯିବ ଆଦି ନେଇ ଶୁଭାଂଶୁଙ୍କ ବିଭିନ୍ନ ଅନୁଭବ ଆଗାମୀ ଗଗନୟାନ ମିଶନରେ ଭାରତକୁ ଲାଭଦାୟକ ହେବ। ଚଳିତବର୍ଷର ଶେଷ ଭାଗରେ ଏକ ମାନବବିହୀନ ଉଡ଼ାଣ ସହ ଇସ୍ରୋର ଗଗନୟାନ ମିଶନର ଶୁଭାରମ୍ଭ ହେବ ବୋଲି ସେ କହିଛନ୍ତି।



ଡ୍ରାଗନ୍ ସ୍ପେସକ୍ରାଫ୍ଟରୁ ଶୁଭାଂଶୁ ବାହାରୁଛନ୍ତି।



ଜଳାବତରଣର ଠିକ୍ ପୂର୍ବରୁ ଡ୍ରାଗନ୍ ସ୍ପେସକ୍ରାଫ୍ଟ ୪ ପାରାଚ୍ୟୁଟ୍ ନିୟୋଜିତ କରିଛି।



ଜଳାବତରଣ ପରେ ସାନୋନ୍ ରିକୋଭରି ଜାହାଜରେ ଡ୍ରାଗନ୍ ସ୍ପେସକ୍ରାଫ୍ଟକୁ ରଖାଯାଇଛି।

# ୭ ଦିନ ରିହାବିଲିଟେଶନରେ ରହିବେ

ମହାକାଶରେ ପ୍ରାୟ ୩ ସପ୍ତାହ ରହିବା ପରେ ଶୁଭାଂଶୁଙ୍କୁ ମିଶାଇ ଆକ୍ସିଓମ୍-୪ ମିଶନର ୪ ମହାକାଶଚାରୀ ମଙ୍ଗଳବାର ପୃଥିବୀରେ ଅବତରଣ କରିଛନ୍ତି। ଅବତରଣ ପରେ ସେମାନଙ୍କର ମେଡିକାଲ ଚେକ୍‌ଅପ୍ କରାଯାଇଛି। ଦୀର୍ଘ ୩ ସପ୍ତାହ ପରେ ଫେରିଥିବାରୁ ପୃଥିବୀର ଗୁରୁତ୍ୱାକର୍ଷଣ ସହ ଖାପ ଖୁଆଇବା ପାଇଁ ଶୁଭାଂଶୁଙ୍କୁ କିଛିଦିନ ସମୟ ଲାଗିବ। ତେଣୁ ଶୁଭାଂଶୁ ଏବଂ ମିଶନର ୩ ଅନ୍ୟ ମହାକାଶଚାରୀ ଏକ ୭ ଦିନିଆ ରିହାବିଲିଟେଶନ୍ ପ୍ରୋଗ୍ରାମରେ ରହିବେ। ପୃଥିବୀର ଗୁରୁତ୍ୱାକର୍ଷଣ ସହ ଖାପ ଖୁଆଇବା ପାଇଁ ଏହି କାର୍ଯ୍ୟକ୍ରମରେ ଜଣେ ଫ୍ଲାଇଟ ସର୍ଜନଙ୍କ ତତ୍ତ୍ୱାବଧାନରେ ଶୁଭାଂଶୁ ଏବଂ ୩ ଅନ୍ୟ ମହାକାଶଚାରୀ ତାଲିମ ନେବେ।

"ସଫଳ ମହାକାଶ ଯାତ୍ରା ପାଇଁ ଶୁଭାଂଶୁଙ୍କୁ ଅଭିନନ୍ଦନ। ତାଙ୍କର ଏହି ଯାତ୍ରା ଦ୍ୱାରା ମହାକାଶ ଅନୁସନ୍ଧାନ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିଛି।
**- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ**

"ଶୁଭାଂଶୁଙ୍କୁ ପୃଥିବୀକୁ ସ୍ୱାଗତ। ଆକ୍ସିଓମ୍-୪ ମିଶନରେ ସେ ଇତିହାସ ରଚିବା ସହ ଭାରତକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ଏହି ଯାତ୍ରା ଅନେକଙ୍କୁ ପ୍ରେରଣା ଯୋଗାଇଛି।
**-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି**

"ଭାରତ ପାଇଁ ଗର୍ବର ମୁହୂର୍ତ୍ତ। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ନୂତନ ସୋପାନକୁ ଅତିକ୍ରମ କରିଛି।
**- କେନ୍ଦ୍ର ମହାକାଶ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂ**

"ଶୁଭାଂଶୁଙ୍କ ଏହି ସଫଳତା ଭାରତୀୟମାନଙ୍କ ଆକାଂକ୍ଷାକୁ ଏକ ନୂତନ ଉଚ୍ଚତାରେ ପହଞ୍ଚାଇଛି।
**- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ**

"ଭାରତର ଆଗାମୀ ମାନବ ମହାକାଶ ଉଡ଼ାଣ କାର୍ଯ୍ୟକ୍ରମ ଗଗନୟାନ ନିଜ ଟ୍ରାକ୍‌ରେ ରହିଛି। ଏହି ମିଶନ ପାଇଁ ଗଗନୟାତ୍ରୀଙ୍କୁ ତାଲିମ ଦିଗରେ ଇସ୍ରୋ କାର୍ଯ୍ୟ କରୁଛି।
**- ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ**

# ଆଇଏସ୍‌ଏସ୍‌ରେ ଶୁଭାଂଶୁ କ'ଣ କଲେ



ଆକ୍ସିଓମ୍-୪ ମିଶନ ଅଧୀନରେ ୪ କ୍ରିଉ ସଦସ୍ୟ ଆଇଏସ୍‌ଏସ୍‌ରେ ଔଷଧ, କୃଷି, ମହାକାଶ ଅନୁସନ୍ଧାନ ଆଦି ବିଭିନ୍ନ କ୍ଷେତ୍ରରେ ୬୦ରୁ ଅଧିକ ପରୀକ୍ଷଣ କରିଥିଲେ। ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ୭ଟି ପରୀକ୍ଷଣ କରିଥିବା ଇସ୍ରୋ ସୂଚନା ଦେଇଛି। ମହାକାଶରେ ରହିବା ଦ୍ୱାରା ମଣିଷଙ୍କଠାରେ ମାୟୋଜେନେସିସ୍ ନାମରେ ଜଣାଶୁଣା ମାଂସପେଶୀ ଟିସ୍ୟୁ ବିକାଶ କିପରି ପ୍ରଭାବିତ ହୋଇଥାଏ, ସେନେଇ ଶୁଭାଂଶୁ ପରୀକ୍ଷଣ କରିଥିଲେ। ମହାକାଶରେ ମାଂସପେଶୀ ହ୍ରାସକୁ ବୁଝିବା ପାଇଁ ସେ ଏହି ଗବେଷଣା କରିଥିଲେ। ସେହିପରି ଶୁଭାଂଶୁ ନିଜ ସହ ନେଇଯାଇଥିବା ମେଥି ଏବଂ ମୁଗ ବିହନକୁ ଏକ ପେଟ୍ରି ଡିସ୍‌ରେ ଅଙ୍କୁରିତ କରି ଏହାକୁ ଏକ ଷ୍ଟୋରେଜ ଫ୍ରିଜରରେ ଭର୍ତ୍ତି କରିଥିଲେ। ଏହି ଅବଧି ମଧ୍ୟରେ ସେ ସାଇନୋ ବ୍ୟାକ୍ଟେରିଆର ୨ଟି ପ୍ରଜାତି ଏବଂ ସୂକ୍ଷ୍ମ ଶୈବାଳ ଉପରେ ମଧ୍ୟ ପରୀକ୍ଷଣ କରିଥିଲେ। ଶୂନ୍ୟ ଗୁରୁତ୍ୱାକର୍ଷଣରେ କମ୍ପ୍ୟୁଟର ସ୍କ୍ରିନ୍ ବ୍ୟବହାରର ପ୍ରଭାବକୁ ବିଶ୍ଳେଷଣ କରିବା ପାଇଁ ଶୁଭାଂଶୁ ଭୋୟଜର ଡିସ୍‌ପ୍ଲେ ପରୀକ୍ଷଣ କରିଥିଲେ। ଏହି ପରୀକ୍ଷଣ ଇସ୍ରୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ସେ ଆଇଏସ୍‌ଏସ୍‌ରେ ଜଳ ସହ ଏକ ଶୂନ୍ୟ ଗୁରୁତ୍ୱାକର୍ଷଣ ପରୀକ୍ଷଣକୁ ମଧ୍ୟ ପ୍ରଦର୍ଶନ କରିଥିଲେ। ଜଳ ମାଧ୍ୟମରେ ସୂକ୍ଷ୍ମ ଗୁରୁତ୍ୱାକର୍ଷଣ କିପରି ଦୈନନ୍ଦିନ ପଦାର୍ଥ ବିଜ୍ଞାନକୁ ରୂପାନ୍ତରିତ କରୁଛି, ତାହା ଏହି ପରୀକ୍ଷଣ ମାଧ୍ୟମରେ ଶୁଭାଂଶୁ ଦର୍ଶାଇଥିଲେ।

## ଗୁଜରାଟରେ ବ୍ରିଜ୍ ଭୁଶୁଡ଼ି ନଦୀକୁ ୮ ଖସିପଡ଼ିଲେ

ଭଦୋଦରା ବ୍ରିଜ୍ ଭୁଶୁଡ଼ିବା ଘଟଣାର କିଛିଦିନ ପରେ ଗୁଜରାଟରେ ଆଉ ଏକ ବ୍ରିଜ୍ ଭୁଶୁଡ଼ିଛି। ଜୁନାଗଡ଼ ଜିଲ୍ଲାର ମାଙ୍ଗରୋଳସ୍ଥିତ ଅଜାକ ଗ୍ରାମରେ ମରାମତି ଚାଲିଥିବାବେଳେ ଏକ ବ୍ରିଜ୍‌ର ସ୍ଲାବ୍ ଭୁଶୁଡ଼ିପଡ଼ିବାରୁ ଏହା ଉପରେ ଥିବା ୮ ଜଣ ୧୫ ଫୁଟ ତଳେ ଥିବା ନଦୀ ମଧ୍ୟକୁ ଖସିପଡ଼ିଥିଲେ। ସୌଭାଗ୍ୟବଶତଃ କାହାରି ମୃତ୍ୟୁ ଘଟି ନ ଥିବା ବେଳେ ସମସ୍ତଙ୍କୁ ସାମାନ୍ୟ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଛି।

# ପହଲଗାମ୍ ଆକ୍ରମଣ ଘଟଣାରେ ପ୍ରଧାନମନ୍ତ୍ରୀଙ୍କୁ ଜବାବ ମାଗିବ କଂଗ୍ରେସ

**ମୌସୁମୀ ଅଧିବେଶନ**

ନୂଆଦିଲ୍ଲୀ,୧୫।୭(ପି.ଟି.)

ଆସନ୍ତା ୨୧ରୁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ପହଲଗାମ ଆତଙ୍କବାଦୀ ଆକ୍ରମଣ, ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ, ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଏବଂ ଦେଶରେ ମହିଳାଙ୍କ ପ୍ରତି ଅତ୍ୟାଚାର ବଢ଼ୁଥିବା ନେଇ ସରକାରଙ୍କୁ ଘେରିବା ପାଇଁ କଂଗ୍ରେସ ମଙ୍ଗଳବାର ନିଷ୍ପତ୍ତି ନେଇଛି। ଏଥିସହିତ କୃଷକ ସମସ୍ୟା, ବେରୋଜଗାରି, ଦେଶର ସୁରକ୍ଷା ଏବଂ ଅହମଦାବାଦ ବିମାନ ଦୁର୍ଘଟଣା ପ୍ରସଙ୍ଗ ମଧ୍ୟ ଉଠିବ। କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଆହ୍ୱାନ କ୍ରମେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ୧୦, ଜନପଥ ବାସଭବନରେ ବସିଥିବା ଦଳର ରଣନୀତି ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ରାଜ୍ୟ ସଭାର ଉପନେତା ପ୍ରମୋଦ ତିୱାରୀ, ଜୟରାମ ରମେଶ, କେ. ସୁରେଶ, ମନିକମ୍ ଟାଗୋର ପ୍ରମୁଖ ଉପସ୍ଥିତ ଥିଲେ। ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣ କରିଥିବା ଆତଙ୍କବାଦୀମାନେ କୁଆଡ଼େ ଗଲେ ଓ ସେମାନଙ୍କ ବିରୋଧରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ କାହିଁକି ବୋଲି ପ୍ରଧାନମନ୍ତ୍ରୀଙ୍କୁ ଜବାବ ମାଗିବେ। ବୈଠକର ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ପ୍ରମୋଦ ତିୱାରୀ କହିଛନ୍ତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ନେଇ ୨୨ ଥର ଦାବି କଲେଣି । ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ ନୀରବ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ପହଲଗାମ୍ ଘଟଣାରେ ଗୋଇନ୍ଦା ଓ ସୁରକ୍ଷା ବ୍ୟବସ୍ଥା ବିଫଳ ହେଲା କାହିଁକି ବୋଲି ମଧ୍ୟ କଂଗ୍ରେସ ପ୍ରଶ୍ନ କରିବ।

# ଡ୍ରୋନ୍ ଆକ୍ରମଣରେ ଇରାକର ତୈଳକ୍ଷେତ୍ର ଜଳୁଛି

ବାଗଦାଦ,୧୫।୭

ଡ୍ରୋନ୍ ଆକ୍ରମଣ ଯୋଗୁ ମଙ୍ଗଳବାର ଇରାକର କୁର୍ଦ୍ଦିସ୍ତାନ ପ୍ରଦେଶରେ ଥିବା ସାରଙ୍ଗ ତୈଳକ୍ଷେତ୍ରରେ ନିଆଁ ଲାଗିଯାଇଛି। ଇରାକର ସ୍ୱୟଂଶାସିତ କୁର୍ଦ୍ଦିଶ ଅଞ୍ଚଳରେ ଥିବା ତୈଳ ଖଣିଗୁଡ଼ିକୁ ଅନେକ ଦିନ ହେଲା ଟାର୍ଗେଟ କରାଯାଇଆସୁଛି। ତେବେ ମଙ୍ଗଳବାରର ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ଉକ୍ତ ତୈଳକ୍ଷେତ୍ରର ଉତ୍ତୋଳନକାରୀ ସଂସ୍ଥା ସହ ଆମେରିକାର ଏଚ୍‌କେଏନ୍ ଏନର୍ଜି ଲିମିଟେଡ଼ ଚୁକ୍ତି ସ୍ୱାକ୍ଷର କରିବା ପରେ ଆକ୍ରମଣ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ନିଆଁଲିଭା କାର୍ଯ୍ୟରେ ଏମର୍ଜେନ୍ସି ରେସ୍ପନ୍ସ ଟିମ୍ ନିୟୋଜିତ ରହିଛି।

# ସିପିଆଇ ନେତାଙ୍କୁ ଗୁଳିକରି ହତ୍ୟା

ହାଇଦ୍ରାବାଦ,୧୫।୭

ତେଲଙ୍ଗାନାର ହାଇଦ୍ରାବାଦସ୍ଥିତ ମାଲକ୍ପେଟ ଅଞ୍ଚଳରେ କେତେଜଣ ଅଜ୍ଞାତ ବ୍ୟକ୍ତି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ନେତା କେ. ଚନ୍ଦୁ ନାଇକ (୪୭)ଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ସେ ସିପିଆଇ ରାଜ୍ୟ ପରିଷଦର ସଦସ୍ୟ ଥିଲେ। ମଙ୍ଗଳବାର ସକାଳେ ଏକ ପାର୍କ ନିକଟରେ ମର୍ନିଂ ୱାକ୍ କରୁଥିବା ସମୟରେ କାରରେ ୩ରୁ ୪ ସଶସ୍ତ୍ର ଆକ୍ରମଣକାରୀ ଆସି ତାଙ୍କ ଉପରେ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ଚନ୍ଦୁଙ୍କର ମୃତ୍ୟୁ ହୋଇଥିଲା। ସିପିଆଇ(ଏମ୍‌ଏଲ୍) ନେତା ରାଜେଶଙ୍କ ସହ ଚନ୍ଦୁଙ୍କର ଦୀର୍ଘ ଦିନ ଧରି ବିବାଦ ରହିଥିଲା ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି। ପୋଲିସ ବିଭିନ୍ନ ଦିଗକୁ ନେଇ ଘଟଣାର ତଦନ୍ତ ଜାରି ରଖିଛି।



କେ. ଚନ୍ଦୁ ନାଇକ

---


## OFFICE OF THE NOTIFIED AREA COUNCIL, KUCHINDA

Letter No.1818/ NAC, Dated 14.07.2025

### QUOTATION CALL NOTICE

No.C-Quotations in Sealed Covers are invited by the Executive Officer, NAC Kuchinda from intending Regd. Firms/ Manufactures/Authorized Dealers/ Suppliers dealing with Sanitary SWM Articles for Supply of Sanitary Materials as per the list contained in the Quotation Schedule to NAC, Kuchinda for current FY 2025-26 in the prescribed format attached with the Quotation Schedule which can be obtained from NAC Kuchinda on payment of cost of Tender Paper (non refundable) amounting to 6,000/- in shape of Demand Draft/ Banker's Cheque drawn in favour of Executive Officer, NAC Kuchinda during office hour from Dt.16.07.2025 to 28.07.2025 up 5.30 PM. The quotations must be accompanied with GSTIN Certificate, PAN, Up-to-date Dealership Authorization, Valid Company Price List & EMD of Rs.10,000/- in shape of Demand Dial Banker's Cheque drawn in favour of Executive Officer, NAC, Kuchinda. All Quotations should reach to the undersigned through Speed Post/ Regd. Post/ Courier/ Box Drop by Dt.28.07.2025 within 05.30 P.M. which will be opened on Dt.29.07.2025 at 11.00 AM. in presence of the quotationers or their authorized representatives. The quotation received beyond the above period shall not be entertained. The price quoted should be valid till end of FY 2025-26. The rate should be inclusive all charges and transportation exclusive of taxes.

Sd./- Executive Officer,
Notified Area Council, Kuchinda

OIPR-13121/11/0014/2526

## GOVERNMENT OF ODISHA "e"-PROCUREMENT NOTICE
## OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
## WORKS DEPARTMENT

### TENDER CALL NOTICE

E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle-04/2025-26
Memo No.1866, Dt.10.07.2025

**No.B-301:** The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below:

1. Nature of Work : Building Works
2. No. of Work : 2 Nos.
3. Tender Cost : Rs.10000.00 (On-line)
4. Class of Contractor : Special, A Class & B Class
5. Available of Bid document in the Website : From 10.00 AM of Dt.18.07.2025 upto 05.00 PM of Dt.04.08.2025 upto 5.00 P.M.
6. Date of Opening of Bid : Dt.05.08.2025 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.

Sd./- Chief Construction Engineer
Khordha (R&B) Circle, Khordha

OIPR-34127/11/0041/2526

## ODISHA UNIVERSITY OF TECHNOLOGY AND RESEARCH
### P.O.:MAHALAXMI VIHAR, BHUBANESWAR-751029

No.KK-

### CORRIGENDUM

In inviting to Notice No. OUTR/Transport/2025-26/08, Date:12.06.2025 for providing Light Commercial Vehicle (AC) on monthly/ daily basis to **OUTR, Bhubaneswar"** the last date and time of submission of Bid is hereby extended upto 28.07.2025 upto 03.00 P.M.

For details: Please visit: http://www.outr.ac.in

For any query please contact: Prof. Bishnu Narayan Mohapatra Phone No.-7735430820, Email: bnm@outr.ac.in

OIPR-16005/11/0103/2526 Sd./- REGISTRAR

## ODISHA POLICE, OISF, HEADQUARTERS
Plot No. 139(P), Keshari nagar, Unit - V, Bhubaneswar

### ବିଜ୍ଞାପନ

କନେଷ୍ଟେବଲ – ୩୮୫ ଶକ୍ତି ପ୍ରସାଦ ସାହୁ
ପିତା – ରବୀନ୍ଦ୍ରନାଥ ସାହୁ
ଗ୍ରାମ/ପୋଷ୍ଟ – ବରଦା
ଥାନା – କିଶନନଗର
ଜିଲ୍ଲା – କଟକ
ପିନ୍ – ୭୫୪୧୩୧

No. D-: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣ ଓ.ଶି.ସୁ.ବ., ଏମ୍.ସି.ଏଲ୍., ତାଳଚେର ଶିବିରରେ ସୁରକ୍ଷା ଡିୟୁଟିରେ ଥିବା ସମୟରେ ତା୨୭।୦୩।୨୦୨୫ରିଖ ଅପରାହ୍ନଠାରୁ ତା୦୩।୦୪।୨୦୨୫ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୭ଦିନ ସାମୟିକ ଛୁଟିରେ ଯାଇଥିଲେ। ଆପଣଙ୍କର ତା୦୪।୦୪।୨୦୨୫ରିଖ ପୂର୍ବାହ୍ନରେ ନିଜ କାର୍ଯ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିରେ ରହିଥିଲେ। ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ, ଆପଣ ନିଜ କାର୍ଯ୍ୟରେ ଏ ପର୍ଯ୍ୟନ୍ତ ଯୋଗ ଦେଲେ ନାହିଁ। ଆପଣଙ୍କ ଏତାଦୃଶ୍ୟ ଅନୁପସ୍ଥିତ ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ତଥା ଓ.ଶି.ସୁ.ବ., ଏମ୍.ସି.ଏଲ୍., ତାଳଚେର ଶିବିରରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ନିଆଯାଇଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ଏକତରଫା ଭାବେ ବିଚାର କରାଯିବ।

ସ୍ୱା./– ଭାରପ୍ରାପ୍ତ ଦୁର୍ଗପତି
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା

OIPR-12029/11/0093/2526

idco | ODISHA NEW OPPORTUNITIES

No.CAD-1071

## OFFICE OF THE DIVISIONAL HEAD, WS & EC DIVISION-II, IDCO, IDCO TOWERS, BHUBANESWAR-751022

Tender Call Notice No-WS&EC-II/D-1875/01/2025-26/1241
Dated: 07.07.2025

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

| Sl. No. | Name of Work | Value of Work (Approx.) | Period of Completion |
|---|---|---|---|
| 1. | Providing, Laying, Testing of D.I. S/S (K-9) Pipe in water supply distribution system of Rairangpur MSME Park, Dist-Mayurbhanj | Rs.83.25 Lakhs | 04 (Four) Calendar Months |

1. Other details

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, WS & EC Division-II, IDCO, IDCO Towers, Bhubaneswar-751022 | Bid ID No. WS & EC-II/D-1/ 2025-26 | 17.00 Hours of Dt.24.07.2025 | 17.00 Hours of Dt.11.08.2025 |

**Further details can be seen from the e-Procurement portal: www.tendersodisha.gov.in.** Corrigendum or Addendum if any will not be published in newspapers and can only be seen in **e-Procurement portal www.tenderodisha.gov.in** as well as IDCO website **www.idco.in**

OIPR-14003/11/0201/2526
Sd./-Divisional Head WS&EC Division-II, IDCO, Bhubaneswar

## GOVERNMENT OF ODISHA
## DEPARTMENT OF AGRICULTURE & FARMER'S EMPOWERMENT
## DIRECTORATE OF HORTICULTURE, ODISHA
## KRUSHI BHAWAN, BHUBANESWAR

DHO-SECII-MISC-0006-2025- 7226 Dt.14.07.2025

### CORRIGENDUM

No.L-38:In partial modification to the Request for Proposal (RFP) uploaded in www.tendersodisha.gov.in, www.odisha.gov.in vide Advt. No.DHO-SEC-II-MISC-0006-2025-63 under the title "Engagement of professional agencies for setting up of Project Management Unit in Odisha" it is to inform that:-
The following particulars have been updated in the Bidder's data sheet.

**BIDDER DATA SHEET**

| Sl. No. | Particulars | Details |
|---|---|---|
| 7 | Publication of Pre-Bid clarification through Website | 19.07.2025 |
| 8 | Last Date and Time for submission of Bid | 06.08.2025 |
| 9 | Date of Opening of Technical Proposal | To be notified |

As per the above notification, the date of submission of application alongwith all documents mentioned in the RFP has been postponed to 06.08.2025. The same alongwith pre-bid clarification will be published on 19.07.2025 vide corrigendum in the following websites.
**https://agri.odisha.gov.in**
**www.odisha.gov.in**

Sd./- Director of Horticulture
Odisha, Bhubaneswar

OIPR-01425/11/0009/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR

Mail ID: sepwdbalangir@gmail.com
e-Procurement Notice
BID IDENTIFICATION No. CCE(R&B) BGR/09/2025-26

Letter No. 1361 Dtd.09.07.2025

No. B-288: The Chief Engineer, Balangir (R&B) Circle, Balangir on behalf of Governor of Odisha invites percentage rate bid in Double Cover System in ONLINE MODE for the construction of works detailed in the table below from "B" & "A" Class contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of Work : Building Work
2. No. of Tender : Building Work - 12 Nos.
3. Tender Cost : Rs.10,000/-
4. Class of Contractor : "B" & "A" Class
5. Date & Time of sale & receipt of Bids : From Dt.22.07.2025, 05.00 P.M. to Dt.05.08.2025 upto 05.00 P.M.
6. Date of opening Bid : Dt.06.08.2025 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in**. All future corrigendum will be available on ONLINE MODE only.

Sd./- Chief Construction Engineer
Balangir (R&B) Circle, Balangir

OIPR-34131/11/0019/2526

See Career Appointment on every Wednesday & Saturday

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR (MAYURBHANJ)

No. O-

E-Mail ID: eerwrairangpur@yahoo.com

Letter No. 3436 Date: 14.07.2025

### "e" Procurement Notice for Building Works

Bid Identification No. - RWDRRP-02/2025-26

| | | |
|---|---|---|
| 1. | Name of the Work | Construction of Health Building for the year 2025-26 |
| 2. | Estimated Cost | From Rs.57.51 lakhs to 76.06 lakhs (approximately) |
| 3. | Class of Contractor | 'B' Class or relevant Class of works licence |
| 4. | Period of Completion | 09 (Nine) Calendar Months |
| 5. | Tender paper cost | As per Annexure |

The details are as follows

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking Tender Clarification | Date & time of Opening of Tender in O/o. Superintending Engineer, Rural Works Division, Rairangpur | |
|---|---|---|---|---|---|---|
| | | From | To | | Technical | Financial |
| S.E.R.W. Division, Rairangpur | RWDRRP-02/2025-26 | 17.07.2025 at 11.00 A.M. | 28.07.2025 upto 5.00 P.M. | 25.07.2025 upto 5.00 P.M. | 29.07.2025 at 11.30 A.M. | 04.08.2025 at 11.30 A.M. |

Further details can be seen from the website **www.tendersodisha.gov.in**.

Sd./- Er. Sanjeet Naik
Executive Engineer, R.W. Division, Rairangpur

OIPR-25107/11/0022/2526

## ODISHA PUBLIC SERVICE COMMISSION, CUTTACK
### NOTICE

No.5027/PSC Dt.15.07.2025
(1R-13-24/25) (DR-V)

**Assistant Professor (Stage-I) in Logic & Philosophy (Advertisement No. 27 of 2023-24)**

No. D-: It is for information of all concerned that, document verification of **78 (Seventy eight)** candidates having **PPSAN** mentioned below for the post of **Assistant Professor (Stage-I) in "Logic & Philosophy",** pursuant to advertisement No. 27 of 2023-24 shall be held from **28.07.2025 to 30.07.2025** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 28.07.2025 | 10.30 A.M. | P240304827, P240306516, P240309248, P240307951, P220068211, P240296637, P240307004, P240290618, P240298005, P240304297, P240302890, P240281793, P240304876 & P240302295 = **14 Candidates** |
| | 02.30 P.M. | P240301909, P230125478, P230139269, P240306725, P240299098, P240305297, P240305815, P240304933, P240304932, P240292358, P230147440 & P240312459 **= 12 Candidates** |
| 29.07.2025 | 10.30 A.M. | P240304402, P230132885, P230099500, P240310956, P240289832, P240303376, P240262847, P240301465, P240311393, P240308879, P240302449, P240306346, P240305141 & P240300885 = **14 Candidates** |
| | 02.30 P.M. | P240306245, P240306431, P240307831, P240275108, P240300402, P240308103, P240311499, P240307039, P240261511, P240279626, P240282909 & P240304519 **= 12 Candidates** |
| 30.07.2025 | 10.30 A.M. | P230140236, P240311548, P240301506, P220084911, P240279609, P240300516, P240301705, P240284497, P230152751, P240304461, P240272362, P240264946, P240261396 & P240262555 = **14 Candidates** |
| | 02.30 P.M. | P240302587, P240252350, P240299188, P230155459, P240309762, P240300205, P240297992, P240284514, P230112885, P230123512, P240305515 & P220082425 **= 12 Candidates** |

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0270/2526 Sd./- Secretary

## ODISHA PUBLIC SERVICE COMMISSION, CUTTACK
### NOTICE

No. 5023/ PSC Dt.15.07.2025
PF-1E-27-2025/26 (DR - III)

**Recruitment to the Post of Post Graduate Teacher in Discipline - GEOGRAPHY (Advertisement No. 25 of 2023-24)**

No. D-: In continuation to this Office Notice No. 4984/PSC, Dtd.14.07.2025, it is for information of all shortlisted candidates that the **Document Verification and Interview/personality Test** for recruitment to the post of **Post Graduate Teacher** in **Geography Discipline**, pursuant to Advertisement No. 25 of 2023-24 will be held from **28.07.2025 to 30.07.2025** in the office of OPSC 19, Dr. P.K. Parija Road, Cuttack - 753001 as per the programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | Roll Nos. of Candidates |
|---|---|---|---|
| 28.07.2025 | 08.30 A.M. | 10.30 A.M. | 102014, 102017, 102026, 102028, 201383, 304721, 304725, 304734, 304737 & 304739 **= 10 Candidates** |
| | 12.30 P.M. | 02.30 P.M. | 304743, 304747, 304749, 304750, 304751, 304753 & 304755 **= 07 Candidates** |
| 29.07.2025 | 08.30 A.M. | 10.30 A.M. | 304761, 304766, 304780, 304781, 304783, 304793, 402018, 402022, 402029 & 402030 **= 10 Candidates** |
| | 12.30 P.M. | 02.30 P.M. | 402031, 402038, 402041, 502673, 502681, 502684 & 502685 **= 07 Candidates** |
| 30.07.2025 | 08.30 A.M. | 10.30 A.M. | 502687, 502695, 502703, 502707, 502708, 502710, 502712 & 502728 **= 08 Candidates** |

**N.B.:** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'scheduled programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

It is also made clear that, the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**. (Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc. through OPSC e-Chayan Portal via **www.opscechayan.in**)
2. Four **(04)** 'passport size photographs' (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelor's Degree Certificate .
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Required Odia Test Pass Certificate from the 'competent authority'.
11. Permanent Disability Certificate (indicating percentage of permanent disability i.e. **40% and more**);
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., Dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
13. Identity Card of Sports Persons issued by the Director of Sports Odisha.
14. Any proof of identity .
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0269/2526 Sd./ - Secretary

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA

E_Mail ID: serwcbaripada@gmail.com, Ph.No-06792-261343/261344, Gangraj, Baripada

No.O-424

### "e" Procurement Notice for Road Work

Identification No.-Online Tender-Road N.C.B. No.381 for 2024-25
Letter No.2878/ Date 11.07.2025

1. Name of the Work : Post DLP Maintenance of PMGSY Road Works in the District of Mayurbhanj for the year 2024-25.
2. Total No. of Work : 01 No. (One).
3. Estimated Cost : Rs.110.80 Lakhs (approximately).
4. Eligible Class of Contractor : As per Annexure.
5. Period of Completion : As per Annexure.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No.381 | Dt.17.07.2025 at 11.00 A.M. | Dt.30.07.2025 upto 5.00 P.M. | Dt.29.07.2025 upto 5.00 P.M. | Dt.31.07.2025 at 11.00 A.M. | Will be intimated later |

- **Further details can be seen from the website: www.tendersodisha.gov.in.**
- **Any Corrigendum / Addendum will be displayed in the above e_tender website only.**

OIPR-25130/11/0041/2526
Sd./-Chief Construction Engineer, R.W.Circle, Baripada

## GOVERNMENT OF ODISHA
No. O-425
## OFFICE OF THE EXECUTIVE ENGINEER RURAL WORKS DIVISION-II, SUNDARGARH

E.Mail: rw_rourkela@yahoo.co.in

### TENDER CALL NOTICE
### BID IDENTIFICATION NO. ONLINE-EERKL-04 of 2025-26

1. Name of the Work : Building Works
2. Total No. of Works : 03 (Three) Nos.
3. Estimated Cost : Rs.69.69 to 81.09 Lakhs
4. Class of Contractor : "B" Class
5. Period of Completion : 09 (Nine) Months
6. Type of Tender : Double Cover
7. Other details :

| Procurement officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender | Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-II, Sundargarh | Online - SERKL-04 of 2025-26 | 14.07.2025 from 11.00 A.M. | 21.07.2025 upto 05.00 P.M. | 20.07.2025 upto 5.00 P.M. | 22.07.2025 at 11.00 A.M. | Will be intimated separately |

Further details can be seen from the website **www.tendersorissa.gov.in** & for more information please visit the office.

Sd./- Executive Engineer
RW Division-II, Sundargarh

OIPR-25193/11/0078/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟପ୍ ୧୦କୁ ଫେରିଲେ ଶେଫାଳୀ

**ଦୁବାଇ, ୧୫।୭ (ପି.ଟି.)**

ଭାରତର ବିସ୍ଫୋରକ ମହିଳା ବ୍ୟାଟର ଶେଫାଳୀ ବର୍ମା ସଦ୍ୟ ପ୍ରକାଶିତ ଆଇସିସି ମହିଳା ଟି୨୦ ର୍ୟାଙ୍କିଙ୍ଗ ବ୍ୟାଟର ତାଲିକାର ଟପ୍ ୧୦କୁ ଫେରିଛନ୍ତି। ନିକଟରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ରେ ୧୫୮.୫୬ ଷ୍ଟ୍ରାଇକିଂ ରେଟ୍‌ରେ ୪ସ୍ଥାନ ଜମ୍ପ କରି ୬୫୫ ପଏଣ୍ଟ ସହ ୯ମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଉପଅଧିନାୟିକା ସ୍ମୃତି ମନ୍ଧାନା ଟପ୍ ୧୦ରେ ୩ ନମ୍ବର ସ୍ଥାନ ବଜାୟ ରଖିଥିବାବେଳେ ମିଡଲ ଅର୍ଡର ବ୍ୟାଟର ଜେମିମା ରୋଡ୍ରିଗ୍ସ ଦୁଇ ସ୍ଥାନ ତଳକୁ ଖସି ୧୪ତମ ସ୍ଥାନରେ ଅଛନ୍ତି। ଭାରତର ୩-୨ ଐତିହାସିକ ସିରିଜ ବିଜୟରେ ଉଲ୍ଲେଖନୀୟ ଅବଦାନ ରଖିଥିବା

### ଆଇସିସି ଟି୨୦ ର୍ୟାଙ୍କିଙ୍ଗ୍

ଅରୁନ୍ଧତୀ ରେଡ୍ଡୀ ସ୍ଥାନ ଡେଇଁ ୩୯ତମ ସ୍ଥାନରେ ରହିଥିବାବେଳେ ଅଲରାଉଣ୍ଡର ତାଲିକାରେ ୨୬ ସ୍ଥାନ ଉପରକୁ ଉଠି ୮୦ତମ ସ୍ଥାନରେ ପହଞ୍ଚିଛନ୍ତି। ବୋଲିଂ ତାଲିକାରେ ପୁରୁଖା ଅଫ୍-ସ୍ପିନର ଦୀପ୍ତି ଶର୍ମା ଗୋଟିଏ ସ୍ଥାନ ତଳକୁ ଖସି ତୃତୀୟରେ ରହିଥିବା ବେଳେ ରାଧା ଯାଦବ ୩ ସ୍ଥାନ ଉପକୁ ଉଠି ୧୫ ତମ ସ୍ଥାନରେ ଅଛନ୍ତି। ଇଂଲଣ୍ଡର ବହୁ ଷ୍ଟାର ଖେଳାଳିଙ୍କର ତାଲିକାରେ ଉନ୍ନତି ପରିଲକ୍ଷିତ ହୋଇଛି। ସ୍ପିନର ଚାର୍ଲି ଡିନ୍ ବୋଲିଂ ର୍ୟାଙ୍କିଙ୍ଗର ଟପ୍ ୧୦ରେ ପ୍ରବେଶ କରିଛନ୍ତି। ସିରିଜର ଶେଷ ମ୍ୟାଚରେ ସେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୮ ସ୍ଥାନ ଉପରକୁ ଉଠି ନାଶ୍ରା ସାନ୍ଧୁ ଓ ଜର୍ଜିଆ ୱାରେହାମ୍‌ଙ୍କ ସହ ମିଳିତ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପକ୍ଷରେ ବ୍ୟାଟିଂ ର୍ୟାଙ୍କିଙ୍ଗରେ ଇଂଲଣ୍ଡର ଟପ୍ ସ୍କୋରର ସୋଫିଆ ଡଙ୍କ୍‌ଲୀ (୧୫୧ ରନ୍)ଙ୍କୁ ୭ ସ୍ଥାନ ଫାଇଦା ମିଳିଛି। ସେ ୧୯ତମ ସ୍ଥାନରେ ରହିଛନ୍ତି। ସେହିପରି ଫର୍ମରେ ଥିବା ଟାମି ବିମଣ୍ଟ ୧୯ ସ୍ଥାନ ଉପରକୁ ଉଠି ୪୫ତମ ସ୍ଥାନରେ ଅଛନ୍ତି।





ରାଞ୍ଚିରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର ମହିଳା ହକିରେ ରୌପ୍ୟ ପଦକ ବିଜୟୀ ଓଡ଼ିଶା ଦଳକୁ ମଙ୍ଗଳବାର ଭୁବନେଶ୍ୱର ବିମାନବନ୍ଦରରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଉଛି। ଫାଇନାଲରେ ଓଡ଼ିଶା ୦-୧ ଗୋଲରେ ଝାଡ଼ଖଣ୍ଡ ନିକଟରୁ ପରାଜିତ ହୋଇଥିଲା।

# ସେପ୍ଟେମ୍ବରରେ ଭାରତ ଆସିବେ ଉସେନ ବୋଲ୍ଟ

**ନୂଆଦିଲ୍ଲୀ, ୧୫।୭:** ୮ ଥରର ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ସ୍ପ୍ରିଣ୍ଟର ଲିଜେଣ୍ଡ ଉସେନ ବୋଲ୍ଟ ସେପ୍ଟେମ୍ବର ୨୬ରୁ ୨୮ ଦୁଇ ଦିନିଆ ଗସ୍ତରେ ଭାରତ ଆସୁଛନ୍ତି। ଏହା ବୋଲ୍ଟଙ୍କର ଦ୍ୱିତୀୟ ଭାରତ ଗସ୍ତ ହେବ। ସେ ୨୦୧୪ରେ ପ୍ରଥମ ଥର ପାଇଁ ଭାରତ ଗସ୍ତ କରିଥିଲେ। ଏହି ଗସ୍ତ ସମ୍ପର୍କରେ ବୋଲ୍ଟ କହିଛନ୍ତି ଯେ, ମୁଁ ଭାରତ ଫେରିବାକୁ ଯାଉଥିବାରୁ ଉତ୍ସାହିତ ଅଛି। ଭାରତରେ ଲୋକଙ୍କ ଏନର୍ଜି ଓ କ୍ରୀଡ଼ା ପ୍ରତି ପ୍ୟାଶନ ଅତୁଳନୀୟ। ଭାରତରେ ମୋର ଅନେକ ପ୍ରଶଂସକ ଅଛନ୍ତି। ୨୦୧୪ରେ ଭାରତ ଗସ୍ତ ବେଳେ ବୋଲ୍ଟ ସ୍ପନସରଙ୍କ ଆର୍ଥିକ କାର୍ଯ୍ୟକ୍ରମରେ ଭାଗ ନେବା ସହ କ୍ରିକେଟର ଯୁବରାଜ ସିଂଙ୍କ ସହ ବେଙ୍ଗାଲୁରୁରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିଥିଲେ।

# କାରିବିଆନ୍ କ୍ରିକେଟ ଭବିଷ୍ୟତକୁ ନେଇ ଚିନ୍ତା

**କିଙ୍ଗଷ୍ଟନ (ଜାମାଇକା), ୧୫।୭**

କାରିବିଆନ କ୍ରିକେଟ୍‌କୁ କେଉଁ ଭଳି ପୁନଃ ସୁଦୃଢ଼ କରାଯାଇପାରିବ, ସେ ସମ୍ପର୍କରେ ଆଲୋଚନା ପାଇଁ କ୍ରିକେଟ୍ ୱେଷ୍ଟଇଣ୍ଡିଜ୍ (ସିଡବ୍ଲ୍ୟୁଆଇ) ପକ୍ଷରୁ ମହାନ କ୍ରିକେଟର କ୍ଲାଇଭ ଲୟଡ୍, ଭିଭିଆନ ରିଚାର୍ଡ୍ସ ଓ ବ୍ରାଏନ ଲାରାଙ୍କୁ ଆମନ୍ତ୍ରଣ କରାଯାଇଛି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍‌କୁ ଅଷ୍ଟ୍ରେଲିଆ ୩-୦ରେ କ୍ଲିନସ୍ୱିପ କରିବା ପରେ ସିଡବ୍ଲ୍ୟୁଆଇ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

'ଆଲୋଚନାକୁ ସଶକ୍ତ କରିବା ପାଇଁ ମୁଁ ଆମର ସର୍ବକାଳୀନ ୩ ମହାନ ବ୍ୟାଟର ଲୟଡ, ରିଚାର୍ଡ୍ସ ଓ ଲାରାଙ୍କୁ ଆମନ୍ତ୍ରଣ କରିଛି। ସେମାନେ ଅତୀତର କିମ୍ବଦନ୍ତୀ ଖେଳାଳି ଡ. ଶିବନାରାୟଣ ଚନ୍ଦ୍ରପାଲ, ଡ. ଡେସମଣ୍ଡ ହେନ୍ସ, ଇଆନ ବ୍ରାଡଶଙ୍କ ସହ କମିଟିରେ ଯୋଗଦେବେ। ଏମାନେ ୱେଷ୍ଟଇଣ୍ଡିଜ୍‌ର ସ୍ୱର୍ଣ୍ଣିମ ଯୁଗର ଦଳକୁ ସାହାଯ୍ୟ କରିଥିଲେ। ଆମ କ୍ରିକେଟ୍ ଉନ୍ନତିର ପରବର୍ତ୍ତୀ ପର୍ଯ୍ୟାୟକୁ ଗଠନ କରୁଥିବାରୁ ସେମାନଙ୍କ ଦୃଷ୍ଟିକୋଣ ମୂଲ୍ୟବାନ ହେବ। ଆମେ ଏହି ସମାବେଶରେ ବାସ୍ତବିକ ଓ କାର୍ଯ୍ୟକ୍ରମ ପରାମର୍ଶ ମିଳିବ ବୋଲି ଆଶା ରଖିଛୁ। ଯଦି ଆମକୁ ଆଗକୁ ଯିବାର ଅଛି, ତେବେ ପ୍ରଶଂସକ, ଖେଳାଳି, କୋଚ, କିମ୍ବଦନ୍ତୀ ଓ ପ୍ରଶାସନ ଅଧିକାରୀଙ୍କୁ ଏକତ୍ରିତ ହେବାକୁ ପଡ଼ିବ। ଖୁବ କାମ କରିବାର ଅଛି। ଆମକୁ ଉଚିତ ଉଦ୍ଦେଶ୍ୟ ସହ ଏକତ୍ରିତ ହୋଇ କରିବାକୁ ପଡ଼ିବ ବୋଲି ସିଡବ୍ଲ୍ୟୁଆଇ ସଭାପତି କିଶୋର ଶାଲୋ କହିଛନ୍ତି। ଏତଦ୍ ବ୍ୟତୀତ ସେ କହିଛନ୍ତି ଯେ, ପ୍ରତ୍ୟେକ ୱେଷ୍ଟଇଣ୍ଡିଜ୍ କ୍ରିକେଟ୍ ପ୍ରଶଂସକଙ୍କ ଭଳି ଅଷ୍ଟ୍ରେଲିଆଠାରୁ ମିଳିଥିବା ଟେଷ୍ଟ ପରାଜୟର ଦୁଃଖ ମୁଁ ବି ଅନୁଭବ କରୁଛି। ସିରିଜ୍‌ର ଫଳାଫଳରେ ମୁଁ ମର୍ମାହତ। ଏଥିରେ ଦୁଃଖିତ ହେବା ସ୍ୱାଭାବିକ। କିନ୍ତୁ ଆମେ ଏକ ପୁନଃ ଗଠନ ପର୍ଯ୍ୟାୟରେ ଅଛୁ। ଆମକୁ ପରବର୍ତ୍ତୀ ପିଢ଼ି ଉପରେ ନିବେଶ କରିବାକୁ ପଡ଼ିବ।




# ଇଂଲଣ୍ଡଠାରୁ ହାରିଲା ଭାରତ 'ଏ'

**ଆମଷ୍ଟିଲ୍‌ଭିନ୍, ୧୫।୭ (ପି.ଟି.)**

ୟୁରୋପ ଟୁର୍‌ରେ ଥିବା ଭାରତ 'ଏ' ପୁରୁଷ ହକି ଦଳ ମଙ୍ଗଳବାର ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଇଂଲଣ୍ଡଠାରୁ ୨-୩ ଗୋଲ୍‌ରେ ହାରିଯାଇଛି। ଦଳର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ୱେଜନର ଷ୍ଟାଡୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଭାରତର ଯୁବ ଫରୱାର୍ଡ ମନିନ୍ଦର ସିଂ ଓ ଉତ୍ତମ ସିଂଙ୍କ ଗୋଲ୍ ସତ୍ତ୍ୱେ ଭାରତ 'ଏ' ଏହି ମ୍ୟାଚ ବିଶ୍ୱର ୫ ନମ୍ବର ଇଂଲଣ୍ଡଠାରୁ ଅଳ୍ପକେ ପରାଜୟ ବରଣ କରିଛି। ମ୍ୟାଚ ପରେ ଭାରତ 'ଏ' କୋଚ୍ ଶିବେନ୍ଦ୍ର ସିଂ କହିଛନ୍ତି, ଟୁର୍‌ର ପ୍ରଥମ ତିନୋଟି ମ୍ୟାଚରେ ଆମେ ବାସ୍ତବିକ ଭଲ ବିଜୟ ହାସଲ କରିଛୁ। ଟୁର୍‌ର ଅଗ୍ରଗତି ସଙ୍ଗେ ସଙ୍ଗେ ଆମକୁ କଠିନ ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଆମେ ଜାଣିଥିଲୁ। ଆଗକୁ ଆମେ ଆହୁରି ୩ଟି ମ୍ୟାଚ ଦୁଇ ଶକ୍ତିଶାଳୀ ଦଳ ସହିତ ଖେଳିବୁ। ଭାରତ 'ଏ' ଦଳ ବର୍ତ୍ତମାନ ଆଣ୍ଟୱର୍ପ ଗସ୍ତ କରି ଗୁରୁବାର ସେଠାରେ ବେଲଜିୟମ ସହିତ ମୁକାବିଲା କରିବ।

# ଗ୍ୱାଲିୟରରେ ପ୍ରୋ ପଞ୍ଜା ଲିଗ୍

**ମୁମ୍ବାଇ, ୧୫।୭:** ପ୍ରୋ ପଞ୍ଜା ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଅଗଷ୍ଟ ୫ରୁ ଗ୍ୱାଲିୟରରେ ଆରମ୍ଭ ହେବ। ପ୍ରଥମ ସଂସ୍କରଣ ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ଦ୍ୱିତୀୟ ସଂସ୍କରଣକୁ ଅଧିକ ସ୍ମରଣୀୟ କରିବାକୁ ପ୍ରସ୍ତୁତି ଚାଲିଛି। ଏଥିରେ ଗତ ସଂସ୍କରଣର ନାମୀ ଖେଳାଳିଙ୍କ ସହ ନୂଆ ପ୍ରତିଭାଙ୍କୁ ଦେଖିବାକୁ ମିଳିବ। ଇଣ୍ଡିଆନ ପ୍ରିମିୟର ଲିଗ୍ ଷ୍ଟାଇଲ ଫ୍ରାଞ୍ଚାଇଜ୍ ଫର୍ମାଟରେ ଏହି ପ୍ରତିଯୋଗିତା ୧୭ ଦିନ ଧରି ଚାଲିବ। ପ୍ରଥମ ସଂସ୍କରଣରେ କୋଚି କେଡିଏସ୍ ଚାମ୍ପିୟନ ହୋଇଥିଲା। ଗତଥର ପରି ଏଥର ମଧ୍ୟ ଦର୍ଶକମାନେ ଫ୍ୟାନକୋଡ୍‌ରେ ଏହାକୁ ଲାଇଭ ଦେଖିପାରିବେ।


# Classified Everyday

0674-2580101, 9692975378



MATRIMONIAL

## BRIDE WANTED

Govt. Civil Contractor କୁମୁଟି ଜାତିର ଏକମାତ୍ର ପୁଅ 1987, 5'6" ପାଇଁ ସୁନ୍ଦରୀ ପାତ୍ରୀ ଆବଶ୍ୟକ। 9337186871, 9861834722. D-76291

## GROOM WANTED

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D- 1050



REAL ESTATE

## SALE

Book fully furnished super luxury tetraplex, GA freehold plots, Bhubaneswar, 8.9cr, Biswakarma Constructions 9040059040. D-1274

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

**Duplex sale near AIIMS Hospital Bhubaneswar, apartment Sum Hospital. 9777433701.** D-76285

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ଗୃହୋପଯୋଗି **Single** ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ **2100sqft. area** ବିକ୍ରିହେବ। **6370469894.** D-76292

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

**Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668.** D-76287

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

ବିବାହ ମଣ୍ଡପ ଚନ୍ଦ୍ରଶେଖରପୁରଠାରେ ଭଡ଼ା ଦିଆଯିବ, ସାଜସଜା ଅଡ଼ିଓ ଏବଂ କ୍ୟାଟରିଂ ସାମଗ୍ରୀ। **9437008388.** D-1294




Newly open Jyoti SPA positively health benefits (expert therapist). 8458067955. D-76927

Newly open health benefits SPA by expert therapist. Contact- 8280961126. D-76928

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, date- 14.07.2025, I, Dillip Kumar Nayak, Address: Vill.- Baliapata Basti, Rasulgarh, near Jagannath nagar, Bhubaneswar, Dist.- Khurda, Odisha, PIN- 751025, declare that I have changed my name from Dillip Nayak to Dillip Kumar Nayak. Henceforth, I shall be known as Dillip Kumar Nayak for all purposes.
Dillip Kumar Nayak
D-1300

By virtue of an affidavit No.- 5168, dt.- 14.07.25, before Executive Magistrate, Tirtol. Dist.- Jagatsinghpur state that now onwards I shall be known as Samir Kumar Rout for all purposes.
D-1309

By virtue of an affidavit sworn in the Court of Executive Magistrate, Bhubaneswar dated- 14.07.2025, I Smaran Pradhan resident of At- Prahadipanga Ganduri, P.O.- Saramuli, P.S.- Brahmunigaon, Dist.- Kandhamal, Odisha, PIN- 762021, declare that I have changed my name from Sumaran Pradhan to Smaran Pradhan and also changed my date of birth from 11.08.2006 to 11.08.2008. Henceforth, I shall be known as Smaran Pradhan for all purpose. D- 1293

By virtue of an affidavit sworn before the Executive Magistrate, Boudh, No.- 1029, date- 14.07.25, I Dinabandhu Pradhan, R/o. Village- Balianta, P.O.- Bamanda, P.S./ Dist.- Boudh, Odisha, PIN- 762024, declare that I have changed my daughter's name from Prati Pradhan to Priti Pradhan. Henceforth, she shall be known as Priti Pradhan for all purposes.
Dinabandhu Pradhan
D-1305

ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍, କଣାସ, ଜି- ପୁରୀଙ୍କ ପାଖରେ ଶପଥ କରୁଅଛି କି ମୁଁ ଅଭିନ ଜେନା, ପି- ପ୍ରକାଶ କୁମାର ଜେନା, ଗ୍ରା- ଖୁଣ୍ଟିଆବାଣପୁର, ପୋ- ଓହ୍ଲାଣ, ଥା- ଗାଡ଼ିଶାଗୋଦା, ଜି- ପୁରୀ, ମୋର ଆଧାର ନମ୍ବର- xxxx xxxx 7885 ମୋର ଆଗ ନାମକୁ ବଦଳାଇ ଅଭିନ କୁମାର ଜେନା କରୁଅଛି। ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। ଧ-୧୩୦୨

By virtue of an affidavit sworn before the Executive Magistrate, Angul dated- 15th July 2025, I, Santosh Sahoo, S/o- Kandarpa Sahoo, permanet resident of Vill- Kanyabeda, P.O.- Kandasar, P.S.- Nalco Nagar, Dist.- Angul, declare that I have changed my name from Santosh Kumar Sahu to Santosh Sahoo. Henceforth, I shall be known as Santosh Sahoo for all purpose. D-1304

By virtue of an affidavit sworn before Executive Magistrate(K), Phulbani 1868/ 14.07.25, I Natia Kanhar permanent resident of Patamaha, Kailamba, P.O.- Seskajodi, P.S.- Phiringia, Kandhmal, declared that my daughter's name was wrongly mentioned in Aadhaara Card Kapati Kanhar as male instead of female & also Date of Birth. I have changed my daughter's name from Kapati Kanhar to Nabanita Kanhar. Henceforth, my daughter shall be known as Nabanita Kanhar for all purposes.
Natia Kanhar
D-1303

By virtue of an affidavit sworn before the Notary Public, Rourkela date- 30.12.2022, I Pinki Samal, W/o. Sukanta Kumar Samal, R/o. Qtr. No.F/49, Sector-1, Rourkela-6, P.S. Sector- 03, Dist.- Sundargarh, Odisha, PIN- 769006 do hereby declare that I have changed my parental surname from 'Nayak' to my in- law's surname 'Samal'. Henceforth, I shall be known as Pinki Samal for all purposes.
Pinki Samal
D-1301

## ମନେ ପଡ଼ନ୍ତି

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ



**୰ସରୋଜ କୁମାର ମହାନ୍ତି**

ପତ୍ନୀ: ଶାନ୍ତିଧରା ମହାନ୍ତି
Plot No.- 1377, ଶାସ୍ତ୍ରୀନଗର, ୟୁନିଟ୍-୪, ଭୁବନେଶ୍ୱର
ଆବିର୍ଭାବ- ୦୨।୦୮।୧୯୩୮
ତିରୋଧାନ- ୦୨।୦୮।୨୦୧୮

ଆପଣଙ୍କ ସମସ୍ତଙ୍କ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଆମର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ, ମା' ଶାରଳାଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

-ଶୋକସନ୍ତପ୍ତ-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୩୦୮

### ଶ୍ରାଦ୍ଧବାର୍ଷିକୀ



**୰ ଆର୍ତ୍ତ ପଣ୍ଡା**

ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ

ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି । ଆଜି ମଧ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ । ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ :
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୪୪୦୫

### ଏକାଦଶାହ ଉପଲକ୍ଷେ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰କ୍ଷେତ୍ରମୋହନ ଦୀକ୍ଷିତ୍**

ଓରଣ୍ଡ, ବାଲିକୁଦା, ଜଗତ୍‌ସିଂହପୁର
ଆବିର୍ଭାବ: ତା ୨୭।୦୬।୧୯୪୬
ତିରୋଧାନ: ତା ୦୬।୦୭।୨୦୨୫

ତୁମ ବିୟୋଗରେ ପରିବାରବର୍ଗ, ବନ୍ଧୁବାନ୍ଧବ ମର୍ମାହତ, ତୁମର ବଳିଦାନ, ତ୍ୟାଗ, ସ୍ନେହ ମମତା କେବେ ଭୁଲିପାରିବୁ ନାହିଁ ।
ତୁମ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ ପ୍ରାର୍ଥନା ।

ଶୋକସନ୍ତପ୍ତ :
ପତ୍ନୀ-ଟୁନିଲତା, ପୁତ୍ର-ଅନୁପମ, ଆଶିଷ, ପୁତ୍ରବଧୂ-ଅରୁଣା, ଆରତୀ, ଝିଅ-ଜୟନ୍ତୀ, ମମତା, କୁନା, ଜ୍ୱାଇଁ-ପଞ୍ଚାନନ, ପ୍ରଦୀପ୍ତ, ଜ୍ୟୋତିରଂଜନ, ନାତିନାତୁଣୀ-ପରୀ, ପଲ୍ଲୁ, ଆଦି, ରୁଦ୍ର, ରାନୀ, ଲାଲ୍ଲୁ, ମିକୁ, ସୁବ୍ରତ, ଲଭ୍‌ଲୀ ଓ ସାନୁ
ଧ-୧୩୦୬


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଅଳ୍ପରେ...

➤ମଲ୍ଲିଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



➤ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସାକରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।

# ବର୍ଷାଋତୁରେ ପ୍ରାଣୀଙ୍କ ସୁରକ୍ଷା



ଡା. ନିରାକାର ଜେନା

ସାଧାରଣତଃ ଜୁନ୍ ମାସରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଆମ ରାଜ୍ୟରେ ବର୍ଷାଋତୁ ଅନୁଭୂତ ହୋଇଥାଏ। ଏହି ସମୟରେ ବେଳେବେଳେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଅନେକ ସମୟରେ ଲଗାଣ ବର୍ଷା ଯୋଗୁ ଉପକୂଳବର୍ତ୍ତୀ ତଳିଆ ଅଞ୍ଚଳରେ ବର୍ଷାଜଳ ଜମି ରହିଥାଏ। ଫଳରେ ଗୃହପାଳିତ ପ୍ରାଣୀମାନଙ୍କର ଚାରଣ ଭୂମି ଏବଂ ଚାଷ କରାଯାଉଥିବା ସବୁଜ ଘାସ ପ୍ଲଟ୍‌ରେ ପାଣି ବୁଡ଼ି ରହିଥାଏ। ତେଣୁ ଏହି ୪ ମାସରେ ସେମାନଙ୍କୁ ଖାଦ୍ୟ କଷ୍ଟ ଦେଖାଦେଇଥାଏ। ସେହିପରି ଏହି ସମୟରେ ଅନେକ ପ୍ରକାର ଜଳବାହିତ ରୋଗ ହେବା ଆଶଙ୍କା ଥାଏ। ତେଣୁ ଏହି ୪ ମାସ ଗୋପାଳକ ଭାଇ ଏବଂ ଭଉଣୀମାନଙ୍କ ପାଇଁ ଅତି କଷ୍ଟଦାୟକ ପରିସ୍ଥିତି ସୃଷ୍ଟି କରିଥାଏ। ତେଣୁ ଏହି ୪ମାସରେ ଅର୍ଥାତ୍, ବର୍ଷାଦିନରେ ସାଧାରଣ କେତୋଟି ଦିଗ ପ୍ରତି ଧ୍ୟାନ ଦେଇ ପ୍ରାଣୀଧନ ପରିପାଳନ କଲେ ନିଶ୍ଚିତ ଭାବରେ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ଓ ଉତ୍ପାଦିକା କ୍ଷମତା ଅବ୍ୟାହତ ରହିବା ସହ ଚାଷୀମାନେ କ୍ଷତିରୁ ବର୍ତ୍ତିଯାଇପାରିବେ।

ସାଧାରଣତଃ ବର୍ଷାଦିନର ପ୍ରତିକୂଳ ପ୍ରଭାବକୁ ପ୍ରତିହତ କରିବା ପାଇଁ ହେଲେ ବର୍ଷାଦିନ ପୂର୍ବରୁ ପ୍ରସ୍ତୁତ ରହିବାକୁ ପଡ଼ିବ। ସେଭଳି କେତୋଟି ପ୍ରମୁଖ ଦିଗ ବିଷୟରେ ନିମ୍ନରେ ସୂଚନା ଦିଆଯାଇଛି।

**ଟିକାକରଣ ଓ କୃମିନାଶକ ପ୍ରଦାନ**

ବର୍ଷାଦିନ ପୂର୍ବରୁ ସାଧାରଣତଃ ଗାଈ ଏବଂ ମଇଁଷିମାନଙ୍କୁ ସାହାଣା, ବଜବଜିଆ, ଫାଟୁଆ ଆଦି ଟିକା ଦେଇଦେବା ଦରକାର। ସେହିପରି ଛେଳିମାନଙ୍କୁ ପିପିଆର୍, ଇଏନ୍‌ଟି ଏବଂ ଗୋଟ୍ ପକ୍ସ ଟିକା ଏବଂ କୁକୁଡ଼ାମାନଙ୍କୁ ରାଣୀକ୍ଷେତ ଟିକା ଆଦି ଦେବା ଉଚିତ। ସେହିପରି ବର୍ଷାଦିନେ ଗୃହପାଳିତ ପ୍ରାଣୀମାନେ ଅଧିକ କୃମିରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ତେଣୁ ବର୍ଷାଦିନ ପୂର୍ବରୁ ସେମାନଙ୍କର ମଳ ପରୀକ୍ଷାକରି ସମସ୍ତ ଗୃହପାଳିତ ପ୍ରାଣୀଙ୍କୁ କୃମିନାଶକ ଲିଭର ଟନିକ୍ ସହ ଦେଇଦେବା ଉଚିତ।

**ଘର ମରାମତି**

ବର୍ଷାଦିନ ପୂର୍ବରୁ ଗୃହପାଳିତ ପ୍ରାଣୀମାନେ ରହୁଥିବା ସ୍ଥାନ ଅର୍ଥାତ୍ ଗୁହାଳରେ ଥିବା କଣା, ଫାଟ ଏବଂ କାନ୍ଥ ଆଦିକୁ ମରାମତିକରି ଦେବା ଉଚିତ। ଗୁହାଳ ଭିତରେ ଏବଂ ବାହାରକୁ ଭଲ ଭାବରେ ସଫାସୁତରା କରିଦେବା ଉଚିତ।

> "ବର୍ଷାଦିନେ ପ୍ରତିକୂଳ ପାଗରୁ ପ୍ରାଣୀଙ୍କୁ ରକ୍ଷାକରିବା ପାଇଁ ସେମାନଙ୍କର ତଥା ସେମାନଙ୍କର ଉତ୍ପାଦିକା କ୍ଷମତା ବଜାୟ ରଖିବା ପାଇଁ ଗୁହାଳ ଶୁଖିଲା ରଖନ୍ତୁ। ଗୁହାଳର ଛପର, ଝରକା ଏବଂ କବାଟ କଣାରହିତ ହେବା ଉଚିତ। ଗୁହାଳ ଚଟାଣ ସଫାସୁତରା ରହିବା ସହ ମଳମୂତ୍ର ନିର୍ଗମନ ପାଇଁ ଉଚିତ ବ୍ୟବସ୍ଥା କରାଯିବା ଦରକାର। ଗୁହାଳରେ ଆବଶ୍ୟକ ଆଲୋକ ଏବଂ ପଞ୍ଝାର ବ୍ୟବସ୍ଥା ରହିବା ଉଚିତ। ଗୁହାଳକୁ ସ୍ୱଚ୍ଛ ପାଣି ଆଦିର ବ୍ୟବସ୍ଥା କରନ୍ତୁ।"



**ଖାଦ୍ୟ ପରିଚାଳନା**

ବର୍ଷାଦିନ ପୂର୍ବରୁ ଆକଳନକରି ପର୍ଯ୍ୟାପ୍ତ ପରିମାଣର ଶୁଖିଲା ନଡ଼ା, ଦାନା, କୁଣ୍ଡା ଆଦି ମହଜୁଦ ରଖିବା ଉଚିତ। ବର୍ଷାଦିନକୁ ଆଖି ଆଗରେ ରଖି ସବୁଜ ଗୋଖାଦ୍ୟ ଫସଲ ଚାଷ ଆବଶ୍ୟକତା ଅନୁସାରେ କିଛି ପ୍ରସ୍ତୁତ ରହିବା ଉଚିତ। ବର୍ଷାଦିନ ପୂର୍ବରୁ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରିବା ଦରକାର।

**ରୋଗ ନିରାକରଣ**

ବର୍ଷାଦିନ ପୂର୍ବରୁ ରୋଗର ଲକ୍ଷଣ ଦେଖାଯାଉଥିବା ପ୍ରାଣୀମାନଙ୍କୁ ଚିହ୍ନଟକରି ସେମାନଙ୍କୁ ଅଲଗାକରି ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଇ ସୁସ୍ଥ କରନ୍ତୁ। ସନ୍ତସନ୍ତିଆ ଜାଗାରେ ଗୃହପାଳିତ ପ୍ରାଣୀମାନଙ୍କୁ ଛାଡ଼ନ୍ତୁ ନାହିଁ।

**ଟିଙ୍କ ନିୟନ୍ତ୍ରଣ**

ଟିଙ୍କମାନେ ଗୃହପାଳିତ ପ୍ରାଣୀମାନଙ୍କ ଠାରେ ଥାଲେରିଆ, ବାବେସିଆ ଏବଂ ଟ୍ରିମାନୋ ସୋମା ଆଦି ରୋଗର ବାହକ ଅଟନ୍ତି। ଏହିସବୁ ରୋଗର ଚିକିତ୍ସା ବ୍ୟୟସାପେକ୍ଷ। ତେଣୁ ବର୍ଷାଦିନର ଯଥେଷ୍ଟ ପୂର୍ବରୁ ଗୃହପାଳିତ ପ୍ରାଣୀମାନଙ୍କୁ ଟିଙ୍କ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଇବା ଉଚିତ।

**ଚାପ ନିୟନ୍ତ୍ରଣ**

ବର୍ଷାଦିନ ପୂର୍ବରୁ ଗୃହପାଳିତ ପ୍ରାଣୀମାନଙ୍କୁ ପରିବହନ, ଅପପୁଷ୍ଟି ଏବଂ ପରିବେଶଜନିତ ଚାପରୁ ମୁକ୍ତ ରଖିବା ଉଚିତ।

**ବର୍ଷାଦିନେ ଗୁହାଳ ପରିଚାଳନା**

➤ଗୃହପାଳିତ ପ୍ରାଣୀମାନଙ୍କୁ ସୁରକ୍ଷିତ ତଥା ଆରାମ ପାଇଁ ଏକ ଭଲ ଗୁହାଳର ଆବଶ୍ୟକତା ରହିଛି।

➤ବର୍ଷାଦିନେ ପ୍ରତିକୂଳ ପାଗରୁ ସେମାନଙ୍କୁ ରକ୍ଷାକରିବା ପାଇଁ ସେମାନଙ୍କର ତଥା ସେମାନଙ୍କର ଉତ୍ପାଦିକା କ୍ଷମତା ବଜାୟ ରଖିବା ପାଇଁ ସେମାନଙ୍କର ଗୁହାଳ ଶୁଖିଲା ରଖନ୍ତୁ। ଗୁହାଳର ଛପର, ଝରକା ଏବଂ କବାଟ କଣାରହିତ ହେବା ଉଚିତ। ଗୁହାଳ ଚଟାଣ ସଫାସୁତରା ରହିବା ସହ ମଳମୂତ୍ର ନିର୍ଗମନ ପାଇଁ ଉଚିତ ବ୍ୟବସ୍ଥା କରାଯିବା ଦରକାର। ଗୁହାଳରେ ଆବଶ୍ୟକ ଆଲୋକ ଏବଂ ପଞ୍ଝାର ବ୍ୟବସ୍ଥା ରହିବା ଉଚିତ। ଗୁହାଳକୁ ସ୍ୱଚ୍ଛ ପାଣି ଆଦିର ବ୍ୟବସ୍ଥା କରନ୍ତୁ।

➤ଗୁହାଳ ଚାରିପଟେ ବଢ଼ିଥିବା ଅନାବନା ଘାସକୁ ସଫା କରିଦେବା ଉଚିତ।

➤ଗୁହାଳ ଚାରିପାଖରେ ଅଳିଆ ଆବର୍ଜନା ଜମା କରନ୍ତୁ ନାହିଁ। ଯଦି ଜମା ଅଛି ତେବେ ସେଗୁଡ଼ିକୁ ଭଲ ଭାବରେ ସଫା କରି ଦିଅନ୍ତୁ।

➤ଗୁହାଳଟି ଉଚ୍ଚ ସ୍ଥାନରେ ଅବସ୍ଥିତ ହେବା ଦରକାର।

➤ଗୁହାଳଟି ଯଦି ଖୋଲା ଭାବରେ ତିଆରି ହୋଇଥିବ, ତା' ହେଲେ ବର୍ଷାଜଳ, ଥଣ୍ଡା ପବନ ଭିତରକୁ ନ ଯିବା ପାଇଁ ବ୍ୟବସ୍ଥା କରିବା ଉଚିତ।

**ଖାଦ୍ୟ ପରିଚାଳନା**

➤ବର୍ଷାଦିନେ ସାଇତା ଖାଦ୍ୟରେ ଫିମ୍ପି ଲାଗି ଯିବାର ଅଧିକ ଆଶଙ୍କା ରହିଛି। ତେଣୁ ଖାଦ୍ୟକୁ ବର୍ଷାଦିନେ ସାଇତି ରଖିବା ସମୟରେ ଅଧିକ ଧ୍ୟାନ ଦେବା ଉଚିତ।

➤ବର୍ଷାଦିନେ ଘାସରେ ଅଧିକ ଜଳୀୟ ଅଂଶ ଥାଏ। ତେଣୁ ଏହାକୁ ସଙ୍ଗେ ସଙ୍ଗେ କାଟି ଖାଇବାକୁ ଦେବା ଅନୁଚିତ। ଏହାକୁ ଖରାରେ ଶୁଖାଇ କିମ୍ବା ଶୁଖିଲା କୁଟା/ନଡା ମିଶାଇ ଖାଇବାକୁ ଦିଅନ୍ତୁ। ନଚେତ୍ ପ୍ରାଣୀଙ୍କୁ ଥଣ୍ଡା ଜ୍ୱର କିମ୍ବା ପତଳା ଝାଡା ହୋଇଥାଏ।

➤ବର୍ଷାଦିନେ ପ୍ରାଣୀଙ୍କ ଶରୀରରେ ତାପମାତ୍ରା ଠିକ୍ ରଖିବା ପାଇଁ ଶ୍ୱେତସାର, ସ୍ନେହସାର ଏବଂ ଭିଟାମିନ୍ ଖାଦ୍ୟ ଦିଅନ୍ତୁ।

**ମନେରଖନ୍ତୁ**

➤ବର୍ଷାଦିନେ ପ୍ରାଣୀଙ୍କୁ ଗଛତଳେ ବାନ୍ଧନ୍ତୁ ନାହିଁ। କାରଣ ଏହି ସ୍ଥାନଟି ବିଜୁଳି ଘଡ଼ଘଡ଼ି ପାଇଁ ଅଧିକ ବିପଜ୍ଜନକ ହୋଇଥାଏ।

➤ବର୍ଷା ସମୟରେ ପ୍ରାଣୀମାନଙ୍କୁ ବାହାରକୁ ଚରିବାକୁ ଛାଡନ୍ତୁ ନାହିଁ।

➤ବର୍ଷାଦିନରେ ପ୍ରାଣୀମାନଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧନ୍ତୁ ନାହିଁ।

➤ବର୍ଷାଦିନେ ଖାଦ୍ୟ ନଷ୍ଟ ଦୂରକରିବା ପାଇଁ ଭିଟାମିନ୍ ଏବଂ ଖଣିଜ ଲବଣଯୁକ୍ତ ଖାଦ୍ୟ ଖାଇବାକୁ ଦେବା ଦରକାର।

➤ଫାର୍ମ ବା ଗୁହାଳକୁ ସର୍ପମାନଙ୍କ କବଳରୁ ରକ୍ଷା କରିବା ପାଇଁ କାର୍ବୋଲିକ ଏସିଡ୍ ବ୍ୟବହାର କରନ୍ତୁ।

➤ବନ୍ୟା, ବାତ୍ୟା ଆଦି ଖବର ଜାଣିବା ପାଇଁ ସଦାସର୍ବଦା ତତ୍ପର ରୁହନ୍ତୁ।

➤ଯେକୌଣସି ସ୍ୱାସ୍ଥ୍ୟଗତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କ ସହ ସବୁବେଳେ ସମ୍ପର୍କରେ ରହିବା ଆବଶ୍ୟକ।

–ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ, ତିହିଡ଼ି, ଭଦ୍ରକ, ମୋ : ୯୪୩୧୮୯୦୦୨୬



## ଫଳ ବଗିଚା କାର୍ଯ୍ୟ

ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛି ଦିନ ପାଇଁ ଛାଡ଼ି ଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା: ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି., ନଡ଼ିଆ – ୧ ମି. x ୧ ମି.x୧ ମି., କଦଳୀ – ୦.୪ ମି. x ୦.୪ ମି. x ୦.୪ ମି. , କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି. ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ। ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ।

## ପନିପରିବା ତଳି ପଟି ପ୍ରସ୍ତୁତି



ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ। ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନକରି ବୁଣନ୍ତୁ । ମଞ୍ଜି ବୁଣିବା ପରେ ଛଣ ବା ନଡ଼ା ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନାହିଁ । ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ଛଣ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ । ତଳି ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନକରି ଜମିରେ ଲଗାନ୍ତୁ। ୧ଏକର ବାଇଗଣ ଓ ଲଙ୍କାମରିଚ ଚାଷ ପାଇଁ ଉପରୋକ୍ତ ଆକାରର ତଳିପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ । ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷା କରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ। ବାଇଗଣ ମଞ୍ଜି ହେକ୍ଟର ପ୍ରତି ୫୦୦ ଗ୍ରାମ୍ ଏବଂ ଲଙ୍କାମରିଚ ମଞ୍ଜି ହେକ୍ଟର ପ୍ରତି ୧ କି.ଗ୍ରା. ଆବଶ୍ୟକ । ଯଦି ସଙ୍କର କିସମର ବିହନ ବ୍ୟବହାର କରୁଥାନ୍ତି ତେବେ ବାଇଗଣ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଓ ଲଙ୍କାମଞ୍ଜି ୩୦୦ ଗ୍ରାମ୍ ବ୍ୟବହାର କରନ୍ତୁ।

## ଅଣଧାନ ଫସଲ ଚାଷ କରୁଥିଲେ...



ବର୍ଷାଧାର ଜମିରେ ଧାନ ବଦଳରେ ବିଭିନ୍ନ ଅଣଧାନ ଫସଲ ଯଥା– ମକା, ମାଣ୍ଡିଆ, ମୁଗ, ବିରି, ଝୁଡ଼ଙ୍ଗ, ହରଡ଼, ଚିନାବାଦାମ, ରାଶି, ପନିପରିବା ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ିପ୍ରବଣ ଢିପ ଜମିରେ ଧାନ କିମ୍ବା ହରଡ଼ ସହ ବିଭିନ୍ନ ଅନ୍ତଃଫସଲ (ପନିପରିବା, ମକା, ଡାଲିଜାତୀୟ ଫସଲ) ଚାଷ କରନ୍ତୁ। ଗୋଟିଏ ଜମିରେ ବାରମ୍ବାର ଗୋଟିଏ ଫସଲ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ତଥା ପରାଗ ସଙ୍ଗମକୁ କ୍ଷତି କରିବ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ। ପରାଶ୍ରୟୀ ପୋକମାନଙ୍କୁ ପ୍ରୟୋଗକରି କୀଟ ନିୟନ୍ତ୍ରଣ କରିବା ପାଇଁ କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରନ୍ତୁ ।

## ମାଛ ଯାଆଁଳ ଛାଡ଼ିବା ସମୟରେ...

ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲା ପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ । ଜାତିଆ ମାଛ ଯଥା– ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୂପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛ ଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ । ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ ଟି ଜାତୀୟ ଏବଂ ୩ ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ ।



# ମହିଳା କୃଷକଙ୍କ ଶ୍ରମ ହ୍ରାସ ପାଇଁ କୃଷି ଯାନ୍ତ୍ରିକୀକରଣ



ଡ. ଶିବାନୀ ମହାପାତ୍ର

ଭାରତର କୃଷି ବ୍ୟବସ୍ଥାର ମୂଳ ଶକ୍ତି ମହିଳା କୃଷକ। ଅନେକ ଅଞ୍ଚଳରେ ସେମାନେ କୃଷି, ଆନୁଷଙ୍ଗିକ କୃଷି ଓ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ରହିଥାନ୍ତି। ଓଡ଼ିଶା ରାଜ୍ୟର ଅନେକ ଜିଲାରେ ମହିଳା ଶ୍ରମିକମାନେ ବହୁ ପରିମାଣରେ କୃଷି କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। କିନ୍ତୁ ଏହି ମହିଳା କୃଷକଙ୍କ ଶାରୀରିକ ଶ୍ରମ, ଦୀର୍ଘ ସମୟ ଧରି ବକ୍ର ହୋଇ ବା ନଇଁ କାମ କରିବା ଏବଂ ବେଳେବେଳେ ଅଯଥା ଭାର ଉଠାଇବା ପରିସ୍ଥିତି ତାଙ୍କ ସ୍ୱାସ୍ଥ୍ୟକୁ ଗମ୍ଭୀର ଭାବେ ପ୍ରଭାବିତ କରିଥାଏ। ଏହି ସମସ୍ୟା ପାଇଁ ଦୀର୍ଘକାଳୀନ ଯନ୍ତ୍ରଣା, ମାଂସପେଶୀ ଅସୁବିଧା ଏବଂ କାମରୁ ଅନୁପସ୍ଥିତି ରହି ସେମାନଙ୍କ ଆର୍ଥିକ ଅବସ୍ଥାକୁ ଦୁର୍ବଳ କରିଥାଏ।

ମହିଳା ଶ୍ରମିକମାନେ ବୃହତ୍ ପରିମାଣରେ କୃଷି କାମରେ ନିଯୁକ୍ତ ହେଉଛନ୍ତି, କିନ୍ତୁ ସେମାନଙ୍କ ପାଇଁ ଉପଯୁକ୍ତ ଯନ୍ତ୍ର ବା ଉପକରଣ ମିଳୁନାହିଁ। ପୁରୁଷଙ୍କ ଶରୀର ଗଠନ ଦୃଷ୍ଟିରୁ ତିଆରି ହୋଇଥିବା ଅଧିକାଂଶ ଉପକରଣ ମହିଳାମାନେ ସହଜରେ ବ୍ୟବହାର କରିପାରୁନାହାନ୍ତି। ଏହି ଅନୁପଯୁକ୍ତ ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ତାଙ୍କର ଶାରୀରିକ ଅସୁବିଧା ଅଧିକ ବୃଦ୍ଧି ପାଉଛି। ଅନୁସନ୍ଧାନରୁ ଦେଖାଯାଇଛି ଯେ ମହିଳା ଶ୍ରମିକଙ୍କ ମଧ୍ୟରେ ୭୦%ରୁ ଅଧିକ ଲୋକ ମାଂସପେଶୀ ଯନ୍ତ୍ରଣାରେ ଭୋଗୁଛନ୍ତି। ଏହି ପ୍ରସଙ୍ଗରେ ଏକ ନୂଆ ଆଶା ଉଭା ହୋଇଛି। ମହିଳାଙ୍କ ଲାଗି ଉପଯୁକ୍ତ ଯାନ୍ତ୍ରିକ ଉପକରଣ ଓ ସେମାନଙ୍କ ନିଜ ଶାରୀରିକ ଆକୃତି ଅନୁଯାୟୀ ଉନ୍ନତ ଡିଜାଇନରେ ତିଆରି କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଦରକାର। ଏହା ସହ ବେଳେବେଳେ ସ୍ଥାନୀୟ କାରିଗର ଓ ଶିଳ୍ପୀମାନଙ୍କ ସହଯୋଗରେ ଉପକାରୀ ଉପକରଣମାନ ତିଆରି କରାଯାଉଛି। ଏ ପର୍ଯ୍ୟନ୍ତ ମହିଳାଙ୍କ ଶରୀର ଓଜନ ଓ ଆକୃତିକୁ ଆଖି ଆଗରେ ରଖି ମଞ୍ଜି ବୁଣା, ତଳି ରୁଆ, ଧାନ ଅମଳ ଯନ୍ତ୍ର, କୋଡ଼ା ଖୁସା ଖୁର୍ପି, ଦା, ବାଦାମ ଛଡ଼ା ଯନ୍ତ୍ର ଆଦି ବାହାରିଲାଣି । ଛୋଟ ଟ୍ରାକ୍ଟର, ପାୱାର ଟିଲର, ଘାସ ସଫା ଯନ୍ତ୍ର ମଧ୍ୟ ତିଆରି ହେଲାଣି ।

> "କୃଷି କର୍ମ କରୁଥିବା ମହିଳାମାନେ ନିଜ ଅଭିଜ୍ଞତା ଓ ଦୃଷ୍ଟିକୋଣ ନେଇ ସମୂହ ଭିତ୍ତିକ ଉଦ୍ୟମରେ ଅଂଶଗ୍ରହଣ କରୁଛନ୍ତି। ସ୍ୱୟଂ ସହାୟକ ଦଳ ଓ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ ମାଧମରେ ମହିଳାମାନେ ବିଭିନ୍ନ ଟ୍ରେନିଂ ଦେଉଛନ୍ତି, ଯନ୍ତ୍ର ବ୍ୟବହାର ବିଷୟରେ ଶିଖାଉଛନ୍ତି। ଏହି ପଦକ୍ଷେପମାନ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରୁଛି ଏବଂ ଗ୍ରାମରେ ତାଙ୍କ ସ୍ଥିତିକୁ ଉନ୍ନତ କରୁଛି।"



କୃଷି କର୍ମ କରୁଥିବା ମହିଳାମାନେ ନିଜ ଅଭିଜ୍ଞତା ଓ ଦୃଷ୍ଟିକୋଣ ନେଇ ସମୂହ ଭିତ୍ତିକ ଉଦ୍ୟମରେ ଅଂଶଗ୍ରହଣ କରୁଛନ୍ତି। ସ୍ୱୟଂ ସହାୟକ ଦଳ ଓ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ ମାଧ୍ୟମରେ ମହିଳାମାନେ ବିଭିନ୍ନ ଟ୍ରେନିଂ ଦେଉଛନ୍ତି, ଯନ୍ତ୍ର ବ୍ୟବହାର ବିଷୟରେ ଶିଖାଉଛନ୍ତି। ଏହି ପଦକ୍ଷେପମାନ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରୁଛି ଏବଂ ଗ୍ରାମରେ ତାଙ୍କ ସ୍ଥିତିକୁ ଉନ୍ନତ କରୁଛି। ଏକ ସର୍ଭେରୁ ଜଣାପଡ଼ିଛି ଯେ, ମହିଳାମାନଙ୍କ ପାଇଁ ନିର୍ମିତ କୃଷି ଯନ୍ତ୍ର ସେମାନେ ବ୍ୟବହାର କରିବା ଦ୍ୱାରା ସେମାନଙ୍କର ଶାରୀରିକ କଷ୍ଟ କମିଛି। ଦୁର୍ଗମ କୃଷି କର୍ମ ଅଧିକ ସହଜ ଓ ଦ୍ରୁତ ହୋଇପାରିଛି। ସେମାନେ ଅନ୍ୟ ମହିଳାଙ୍କୁ ଉତ୍ସାହିତ କରୁଛନ୍ତି। ନୂଆ ଉପକରଣ ବିକାଶ ପାଇଁ ମତ ଦେଉଛନ୍ତି ଏବଂ ନିଜ ଅଭିଜ୍ଞତା ଆଧାରିତ ଉପାୟ ଉପସ୍ଥାପନ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଏକ ନୀତି ବଦଳ ପାଇଁ ଆହ୍ୱାନ । ଦେଖାଯାଇଛି, ମହିଳା ଶ୍ରମ ଓ ସ୍ୱାସ୍ଥ୍ୟ ଅନ୍ତର୍ଭୁକ୍ତ କରିବା ଦ୍ୱାରା କୃଷି ଉତ୍ପାଦନକୁ ଉନ୍ନତ କରାଯାଇପାରିବ। ରାଜ୍ୟ ଓ ଜାତୀୟ ସ୍ତରରେ ଯାନ୍ତ୍ରିକୀକରଣ ନୀତିରେ କୃଷି ସହାୟତା ଯୋଜନାରେ ଅନୁଭବ ଆଧାରିତ ଟ୍ରେନିଂ ଦେବା ଏବଂ ଦୀର୍ଘମିଆଦୀ ବିକାଶ କାର୍ଯ୍ୟକ୍ରମରେ ଏହି ଉଦ୍ୟମକୁ ଅଂଶୀଦାର କରିବା ଆବଶ୍ୟକ। ମହିଳା କୃଷକଙ୍କ ଶାରୀରିକ ଶ୍ରମ କମାଇବାରେ ଯାନ୍ତ୍ରିକୀକରଣ ଓ ସମୟ ଉପଯୋଗୀ ଉଦ୍ୟମ ଏକ ନୂଆ ଦିଗ୍‌ଦର୍ଶନ, ଯାହା ମହିଳାଙ୍କୁ କେବଳ ଶ୍ରମିକ ଭାବରେ ନୁହେଁ, ବିକାଶର ନେତା ଭାବେ ପରିଚିତ କରାଉଛି। ଦେଖାଯାଇଛି, ଏହା ଏକ ସହଯୋଗମୂଳକ, ଗ୍ରାମ ପ୍ରତିଭା ଆଧାରିତ ପଦ୍ଧତି ଯାହା ଦ୍ୱାରା କୃଷି ଶ୍ରମ ଓ ସ୍ୱାସ୍ଥ୍ୟ ଉପରେ ସାର୍ବଭୌମ ପରିବର୍ତ୍ତନ ଆଣିବାରେ ନିଶ୍ଚିତ ସହାୟକ ହେବ ।

–ସହକାରୀ ପ୍ରଫେସର(ଗବେଷଣା)
ଜୈବ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର,ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ :୬୩୭୨୫୯୮୯୯୩

# ଧରିତ୍ରୀ
DHARITRI

**ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍**

## ଓପନ ୱାଟର ସୁଇମିଂ ସ୍ଥଗିତ

ସିଙ୍ଗାପୁର, ୧୫।୭ (ଏପି)

ଜଳର ମାନ ଖରାପ ଥିବାରୁ ସିଙ୍ଗାପୁରରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପର ଓପନ ୱାଟର ସୁଇମିଂକୁ ସ୍ଥଗିତ ରଖାଯାଇଛି। ୱାର୍ଲ୍ଡ ଆକ୍ୱାଟିକ୍‌ର ପରିଚାଳନା ପରିଷଦ ପକ୍ଷରୁ ଏହା ଘୋଷଣା କରାଯାଇଛି। ମଙ୍ଗଳବାର ମହିଳା ୧୦ କିଲୋମିଟର ରେସ୍ ଅନୁଷ୍ଠିତ ହୋଇଥାନ୍ତା, ମାତ୍ର ତାହା ବୁଧବାରକୁ ଘୁଞ୍ଚାଇ ଦିଆଯାଇଛି। ଏହିଦିନ ପୁରୁଷ ୧୦ କି.ମି. ଇଭେଣ୍ଟ ଅନୁଷ୍ଠିତ ହେବ। ଅନ୍ୟ ଓପନ ୱାଟର ଇଭେଣ୍ଟଗୁଡ଼ିକ ଶୁକ୍ର, ଶନି ଓ ରବିବାର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସ ସିନ୍ ନଦୀ ଜଳର ମାନକୁ ନେଇ ଚିନ୍ତା ପ୍ରକଟ କରାଯିବା ସହ ଖୁବ୍ ଚର୍ଚ୍ଚା ହୋଇଥିଲା। ୨୦୨୧ ଟୋକିଓ ଅଲିମ୍ପିକ୍ସ ଓ ୨୦୧୬ ରିଓ ଡି' ଜେନିରୋ ଅଲିମ୍ପିକ୍ସ ବେଳେ ଏହି ପ୍ରସଙ୍ଗ ଉଠିଥିଲା। ବିଶ୍ୱ ଚାମ୍ପିୟନଶିପ୍‌ର ୱାଟର ପୋଲୋ ପ୍ରତିଯୋଗିତା ଏକ ଇନ୍‌ଡୋର ଭେନ୍ୟୁରେ ଅନୁଷ୍ଠିତ ହେଉଛି।

# ଈଶାରାଣୀ, ଗିନ୍‌ପଲ ଚାମ୍ପିୟନ




ପଦକ ବିଜୟୀ ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ସର୍ବଭାରତୀୟ ସିନିୟର ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ**

ଭୁବନେଶ୍ୱର, ୧୫।୭ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମସ୍ଥିତ ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ଷ୍ଟାଡିୟମ 'ସଟଲ'ରେ ୟୋନେକ୍ସ ସନ୍‌ରାଇଜ ସର୍ବଭାରତୀୟ ସିନିୟର ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ସିଙ୍ଗଲ୍ସରେ ଆସାମର ଈଶାରାଣୀ ବରୁଆ ଓ ପୁରୁଷ ସିଙ୍ଗଲ୍ସରେ ଦିଲ୍ଲୀର ଗିନପଲ ଏସ୍. ଚାମ୍ପିୟନ ହୋଇଛନ୍ତି। ଈଶାରାଣୀ ଫାଇନାଲରେ ଟପ୍ ସିଡ୍ ଉତ୍ତର ପ୍ରଦେଶର ମାନସି ସିଂଙ୍କୁ ୨୩-୨୧, ୨୧-୧୦ରେ ପରାସ୍ତ କରିଛନ୍ତି। ସେହିପରି ଗିନପଲ୍ ଫାଇନାଲରେ ହରିୟାଣାର ମନରାଜ ସିଂଙ୍କୁ ସିଧାସଳଖ ୨୧-୧୭, ୨୧ -୧୬ରେ ହରାଇ ଟାଇଟଲ ହାସଲ କରିଛନ୍ତି। ମିକ୍ସଡ ଡବଲ୍ସ ଫାଇନାଲରେ ସାତ୍ତ୍ୱିକ ରେଡ୍ଡୀ ଓ ରାଧିକା ଶର୍ମା ୧୭-୨୧, ୨୧-୧୬, ୨୧-୧୨ରେ ନୀତୀନ ଏଚ୍.ଭି. ଓ ଶ୍ରୀନିଧି ନାରାୟଣଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ମହିଳା ଡବଲ୍ସ ଫାଇନାଲରେ ଶ୍ରେୟା ବାଲାଜୀ ଓ ଦୀପ୍ତା ଏସ୍. ୨୧-୧୩, ୧୮-୨୧, ୨୧-୧୯ରେ ଆନ୍ୟା ବିଷ୍ଟ ଓ ଆଞ୍ଜେଲ ପୁନେରାଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ପୁରୁଷ ଡବଲ୍ସ ଫାଇନାଲରେ ସୂରଜ ଗୋଆଲା ଓ ଧ୍ରୁବ ରାୱତ ଯୋଡ଼ି ୨୧-୧୨, ୨୧-୧୪ ଗେମ୍‌ରେ ନୀତୀନ ଏଚ୍.ଭି. ଓ ଭେଙ୍କଟ ହର୍ଷବର୍ଦ୍ଧନ ଭି.ଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି।

ଭାରତୀୟ ବ୍ୟାଡ୍‌ମିଣ୍ଟନ ସଂଘ, ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହଯୋଗରେ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ବିଏମସି କମିଶନର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଓସ୍‌ବା ସଭାପତି ରାଜେଶ ପ୍ରଭାକର ପାଟିଲ, କ୍ରୀଡା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟାନନ୍ଦ ନାୟକ, ଓସ୍‌ବା ସମ୍ପାଦକ ନିଲିନ କୁମାର ଯୋଗଦେଇ ଚାମ୍ପିୟନ ଓ ରନରଅପ୍ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ସର୍ବଭାରତୀୟ ପ୍ରତିଯୋଗିତାର ବିଭିନ୍ନ ବିଭାଗର ସୁପରିଚାଳନା ପାଇଁ ଆୟୋଜନ କମିଟିରେ ଥିବା ପ୍ରଦୀପ ପଟ୍ଟନାୟକ, ମନୋରଞ୍ଜନ ପଣ୍ଡା, ଶୈଳେନ୍ଦ୍ର ଚୌଧୁରୀ, କମଳ ଦାସ, ସୁରୁଲାଲ ମଟାରୀ, ଦୀପକ ମହାନ୍ତି, ସମୀର ଦାସ, ପ୍ରୀତପାଳ ସିଂ, ଶୁଭମ ଶର୍ମା, ଶୁଭମ ନାୟକ, ମନୋରଞ୍ଜନ ଦାସ, ସନ୍ଦୀପ ମିଶ୍ର, ଶୁଭ୍ରାଂଶୁ ପଣ୍ଡା, ଅନନ୍ତ ବେହେରା ଓ ଅଜିତ ମହାନ୍ତି ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। । ମୁଖ୍ୟ ରେଫରି ଭାବରେ ବିଡବ୍ଲ୍ୟୁଏଏଫ ମାନ୍ୟତାପ୍ରାପ୍ତ ରେଫରି ସି.ଆର. ରାଜୀବ, ଅନ୍ତର୍ଜାତୀୟ ରେଫରି ଗୌରବ ଖାନ୍ନା ମ୍ୟାଚ ପରିଚାଳନା କରିଥିବାବେଳେ ସହକାରୀ ରେଫରି ଭାବରେ ବିଜୟ କୁମାର ବାଗ, ମନୋଜ ସାବତ ପ୍ରମୁଖ ସହଯୋଗ କରିଥିଲେ।

## ଇଂଲଣ୍ଡ, ନ୍ୟୁଜିଲାଣ୍ଡ ବିପକ୍ଷରେ ୱାର୍ମଅପ୍ ଖେଳିବ ଭାରତ

**ମହିଳା କ୍ରିକେଟ ବିଶ୍ୱକପ୍**

ଦୁବାଇ, ୧୫।୭

ଚଳିତବର୍ଷ ସେପ୍ଟେମ୍ବର-ଅକ୍ଟୋବରରେ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛନ୍ତି। ପାକିସ୍ତାନ ଏହାର ଉଭୟ ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ସହମତିରେ ଏହା ଆୟୋଜନ କରାଯାଉଛି। ଇଂଲଣ୍ଡ ବିପକ୍ଷରେ ଭାରତ ୱାର୍ମଅପ୍ ସେପ୍ଟେମ୍ବର ୨୫ରେ ବିସିସିଆଇର ସେଣ୍ଟର ଫର୍ ଏକ୍ସେଲେନ୍ସ ଗ୍ରାଉଣ୍ଡରେ ଏବଂ ସେପ୍ଟେମ୍ବର ୨୭ରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳିବ। ଏହି ସମାନ ଭେନ୍ୟୁରେ ୩ ଦିନ ପରେ ଅର୍ଥାତ ସେପ୍ଟେମ୍ବର ୩୦ରେ ଟୁର୍ନାମେଣ୍ଟ ଆରମ୍ଭ ହେବ। କଲମ୍ବୋ କ୍ରିକେଟ କ୍ଲବଠାରେ ପାକିସ୍ତାନ ଏହାର ଦୁଇଟି ୱାର୍ମଅପ୍ ମ୍ୟାଚ ସେପ୍ଟେମ୍ବର ୨୫ ଓ ୨୮ରେ ଯଥାକ୍ରମେ ଶ୍ରୀଲଙ୍କା ଓ ଶ୍ରୀଲଙ୍କା 'ଏ' ଦଳ ବିପକ୍ଷରେ ଖେଳିବ। ସମସ୍ତ ୯ଟି ଯାକ ଦିବାରାତ୍ର ମ୍ୟାଚ୍ ସେପ୍ଟେମ୍ବର ୨୫ରୁ ୨୮ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ, ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଗ୍ରାଉଣ୍ଡ-୧ (ଉଭୟ ବେଙ୍ଗାଲୁରୁରେ) ଏବଂ କଲମ୍ବୋସ୍ଥିତ ଆର୍ ପ୍ରେମାଦାସା ଷ୍ଟାଡିୟମ ଓ କଲମ୍ବୋ କ୍ରିକେଟ କ୍ଲବଠାରେ ଅନୁଷ୍ଠିତ ହେବ। ଆଠଟି ଦଳ ରାଉଣ୍ଡ-ରବିନ୍ ଫର୍ମାଟରେ ବେଙ୍ଗାଲୁରୁ ଓ କଲମ୍ବୋରେ ୪ଟି ଭେନ୍ୟୁରେ ଖେଳାଯିବ। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଏକମାତ୍ର ଦଳ ଭାବେ ୱାର୍ମଅପ୍‌ର ପ୍ରଥମ ଦିବସରେ ଖେଳିବ ନାହିଁ। ସେପ୍ଟେମ୍ବର ୨୭ରେ ଦଳ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡକୁ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଗ୍ରାଉଣ୍ଡ-୧ରେ ଖେଳିବ। ୧୨ବର୍ଷ ପରେ ୫୦ଓଭର ବିଶ୍ୱକପ୍ ଉପମହାଦେଶକୁ ଫେରିଛି। ଏହା ସେପ୍ଟେମ୍ବର ୩୦ରୁ ନଭେମ୍ବର୨ ପର୍ଯ୍ୟନ୍ତ ୫ଟି ଭେନ୍ୟୁ ଯଥା ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ (ବେଙ୍ଗାଲୁରୁ), ଏସିଏ ଷ୍ଟାଡିୟମ (ଗୁଆହାଟୀ), ହୋଲ୍‌କର ଷ୍ଟାଡିୟମ (ଇନ୍ଦୋର), ଏସିଏ-ଭିଡିସିଏ ଷ୍ଟାଡିୟମ (ବିଶାଖାପାଟଣା) ଓ ଆର୍. ପ୍ରେମାଦାସା ଷ୍ଟାଡିୟମ (କଲମ୍ବୋ)ଠାରେ ଖେଳାଯିବ।

## କିଙ୍ଗ୍ ଚାର୍ଲ୍ସଙ୍କୁ ଭେଟିଲେ ଭାରତୀୟ ଦଳ



ସେଣ୍ଟ ଜେମ୍ସ ପ୍ୟାଲେସରେ ମଙ୍ଗଳବାର କିଙ୍ଗ୍ ଚାର୍ଲ୍ସ-୩'ଙ୍କ ସହ ଭାରତୀୟ ମହିଳା ଓ ପୁରୁଷ କ୍ରିକେଟ୍ ଦଳ।

ଲଣ୍ଡନ, ୧୫।୭

ଉଭୟ ପୁରୁଷ ଓ ମହିଳା ଭାରତୀୟ କ୍ରିକେଟ୍ ଦଳ ମଙ୍ଗଳବାର ସେଣ୍ଟ ଜେମ୍ସ ପ୍ୟାଲେସରେ କିଙ୍ଗ୍ ଚାର୍ଲ୍ସ ୩'ଙ୍କୁ ଭେଟିଛନ୍ତି। ଏହି ଅବସରରେ ଯଶପ୍ରୀତ ବୁମରା, ରିଷଭ ପନ୍ତ ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ଭଳି ପ୍ରମୁଖ ଖେଳାଳିଙ୍କ ସହ ଚାର୍ଲ୍ସ କଥା ହୋଇଥିଲେ। ଲର୍ଡ୍ସଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ତୃତୀୟ ଟେଷ୍ଟ ମ୍ୟାଚ୍‌ର ହାଇଲାଇଟ୍ସ ଦେଖିଥିବା କିଙ୍ଗ୍ ଚାର୍ଲ୍ସ ପ୍ରକାଶ କରିଥିଲେ।

'କିଙ୍ଗ୍ ଚାର୍ଲ୍ସଙ୍କୁ ଭେଟିବା ଏକ ଚମତ୍କାର ଅନୁଭୂତି ଥିଲା। ଆମେ ତାଙ୍କ ସହ କଥା ହୋଇଥିଲୁ। କିଙ୍ଗ୍ ଚାର୍ଲ୍ସ ୩' ଆମକୁ କହିଥିଲେ ଯେ, ଲର୍ଡ୍ସ ଟେଷ୍ଟରେ ଯେଉଁଭଳି ଆମର ଅନ୍ତିମ ବ୍ୟାଟ୍ସମ୍ୟାନ ଆଉଟ୍ ହୋଇଥିଲେ, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଥିଲା। ଆମେ ତାଙ୍କୁ କହିଥିଲୁ ଯେ, ତାହା ଆମ ପାଇଁ ଏକ ଦୁର୍ଭାଗ୍ୟପୂର୍ଣ୍ଣ ମ୍ୟାଚ୍ ଥିଲା ଏବଂ ନହେଲେ ମ୍ୟାଚ୍‌ର ଫଳାଫଳ କିଛି ବି ହୋଇପାରିଥାନ୍ତା। ଆଶା କରୁଛୁ, ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ଭାଗ୍ୟ ଆମକୁ ସହାୟକ ହେବ' ବୋଲି ଗିଲ କହିଛନ୍ତି। ଏହି ଅବସରରେ ଭାରତୀୟ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ସହ ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଳା ଓ ଭାରତର ହାଇ କମିଶନର ବିକ୍ରମ ଦୋରାଇସ୍ୱାମୀ ମଧ୍ୟ ଉପସ୍ଥିତ ଥିଲେ।

**ଜାପାନ ଓପନ ବ୍ୟାଡ୍‌ମିଣ୍ଟନ**

## ପ୍ରଥମ ରାଉଣ୍ଡରୁ ରତପର୍ଣ୍ଣା, ଶ୍ୱେତପର୍ଣ୍ଣାଙ୍କ ବିଦାୟ

**ଟୋକିଓ, ୧୫।୭:** ଓଡ଼ିଶାର ମହିଳା ଡବଲ୍ସ ଯୋଡ଼ି ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ଜାପାନ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୩୯ତମ ର୍ୟାଙ୍କିଙ୍ଗପ୍ରାପ୍ତ ଭାରତୀୟ ଜାପାନୀ ଯୋଡ଼ି କୋକୋନା ଇଶିକାୱା ଓ ମାଇକୋ କାୱାଜୋଙ୍କ ନିକଟରୁ ୨୧-୧୩, ୨୧-୭ରେ ପରାଜିତ ହୋଇଯାଇଛନ୍ତି। ମ୍ୟାଚଟି ମାତ୍ର ୩୨ ମିନିଟରେ ଶେଷ ହୋଇଯାଇଥିଲା। ବୁଧବାର ଭାରତର ଟପ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଡବଲ ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ, ଲକ୍ଷ୍ୟ ସେନ୍ ଏବଂ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପ୍ରମୁଖ ସେମାନଙ୍କର ଅଭିଯାନ ଆରମ୍ଭ କରିବେ।



ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ ଜୁନିୟର ମହିଳା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ ରନରଅପ୍ ହୋଇ ରୌପ୍ୟ ପଦକ ହାସଲ କରିଥିବା ଓଡ଼ିଶା ପୁରୁଷ ରଗ୍‌ବୀ ଦଳକୁ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ସମ୍ବର୍ଦ୍ଧିତ କରିଛନ୍ତି।

## ମାରାଥନର ଫୌଜା ସିଂଙ୍କ ଦେହାନ୍ତ

**ନୂଆଦିଲ୍ଲୀ, ୧୫।୭:** ବିଶ୍ୱର ବୟୋଜ୍ୟୋଷ୍ଠ ମାରାଥନର ଫୌଜ ସିଂ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୧୧୪ ବର୍ଷ ହୋଇଥିଲା। ସେ ପଞ୍ଜାବର ଜଳନ୍ଧରସ୍ଥିତ ବେୟାସ ଗ୍ରାମରେ ୧୯୧୧, ଏପ୍ରିଲ ୧ ତାରିଖରେ ଜନ୍ମ ହୋଇଥିଲେ। ଜଳନ୍ଧର-ପଠାନକୋଟ ହାଇୱେରେ ସୋମବାର ଅପରାହ୍ନରେ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। ହେଲେ ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ତାଙ୍କ ମରଶରୀରକୁ ଶବାଗାରରେ ରଖାଯାଇଛି। ବିଦେଶରେ ରହୁଥିବା ତାଙ୍କ ପିଲାମାନେ ପଞ୍ଜାବରେ ପହଞ୍ଚିବା ପରେ ହିଁ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ହେବ।

ଫୌଜା ସିଂଙ୍କ ବିୟୋଗକୁ ନେଇ ପଞ୍ଜାବ ରାଜ୍ୟପାଳ ଗୁଲାବ ଚାନ୍ଦ କାଟାରିଆ ଶୋକ ପ୍ରକାଶ କରିଛନ୍ତି। ସର୍ଦ୍ଦାର ଫୌଜା ସିଂ ଜୀଙ୍କ ପରଲୋକରେ ଗଭୀର ମର୍ମାହତ। ଏହି କିମ୍ବଦନ୍ତୀ ମାରାଥନ ରନର ଧୈର୍ଯ୍ୟ ଓ ଆଶାର ପ୍ରତୀକ ଥିଲେ। ଏପରିକି ୧୧୪ ବର୍ଷ ବୟସରେ ନିଜର ଶକ୍ତି ଓ ପ୍ରତିବଦ୍ଧତା ବଳରେ ସେ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଦେଉଥିଲେ। ଗତ ବର୍ଷ ଡିସେମ୍ବରରେ ଦୁଇ ଦିନିଆ 'ନିଶା ମୁକ୍ତ-ରଙ୍ଗଲା ପଞ୍ଜାବ' ଅଭିଯାନ ବେଳେ ମୋତେ ତାଙ୍କ ସହ ଚାଲିବାର ସମ୍ମାନ ମିଳିଥିଲା। ତାଙ୍କ ଗାଁରେ ଏକ ସଡ଼କ ଦୁର୍ଘଟଣାରେ ସେ ପ୍ରାଣ ହରାଇବା ଏକ ହୃଦୟ ବିଦାରକ ଖବର। ତାଙ୍କ ପରିବାର ଓ ବନ୍ଧୁମାନଙ୍କ ପ୍ରତି ମୋର ସମବେଦନା ରହିଛି ବୋଲି ରାଜ୍ୟପାଳ ଗୁଲାବ ଫେସବୁକ୍‌ରେ ପୋଷ୍ଟ କରିଛନ୍ତି।

## ୱେଷ୍ଟଇଣ୍ଡିଜ୍ ୨୭ରେ ଅଲଆଉଟ୍



ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜ ବିଜୟୀ ଅଷ୍ଟ୍ରେଲିଆ ଦଳ।

**■ ବୋଲାଣ୍ଡଙ୍କ ହ୍ୟାଟ୍ରିକ୍: ସିରିଜ୍ ପୋଛିଲା ଅଷ୍ଟ୍ରେଲିଆ**

**■ ୧୫ ବଲରେ ୫ ଉଇକେଟ ନେଲେ ମିଚେଲ ଷ୍ଟାର୍କ**

କିଙ୍ଗଷ୍ଟନ, ୧୫।୭

ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅନୁଷ୍ଠିତ ତୃତୀୟ କ୍ରିକେଟ୍ ଟେଷ୍ଟକୁ ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ବଳରେ ଅଷ୍ଟ୍ରେଲିଆ ଅଢ଼େଇ ଦିନ ମଧ୍ୟରେ ୧୭୬ ରନରେ ଜିତି ନେଇଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଅଷ୍ଟ୍ରେଲିଆ ୩-୦ରେ ମୂଳପୋଛ କରିଛି। ଷ୍ଟାର୍କଙ୍କୁ ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ବିବେଚିତ କରାଯାଇଛି।

ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୨୫ ରନ କରିଥିବା ବେଳେ ୱେଷ୍ଟଇଣ୍ଡିଜ ୧୪୩ ରନ କରିଥିଲା। ମଙ୍ଗଳବାର ଅଷ୍ଟ୍ରେଲିଆ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୯୯/୬ରୁ ବ୍ୟାଟିଂ ଆରମ୍ଭ କରି ବଳକା ୪ ଉଇକେଟରେ ମାତ୍ର ୨୨ ରନ ଯୋଡ଼ିଥିଲା। ଫଳରେ ଘରୋଇ ୱେଷ୍ଟଇଣ୍ଡିଜ୍ ଆଗରେ ୨୦୪ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ହେଲେ ଷ୍ଟାର୍କଙ୍କ ଘାତକ ବୋଲିଂ ଆଗରେ ୱେଷ୍ଟଇଣ୍ଡିଜର ବ୍ୟାଟିଂ ଲାଇନ୍‌ଅପ୍ ତାସ ଘର ଭଳି ଭୁଷୁଡ଼ି ଯାଇଥିଲା। ୩୫ ବର୍ଷୀୟ ଷ୍ଟାର୍କ ମାତ୍ର ୨.୩ ଓଭର ବା ୧୫ ବଲରେ ୫ ଉଇକେଟ ସଫଳତା ହାସଲ କରିଥିଲେ। ଏହି ଇନିଂସରେ ସେ ୭.୩-୪-୯-୬ ସ୍ପେଲ ପକାଇ କ୍ୟାରିୟରର ୧୦୦ତମ ଟେଷ୍ଟକୁ ସ୍ମରଣୀୟ କରାଇଛନ୍ତି। ଏତଦ୍‌ବ୍ୟତୀତ ସେ ଟେଷ୍ଟରେ ୪୦୦ ଉଇକେଟ୍ ପୂରଣ କରିବା ସହ ଶେନ ୱାର୍ଣ୍ଣ, ଗ୍ଲେନ ମ୍ୟାକଗ୍ରାଥ ଓ ନାଥନ ଲାୟନଙ୍କ ଭଳି ମହାନ ଅଷ୍ଟ୍ରେଲିଆନ ବୋଲରଙ୍କ କ୍ଲବରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ସ୍କଟ୍ ବୋଲାଣ୍ଡ କ୍ରମାଗତ ବଲରେ ଜଷ୍ଟିସ ଗ୍ରେଭ୍ସ, ଶାମର ଯୋଶେଫ ଓ ଜୋମେଲ ୱାରିକାନଙ୍କୁ ଆଉଟ୍ କରି ହ୍ୟାଟ୍ରିକ ନେଇଥିଲେ। ଏଥିଯୋଗୁ ୱେଷ୍ଟଇଣ୍ଡିଜ ମାତ୍ର ୧୪.୩ ଓଭରରେ ୨୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଗ୍ରେଭ୍ସ (୧୧)ଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଏପରିକି ୭ ଜଣ ଖେଳାଳି ଖାତା ଖୋଲିପାରି ନଥିଲେ। ଏହା ୱେଷ୍ଟଇଣ୍ଡିଜ୍ ଲାଗି ଟେଷ୍ଟରେ ସର୍ବନିମ୍ନ ଦଳଗତ ସ୍କୋର। ଟେଷ୍ଟ କ୍ରିକେଟ ଇତିହାସରେ ସର୍ବନିମ୍ନ ଦଳଗତ ସ୍କୋର ତାଲିକାରେ ୱେଷ୍ଟଇଣ୍ଡିଜର ଏହି ଇନିଂସ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଅଲୋଡ଼ା ରେକର୍ଡ ନ୍ୟୁଜିଲାଣ୍ଡ ନାମରେ ରହିଛି। ୧୯୫୫ରେ ଅକ୍‌ଲାଣ୍ଡଠାରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୨୬ ରନରେ ଅଲଆଉଟ୍ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୨୫। ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୧୪୩। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୨୧/ଅଲଆଉଟ୍ (କାମେରନ ଗ୍ରୀନ-୪୨, ଟ୍ରାଭିସ ହେଡ୍-୧୬, ଅଲଜାରି ଯୋଶେଫ-୫/୨୭, ଶାମର ଯୋଶେଫ-୪/୩୪)। ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ: ୨୭/ଅଲଆଉଟ୍(ମିଚେଲ ଷ୍ଟାର୍କ-୬/୯, ସ୍କଟ ବୋଲାଣ୍ଡ-୩/୨, ଜୋଶ ହାଜେଲଉଡ୍-୧/୧୦)।

## ୮ବର୍ଷ ପରେ ଡସନଙ୍କୁ ଡାକରା

**ଭାରତ-ଇଂଲଣ୍ଡ ୪ର୍ଥ ଟେଷ୍ଟ**

ଲଣ୍ଡନ, ୧୫।୭ (ପି.ଟି.)

ମାଞ୍ଚେଷ୍ଟରରେ ଜୁଲାଇ ୨୩ରେ ଆରମ୍ଭ ହେବାକୁଥିବା ଭାରତ ବିପକ୍ଷ ୪ର୍ଥ ଟେଷ୍ଟ ପାଇଁ ଇଂଲଣ୍ଡ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରେ ୮ବର୍ଷ ପରେ ବାମହାତୀ ବୋଲର ଲିଆମ ଡସନ୍‌ଙ୍କୁ ସ୍ଥାନ ମିଳିଛି। ଆଘାତପ୍ରାପ୍ତ ଶୋଏବ ବଶିରଙ୍କ ସ୍ଥାନରେ ତାଙ୍କୁ ଦଳରେ ନିଆଯାଇଛି। ତୃତୀୟ ଟେଷ୍ଟରେ ଭାରତର ପ୍ରଥମ ଇନିଂସରେ ନିଜ ବୋଲିଂରେ ଫିଲ୍ଡିଂ କରୁଥିବା ବେଳେ ତାଙ୍କ ବାମହାତ ଆଙ୍ଗୁଠି ହାଡ଼ ଭାଙ୍ଗି ଯାଇଥିଲା। ଏହି ମ୍ୟାଚରେ ଇଂଲଣ୍ଡ ୨୨ ରନରେ ବିଜୟ ଲାଭ କରିଛି। ଆଘାତପ୍ରାପ୍ତ ଥାଇ ମଧ୍ୟ ସେ ଭାରତର ଦ୍ୱିତୀୟ ଇନିଂସରେ ବୋଲିଂ କରିଥିଲେ। ମହମ୍ମଦ ସିରାଜଙ୍କ ଉଇକେଟ ଅକ୍ତିଆର କରି ସେ ତାଙ୍କ ଦଳକୁ ରୋମାଞ୍ଚକ ବିଜୟୀ କରିଥିଲେ। ୩୫ ବର୍ଷୀୟ ଡସନ ତାଙ୍କ ଗତ ତିନୋଟି ଟେଷ୍ଟ ୨୦୧୭ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିଲେ। ସେ ୭ଟି ଉଇକେଟ ଅକ୍ତିଆର କରିଥିଲେ। ସେ ଆହୁରି ମଧ୍ୟ ତାଙ୍କ ଜାତୀୟ ଦଳ ପାଇଁ ୬ଟି ଅନ୍ତର୍ଜାତୀୟ ଦିନିକିଆ ଏବଂ ୧୪ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସେ ବହୁ ବର୍ଷ ଧରି ହାମ୍ପଶାୟାର ତରଫରୁ ଭଲ ପ୍ରଦର୍ଶନ କରିଆସୁଛନ୍ତି। ସେ ୨୦୨୩ ଓ ୨୦୨୪ରେ ପିସିଏ ପ୍ଲେୟର ଅଫ୍ ଇୟର ପୁରସ୍କାର ଜିତିଥିଲେ। ଡସନ ଆହୁରି ମଧ୍ୟ ତାଙ୍କ ୨୧୨ ପ୍ରଥମ ଶ୍ରେଣୀ ଗେମ୍‌ରେ ୩୭୧ ଉଇକେଟ ନେଇ ସାରିଛନ୍ତି। ୧୮ ଶତକ ସମେତ ସେ ୧୦,୦୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଅନ୍ୟପକ୍ଷରେ ସିମ୍ ବୋଲର ସାମ୍ କୁକ୍ ଓ ଜେମି ଓଭରଟନ ସେମାନଙ୍କ କାଉଣ୍ଟି ଦଳକୁ ଫେରିଛନ୍ତି।

**ଇଂଲଣ୍ଡ ଟେଷ୍ଟ ଦଳ:** ବେନ୍ ଷ୍ଟୋକ୍ସ (ଅଧିନାୟକ), ଜୋଫ୍ରା ଆର୍ଚର, ଗସ୍ ଆଟକିନ୍‌ସନ, ଜାକବ ବେଥେଲ, ହ୍ୟାରି ବ୍ରୁକ୍, ବ୍ରାଇଡନ କାର୍ସି, ଜ୍ୟାକ୍ କ୍ରଲି, ଲିଆମ ଡସନ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ଜେମି ସ୍ମିଥ୍, ଜୋଶ ଟଙ୍ଗ୍ ଓ କ୍ରିସ୍ ଓକ୍ସ।

## ଦୟାଲଙ୍କୁ ଗିରଫଦାରିରୁ ଅନ୍ତରୀଣ ସୁରକ୍ଷା

**ଲକ୍ଷ୍ନୌ, ୧୫।୭:** ଏକ ଯୌନ ନିର୍ଯାତନା ମାମଲାରେ ଭାରତ ତଥା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପେସର ୟଶ ଦୟାଲଙ୍କୁ ମଙ୍ଗଳବାର ଆଲାହାବାଦ୍ ହାଇକୋର୍ଟ ଗିରଫଦାରିରୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଜଷ୍ଟିସ ସିଦ୍ଧାର୍ଥ ବର୍ମା ଓ ଜଷ୍ଟିସ ଅନୀଲ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ଦୟାଲଙ୍କୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସୁରକ୍ଷା ପ୍ରଦାନ କରିଛନ୍ତି। କୋର୍ଟ ପ୍ରତାରଣାର ସମୟସୀମା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣି ଦେଇଛନ୍ତି। ତୁମେ ଦିନେ କିମ୍ବା ଦୁଇ ଦିନ କିମ୍ବା ୩ ଦିନ ପାଇଁ ବୋକା ବନି ପାରିବ। କିନ୍ତୁ ୫ ବର୍ଷ ପାଇଁ ନୁହେଁ। ତୁମେ ୫ ବର୍ଷ ପାଇଁ ସମ୍ପର୍କରେ ରହୁଛ। ଜଣଙ୍କୁ ୫ ବର୍ଷ ଧରି ବୋକା ବନା ଯାଇପାରିବ ନାହିଁ ବୋଲି ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି। ଦୟାଲଙ୍କ ପାଇଁ ବରିଷ୍ଠ ଓକିଲ ଗୋପାଳ ସ୍ୱରୂପ ଚତୁର୍ବେଦୀ ଆଇନଗତ ପକ୍ଷ ରଖୁଛନ୍ତି। ୨୭ ବର୍ଷୀୟ ଦୟାଲଙ୍କ ବିରୋଧରେ ବିବାହ ପ୍ରତିଶ୍ରୁତି ଦେଇ ୫ ବର୍ଷ ଧରି ପ୍ରତାରଣା ଦେଇଥିବା ନେଇ ଜଣେ ମହିଳା ଗତ ଜୁଲାଇ ୬ ତାରିଖରେ ଗାଜିଆବାଦର ଇନ୍ଦିରାପୁରମ ଥାନାରେ ମାମଲା ରୁଜୁ କରିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ